# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୮/୨୦୨୪ (୧୪ ପୃଷ୍ଠା) | Bhubaneswar, Monday, April 8/2024 | Page 14 | ₹ 7.00 | SAMBALPUR

୫୦ଶ ଭାଗ ୧୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 134 | ମୂଲ୍ୟ ₹୭/-







# ଭବାନୀପାଟଣା ଜେଲରୁ ୨ ବିଚାରାଧୀନ ବନ୍ଦୀ ଫେରାର

## ପୋକ୍‌ସୋ ଆକ୍ଟରେ ଗିରଫ ହୋଇ ଜେଲରେ ଥିଲେ

ଭବାନୀପାଟଣା,୭।୪
(ଉତ୍ତମ କୁମାର ଦାଶ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପକାରାଗାରରୁ ୨ ବିଚାରାଧୀନ କଏଦୀ ଜେଲ ବାଡ଼ ଡେଇଁ ଫେରାର ହୋଇଯିବାର କିଛି ଦିନ ମଧ୍ୟରେ ରବିବାର କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ କାରାଗାରରେ ଅନୁରୂପ ଘଟଣା ଘଟିଛି। ସକାଳୁ ବଗିଚା କାମ କରୁଥିବା ସମୟରେ ୨ ବିଚାରାଧୀନ ବନ୍ଦୀ ଜେଲ ପାଚେରି ଡେଇଁ ଫେରାର ହୋଇଥିବା ଜେଲ ସୁପରିଣ୍ଟେଣ୍ଡେଣ୍ଟ ସୂଚନା ଦେଇଛନ୍ତି। ତେବେ ଜେଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ବିଚାରାଧୀନ ବନ୍ଦୀମାନେ ଫେରାର ହୋଇଯିବାରେ ସମର୍ଥ ହେଉଛନ୍ତି। ସୂଚନା ଯେ, ଫେରାର ୨ ବନ୍ଦୀ ହେଲେ ସିକନ୍ଦର ଜାଲ ଓ ନୀଳମଣି ବିଭାର। ସେମାନଙ୍କ ମଧ୍ୟରୁ ଜଣେ ନୂଆପଡ଼ାର, ଅନ୍ୟ ଜଣେ ଧର୍ମଗଡ଼ ଅଞ୍ଚଳର ବୋଲି ଜଣାପଡିଛି। ଉଭୟ ପୋକ୍‌ସୋ ☞ପୃଷ୍ଠା-୪



ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ଯାତ୍ରା ପାଇଁ ରବିବାର ରଥ ନିର୍ମାଣ ନିମନ୍ତେ ଅଖ ଅନୁକୂଳ କରାଯାଇଛି। (ଫଟୋ-ବିକାଶ ନାୟକ)

# ସଂଯୁକ୍ତତା, ସମନ୍ୱୟ ଉପରେ ଆଜି ୩ ବାହିନୀର ସମ୍ମିଳନୀ

## ଅଧ୍ୟକ୍ଷତା କରିବେ ସିଡିଏସ୍

ନୂଆଦିଲ୍ଲୀ,୭।୪(ପି.ଟି.)

ସେନାରେ ସଂଯୁକ୍ତତା ଓ ସମନ୍ୱୟକୁ ଆଗେଇ ନେବା ପାଇଁ ଉପକ୍ରମ ଏବଂ ସଂସ୍କାର ଆଣିବା ଲକ୍ଷ୍ୟରେ ସୋମବାର ନୂଆଦିଲ୍ଲୀରେ ୩ ବାହିନୀର ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। 'ପରିବର୍ତ୍ତନ ଚିନ୍ତନ' ନାମରେ ଏହି ସମ୍ମିଳନୀରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ଅଧ୍ୟକ୍ଷତା କରିବେ। ସଂଯୁକ୍ତତା ଓ ସମନ୍ୱୟ ବଢ଼ାଇବା ପାଇଁ ନୂତନ ତଥା ସାନି ଚିନ୍ତାଧାରା ଏବଂ ଉପକ୍ରମ ଓ ସଂସ୍କାର ସୃଷ୍ଟି କରିବା ଏହି ସମ୍ମିଳନୀର ଲକ୍ଷ୍ୟ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ପରିକଳ୍ପିତ ଭବିଷ୍ୟତ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବା ନିମନ୍ତେ ଭାରତୀୟ ସଶସ୍ତ୍ର ବଳ ଏହାର ଅନୁସନ୍ଧାନରେ ବ୍ୟାପକ ପରିବର୍ତ୍ତନ ଆରମ୍ଭ କରିଛି। ତିନି ବାହିନୀକୁ ବହୁମୁଖୀ ଅଭିଯାନ ସମର୍ଥ କରାଇବା ନିମନ୍ତେ ☞ପୃଷ୍ଠା-୪

# ସ୍ତ୍ରୀଙ୍କୁ ହତ୍ୟା କରି ୨୨୪ ଖଣ୍ଡ

## ଲିଙ୍କନ୍ କ୍ରାଉନ୍ କୋର୍ଟରେ ଦୋଷ ସ୍ୱୀକାର କଲେ ସ୍ୱାମୀ

ଲଣ୍ଡନ, ୭।୪

ବ୍ରିଟେନରୁ ଏକ ଲୋମଟାଙ୍କୁରା ହତ୍ୟାକାଣ୍ଡ ମାମଲା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ହତ୍ୟା କରି ପରେ ତାଙ୍କ ମୃତଦେହକୁ ୨୨୪ ଖଣ୍ଡ କାଟି ଦେଇଥିଲେ। ସେଗୁଡ଼ିକୁ ଗୋଟିଏ ବ୍ୟାଗରେ ନିଜ ରୋଷେଇ ଘରେ ଏକ ସପ୍ତାହ ରଖିବା ପରେ ନଦୀକୁ ଫିଙ୍ଗି ଦେଇଥିଲେ। ଏହି ହତ୍ୟାକାଣ୍ଡର ବର୍ଷକ ପରେ ଅଭିଯୁକ୍ତ ନିକୋଲାସ ମେଟ୍‌ସନ(୨୮) ଲିଙ୍କନ୍ କ୍ରାଉନ୍ କୋର୍ଟରେ ଏବେ ନିଜ ଦୋଷ ସ୍ୱୀକାର କରିଛନ୍ତି। ସୂଚନା ଅନୁଯାୟୀ, ୨୦୨୧ରେ ସେ ହୋଲି ବ୍ରେମ୍‌ଲୀ(୨୬)ଙ୍କୁ ବିବାହ କରିଥିବାବେଳେ ଉଭୟଙ୍କର ଦାମ୍ପତ୍ୟ ଜୀବନ ଠିକ୍ ଚାଲି ନ ଥିଲା। ଗତବର୍ଷ ମାର୍ଚ୍ଚ ୨୫ରେ ବ୍ରେମଲୀଙ୍କୁ ଶେଷ ଥର ପାଇଁ ବାସିଂଘମର ୱିଥମ ନଦୀ ନିକଟରେ ଦେଖାଯାଇଥିବା ପୋଲିସ ସୂଚନା ଦେଇଛି। ଏହାର ୮ ଦିନ ପରେ ବ୍ରେମ୍‌ଲୀଙ୍କ ଶରୀରର ଖଣ୍ଡଖଣ୍ଡ ଅଂଶକୁ ୱିଥମ୍ ନଦୀ ନିକଟରୁ ଲିଙ୍କନ୍‌ଶାୟର ପୋଲିସ ଜବତ କରିଥିଲା। ବ୍ରେମଲୀଙ୍କ ହତ୍ୟାପରେ ତାଙ୍କ ଶରୀରର ଖଣ୍ଡ ଖଣ୍ଡ ଅଂଶକୁ ନିକୋଲାସ ଏକ ସପ୍ତାହ ପର୍ଯ୍ୟନ୍ତ ଲୁଚାଇ ରଖିଥିବା କୋର୍ଟଙ୍କ ନିକଟରେ ସ୍ୱୀକାର କରିଛନ୍ତି। ହତ୍ୟାକାଣ୍ଡରେ ନିକୋଲାସଙ୍କ ବନ୍ଧୁ ଜୋଶୁଆ ହେନକକ୍‌ଙ୍କର ମଧ୍ୟ ସମ୍ପୃକ୍ତି ଥିବା ଜଣାପଡ଼ିଛି। ବ୍ରେମ୍‌ଲୀଙ୍କ ଶରୀରର ଖଣ୍ଡ ଖଣ୍ଡ ଅଂଶକୁ ନଦୀରେ ଫିଙ୍ଗିବା ନେଇ ନିକୋଲାସ୍ ତାଙ୍କୁ ଟଙ୍କା ☞ପୃଷ୍ଠା-୪

# ତାତିରୁ ଆଶ୍ୱସ୍ତି ଦେଲା ବର୍ଷା

- **କେନ୍ଦୁଝରରେ ସର୍ବାଧିକ ୬ମିମି ବର୍ଷା**
- **ବଜ୍ରପାତରେ ୩ ପର୍ଯ୍ୟଟକ ଗୁରୁତର**

ଭୁବନେଶ୍ୱର,(ଅସମାପିକା ସାହୁ)/
ଭୋଗରାଇ, ୭।୪(ପ୍ରଦୀପ ଦାସ)

ଆଶ୍ୱସ୍ତି ଆଣିଲା କାଳବୈଶାଖୀ ବର୍ଷା। ଗରମ ଓ ଗୁଳୁଗୁଳିରୁ ମିଳିଲା ମୁକ୍ତି। ରବିବାର ଦ୍ୱୈତ ନଗରୀ କଟକ, ଭୁବନେଶ୍ୱର ସମେତ ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ହେବା ପରେ ତାପମାତ୍ରାରେ ହଠାତ୍ ପରିବର୍ତ୍ତନ ଦେଖାଦେଇଛି। ପ୍ରାୟ ୭ ଦିନ ଧରି ଖରାରେ ଆଉଟୁପାଉଟୁ ହେଉଥିବା ଲୋକଙ୍କୁ ତାତିରୁ ତ୍ରାହି ମିଳିଛି। କେନ୍ଦୁଝରରେ ସର୍ବାଧିକ ୬ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ମୟୂରଭଞ୍ଜ, ଅନୁଗୋଳ, ବାଲେଶ୍ୱର, କନ୍ଧମାଳ, ରାୟଗଡ଼ା, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା ଆଦି ଜିଲାର କେତେକ ସ୍ଥାନରେ ମଧ୍ୟ ବର୍ଷା ହୋଇଛି। ଆଉକିଛି ଜିଲାରେ ଝିପିଝିପି ବର୍ଷା ହୋଇଥିଲେ ମଧ୍ୟ ବିଜୁଳି, ଘଡ଼ଘଡ଼ି ଓ ପବନ ଲୋକଙ୍କୁ ଡରାଇଦେଇଥିଲା। ଯିଏ ଯେଉଁଠି ଥିଲେ ମୁଣ୍ଡ ଗୁଞ୍ଜିବାକୁ ରାହା ଖୋଜିଥିଲେ। ଘରେ ଥିବା ଲୋକେ ବାହାରକୁ ଯାଇ ନ ଥିଲେ। ଏପରିସ୍ଥିତିରେ ବଜ୍ରପାତ ଚିନ୍ତା ବଢ଼ାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ହୋଇଥିବାବେଳେ ବାଲେଶ୍ୱରରେ ୩ ପର୍ଯ୍ୟଟକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି।

ଝଡ଼ବର୍ଷା ଓ ପାଗରେ ପରିବର୍ତ୍ତନ ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଥିଲା। ବର୍ଷା ଯୋଗୁ ରବିବାର ରାଜ୍ୟର ଅଧିକାଂଶ ସ୍ଥାନରେ ଦିନର ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ପାଇଥିଲା। ସକାଳେ କେନ୍ଦୁଝର ଜିଲାରେ ବର୍ଷା ହୋଇଥିବାବେଳେ ମଧ୍ୟାହ୍ନରୁ ବାଲେଶ୍ୱର ସହ ଉତ୍ତର ତଥା ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ଜିଲାରେ ଝଡ଼ବର୍ଷା ଆରମ୍ଭ ହୋଇଥିଲା। କଟକ, ଭୁବନେଶ୍ୱରରେ ମଧ୍ୟାହ୍ନରୁ ଆକାଶରେ ବାଦଲ ଘୋଟି ରହିବା ସହ ସୂର୍ଯ୍ୟ ଲୁଚି ଯାଇଥିଲେ। ଖରା ନ ଥିଲେ ମଧ୍ୟ ଗୁଳୁଗୁଳି ସହ ଗରମ ପବନ ଲାଗି ରହିଥିଲା। ସନ୍ଧ୍ୟା ବେଳକୁ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ତେବେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଉଦୟପୁର ବେଳାଭୂମିରେ ମଧ୍ୟାହ୍ନରେ ହୋଇଥିବା ବଜ୍ରପାତରେ ୩ ପର୍ଯ୍ୟଟକ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ଦୀଘା ଜେନେରାଲ ଷ୍ଟେଟ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ବେଳାଭୂମିରେ ବୁଲାବୁଲି କରୁଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ଗୁରୁତର ପର୍ଯ୍ୟଟକମାନେ ଭୋଗରାଇ ବ୍ଲକ ସହାବାଜିପୁର ଗ୍ରାମର ନଟିଆ ପଞ୍ଚାୟତ ☞ପୃଷ୍ଠା-୪



ରବିବାର ସନ୍ଧ୍ୟାରେ ଭୁବନେଶ୍ୱରରେ ବର୍ଷା ।

# ବିନା ଅନୁମତିରେ ଏନ୍‌ସିଇଆର୍‌ଟି ବହି ବିଷୟବସ୍ତୁ ଛାପିବା ମନା

## ନ ମାନିଲେ ମାମଲା

ଭୁବନେଶ୍ୱର, ୭।୪
(ଅସମାପିକା ସାହୁ)

ନ୍ୟାଶନାଲ୍ କାଉନ୍‌ସିଲ ଅଫ୍ ଏଜୁକେଶନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ(ଏନ୍‌ସିଇଆର୍‌ଟି) ବହିର ବିଷୟବସ୍ତୁକୁ ଅନ୍ୟ କେହି ବିନା ଅନୁମତିରେ ଛାପି ପାରିବେ ନାହିଁ। ନଚେତ କପିରାଇଟ୍ ନିୟମ ଅନୁସାରେ ମାମଲା ରୁଜୁ କରାଯିବ। ଏନେଇ ରବିବାର ଏନ୍‌ସିଇଆର୍‌ଟି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇ ଏପରି କଡ଼ା ଚେତାବନୀ ଦିଆଯାଇଛି। ସୂଚନାନୁଯାୟୀ, ଏନ୍‌ସିଇଆର୍‌ଟି ପ୍ରସ୍ତୁତ କରିଥିବା ପାଠ୍ୟକ୍ରମକୁ ବିନା ଅନୁମତିରେ କିଛି ପ୍ରକାଶନୀ ସଂସ୍ଥା ଚୋରି କରୁଛନ୍ତି। ୱେବ୍‌ସାଇଟ୍‌ରେ ଉପଲବ୍ଧ ବିଷୟବସ୍ତୁକୁ ନେଇ ନିଜ ସଂସ୍ଥା ନାମରେ ଛାପି ବଜାରରେ ବିକ୍ରି କରୁଛନ୍ତି। ଏନ୍‌ସିଇଆର୍‌ଟି ନିକଟରେ ଏନେଇ ଅଭିଯୋଗ ହେବାପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏପରି ବେଆଇନ କାର୍ଯ୍ୟକୁ ରୋକିବା ଲାଗି ଏନ୍‌ସିଇଆର୍‌ଟି ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏନ୍‌ସିଇଆର୍‌ଟି ପାଠ୍ୟକ୍ରମର ସମ୍ପୂର୍ଣ୍ଣ ବା ଆଂଶିକ ବିଷୟବସ୍ତୁ ପ୍ରକାଶ କରିଥିବା କୌଣସି ପ୍ରକାଶନୀ ସଂସ୍ଥାର ପୁସ୍ତକ ନ କିଣିବାକୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଇଛି। ଏହାସହ ଏପରି ପୁସ୍ତକ ବିକ୍ରି ହେଉଥିବା ଜାଣିଲେ pd.ncert@nic.in ମେଲ୍ ଆଇଡିରେ ଜଣାଇବାକୁ କୁହାଯାଇଛି। ତେବେ ଯଦି କୌଣସି ପ୍ରକାଶକ ଏନ୍‌ସିଇଆର୍‌ଟିର ନାମକୁ ବ୍ୟବହାର କରି ନିଜ ପ୍ରକାଶନୀ ସଂସ୍ଥାରେ ବାହାର କରିବାକୁ ଚାହିଁବେ, ସେମାନେ ଏନ୍‌ସିଇଆର୍‌ଟିର ପ୍ରକାଶନୀ ବିଭାଗକୁ ଏକ ପ୍ରସ୍ତାବ ଦେବେ। ଅନୁମତି ମିଳିବା ପରେ ଛାପି ପାରିବେ ବୋଲି ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ଏନ୍‌ଆଇଏ ନାଁରେ ଅସଦାଚରଣ ମାମଲା

**କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ଭାଜପା) ଲୋକ ସଭା ନିର୍ବାଚନ ପୂର୍ବରୁ ବିରୋଧୀ ଶାସିତ ରାଜ୍ୟଗୁଡ଼ିକରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉଭୟଙ୍କୁ ଜେଲ ପଠାଇଛି। ଏହି କ୍ରମରେ ଭାଜପାର ଅନ୍ୟତମ ଚ୍ୟାଲେଞ୍ଜର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପତିଆରା ହ୍ରାସ ପାଇଁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ଅପବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। କାରଣ ୨୦୨୨ର ଏକ ବିସ୍ଫୋରଣ ମାମଲାର ତଦନ୍ତ ପାଇଁ ଏନ୍‌ଆଇଏ ବର୍ତ୍ତମାନ ହଠାତ୍ ତତ୍ପରତା ଦେଖାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଚଢ଼ାଉ ବେଳେ ଜଣେ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ନେଇ ମେଦିନୀପୁର ଜିଲାର ଭୂପତିନଗର ଥାନାରେ ଏନ୍‌ଆଇଏ ଅଧିକାରୀମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।**

- **ରାତିଅଧିଆ ତଦନ୍ତରେ ଯାଇ ଆକ୍ରମଣର ଶିକାର ହୋଇଥିଲେ ଅଧିକାରୀ**
- **ଏନ୍‌ଆଇଏ-ଭାଜପା ମଧ୍ୟରେ ଅସାଧୁ ମେଣ୍ଟ ହୋଇଛି: ଟିଏମ୍‌ସି**

କୋଲକାତା,୭।୪

୨୦୨୨ ଡିସେମ୍ବରରେ ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲା ଅନ୍ତର୍ଗତ ନରୁଆବିଲ୍ଲା ଗ୍ରାମରେ ଘଟିଥିବା ବିସ୍ଫୋରଣରେ ୩ ଜଣ ପ୍ରାଣ ହରାଇଥିଲେ। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ଅଫିସରମାନେ ଏହି ମାମଲାର ତଦନ୍ତ କରିବା ପାଇଁ ଶୁକ୍ରବାର ବିଳମ୍ବିତ ରାତିରେ ଭୂପତିନଗରକୁ ଯାଇଥିବାବେଳେ ଜନାକ୍ରୋଶର ଶିକାର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଟେକାମାଡ଼ରେ ୨ ତଦନ୍ତକାରୀ ଅଧିକାରୀ ଆହତ ହୋଇଥିବାବେଳେ ସେମାନଙ୍କ କାର୍‌ର କିଛି ଅଂଶ ଭାଙ୍ଗିଯାଇଛି। ବିସ୍ଫୋରଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ କୁହାଯାଉଥିବା ବଲାଇ ଚରଣ ମୈତି ଓ ମୋନୋବ୍ରତ ଜନାଙ୍କୁ ଏନ୍‌ଆଇଏ ଗିରଫ କରିଥିବା କହିଛି। ଇତିମଧ୍ୟରେ ଜନାଙ୍କ ସ୍ତ୍ରୀ ମୋନି ଜନା ଭୂପତିନଗର ଥାନାରେ ତଦନ୍ତକାରୀ ଅଧିକାରୀମାନଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏନ୍‌ଆଇଏ ଅଧିକାରୀମାନେ କବାଟ ଭାଙ୍ଗି ବଳପୂର୍ବକ ତାଙ୍କ ଘରେ ପ୍ରବେଶ କରି ସମ୍ପତ୍ତି ନଷ୍ଟ କରିଥିଲେ। ଏପରି କି ତାଙ୍କୁ ଅସଦାଚରଣ କରି ମର୍ଯ୍ୟାଦାହାନି କରିଥିଲେ ବୋଲି ମୋନି ଅଭିଯୋଗ କରିଛନ୍ତି। ମୋନିଙ୍କ ଏତଲା କ୍ରମେ ଏନ୍‌ଆଇଏ ଅଫିସରଙ୍କ ବିରୋଧରେ ଜିଲା ପୋଲିସ ଅସଦାଚରଣ ମାମଲା ରୁଜୁ କରିଛି। ଆଇପିସିର ଦଫା ୩୫୪ (ଅସଦାଚରଣ) ଏବଂ ୪୪୧ (ଅନଧିକାର ପ୍ରବେଶ) ବଳରେ ଏହି ମାମଲା ହୋଇଛି।

ଏହାକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଭାଜପା ମଧ୍ୟରେ ବାକ୍‌ଯୁଦ୍ଧ ଲାଗିରହିଛି। ବିରୋଧୀ ନେତାମାନେ ଭୂପତିନଗର ଆକ୍ରମଣକୁ ଜାନୁଆରୀ ୫ରେ ସନ୍ଦେଶଖାଲିରେ ଇଡି ଅଫିସରଙ୍କ ଉପରେ ହୋଇଥିବା ଆକ୍ରମଣ ସହ ତୁଳନା କରିଛନ୍ତି। କେନ୍ଦ୍ରୀୟ ଏଜେନ୍ସି ଉପରେ ଆକ୍ରମଣ ଅର୍ଥ ଭାରତୀୟ ସମ୍ବିଧାନ ଉପରେ ଆକ୍ରମଣ। ଡ୍ୟୁଟିରେ ଥିବା ଅଫିସରଙ୍କ ବିରୋଧରେ ଅସଦାଚରଣ ମାମଲା ଲଗାଯିବା ସାମ୍ବିଧାନିକ ସଂସ୍ଥା ଭୁଶୁଡ଼ି ପଡ଼ିଥିବାର ସୂଚନା ମିଳୁଛି। ସେମାନେ ସମ୍ବିଧାନ ବିରୋଧରେ ଯୁଦ୍ଧ ଆରମ୍ଭ କରିଥିବା ଭାଜପା ଏମ୍‌ପି ସମିକ୍ ଭଟ୍ଟାଚାର୍ଯ୍ୟ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ଏବଂ ଏନ୍‌ଆଇଏ ମଧ୍ୟରେ ଅସାଧୁ ମେଣ୍ଟ ଚାଲିଥିବା ଟିଏମ୍‌ସି ସମାଲୋଚନା କରିଛି। ଏହି ପ୍ରସଙ୍ଗରେ ନିର୍ବାଚନ କମିଶନ ନୀରବ ରହିଥିବା ଟିଏମ୍‌ସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଏକ୍ସ' ହ୍ୟାଣ୍ଡେଲ୍‌ରେ ଲେଖିଛନ୍ତି। ଲୋକ ସଭା ନିର୍ବାଚନ ପୂର୍ବରୁ ଟିଏମ୍‌ସି ନେତାମାନଙ୍କୁ ଗିରଫ କରିବା ଲାଗି ପଶ୍ଚିମ ବର୍ଦ୍ଧମାନ ଜିଲାର ବରିଷ୍ଠ ଭାଜପା ନେତା ଏନ୍‌ଆଇଏ ଏସ୍‌ପିଙ୍କୁ ଗତ ମାସ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

### କେହି ଚିରସ୍ଥାୟୀ ନୁହେଁ

## ଆଜିର ମନ୍ତବ୍ୟ

“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମିଛ ଶୁଣି ଶୁଣି ଲୋକେ ଅତିଷ୍ଠ ହୋଇଗଲେଣି। ଜୁନ୍ ୪ ପରେ ସେ ଦୀର୍ଘ ଛୁଟିରେ ଯିବେ। ଏହା ଭାରତର ଜନସାଧାରଣଙ୍କ ଗ୍ୟାରେଣ୍ଟି।

**-ଜୟରାମ ରମେଶ, କଂଗ୍ରେସ ନେତା**

## ସଂକ୍ଷେପରେ

### କାନାଡା ନିର୍ବାଚନରେ ହସ୍ତକ୍ଷେପ ଅଭିଯୋଗକୁ ଭିତ୍ତିହୀନ କହିଲା ଭାରତ

**ନୂଆଦିଲ୍ଲୀ,୭।୪:** କାନାଡା ନିର୍ବାଚନରେ ଭାରତ ହସ୍ତକ୍ଷେପ କରିଥିବା ନେଇ ଓଟାଓ୍ୱାର ଅଭିଯୋଗକୁ ନୂଆଦିଲ୍ଲୀ ଖଣ୍ଡନ କରିଛି। ୨୦୧୯ ଏବଂ ୨୦୨୧ରେ ଅନୁଷ୍ଠିତ କାନାଡା ସାଧାରଣ ନିର୍ବାଚନରେ ବିଦେଶୀ ଶକ୍ତିର ହସ୍ତକ୍ଷେପ ଥିବାର ପ୍ରମାଣ ମିଳିଥିବା ଏହାର ଗୋଇନ୍ଦା ସଂସ୍ଥା ଏକ ରିପୋର୍ଟ ପ୍ରକାଶ କରିଛି। ଉଭୟ ଭାରତ ଏବଂ ପାକିସ୍ତାନ ଗୋପନ କାର୍ଯ୍ୟକଳାପ ଚଳାଇଥିବା ଏଥିରେ ଅଭିଯୋଗ କରାଯାଇଛି। ତେବେ ଭାରତ ଏହାକୁ ଭିତ୍ତିହୀନ କହି ଖଣ୍ଡନ କରିଛି। ଅନ୍ୟପକ୍ଷରେ ଭାରତର ଆଭ୍ୟନ୍ତରୀଣ ମାମଲାରେ କାନାଡା ହସ୍ତକ୍ଷେପ କରୁଥିବା ନୂଆଦିଲ୍ଲୀ କହିଛି।

### ତାମିଲନାଡୁରେ ଭାଜପା କର୍ମୀଙ୍କଠାରୁ ନଗଦ ୩.୯୮ କୋଟି ଟଙ୍କା ଜବତ

#### କାର୍ଯ୍ୟାନୁଷ୍ଠାନ ଦାବି କଲା ଡିଏମ୍‌କେ

**ଚେନ୍ନାଇ, ୭।୪:** ଲୋକ ସଭା ନିର୍ବାଚନର ପ୍ରଚାର ଚାଲିଥିବାବେଳେ ତାମିଲନାଡୁର ଜଣେ ଭାଜପା କର୍ମୀଙ୍କ ନିକଟରୁ ନଗଦ ୩.୯୮ କୋଟି ଟଙ୍କା ଜବତ କରାଯାଇଛି। ସୂଚନା ଅନୁଯାୟୀ ଶନିବାର ବିଳମ୍ବିତ ରାତିରେ ତିରୁନେଲ୍‌ଭେଲି ଅଭିମୁଖେ ଯାତ୍ରା କରୁଥିବା ଏକ ଏକ୍ସପ୍ରେସ ଟ୍ରେନ୍‌ରେ ୩ ଜଣ ବ୍ୟକ୍ତି ୬ଟି ବ୍ୟାଗ ଧରି ଯାଉଥିଲେ। ସନ୍ଦେହ ହେବାରୁ ପୋଲିସ ସେମାନଙ୍କୁ ପଚରାଉଚରା କରିବା ସହ ଗିରଫ କରିଥିଲା। ଗିରଫ ୩ ଜଣଙ୍କ ମଧ୍ୟରୁ ସତୀଶ ନାମକ ଜଣେ ଭାଜପା କର୍ମୀ ଥିବା ଜଣାପଡ଼ିଛି। ସେ ତିରୁନେଲ୍‌ଭେଲି ଆସନରୁ ଭାଜପା ପ୍ରାର୍ଥୀ ନୈନର ନଗେନ୍ଦ୍ରନ୍‌ଙ୍କ ଘନିଷ୍ଠ ସହଯୋଗୀ ହୋଇଥିବାରୁ ନିର୍ବାଚନରେ ଭାଜପା ପ୍ରାର୍ଥୀ ନଗେନ୍ଦ୍ରନ୍ ଟଙ୍କା ବାଣ୍ଟୁଥିବା ଅଭିଯୋଗ କରିଛି ରାଜ୍ୟରେ ଶାସନରେ ଥିବା ଡିଏମ୍‌କେ। ଏହାସହ ନଗେନ୍ଦ୍ରନ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ତାମିଲନାଡୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଡିଏମ୍‌କେ ଫେରାଦ ହୋଇଛି।

# ୬ ମାସର ଯୁଦ୍ଧ ବିଭୀଷିକା

## ଦକ୍ଷିଣ ଗାଜା, ଖାନ୍ ୟୁନିସ୍‌ରୁ ସୈନ୍ୟ ପ୍ରତ୍ୟାହାର କଲା ଇସ୍ରାଏଲ୍

ଜେରୁଜେଲମ୍/ଗାଜା ସିଟି,୭।୪

ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ରବିବାର ୬ ମାସ ପୂରିଛି। ଅକ୍ଟୋବର ୭ରୁ ହମାସ୍ ଆକ୍ରମଣରେ ଅଦ୍ୟାବଧି ୧,୧୩୯ ଇସ୍ରାଏଲୀ ନିହତ ହୋଇଥିବାବେଳେ ଆତଙ୍କବାଦୀମାନେ ଏବେ ମଧ୍ୟ ୧୩୩ ଜଣଙ୍କୁ ପଣବନ୍ଦୀ କରି ରଖିଛନ୍ତି। ଅନ୍ୟପକ୍ଷେ ଗାଜାରେ ଇସ୍ରାଏଲ୍‌ର ବୋମା ବର୍ଷା ଓ ରେକଟ୍ ମାଡ଼ରେ ୩୩,୧୭୫ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବାବେଳେ ୭୫,୮୮୬ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୩,୮୦୦ ପାଲେଷ୍ଟିନୀୟ ଶିଶୁ ଥିବା ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଜାତିସଂଘର ଆକଳନ ଅନୁସାରେ ପ୍ରାୟ ୧.୭ ନିୟୁତ ଲୋକ ବାସଚ୍ୟୁତ ହୋଇ ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି। ଅନ୍ୟପକ୍ଷେ ପଣବନ୍ଦୀଙ୍କୁ ମୁକ୍ତ କରିବାରେ ବିଫଳ ଇସ୍ରାଏଲ ରାଷ୍ଟ୍ରପତି ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଇସ୍ତଫା ଦାବିରେ ତେଲ୍ ଆଭିଭ୍‌ରେ ଅନେକ ହଜାର ନାଗରିକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯୁଦ୍ଧବିରତି ପାଇଁ ନେତାନ୍ୟାହୁଙ୍କ ଉପରେ ଦେଶ ଭିତରୁ ଓ ଅନ୍ତର୍ଜାତୀୟ ଚାପ ବଢ଼ିବାରେ ଲାଗିଥିବାବେଳେ ଖାନ୍ ୟୁନିସ୍ ସହର ସମେତ ଦକ୍ଷିଣ ଗାଜାରୁ


ଗାଜା ଷ୍ଟ୍ରିପ୍‌ର ଜବାଲିଆ ଶରଣାର୍ଥୀ ଶିବିର ନିକଟରେ ବିଧ୍ୱସ୍ତ ବିଲ୍ଡିଂ ଦେଇ ପାଲେଷ୍ଟିନୀୟମାନେ ଯାଉଛନ୍ତି। (ଫଟୋ: ରଏଟର୍ସ)

ଅନେକ ହଜାର ସୈନ୍ୟ ପ୍ରତ୍ୟାହାର କରାଯାଇଥିବା ରବିବାର ଇସ୍ରାଏଲ୍ ଘୋଷଣା କରିଛି। ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍)ର ୯୮ତମ କମାଣ୍ଡୋ ଡିଭିଜନ୍ ନିଜ ମିଶନ ଶେଷ କରି ଫେରିଯାଇଥିବା ସେନା ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

୬ ମାସ ଧରି ଯୁଦ୍ଧ ଚାଲିଥିବାବେଳେ ଇଜିପ୍ଟ ସୀମାନ୍ତ ରାଫାହରେ ଅନେକ ଲକ୍ଷ ପାଲେଷ୍ଟିନୀୟ ଆଶ୍ରୟ ନେଇଛନ୍ତି। ଇତିମଧ୍ୟରେ ଇଜିପ୍ଟ ରାଜଧାନୀ କାଏରୋରେ ମଧ୍ୟସ୍ଥମାନେ ଯୁଦ୍ଧବିରତି ଏବଂ ପଣବନ୍ଦୀଙ୍କ ମୁକ୍ତି ପାଇଁ ଆଉ ଏକ ପର୍ଯ୍ୟାୟରେ ଆଲୋଚନା ଆରମ୍ଭ ହେବାକୁ ଯାଉଛି। ଏହି ବୈଠକରେ କାତାର ପ୍ରଧାନମନ୍ତ୍ରୀ ଏବଂ ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ) ମୁଖ୍ୟ ଯୋଗଦେବେ। ଉଭୟ ଇସ୍ରାଏଲ୍ ଏବଂ ହମାସ୍ ପ୍ରତିନିଧିମାନେ ମଧ୍ୟ ଏଥିରେ ଯୋଗଦେଇପାରନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମଧ୍ୟ ତୁରନ୍ତ ଅସ୍ତ୍ରବିରତି ଦିଗରେ ଅଗ୍ରସର ହୋଇ ଗାଜାର ମାନବୀୟ ସ୍ଥିତିରେ ଉନ୍ନତି ଆଣିବା ଉପରେ ଜୋର୍ ଦେଇଛନ୍ତି। ଇସ୍ରାଏଲୀ ସାମରିକ ବଳର ଆଚରଣରେ ପରିବର୍ତ୍ତନ ନ ଆସିଲେ ଏହାକୁ ଆମେରିକୀୟ ସହାୟତା ହ୍ରାସ କରାଯିବ ବୋଲି ନେତାନ୍ୟାହୁଙ୍କୁ ଫୋନ୍ କରି ବାଇଡେନ୍ ଚେତାବନୀ ଦେଇଛନ୍ତି। ତେବେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ କହିଛନ୍ତି, ଅନ୍ତର୍ଜାତୀୟ ଚାପ ଆଗରେ ଇସ୍ରାଏଲ ମୁଣ୍ଡ ନୁଆଁଇବ ନାହିଁ।

ସେପଟେ ନିକଟରେ ସିରିଆ ଉପରେ ଇସ୍ରାଏଲ କରିଥିବା ଏୟାରଷ୍ଟ୍ରାଇକ୍‌ରେ ଇରାନର ବାଣିଜ୍ୟିକ ଦୂତାବାସର ୧୨ ଜଣ ନିହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ଇରାନର ୨ ବରିଷ୍ଠ ଜେନେରାଲ ଥିଲେ। ଏହି ସାମରିକ ଅଧିକାରୀଙ୍କ ମୃତ୍ୟୁର ପ୍ରତିଶୋଧ ନିଆଯିବ ବୋଲି ଇରାନ ପ୍ରତିଜ୍ଞା କରିଛି। ଇସ୍ରାଏଲ ଉପରେ କେବେ କିପରି ଓ କେଉଁ ଧରଣର ଆକ୍ରମଣ କରାଯିବ ତାହା ତେହରାନ୍ ସ୍ଥିର କରିବ ବୋଲି ଇରାନର ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ୍ ଜେନେରାଲ ମହମ୍ମଦ ବଘେରି ସାମରିକ ଅଧିକାରୀ ଜେନେରାଲ ମହମ୍ମଦ ରେଜା ଜହଦିଙ୍କ ଶେଷକୃତ୍ୟ ବେଳେ ସୂଚନା ଦେଇଛନ୍ତି।

## ଗୁଜରାଟ ୟୁନିଭର୍ସିଟିରେ ନମାଜ ବିବାଦ

### ୭ ବିଦେଶୀ ଛାତ୍ର ହଷ୍ଟେଲରୁ ବହିଷ୍କୃତ

ନୂଆଦିଲ୍ଲୀ,୭।୪

ଗୁଜରାଟ ୟୁନିଭର୍ସିଟି ପରିସରରେ ବିଦେଶୀ ଛାତ୍ରମାନଙ୍କ ନମାଜ ପାଠକୁ ନେଇ ବିବାଦ ଦେଖାଦେଇଥିଲା ଓ ଉକ୍ତ ଛାତ୍ରମାନେ ଆକ୍ରମଣର ଶିକାର ହୋଇଥିଲେ। ଏହାର କିଛି ସପ୍ତାହ ପରେ ଆଫଗାନିସ୍ତାନର ୬ ଛାତ୍ର ଏବଂ ପୂର୍ବ ଆଫ୍ରିକାର ଜଣେ ଛାତ୍ରଙ୍କୁ ହଷ୍ଟେଲ ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାର୍ଚ୍ଚ ୧୬ ତାରିଖ ଆକ୍ରମଣ ଘଟଣା ପରେ ଆଫଗାନ ଏବଂ ଗାମ୍ବିଆର ପ୍ରତିନିଧି ଉକ୍ତ ୟୁନିଭର୍ସିଟି ପରିଦର୍ଶନ କରିବା ସହ ସୁରକ୍ଷା ପଦକ୍ଷେପ ସମ୍ପର୍କରେ କୁଳପତିଙ୍କ ସହ ଆଲୋଚନା କରିଥିଲେ। ଉପରୋକ୍ତ ୭ ଛାତ୍ରଙ୍କର ପାଠପଢ଼ା ଶେଷ ହୋଇଥିବାବେଳେ ସେମାନେ ପୂର୍ବତନ ଛାତ୍ର ଭାବେ ହଷ୍ଟେଲରେ ରହିଥିଲେ ବୋଲି କୁଳପତି ନୀରଜ ଗୁପ୍ତା କହିଛନ୍ତି। ଅଧିକ ଗହଳି ଏଡ଼ାଇବା ପାଇଁ ସେମାନଙ୍କୁ ହଷ୍ଟେଲ ଖାଲି କରିବାକୁ କୁହାଯାଇଛି। ସେମାନଙ୍କର ହଷ୍ଟେଲରେ ରହିବାର ଆବଶ୍ୟକତା ନ ଥିବାରୁ ନିଜ ନିଜ ଦେଶକୁ ଫେରିଯିବା ପାଇଁ ବ୍ୟବସ୍ଥା କରାଯାଇଥିବା ଗୁପ୍ତା କହିଛନ୍ତି।

## ଅନନ୍ତନାଗରେ ଗୁଲାମନବୀ ବନାମ ମେହବୁବା

ନୂଆଦିଲ୍ଲୀ,୭।୪

ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍‌ତି ଅନନ୍ତନାଗ ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ ହୋଇଛନ୍ତି। ସେ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି ମୁଖ୍ୟ ଗୁଲାମ ନବୀ ଆଜାଦଙ୍କ ବିରୋଧରେ ଲଢ଼ିବେ ବୋଲି ରବିବାର ପିଡିପି ଘୋଷଣା କରିଛି। ସେହିପରି ପିଡିପି ଯୁବ ସଂଗଠନର ସଭାପତି ୱାହିଦ ପରାଙ୍କୁ ଶ୍ରୀନଗରରୁ ଏବଂ ପୂର୍ବତନ ରାଜ୍ୟ ସଭା ସଦସ୍ୟ ମିର୍ ଫୟାଜଙ୍କୁ


ଗୁଲାମ ନବୀ ଆଜାଦ


ମେହବୁବା ମୁଫ୍‌ତି

ଦଳ ବାରମୁଲ୍ଲାରୁ ପ୍ରାର୍ଥୀ କରିଛି। ଏହା ବ୍ୟତୀତ ଜମ୍ମୁ ଅଞ୍ଚଳର ଉଧାମପୁର ଏବଂ ଜମ୍ମୁ ଲୋକ ସଭା ଆସନରେ ପିଡିପି କଂଗ୍ରେସକୁ ସମର୍ଥନ ଯୋଗାଇଦେବ ବୋଲି ଘୋଷଣା କରିଛି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଇଣ୍ଡିଆ ମେଣ୍ଟର ସଦସ୍ୟ ହୋଇଥିଲେ ମଧ୍ୟ ପିଡିପି ପାଇଁ କୌଣସି ବିକଳ୍ପ ନ ଛାଡ଼ି କଶ୍ମୀରର ସମସ୍ତ ୩ ଆସନରେ ପ୍ରାର୍ଥୀ ଦେଇଛି। ଜମ୍ମୁର ୨ଟି ଆସନକୁ ଏନ୍‌ସି କଂଗ୍ରେସକୁ ଛାଡ଼ିଦେଇଛି।

## ସୋରେନ୍‌ଙ୍କ ବିରୋଧରେ ଇଡି ଚାର୍ଜଶିଟ୍: ଫ୍ରିଜ୍, ଟିଭି ରସିଦ ପ୍ରମାଣ

ନୂଆଦିଲ୍ଲୀ/ରାଞ୍ଚି,୭।୪

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ୩୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଜମିକୁ ବେଆଇନ ଭାବେ ୮.୮୬ କୋଟି ଟଙ୍କାରେ କିଣିଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଭିଯୋଗ ଆଣିଥିବାବେଳେ ଏହାର ପ୍ରମାଣ ସ୍ୱରୂପ ଫ୍ରିଜ୍ ଏବଂ ସ୍ମାର୍ଟ ଟିଭିର ଇନ୍‌ଭଏସ୍‌କୁ ବ୍ୟବହାର କରିଛି। ରାଞ୍ଚିର ୨ ଜଣ ଡିଲରଙ୍କଠାରୁ ଇଡି ଏହି ରସିଦଗୁଡ଼ିକୁ ସଂଗ୍ରହ କରି ଚାର୍ଜଶିଟ୍‌ରେ ସଂଯୋଗ କରିଛି। ଜମି ହଡ଼ପ ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ଇଡି ଜାନୁଆରୀ ୩୧ରେ ସୋରେନଙ୍କୁ ଗିରଫ କରିଥିଲା।

## ମଣିପୁରର ୨୪ ହଜାର ବିସ୍ଥାପିତ ରିଲିଫ କ୍ୟାମ୍ପ୍‌ରୁ ଭୋଟ ଦେବେ

ଇମ୍ଫାଲ,୭।୪(ପି.ଟି.)

ମଣିପୁର ହିଂସାର ୧୧ ମାସ ପରେ ମଧ୍ୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବିସ୍ଥାପିତ ହୋଇ ବିଭିନ୍ନ ରିଲିଫ କ୍ୟାମ୍ପ୍‌ରେ ମୁଣ୍ଡ ଗୁଞ୍ଜିଛନ୍ତି। ସେଠାରେ ଏପ୍ରିଲ ୧୯ ଏବଂ ୨୬ ତାରିଖ ୨ ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଗୋଟିଏ ଗୋଷ୍ଠୀ ଜନସାଧାରଣଙ୍କ ମଧ୍ୟରେ ମତଦାନ ବିରୋଧୀ ମାନସିକତା ଦେଖାଦେଇଛି। ଫଳରେ ସେଠାରେ ନିର୍ବାଚନ କରାଇବା ନିର୍ବାଚନ କମିଶନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହୋଇଛି। ଭୋଟକୁ ଆଉ ୨ ସପ୍ତାହରୁ କମ୍ ସମୟ ଥିବାବେଳେ ଏପର୍ଯ୍ୟନ୍ତ ପ୍ରଚାର ଜମିନାହିଁ। ବିସ୍ଥାପିତଙ୍କ ମଧ୍ୟରୁ ୨୪,୫୦୦ ଯୋଗ୍ୟ ଭୋଟର ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମତଦାନ ପାଇଁ ରିଲିଫ୍ କ୍ୟାମ୍ପ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରଦୀପ କୁମାର ଝା କହିଛନ୍ତି। ମଣିପୁରରେ ଲୋକ ସଭା ନିର୍ବାଚନ ପାଇଁ ମୋଟ ୨,୯୫୫ ଭୋଟ କେନ୍ଦ୍ର ଖୋଲିବାକୁ ଥିବାବେଳେ ସେଥିରୁ ୫୦ ପ୍ରତିଶତ ସମ୍ବେଦନଶୀଳ ଓ ଅସୁରକ୍ଷିତ ଓ ଗମ୍ଭୀର ଭାବେ ଚିହ୍ନଟ ହୋଇଛି।

## ୨୯ ଘଣ୍ଟା ନିର୍ଯାତନା ଦିଆଯାଇଥିଲା

### କଲେଜ ହଷ୍ଟେଲରେ କେରଳ ଛାତ୍ର ମୃତ୍ୟୁ ଘଟଣା

ନୂଆଦିଲ୍ଲୀ,୭।୪

କଲେଜ ୱାୟନାଡ୍ ଜିଲାର ଏକ କଲେଜ ହଷ୍ଟେଲରେ ଜଣେ ୨୦ ବର୍ଷୀୟ ଭେଟେରିନାରି ଛାତ୍ରଙ୍କ ମୃତ୍ୟୁ ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇ ନେଇଛି। ଫେବୃଆରୀ ୧୮ ତାରିଖରେ ସିଦ୍ଧାର୍ଥନ ଜେଏସ୍ ନାମକ ଏହି ଛାତ୍ରଙ୍କ ମୃତଦେହ ହଷ୍ଟେଲ ବାଥ୍‌ରୁମ୍‌ରୁ ମିଳିଥିଲା। ଅନ୍ୟ ଛାତ୍ର ତଥା ଷ୍ଟୁଡେଣ୍ଟସ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ) କର୍ମୀମାନେ ତାଙ୍କୁ ନିର୍ଯାତନା ଦେଇଥିଲେ ବୋଲି ଛାତ୍ରଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ସିଦ୍ଧାର୍ଥନ ଆତ୍ମହତ୍ୟା କରିବା ପୂର୍ବରୁ ସିନିୟର ଓ ସହପାଠୀମାନେ ତାଙ୍କୁ କ୍ରମାଗତ ୨୯ ଘଣ୍ଟା ମାଡ଼ ମାରିଥିଲେ। ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦିଆଯାଇଥିଲା ବୋଲି କେରଳ ପୋଲିସ କହିଛି। ଫେବୃଆରୀ ୧୬ ସକାଳ ୯ରୁ ୧୭ ତାରିଖ ଅପରାହ୍ନ ୨ଟା ଯାଏ ଅତି ନିଷ୍ଠୁର ନିର୍ଯାତନା ଦିଆଯାଇଥିଲା। ତାଙ୍କୁ


ସିଦ୍ଧାର୍ଥନ ଜେଏସ୍

ଏଭଳି ମାନସିକ ଆଘାତ ଦିଆଯାଇଥିଲା ଯେ ଆତ୍ମହତ୍ୟା କରିବା ବ୍ୟତୀତ ଅନ୍ୟ ଉପାୟ ନ ଥିଲା। ୧୮ ତାରିଖ ମଧ୍ୟାହ୍ନରେ ସେ ହଷ୍ଟେଲ ବାଥ୍‌ରୁମ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ତାଙ୍କୁ ଆତ୍ମହତ୍ୟା ପାଇଁ ବାଧ୍ୟ କରାଯାଇଥିବା ନେଇ ପୋଲିସ ମାମଲା ରୁଜୁ କରିଥିବାବେଳେ ଏହାକୁ ସିବିଆଇକୁ ହସ୍ତାନ୍ତର କରିଛି।

## କେଜ୍‌ରିୱାଲଙ୍କ ଗିରଫଦାରି ପ୍ରତିବାଦରେ ଆପ୍ ନେତାଙ୍କ ଅନଶନ

### ବିଦେଶରେ ମଧ୍ୟ ଉଠିଲା ପ୍ରତିବାଦର ସ୍ୱର

ନୂଆଦିଲ୍ଲୀ,୭।୪

ଦିଲ୍ଲୀ ଅବକାରୀ ନୀତି ସହ ସମ୍ପୃକ୍ତ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫ ପ୍ରତିବାଦରେ ରବିବାର ଦେଶବ୍ୟାପୀ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ଓ କର୍ମୀମାନେ ସାମୂହିକ ଅନଶନ କରିଛନ୍ତି। ଏପରି କି ଦେଶ ବାହାରେ ଥିବା କେଜ୍‌ରିୱାଲଙ୍କ ସମର୍ଥକମାନେ ଏହି ଉପବାସରେ ସାମିଲ ହୋଇଥିବା ଆପ୍ ନେତା ଗୋପାଳ ରାୟ କହିଛନ୍ତି। ଦିଲ୍ଲୀର ଯନ୍ତରମନ୍ତରଠାରେ ଅନୁଷ୍ଠିତ ଦିବସବ୍ୟାପୀ ଅନଶନରେ ସମସ୍ତ ଆପ୍ ବିଧାୟକ ଓ କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଦିଲ୍ଲୀ ବିଧାନସଭା ବାଚସ୍ପତି ରାମନିବାସ



ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଆପ୍ ନେତାମାନେ ସାମୂହିକ ଅନଶନରେ ବସିଛନ୍ତି। (ଫଟୋ- ଚମନ ଗୌତମ)

ଗୋଏଲ, ଉପବାଚସ୍ପତି ରାଖି ବିଲା, ମନ୍ତ୍ରୀ ଆତିଶୀ, ଗୋପାଳ ରାୟ, ଇମ୍ରାନ ହୁସେନ୍ ପ୍ରମୁଖ ରହିଥିଲେ। ସେହିପରି ପଞ୍ଜାବର ଖଟ୍‌କର କଲାଁଠାରେ ଅନୁଷ୍ଠିତ ସାମୂହିକ ଉପବାସରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଆପ୍ ନେତାମାନେ ଯୋଗ ଦେଇଥିଲେ। ହରିୟାଣାରେ ଆପ୍ ମୁଖ୍ୟ ସୁଶୀଲ ଗୁପ୍ତା ଦଳୀୟ ସଦସ୍ୟମାନଙ୍କ ଗହଣରେ ବ୍ରହ୍ମ ସରୋବରଠାରେ ଅନଶନରେ ବସିଥିଲେ। ଭାଜପା ଏକଛତ୍ରବାଦ ମନୋଭାବ ଆପଣାଉଥିବା ଗୁପ୍ତା ଅଭିଯୋଗ କରିଛନ୍ତି। ଗୈରିକ ଦଳ ଗଣତନ୍ତ୍ରର ହତ୍ୟା କରୁଛି। ସଚ୍ଚୋଟ ବ୍ୟକ୍ତିମାନଙ୍କୁ ଜେଲରେ ରଖାଯାଉଛି। କେଜ୍‌ରିୱାଲ କିମ୍ବା ଆପ୍ କର୍ମୀମାନେ ଶାସକ ଦଳର ଏହି କୌଶଳରେ ଡରିବେ ନାହିଁ ବୋଲି ଗୁପ୍ତା କହିଛନ୍ତି। ବିଭିନ୍ନ ରାଜ୍ୟରେ ଅନୁରୂପ ଅନଶନ ପ୍ରତିବାଦ କରାଯାଇଥିଲା। ଏହା ବ୍ୟତୀତ ବୋଷ୍ଟନର ହାର୍ଭାର୍ଡ ସ୍କୋୟାର, ଲସ୍ ଏଞ୍ଜେଲସ୍‌ର ହଲିଉଡ୍ ସାଇନ୍, ୱାଶିଂଟନ ଡିସିର ଭାରତୀୟ ଦୂତାବାସ ବାହାରେ, ନ୍ୟୁୟର୍କ ଟାଇମ୍ସ ସ୍କୋୟାର, ଟରଣ୍ଟୋ, ଲଣ୍ଡନ ଏବଂ ମେଲବର୍ନରେ କେଜ୍‌ରିୱାଲଙ୍କ ସମର୍ଥକମାନେ ଅନଶନ କରିଥିଲେ ବୋଲି ଦଳ ପକ୍ଷରୁ କୁହାଯାଇଛି।

କେଜ୍‌ରିୱାଲଙ୍କ ଗିରଫଦାରି ପ୍ରତିବାଦରେ ଗତ ମାସରେ ଆପ୍ କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାସଭବନ ଘେରାଉ ଡାକରା ଦେଇଥିଲେ। ବହୁସଂଖ୍ୟାରେ ନେତା ଓ କର୍ମୀଙ୍କୁ ପୋଲିସ ବସ୍‌ରେ ଉଠାଇ ନେଇ ବିଭିନ୍ନ ଥାନାରେ ଅଟକ ରଖିଥିଲା। ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଗିରଫ ସମୟକୁ ନେଇ ଆପ୍ ଭାଜପାକୁ ସମାଲୋଚନା କରିଛି। ଆଗାମୀ ଲୋକ ସଭା ନିର୍ବାଚନ ପ୍ରଚାରରୁ କେଜ୍‌ରିୱାଲଙ୍କୁ ଦୂରେଇ ରଖିବା ପାଇଁ ଭାଜପା ନେତୃତ୍ୱାଧୀନ ସରକାର ତାଙ୍କୁ ଗିରଫ କରାଇଥିବା ଆପ୍ ଅଭିଯୋଗ କରିଛି।

## ଫୁର୍‌ସତ୍

### ମନାଲିରୁ କନ୍ୟାକୁମାରୀ ସ୍କେଟିଂ ଯାତ୍ରା

କନ୍ୟାକୁମାରୀ

କୌଣସି ଦେଶର ଗୋଟିଏ କୋଣରୁ ଅନ୍ୟ କୋଣକୁ ଯାତ୍ରା କରିବା ପାଇଁ ଲୋକମାନେ ସାଧାରଣତଃ ବିଭିନ୍ନ ପରିବହନ ମାଧ୍ୟମକୁ ବ୍ୟବହାର କରିଥାନ୍ତି। ବିମାନ, ଟ୍ରେନ୍, ବସ୍, ଭ୍ୟାନ୍, ଅଟୋରିକ୍ସା ଆଦି ଯାନବାହନ ବ୍ୟବହାର କରି କୌଣସି ଦୂର ସ୍ଥାନକୁ ଯାତାୟାତ କରିହୁଏ। କିନ୍ତୁ ଜଣେ ଯୁବକ ଏକ ସ୍କେଟ୍‌ବୋର୍ଡରେ ସମାନ କାର୍ଯ୍ୟ କରି ଦେଖାଇଛନ୍ତି। ସେ ସ୍କେଟିଂ କରି ଭାରତର ଗୋଟିଏ କୋଣରୁ ଅନ୍ୟ କୋଣକୁ ଯାଇ ରେକର୍ଡ ସୃଷ୍ଟି କରିଛନ୍ତି। ପ୍ରଫେଶନାଲ୍ ସ୍କେଟ୍‌ବୋର୍ଡର ରିତିକ୍ କ୍ରାଟ୍‌ଜେଲ୍ ସ୍କେଟିଂ କରି ଉତ୍ତର ଭାରତର ମନାଲିଠାରୁ ଦକ୍ଷିଣ ଭାରତର କନ୍ୟାକୁମାରୀ ପର୍ଯ୍ୟନ୍ତ ଯାତ୍ରା



କରିଛନ୍ତି। ୧୦୦ ଦିନ ମଧ୍ୟରେ ରିତିକ୍ ନିଜର ଏହି ଅସାଧାରଣ ଯାତ୍ରାକୁ ସମାପ୍ତ କରିବାରେ ସଫଳ ହୋଇଛନ୍ତି। ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏହି ସମ୍ପୂର୍ଣ୍ଣ ଯାତ୍ରାର ସେ ବିବରଣୀ ଦେଇଛନ୍ତି। ଏହି ଯାତ୍ରା ସମୟର ଭିନ୍ନ ଭିନ୍ନ ସ୍ଥାନର ଅନେକ ଭିଡିଓ ସେ ନିଜ ଇନ୍‌ଷ୍ଟାଗ୍ରାମ ଆଇଡିରେ ଶେୟାର କରିଛନ୍ତି, ଯାହାକୁ ତାଙ୍କ ଫଲୋଅର୍ସମାନେ ବେଶ ପସନ୍ଦ କରୁଛନ୍ତି। ଏହି ଯାତ୍ରାରେ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ନେଇ ମଧ୍ୟ ସେ ନିଜ ପୋଷ୍ଟରେ ଅନ୍ୟମାନଙ୍କୁ ଅବଗତ କରାଇଛନ୍ତି। ଘନକୁହୁଡ଼ି ଯୋଗୁ ଅନେକ ସ୍ଥାନରେ ଗୁଗଲ୍ ମ୍ୟାପ ଠିକ୍ ଭାବେ କାର୍ଯ୍ୟ କରି ନ ଥିବାରୁ, ସେ ଅସୁବିଧାରେ ପଡ଼ିଥିଲେ ବୋଲି ରିତିକ୍ କହିଛନ୍ତି। ରିତିକ୍‌ଙ୍କ ଏହି କାରନାମା ଶୁଣି ଅନେକ ଆଶ୍ଚର୍ଯ୍ୟପ୍ରକାଶ କରିଛନ୍ତି। ଏଭଳି ଅନନ୍ୟ ସଫଳତା ହାସଲ କରି ରେକର୍ଡ ସୃଷ୍ଟି କରିଥିବାରୁ ତାଙ୍କୁ ଚାରିଆଡୁ ଅଭିନନ୍ଦନର ସୁଅ ଛୁଟୁଛି। ଏପରି କରିବା ବହୁତ କଷ୍ଟକର ବୋଲି ରିତିକ୍‌ଙ୍କ ପୋଷ୍ଟରେ କିଛି ୟୁଜର୍ସ କମେଣ୍ଟ କରି କହିଛନ୍ତି।

### ପରଦାକୁ ଫେରିବେ ପ୍ରୀତି

**ମୁମ୍ବାଇ:** ବଲିଉଡ୍‌ରେ ଏପରି ଅନେକ ତାରକା ଅଛନ୍ତି, ଯେଉଁମାନେ ଦୀର୍ଘ ସମୟ ଧରି ପରଦାରୁ ଦୂରେଇ ରହିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ କେତେଜଣ ତାରକା ଖୁବ୍‌ଶୀଘ୍ର ପରଦାକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ବଲିଉଡ୍ ଅଭିନେତ୍ରୀ ପ୍ରୀତି ଜିଣ୍ଟା ଏହି ତାରକାମାନଙ୍କ ମଧ୍ୟରୁ ଅନ୍ୟତମ। ବହୁଶୀଘ୍ର ତାଙ୍କୁ ପୁଣି ପରଦାରେ ଦେଖିବାକୁ ମିଳିବ ବୋଲି ସେ ନିଜ ପ୍ରଶଂସକଙ୍କୁ ସୂଚନା ଦେଇଛନ୍ତି। ଶେଷଥରପାଇଁ ୨୦୧୮ରେ 'ଭୈୟାଜୀ ସୁପର ହିଟ୍' ଚଳଚ୍ଚିତ୍ରରେ ଅଭିନୟ କରିଥିବା ପ୍ରୀତି 'ଲାହୋର ୧୯୪୭' ଚଳଚ୍ଚିତ୍ର ସହ ପରଦାକୁ ଫେରୁଥିବା ସୂଚନା ଦେଇଛନ୍ତି। ଏହି ଫିଲ୍ମରେ ସେ ଅଭିନେତା ସନି ଦେଓଲଙ୍କ ସହ ମୁଖ୍ୟ ଭୂମିକାରେ ରହିଛନ୍ତି। ଆସନ୍ତା ବର୍ଷ ଗଣତନ୍ତ୍ର ଦିବସ ଉପଲକ୍ଷେ ଏହି ଫିଲ୍ମ ରିଲିଜ୍ ହେବା ନେଇ ଆଶା କରାଯାଉଛି। ଏହାପୂର୍ବରୁ ଉଭୟ ପ୍ରୀତି ଏବଂ ସନି 'ଦିଲ୍‌ଲଗି', 'ଫର୍ଜ' ଏବଂ 'ଭୈୟାଜୀ ସୁପରହିଟ୍' ଭଳି ଚଳଚ୍ଚିତ୍ରରେ ଏକାଠି ଅଭିନୟ କରୁଥିବା ନଜର ଆସିଥିଲେ। ଫିଲ୍ମ 'ଦିଲ୍ ସେ'ରୁ ବଲିଉଡରେ ଡେବ୍ୟୁ କରିଥିବା ପ୍ରୀତି ନିଜ ୨୦ ବର୍ଷର କ୍ୟାରିୟରରେ ଅନେକ ହିଟ୍ ଫିଲ୍ମ ଦେଇଛନ୍ତି। ସେହିପରି ସେ ନିଜ ପ୍ରତିଭା ଆଧାରରେ ବହୁ ଖ୍ୟାତି ମଧ୍ୟ ଅର୍ଜନ କରିଛନ୍ତି। ପ୍ରୀତିଙ୍କ କିଛି ଫିଲ୍ମ ଫ୍ଲପ୍ ହୋଇଥିଲେ ମଧ୍ୟ ସେ ତାଙ୍କ ସୌନ୍ଦର୍ଯ୍ୟ ଓ ନିଖୁଣ ଅଭିନୟ ସହ ଲୋକଙ୍କୁ ମତୁଆଲା କରିବାକୁ ସକ୍ଷମ ହେଉଥିଲେ। ସୁପରଷ୍ଟାର ଶାହରୁଖ୍ ଖାନ୍‌ଙ୍କ ସହ ୨୦୦୪ରେ ମୁକ୍ତିଲାଭ କରିଥିବା 'ବୀର ଜାରା' ଚଳଚ୍ଚିତ୍ର ପ୍ରୀତିଙ୍କୁ ଲୋକପ୍ରିୟ କରାଇଥିଲା।



# ମନ୍ଦିର ଚୋରି ଗ୍ୟାଙ୍ଗର ୭ ଗିରଫ

ବାଲେଶ୍ୱର,୭।୪(ମାନସ ବିଶ୍ୱାଳ)


ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଉଛି।

ବାଲେଶ୍ୱର ଜିଲାରେ କିଛି ଦିନ ହେବ ବିଭିନ୍ନ ମନ୍ଦିରରୁ ଚୋରି ହେବା ଘଟଣା ସାମ୍ନାକୁ ଆସିଥିବା ବେଳେ ପୋଲିସ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଜିଲାର ବିଭିନ୍ନ ଥାନା ଓ ଫାଣ୍ଡିରେ ମାମଲା ରୁଜୁ ପରେ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ବିଭିନ୍ନ ମନ୍ଦିରରୁ ଚୋରି ଘଟଣାରେ ସମ୍ପୃକ୍ତ ଏକ ୭ ଜଣିଆ ଗ୍ୟାଙ୍ଗକୁ ପୋଲିସ ଧରିବାରେ ସଫଳ ହୋଇଛି। ସମସ୍ତ ଅଭିଯୁକ୍ତ ମୟୂରଭଞ୍ଜ ଜିଲା ଅଞ୍ଚଳର। ଏନେଇ ରବିବାର ବାଲେଶ୍ୱର ଏସ୍‌ପି ସାଗରିକା ନାଥ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ୫ ତାରିଖରେ ଚାନ୍ଦିପୁର ଅଞ୍ଚଳରୁ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ ରିମାଣ୍ଡରେ ନେଇ ପଚରାଉଚରା ପରେ ପୋଲିସ ଆଉ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ କହିଛି। ତେବେ ଏହି ଗ୍ୟାଙ୍ଗ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରେ ଥିବା ବହୁ ମନ୍ଦିରରୁ ପିତଳ ମୂର୍ତ୍ତି ସମେତ ରୁପା ଅଳଙ୍କାର ଚୋରି କରି ଖସି ପଳାଉଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ମନ୍ଦିରରୁ ଚୋରି କରୁଥିବା ବେଳେ ଆଉ ୩ ଜଣ ବିକ୍ରି ପାଇଁ ଉଦ୍ୟମ କରୁଥିଲେ। ସାଇବର ଟିମ୍ ଓ ଜିଲା ଗୋଇନ୍ଦା ବିଭାଗ ଏମାନଙ୍କ ଉପରେ ଦୀର୍ଘ ଦିନଧରି ନଜର ରଖିଥିଲା। ଶେଷରେ ସେମାନଙ୍କୁ ଧରିବାରେ ସଫଳ ହୋଇଛି। ସମୁଦାୟ ୧୯ଟି ମନ୍ଦିରରୁ ଚୋରି ଘଟଣାର ୮୦ ପ୍ରତିଶତ ଜିନିଷ ମିଳିଯାଇଛି। ବାକି ୬ଟି ମନ୍ଦିର ଚୋରି କେସ୍‌ର ତଦନ୍ତ ଜାରି ରହିଥିବା ଏସ୍‌ପି ପ୍ରକାଶ କରିଛନ୍ତି।

# ଡାକ୍ତରଙ୍କ ଘରୁ ଡକାୟତି, ଆକ୍ରମଣରେ ୪ ଗୁରୁତର

## ଲୁଟିନେଲେ ୧୦ ଲକ୍ଷ ଟଙ୍କାର ସୁନା, ରୁପା ଅଳଙ୍କାର

ବଳଙ୍ଗା/ପିପିଲି,୭।୪(କେଦାରେଶ୍ୱର ନନ୍ଦ/ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)



ପୁରୀ ଜିଲା ବଳଙ୍ଗା ଥାନା ସରସ୍ୱତୀପୁର ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣସାହି ଗ୍ରାମ ଚକିସାହିର ହୋମିଓପ୍ୟାଥିକ୍ ଡାକ୍ତର ରବୀନ୍ଦ୍ର ମହାପାତ୍ରଙ୍କ ଘରେ ଏକ ବଡ଼ଧରଣର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ନଗଦ ୧୫ ହଜାର ଟଙ୍କା ସମେତ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଅଳଙ୍କାର ଲୁଟିନେଇଛନ୍ତି। ଡକାୟତି ସମୟରେ ୪/୫ ଜଣ ମୁଖାପିନ୍ଧା ଦୁର୍ବୃତ୍ତଙ୍କ ଆକ୍ରମଣରେ ରବୀନ୍ଦ୍ରଙ୍କ ପରିବାରର ୪ଜଣ ସଦସ୍ୟ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସାଇଣ୍ଟିଫିକ ଟିମ୍ ସହ ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଏବଂ ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଏକ ମାମଲା (ନଂ. ୯୭/୨୪) ରୁଜୁ ହୋଇଛି।

ସୂଚନା ମୁତାବକ, ସବୁଦିନ ଭଳି ଶନିବାର ରାତିରେ ରବୀନ୍ଦ୍ରଙ୍କ ପରିବାର ବର୍ଗ ଖାଇସାରି ଶୋଇଥିଲେ। ବିଳମ୍ବିତ ରାତିରେ ୪/୫ ଜଣ ଦୁର୍ବୃତ୍ତ ମୁହଁରେ କଳାକପଡ଼ା ବାନ୍ଧି ଘରର ମୁଖ୍ୟ ଫାଟକକୁ କାଟି ଓ ଝରକା ତାଡ଼ି ଘର ଭିତରକୁ ପଶିଥିଲେ। ଏହି ସମୟରେ ଶବ୍ଦ ଶୁଣି ରବୀନ୍ଦ୍ରଙ୍କ ବଡ଼ ପୁଅ ଜଗଦୀଶ ଉଠିପଡ଼ିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଧାରୁଆ ଅସ୍ତ୍ରରେ ହାଣିବା ପରେ ତାଙ୍କ ସ୍ତ୍ରୀ କଳ୍ପନାଙ୍କ ହାତକୁ ଚୋଟ ପକାଇଥିଲେ। ଏହାପରେ ରବୀନ୍ଦ୍ରଙ୍କୁ ଆକ୍ରମଣ କରିବା ସହ ସ୍ତ୍ରୀ ନିରୁପମାଙ୍କ ସମେତ ସମସ୍ତଙ୍କୁ ବାନ୍ଧି ଦେଇଥିଲେ। ସମସ୍ତଙ୍କୁ ହାଣିଦେବାର ଭୟ ଦେଖାଇ ଆଲମାରି ଚାବି ମାଗିଥିଲେ। ଚାବି ପାଇବା ପରେ ଆଲମାରିରୁ ସୁନା ଓ ରୁପା ଅଳଙ୍କାର ଲୁଟିନେଇ ଫେରାର ହୋଇଯାଇଥିଲେ। ଏହି ସମସ୍ତ ଅଳଙ୍କାରର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ ଏବଂ ଅନୁସନ୍ଧାନ ଟିମ୍ ଆକଳନ କରିଛି। ତେବେ ପରିବାରର ସମସ୍ତେ ଚିକିତ୍ସାଧୀନ ଥିବାରୁ ରିପୋର୍ଟ ଲେଖାଯିବା ବେଳକୁ ସେମାନଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟପକ୍ଷରେ ସାଗରସ୍ନାନ ମେଳଣ ପାଇଁ ଶନିବାର ରାତିରେ ସରସ୍ୱତୀପୁର ଓ ରଥପୁରୁଷୋତ୍ତମପୁରରେ ଜମାଣ ଉତ୍ସବ ହେଉଥିଲା। ଏହି ଜମାଣ ଦେଖିବା ପାଇଁ ଉଭୟ ଗ୍ରାମର ଲୋକେ ସେଠାକୁ ଯାଇଥିଲେ। ଏହାର ସୁଯୋଗରେ ଦୁର୍ବୃତ୍ତମାନେ ଡକାୟତି କରିଥିବା ଅନୁମାନ କରାଯାଉଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ପୋଲିସ ପକ୍ଷରୁ ରାତ୍ର ପାଟ୍ରୋଲିଂ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମହିଳା ଡାକ୍ତରଙ୍କୁ ଏଡିଏମ୍‌ଓଙ୍କ ଅସଦାଚରଣ ଅଭିଯୋଗ

## ଅଭିଯୋଗକୁ ଏଡିଏମ୍‌ଓଙ୍କ ଖଣ୍ଡନ

ସୁନ୍ଦରଗଡ଼, ୭।୪
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଦନ୍ତ ବିଭାଗରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତରଙ୍କୁ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ଏଡିଏମଓ) (ମେଡିକାଲ)ଡା.ପ୍ରକାଶ ବଳ ଅସଦାଚରଣ କରିଛନ୍ତି। ଏନେଇ ମହିଳା ଡାକ୍ତର ଜଣଙ୍କ ସ୍ଥାନୀୟ ଟାଉନ ଥାନାରେ ଶନିବାର ରାତିରେ ଅଭିଯୋଗ କରିଛନ୍ତି। ପୋଲିସ ଦଫା ୩୪୧, ୨୯୪, ୩୫୪(କ), ୫୦୫, ୫୦୯ରେ ଏକ ମାମଲା(୧୨୮/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମହିଳା ଡାକ୍ତର ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ସୁନ୍ଦରଗଡ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ) ପକ୍ଷରୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଦନ୍ତ ବିଭାଗର ମେଡିକାଲ ଅଫିସର ଭାବେ ୨୦୧୯ ଡିସେମ୍ବର୨୧ରେ ନିଯୁକ୍ତି ପାଇଥିଲେ। ସେତେବେଳେ ସର୍ଜରି ବିଭାଗରେ ଡାକ୍ତର ଥିବା ବଳ ଓପିଡି ଆସି ତାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେବା, ବିଭିନ୍ନ ସମୟରେ ଅପରେଶନ ଥିଏଟରକୁ ଡାକି ଶରୀରର ବିଭିନ୍ନ ଅଙ୍ଗରେ ସ୍ପର୍ଶ କରୁଥିଲେ। ମହିଳା ଡାକ୍ତର ଜଣଙ୍କ ତତ୍କାଳୀନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ବିଭାଗୀୟ କମିଟି ଜରିଆରେ ତଦନ୍ତ ପରେ ମଧ୍ୟ ତାଙ୍କୁ କୌଣସି ନ୍ୟାୟ ମିଳି ନ ଥିଲା। କିଛିଦିନ ଏହା ବନ୍ଦ ପରେ ବର୍ତ୍ତମାନ ଏଡିଏମଓ ଥିବା ଡା.ବଳ ୨୦୨୩ରେ ପୁଣି ପୂର୍ବ ପରି ଆଚରଣ ଆରମ୍ଭ କରିଦେଇଥିଲେ। ଏଥିରେ ଅତିଷ୍ଠ ହେବା ସହ ସେ ଏହାର ପ୍ରତିବାଦ କରିଥିଲେ। ଫଳରେ ତାଙ୍କୁ ସେ ଅନ୍ୟତ୍ର ବଦଳି କରଦେବେ, ଏପରିକି ଚାକିରି ଚାଲିଯିବ ବୋଲି ଧମକ ଦେଉଥିଲେ। ଅପରପକ୍ଷରେ ଏଭଳି ଅଭିଯୋଗକୁ ଏଡିଏମଓ ଡାକ୍ତର ବଳ ଖଣ୍ଡନ କରିଛନ୍ତି। ଏହା ଆକ୍ରୋଶମୂଳକ ଏବଂ ତାଙ୍କ ବିରୋଧରେ ମିଥ୍ୟା ଆରୋପ। ସେ କହିଛନ୍ତି, ଦନ୍ତ ବିଭାଗରେ ୭ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ହେଲେ ବିଭିନ୍ନ ସମୟରେ ସେମାନଙ୍କ ମଧ୍ୟରେ ପରସ୍ପର ଗଣ୍ଡଗୋଳ ଲାଗିରହୁଛି। ଅଧିକାଂଶ ସମୟରେ ଏଭଳି ବିଶୃଙ୍ଖଳା ଯୋଗୁ ରୋଗୀ ସେବା ବାଧାପ୍ରାପ୍ତ ହେଉଥିବା ନେଇ ଜନସାଧାରଣଙ୍କଠାରୁ ବାରମ୍ବାର ଅଭିଯୋଗ ପରେ ଡା. ବଳ ସିଡିଏମଓ, ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଶାସନିକ ଶୃଙ୍ଖଳା ଦୃଷ୍ଟିରୁ ଅଭିଯୋଗକାରିଣୀ ମହିଳା ଡାକ୍ତରଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ଏମସିଏଚ ବିଲଡିଂ(ମା'ଓ ଶିଶୁ ହସ୍ପିଟାଲ)କୁ ବଦଳି କରାଯାଇଥିଲା। ଫେବୃୟାରୀ ପହିଲାରୁ ସେଠାରେ ସେ କାର୍ଯ୍ୟ କରିବା କଥା। ମାତ୍ର ସେ ଏଥିରେ ଉତ୍‌କ୍ଷିପ୍ତ ହୋଇ ଫୋନରେ ମୋତେ କାହିଁକି ସେଠାକୁ ବଦଳି କଲେ ବୋଲି ପଚାରିଥିଲେ। ପରେ ୪/୫ ଜଣ ସ୍ଥାନୀୟ ଯୁବକଙ୍କୁ ଧରି ମୋ ଅଫିସ ପ୍ରକୋଷ୍ଠରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଯାହାକି ସିସିଟିଭି ଫୁଟେଜରେ ରେକର୍ଡ ରହିଛି। ଏହାପରେ ଦନ୍ତ ବିଭାଗରେ ଥିବା ସମସ୍ତ ମହିଳା ଡାକ୍ତରଙ୍କ ମଧ୍ୟରେ ଗତ ୩ତାରିଖରେ ଗଣ୍ଡଗୋଳ ଘଟିଥିଲା। ଏଠାରେ ୨ଟି ଗୋଷ୍ଠୀରେ ଡାକ୍ତର ମୋ ବିରୋଧରେ ମିଥ୍ୟା ଆରୋପ ଲଗାଯାଇଥିବା ଏଡିଏମଓ ବଳ କହିଛନ୍ତି। ହେଲେ କିଏ ସତ କହୁଛି ତଦନ୍ତ ପରେ ସ୍ପଷ୍ଟ ହେବ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଘୋଡ଼ାବେପାର ମାମଲାରେ ରାଜ୍ୟପାଳଙ୍କୁ କ୍ଲିନ୍‌ଚିଟ୍

ରାଞ୍ଚି,୭।୪

ଓଡ଼ିଶା ରାଜ୍ୟପାଳ ତଥା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କୁ ଏକ ଘୋଡ଼ାବେପାର ମାମଲାରେ କ୍ଲିନ୍‌ଚିଟ୍ ମିଳିଛି। ୨୦୧୬ରେ ଅନୁଷ୍ଠିତ ରାଜ୍ୟ ସଭା ନିର୍ବାଚନରେ ଘୋଡ଼ାବେପାର କରିବା ଅଭିଯୋଗରେ ରଘୁବର ଅଭିଯୁକ୍ତ ଥିଲେ। ରାଞ୍ଚି ସ୍ୱତନ୍ତ୍ର କୋର୍ଟ (ଭିଜିଲାନ୍ସ) କ୍ଲୋଜର ରିପୋର୍ଟକୁ ଗ୍ରହଣ କରି ଏହି ମାମଲାକୁ ବନ୍ଦ କରିଦେଇଛନ୍ତି। ୨୦୧୮ ମାର୍ଚ୍ଚରେ ଗୃହ ବିଭାଗର ତତ୍କାଳୀନ ଅତିରିକ୍ତ ସଚିବଙ୍କ ଏତଲା କ୍ରମେ ଜଗନ୍ନାଥପୁର ଥାନାରେ ଏହି ମାମଲା ରୁଜୁ ହୋଇଥିଲା। ସେତେବେଳେ ରଘୁବର ଦାସଙ୍କ ରାଜନୈତିକ ପରାମର୍ଶଦାତା ଥିବା ଅଜୟ କୁମାର ଏବଂ ସିଆଇଡି ମହାନିର୍ଦ୍ଦେଶକ ଅନୁରାଗ ଗୁପ୍ତାଙ୍କୁ ଏଥିରେ ଅଭିଯୁକ୍ତ ଦର୍ଶାଯାଇଥିଲା। ପରବର୍ତ୍ତୀ ସମୟରେ ରଘୁବରଙ୍କ ନାମ ଏହି ମାମଲାରେ ଯୋଡ଼ାଯାଇଥିଲା। ବର୍କାଗାଓର କଂଗ୍ରେସ ବିଧାୟିକା ନିର୍ମଳା ଦେବୀଙ୍କୁ ରାଜ୍ୟ ସଭା ନିର୍ବାଚନ ବେଳେ ମତଦାନରୁ ବିରତ ରହିବାକୁ ରଘୁବରଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ପ୍ରବର୍ତ୍ତାଇବା ଅଭିଯୋଗ ହୋଇଥିଲା। ବର୍ତ୍ତମାନ ଝାଡ଼ଖଣ୍ଡ ଭାଜପା ସଭାପତି ଥିବା ବାବୁଲାଲ ମାରାଣ୍ଡି ସେତେବେଳେ ଝାଡ଼ଖଣ୍ଡ ବିକାଶ ମୋର୍ଚ୍ଚାର ଅଧ୍ୟକ୍ଷ ଥିଲେ। ଜୁନ୍ ୧୦ରେ ବାବୁଲାଲ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଏକ ସିଡୀ ଦାଖଲ କରିଥିଲେ। ଅନୁରାଗ, ଅଜୟ ଏବଂ ନିର୍ମଳାଙ୍କ ସ୍ୱାମୀ ତଥା ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ସାଓଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପର ରେକର୍ଡ ଏହି ଅଡିଓ ଟେପ୍‌ରେ ରହିଥିଲା। ସେମାନେ ଯୋଗେନ୍ଦ୍ରଙ୍କୁ ୫ କୋଟି ଟଙ୍କା ଯାଚିବା ସହ ତାଙ୍କ ବିରୋଧରେ ବିଚାରାଧୀନ ଥିବା ଅନେକ ଆପରାଧିକ ମାମଲା ପ୍ରତ୍ୟାହାର କରିନେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏହାର ଦିନକ ପରେ ଭାଜପା ପ୍ରାର୍ଥୀ ମୁଖ୍‌ତାର ଅବ୍ବାସ୍ ନକ୍‌ଭି ଓ ମହେଶ ପୋଦାର ଝାଡ଼ଖଣ୍ଡର ୨ ରାଜ୍ୟ ସଭା ଆସନରୁ ଉଚ୍ଚ ସଦନକୁ ନିର୍ବାଚିତ ହୋଇଥିଲେ। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର ବସନ୍ତ ସୋରେନ ନିର୍ବାଚନରେ ହାରିଯାଇଥିଲେ। ଭାଜପା ନିକଟରେ ଦ୍ୱିତୀୟ ପ୍ରାର୍ଥୀଙ୍କ ସପକ୍ଷରେ ପର୍ଯ୍ୟାପ୍ତ ଭୋଟ ନ ଥିବାରୁ ପୋଦାରଙ୍କ ବିଜୟ ସମସ୍ତଙ୍କୁ ବିସ୍ମିତ କରିଥିଲା। ତେବେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଦାଖଲ କରାଯାଇଥିବା ଅଭିଯୁକ୍ତମାନଙ୍କ ଭଏସ୍ ରେକର୍ଡିଂ ସମ୍ବଳିତ ସିଡୀରେ ଟାମ୍ପରିଂ କରାଯାଇଥିବା ନେଇ ଫୋରେନ୍ସିକ୍ ସାଇନ୍ସ ଲାବ୍ (ଏଫ୍‌ଏସ୍‌ଏଲ୍) ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରାଞ୍ଚି ପୋଲିସ ଗତ ଜାନୁଆରୀରେ ଏହି ମାମଲାକୁ ବନ୍ଦ କରିବା ପାଇଁ କ୍ଲୋଜର ରିପୋର୍ଟ ଦାଖଲ କରିଥିଲା। ରଘୁବର ୨୦୨୩ ଅକ୍ଟୋବର ୧୮ରେ ଓଡ଼ିଶାର ରାଜ୍ୟପାଳ ନିଯୁକ୍ତ ହୋଇଥିଲେ।

# ସୁନାପୁର ମେରାଇନ ଥାନାରେ ନିଆଁ

ବ୍ରହ୍ମପୁର, ୭।୪(ଅଶୋକ କୁମାର ସାହୁ)



ବ୍ରହ୍ମପୁର ପୋଲିସ ଜିଲା ସୁନାପୁର ମେରାଇନ ଥାନାରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଖବର ପାଇ କନିଷିରେ ଥିବା ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ଥାନା ଭିତରେ ଥିବା ପୋଲିସ କର୍ମଚାରୀ ରକ୍ଷା ପାଇଯାଇଛନ୍ତି।

ଅପରାହ୍ନରେ ମେରାଇନ ଥାନାର ଉପର ମହଲାରେ ପୋଲିସ କର୍ମଚାରୀମାନେ କାର୍ଯ୍ୟରେ ବ୍ୟସ୍ତ ଥିଲେ। ତଳ ମହଲାରେ ଥାନା ଅଧିକାରୀଙ୍କ ସମେତ କିଛି କର୍ମଚାରୀଙ୍କ ବାଇକ ଥିଲା। ଏହି ସମୟରେ ହଠାତ ବିଦ୍ୟୁତ ଶର୍ଟସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଇନଭର୍ଟରରେ ସଂଯୋଗ ହୋଇଯିବାରୁ ତାହା ବି ଜଳିବାରେ ଲାଗିଥିଲା। ଚାରିଆଡ଼େ ନିଆଁ ବ୍ୟାପିଯାଇ ଥାନା ଅଧିକାରୀଙ୍କ ବାଇକ୍ ଓ ଏକ ସ୍କୁଟି ଜଳି ଯାଇଥିଲା। ସ୍କୁଟିଟି ଏକ ମାମଲାରେ ଜବତ ହୋଇଥିବା ପୋଲିସ ତରଫରୁ ସୂଚନା ମିଳିଛି। ନିଆଁ ବ୍ୟାପୁଥିବା ଦେଖି କିଛି କର୍ମଚାରୀ ସାହସ କରି ନିକଟରେ ଥିବା ଆଉ ଏକ ବାଇକକୁ ସେଠାରୁ ବାହାର କରିନେଇଥିଲେ। ବାଇକ୍ ଓ ସ୍କୁଟି ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ବେଳେ ଥାନା ପରିସର ଧୂଆଁମୟ ହୋଇଯାଇଥିଲା। ସୌଭାଗ୍ୟବଶତଃ ଏହି ଘଟଣାରେ କୌଣସି ଗାଡ଼ିର ତେଲ ଟାଙ୍କି ବିସ୍ଫୋରଣ ହୋଇନାହିଁ। ନ ହେଲେ ବଡ ଧରଣର ଅଘଟଣ ଘଟିଥାନ୍ତା ବୋଲି କୁହାଯାଉଛି। ଅଗ୍ନିକାଣ୍ଡରେ ଇନଭର୍ଟର, ବିଦ୍ୟୁତ ତାର ସମ୍ପୂର୍ଣ୍ଣ ଜଳିଯାଇଛି। ସେହିପରି କୌଣସି ପୋଲିସ କର୍ମଚାରୀ ଆହତ ହୋଇ ନ ଥିବା ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀ କହିଛନ୍ତି।

# ଓଲଟିଲା ବରଯାତ୍ରୀ ଗାଡ଼ି: ୨୦ ଆହତ

ବଣାଇଁ, ୭।୪(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ଟିକାୟତପାଲି ଥାନା ଅନ୍ତର୍ଗତ ସରସରା ନିକଟରେ ରବିବାର ରାତି ସାଢ଼େ ୮ଟାରେ ଏକ ବରଯାତ୍ରୀ ଗାଡି ଭାରସାମ୍ୟ ହରାଇ ଓଲଟି ପଡିବାରୁ ୨୦ ଜଣ ଆହତ ହୋଇଛନ୍ତି। ଏହି ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ରବିବାର ବରଯାତ୍ରୀ ଗାଡି (ନଂ.ଓଡି ୧୪ ଭି ୩୮୮୦) ସରସରା ନିକଟ ବରଘାଟ ଅଞ୍ଚଳକୁ ଯାଉଥିଲା। ସରସରା ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ୪୦ରୁ ଊର୍ଦ୍ଧ୍ୱ ବରଯାତ୍ରୀ ଥିବା ଜଣାପଡିଛି। ଖବର ଲେଖା ହେବା ପର୍ଯ୍ୟନ୍ତ (ରାତି ୯ଟା) ଆହତଙ୍କ ପରିଚୟ ମିଳିପାରି ନାହିଁ। ଘଟଣାସ୍ଥଳରେ ଟିକାୟତପାଲି ପୋଲିସ ତଦନ୍ତ ଜାରି ରଖିଛି।

# ଫ୍ଲାଟ୍ ଭଡ଼ା ଦେବା ନାଁରେ ଠକେଇ, ଜଣେ ଗିରଫ

ଭୁବନେଶ୍ୱର,୭।୪ (ସୂର୍ଯ୍ୟକାନ୍ତ ବେହେରା)

ଏକ ଆପାର୍ଟମେଣ୍ଟରେ ଫ୍ଲାଟ୍ ଦେଖାଇଲେ। ଭଡା ବାବଦକୁ ଅନ୍‌ଲାଇନ ଜରିଆରେ ଅଗ୍ରୀମ ଟଙ୍କା ମଧ୍ୟ ନେଲେ। ହେଲେ ଫ୍ଲାଟ୍ ଭଡ଼ାରେ ଦେଇ ନ ଥିଲେ କି ନେଇଥିବା ଟଙ୍କା ଫେରାଇ ନ ଥିଲେ। ଏମିତି ଠକେଇ କରିଥିବା ଜଣେ ଯୁବକଙ୍କୁ ଇନ୍‌ଫୋସିଟି ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ରହୁଥିବା ପୁରୀ କଣାସ ଅଞ୍ଚଳର ଅଜୟ କୁମାର ସାହୁ। ତାଙ୍କଠାରୁ ଫୋନ ପେ' ଟ୍ରାଞ୍ଜାକ୍ସନ ସ୍ଲିପ୍ ଜବତ ହୋଇଛି।

ସୂଚନାନୁସାରେ, ଅଭିଯୋଗକାରୀ ସମ୍ବିତ କୁମାର ସ୍ୱାଇଁ ଓ ତାଙ୍କର ୨ଜଣ ବନ୍ଧୁ ଭଡାରେ ରହିବା ପାଇଁ ଫ୍ଲାଟ୍ ଖୋଜୁଥିଲେ। ଗତ ୨୬ ମାର୍ଚ୍ଚରେ ସେମାନେ ଭଡ଼ାରେ ଘର ଯୋଗାଉଥିବା ବ୍ରୋକର ଅଜୟଙ୍କୁ ଯୋଗାଯୋଗ କରିଥିଲେ। ଅଜୟ ସେମାନଙ୍କୁ ପଥରଗାଡିଆ ଛକସ୍ଥିତ କେଳୁଚରଣ ପାର୍କ ନିକଟରେ ଥିବା ଏକ ଆପାର୍ଟମେଣ୍ଟରେ ଗୋଟିଏ ୨ ବିଏଚ୍‌କେ ଫ୍ଲାଟ ଦେଖାଇ ଅଗ୍ରୀମ ୩୩ ହଜାର ଟଙ୍କା ନେଇ ଆଉ ଧରାଛୁଆଁ ଦେଇ ନ ଥିଲେ।

# ବନ୍ୟପ୍ରାଣୀ ଶିକାରୀଙ୍କୁ ୩ ବର୍ଷ ଜେଲଦଣ୍ଡ

## ଏସ୍‌ଟିଏଫ୍ ମାମଲାର ରାୟ

ଭୁବନେଶ୍ୱର,୭।୪(ସତ୍ୟଜିତ୍ ରାଉତ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)ର ଏକ ମାମଲାରେ ନୟାଗଡ଼ ଜିଲାର ଦଶପଲ୍ଲା ଜେଏମ୍‌ଏଫ୍‌ସି କୋର୍ଟ ଶନିବାର ରାୟ ପ୍ରକାଶ କରିଛନ୍ତି। ଜଣେ ବନ୍ୟପ୍ରାଣୀ ଶିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସେ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅନ୍ତର୍ଗତ ଭୋଗବାଡ଼ି ଗ୍ରାମର ଭାଗବତ ମାଝି ଓରଫ ରମେଶ (୩୫)। ଏଥିସହ ରମେଶଙ୍କୁ ୧୦ ହଜାର ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଥିବା ଉକ୍ତ ରାୟରେ ଉଲ୍ଲେଖ କରାଯାଇଛି।

ଏସ୍‌ଟିଏଫ୍ ଟିମ୍ ୨୦୨୨ରେ ଦଶପଲ୍ଲା ଅଞ୍ଚଳରେ ଚଢ଼ାଉ କରି ଦୋଷୀ ସାବ୍ୟସ୍ତ ରମେଶଙ୍କଠାରୁ ୨ କଲରାପତରିଆ ବାଘ ଛାଲ, ୧୧୫ ବଜ୍ରକାପ୍ତା କାତି, ୨ ଜଙ୍ଗଲୀ ବାରହା ଦାନ୍ତ, ଗୋଟିଏ ଲେଖାଏ ହରିଣ ଓ ଶାଳିଆପତନି ଛାଲ ଜବତ କରିଥିଲା। ଏସବୁକୁ ରମେଶ ଫୁଲବାଣୀର ଜଣେ ଡିଲରଙ୍କୁ ବିକ୍ରି କରିବାକୁ ଯୋଜନା କରୁଥିଲେ। ରମେଶଙ୍କୁ ଧରିବାକୁ ଏସ୍‌ଟିଏଫ୍ ପୂର୍ବପ୍ରସ୍ତୁତି କରିଥିଲା। ୨୦୨୨ ନଭେମ୍ବର ୪ରେ ନୟାଗଡ଼ ଜିଲା ମହାନଦୀ ବନ୍ୟପ୍ରାଣୀ ରେଞ୍ଜ (ପଶ୍ଚିମ) ଦଶପଲ୍ଲା ଥାନା ଅନ୍ତର୍ଗତ କୁଆଁରିଆ ଡ୍ୟାମ୍ ନିକଟରେ ବନବିଭାଗ ଅଧିକାରୀଙ୍କ ସହାୟତାରେ ଏସ୍‌ଟିଏଫ୍ ଚଢ଼ାଉ କରି ରମେଶଙ୍କୁ କାବୁ କରିଥିଲା। ଯାଞ୍ଚ ପରେ ତାଙ୍କ ପାଖରୁ ବନ୍ୟପ୍ରାଣୀ ସାମଗ୍ରୀ ଜବତ କରିଥିଲା। ଏ ସଂକ୍ରାନ୍ତରେ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା (ନଂ. ୨୫/୨୦୨୨) ରୁଜୁ କରାଯାଇ ରମେଶଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ରମେଶଙ୍କୁ ଦଶପଲ୍ଲା ସବଜେଲ୍‌କୁ ପଠାଇ ଦିଆଯାଇଥିଲା। ତେବେ ଶୁଣାଣି ସମୟରେ ୭ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ଶୁଣାଇଛନ୍ତି।

# କୀଟନାଶକ ପିଇ ଦମ୍ପତିଙ୍କ ଆତ୍ମହତ୍ୟା

## ପାରିବାରିକ କଳହ

ଖୁଣ୍ଟୁଣୀ, ୭।୪(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ମଥୁରାପୁର ଗ୍ରାମରେ ପାରିବାରିକ କଳହ ଯୋଗୁ କୀଟନାଶକ ପିଇ ରବିବାର ଦମ୍ପତି ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ଭୀମସେନ ସାହୁ (୬୫) ଓ ତାଙ୍କ ସ୍ତ୍ରୀ କୁନି ସାହୁ (୬୨)। ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଅମ୍ବିକା ପ୍ରସାଦ ଦାସଙ୍କ ସୂଚନା ଅନୁଯାୟୀ, କୁନି ବୋନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇ ଦୀର୍ଘଦିନ ହେବ କଷ୍ଟ ପାଉଥିଲେ। କିଛିଦିନ ହେବ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ତେଣୁ ସେ କୌଣସି କାମ ନ କରିପାରି ଘରେ ଶଯ୍ୟାଶାୟୀ ଥିଲେ। ଅଭାବୀ ସଂସାରକୁ ନେଇ ତାଙ୍କ ପୁଅ ଅଧିକାଂଶ ସମୟରେ କୁନି ଓ ଭୀମଙ୍କ ସହିତ ପାଟିତୁଣ୍ଡ ଏବଂ ମାର୍‌ପିଟ କରୁଥିଲେ। ଫଳରେ ଏହା ଅସହ୍ୟ ହୋଇପଡିଥିଲା। ତେଣୁ ଭୀମ କୀଟନାଶକ ଆଣି ନିଜେ ପିଇବା ସହିତ କୁନିଙ୍କୁ ପିଇବାକୁ ଦେଇଥିଲେ। ଉଭୟ ଛଟ୍‌ପଟ୍ ହେଉଥିବା ଦେଖି ପଡୋଶୀ ଓ ଭୀମଙ୍କ ଜ୍ୱାଇଁ ମିଶି ସେମାନଙ୍କୁ ଆଠଗଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ କୁନିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଭୀମଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖୁଣ୍ଟୁଣୀ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୨୪) ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଦାସ କହିଛନ୍ତି।

# ମହାନଦୀରେ ବୁଡ଼ି ଯୁବକ ମୃତ



## ଜେଜେଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଆସିଥିଲେ

କଟକ,୭।୪ (କାର୍ତ୍ତିକ ସାହୁଝ)

ମହାନଦୀର କଟକ ତୁଳସୀପୁର ହାତୀଗଡା ଘାଟରେ ରବିବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଏକ ଦୁଃଖଦ ଘଟଣା ଘଟିଛି। ଜେଜେଙ୍କ ଦଶାହ କର୍ମରେ ଶୁଦ୍ଧି ହେବାକୁ ଆସି ନାତି ମହାନଦୀରେ ବୁଡି ଯିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ କଟକ ସିଡିଏ ସେକ୍ଟର-୬ ଅଞ୍ଚଳର ରୂପକ ବାନାର୍ଜୀ(୨୨)। ସେ ଭୁବନେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ବି.ଟେକ୍ ପଢୁଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ୧୦ ଦିନ ତଳେ ରୂପକଙ୍କ ଜେଜେଙ୍କ ମୃତ୍ୟୁ ଘଟିଥିଲା। ରବିବାର ତାଙ୍କ ଦଶତୁଠ ଶୁଦ୍ଧି କର୍ମ ପାଇଁ ପରିବାରବର୍ଗ ଓ କୁଟୁମ୍ବ ମହାନଦୀର ହାତୀଗଡ଼ା ଘାଟରେ ଏକାଠି ହୋଇଥିଲେ। ଲୋକମାନେ ମୁଣ୍ଡନ ପରେ ମହାନଦୀରେ ଗାଧୋଉଥିଲେ। ହଠାତ୍ ରୂପକ ମହାନଦୀ ପାଣିରେ ବୁଡ଼ିଗଲେ ବୋଲି ପରିବାର ଲୋକ ପାଟି କରିଉଠିଲେ। ଏ ସମ୍ପର୍କରେ ତୁରନ୍ତ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ବିଡ଼ାନାସୀ ଓ ବକ୍ସିବଜାର ଦମକଳ ବାହିନୀ ପହଞ୍ଚି ପାଣି ଭିତରେ ଖୋଜାଖୋଜି ଆରମ୍ଭ କରିଥିଲେ। ପରେ ସ୍କୁବା ଡାଇଭର୍ ପାଣି ଭିତରେ ବୁଡ଼ି ଖୋଜିବା ସହ ଅତ୍ୟାଧୁନିକ ଅଣ୍ଡର ୱାଟର କ୍ୟାମେରା ସାହାଯ୍ୟରେ ପାଣି ଭିତରେ ଖୋଜାଯାଇଥିଲା। ଲାଇଫ୍ ବଏ, ଲାଇଫ୍ ଜ୍ୟାକେଟ୍, ବୋଟ୍ ଆଦି ବ୍ୟବହାର କରି ଅଗ୍ନିଶମ କର୍ମଚାରୀ ପାଣିରେ ଖୋଜାଖୋଜି କରିଥିଲେ। ପ୍ରାୟ ୪୫ ମିନିଟ୍ ପରେ ରୂପକଙ୍କୁ ପାଣିରୁ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା କହିଛନ୍ତି, ହାତୀଗଡ଼ା ଘାଟରେ ପ୍ରାୟ ୨୦ ଫୁଟ ଗଭୀର ଜଳ ରହିଛି। ମୃତ ଯୁବକ ଜଣକ ପହଁରା ଜାଣି ନ ଥିଲେ। ତେଣୁ ଏଭଳି ଅଘଟଣ ଘଟିଲା। ଅପରପକ୍ଷରେ କ୍ୟାଣ୍ଟନମେଣ୍ଟ ପୋଲିସ ଖବରପାଇ ସେଠାରେ ପହଞ୍ଚିଥିଲା।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋତ୍ସବରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ଡାକ୍ତରଖାନା ପାଖ ଛକ, ସମୟ: ସକାଳ ୮ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ: ବ୍ଲଡ ବ୍ୟାଙ୍କ, କ୍ୟାପିଟାଲ ହସ୍ପିଟାଲ, ସମୟ: ସକାଳ ୯ଟା ୩୦।
- କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ, ଭୁବନେଶ୍ୱର ପକ୍ଷରୁ କେଭିଏସ୍ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: କ୍ୟାମ୍ପସ ୧୧ ଅଡିଟୋରିୟମ୍, କିଟ୍ ୟୁନିଭର୍ସିଟି, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ରତ୍ନ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଙ୍ଗୀତ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- ସାପ୍ତାହିକ ଖବରକାଗଜ ଚିରସନ୍ଧାନ ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱାଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- କଲେଜ ଅଫ ଫାର୍ମାସ୍ୟୁଟିକାଲ ସାଇନ୍ସ, ପୁରୀ ମହାବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।
- ଗୋପ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶିତ, ସ୍ଥାନ: ଗୋପ ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## କଟକ
- ବିଜେଡି ବାରବାଟୀ-କଟକର କର୍ମୀ ସମ୍ମିଳନୀ, ସ୍ଥାନ- ସାରଳା ଭବନ, ସମୟ- ପୂର୍ବାହ୍ନ ୧୧ଟା।
- ଭାଜପା ବାରବାଟୀ-କଟକ ପକ୍ଷରୁ ଯୁବ ସଂକଳ୍ପ ସମାବେଶ, ସ୍ଥାନ: କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୫ଟା।
- ଶ୍ରୀ କୁମାର ଭାଇଙ୍କ ୭୭ତମ ଜୟନ୍ତୀ ଓ ଅଶୋଭନୀୟତା ନିରୋଧ ଦିବସ, ସ୍ଥାନ: କଟକ ବିଡାନାସୀସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସର, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଚନ୍ଦନେଶ୍ୱର ମହାଦେବଙ୍କ ୫ ଅର୍ଘ୍ୟ, ନୀତିକାନ୍ତି ପୂଜାପାଠ, କାମିନୀ ଠାକୁରାଣୀଙ୍କ କନ୍ୟା ସ୍ୱୀକୃତି, ସ୍ଥାନ: ଚନ୍ଦନେଶ୍ୱର ମନ୍ଦିର, ଭୋଗରାଇ, ସମୟ: ରାତି ୮ଟା।

## ଭଦ୍ରକ
- ବିଜେଡି ପକ୍ଷରୁ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଗଣିଜାଙ୍ଗ, ବନ୍ତ, ସମୟ: ଅପରାହ୍ନ ୪ଟା ୩୦।
- ବାରୁଣୀ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୁଣ୍ଡିକାଳୀ ପୀଠ, ମାଳିଅରୁଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବିଜେଡିର ସାଙ୍ଗଠନିକ ବୈଠକ, ସ୍ଥାନ: ଡିଗିପଡ଼ିଆ, ବନ୍ତ, ସମୟ: ଅପରାହ୍ନ ୫ଟା ୩୦।

## କେନ୍ଦୁଝର
- ଦଶମ ବାର୍ଷିକ ଯଜ୍ଞ ଏବଂ ଗୀତା ପାଠ, ସ୍ଥାନ: ବାଲିବରେଇ ନୂଆଗାଁ, ହାଟଡ଼ିହୀ, ସମୟ: ପ୍ରାତଃ ୫ ଟା ।
- ଆନନ୍ଦପୁର କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ଟୋଲଙ୍କପଡ଼ା, ଆନନ୍ଦପୁର, ସମୟ: ସକାଳ ୯ ଟା।
- ଆନନ୍ଦପୁର ପ୍ରେସ୍ ଫୋରମ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ସାଇଁକୁଳ ସିଦ୍ଧେଶ୍ୱର ମନ୍ଦିର ପରିସର, ଘସିପୁରା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ବାଇଲୋ, ଜଳସୁଆଁ, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୧ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ ଓ ନଗର ପରିକ୍ରମା, ସ୍ଥାନ: ପଥରପଦା, ମଦନପୁର, ଘସିପୁରା, ସମୟ: ଅପରାହ୍ନ ୪ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ, ସ୍ଥାନ: କୋଳିମାଟି, ଆନନ୍ଦପୁର, ସମୟ: ଅପରାହ୍ନ ୪ଟା।
- ପଣା ସଂକ୍ରାନ୍ତି ଉପଲକ୍ଷେ ମା' ମଙ୍ଗଳା ସେବା ସଂଗଠନର ପ୍ରସ୍ତୁତି ବୈଠକ, ସ୍ଥାନ: ମଙ୍ଗଳପୁର, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ଅଷ୍ଟମପ୍ରହର ନାମ ସଂକୀର୍ତ୍ତନ ଏବଂ ନଗର ପରିକ୍ରମା, ସ୍ଥାନ: ବଳଭଦ୍ରପୁର, ହାଟଡିହୀ, ସମୟ: ଅପରାହ୍ନ ୪ଟା।
- ଅଷ୍ଟପ୍ରହରୀ ନାମ ଯଜ୍ଞ ଓ ନଗର ପରିକ୍ରମା ସ୍ଥାନ: ପଦ୍ମପୁର, ଆନନ୍ଦପୁର, ସମୟ: ଅପରାହ୍ନ ୫ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ଶିଆପଡ଼ା, ବେଲବାହାଲି, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ, ସ୍ଥାନ: ଶିବ ନାରାୟଣପୁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ, ସ୍ଥାନ: ଟୋଲଙ୍କପଡ଼ା, ହରିଡ଼ାପାଳ, ଆନନ୍ଦପୁର, ସମୟ: ରାତି ୮ ଟା।

## ମୟୂରଭଞ୍ଜ
- କରଞ୍ଜିଆ ମହୋତ୍ସବ, ସ୍ଥାନ: ମିଳନ ପଡ଼ିଆ, କରଞ୍ଜିଆ, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ବୈଶ୍ୟ ମହିଳା ସଂଘର ଉଗାଦି ଉତ୍ସବ,ସ୍ଥାନ:ଖାସ୍ପା ସାହି, ସମୟ:ଅପରାହ୍ନ ୪ଟା।

## ଗଞ୍ଜାମ
- ବୈଷ୍ଣବ ଦୀକ୍ଷା ଗ୍ରହଣ, ନାମଜଜ୍ଞ ଆରମ୍ଭ, ସ୍ଥାନ:ତେନ୍ତୁଳିଆପଲ୍ଲୀ ଗ୍ରାମ, ଖଲ୍ଲିକୋଟ, ସମୟ:ସକାଳ ୮ ଟା।
- ଗାଲେରି ଧୂଳି ଦଣ୍ଡ, ସ୍ଥାନ: ଆସିକା ବ୍ଲକ କେନ୍ଦୁପଦର, ସମୟ: ଅପରାହ୍ନ ୧ ଟା।
- ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବ, ସ୍ଥାନ: ବେଲଗୁଣ୍ଠା ବ୍ଲକ ଗୋବରା, ସମୟ: ଅପରାହ୍ନ ୪ଟା।
- କବାଡ଼ି ଖେଳ ଉଦ୍‌ଯାପନ, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ ଟା।
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ୱାର୍ଡ ନଂ ୬, ସମୟ: ଅପରାହ୍ନ ୫ ଟା।
- ପ୍ରବଚକ ଦିବାକର ଦାଶଙ୍କ ପ୍ରବଚନ, ସ୍ଥାନ:ତେନ୍ତୁଳିଆ ଗ୍ରାମ, ଖଲ୍ଲିକୋଟ, ସମୟ:ସନ୍ଧ୍ୟା ୭ଟା।

## କନ୍ଧମାଳ
- ପଞ୍ଚୁଦଣ୍ଡ ମିଳନ କାର୍ଯ୍ୟକ୍ରମ, ସ୍ଥାନ:ସିମନବାଡି ମା' ଦୁର୍ଗା ପୂଜା ମଣ୍ଡପ ସାମନା, ସମୟ:ସନ୍ଧ୍ୟା ୫ଟା।
- ଅଷ୍ଟ ଶମ୍ଭୁ ମହା ମିଳନ, ସ୍ଥାନ: ଖଜୁରିପଡ଼ା ବ୍ଲକ ଝଗଡ଼ପଟା ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ଜିଲାପାଳଙ୍କ ଦ୍ୱାରା ଷ୍ଟ୍ରଙ୍ଗ ରୁମ୍ ପରିଦର୍ଶନ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ ଟା।

## କେନ୍ଦ୍ରାପଡ଼ା
- ଶ୍ରୀମଦ୍ ବାୟାବାବାଙ୍କ ଆଶ୍ରିତ ଶ୍ରଦ୍ଧାଳୁଙ୍କ ନାମଯଜ୍ଞ, ସ୍ଥାନ: ଖଦାଳସାହି, ବାବର, ସମୟ: ସକାଳ ୯ଟା।
- ବାରୁଣୀ ମହୋତ୍ସବ, ସ୍ଥାନ: ଇନ୍ଦୁପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ପଞ୍ଚମୁଖୀ ହନୁମାନ ପୂଜା କମିଟି ପକ୍ଷରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସକାଳ ୮ଟା।
- ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଖଡିଅଣ୍ଟା ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡିଆ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।

## ଯାଜପୁର
- ଓର୍‌ମସା ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ଜିଲା ସଦର ଡାକ୍ତରଖାନା( ନ୍ୟୁ ବିଲ୍ଡିଂ), ସମୟ: ସକାଳ ୯ଟା।

## ନୟାଗଡ଼
- ଦଶଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍‌ର ଖଳିସାହି ମେଳଣ ପଡ଼ିଆ, ସମୟ: ସକାଳ ୭ଟା।
- ଦଶଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି ମେଡ଼ିକାଲ ପଡ଼ିଆ, ସମୟ:ପୂର୍ବାହ୍ନ ୯ଟା।
- ଦଶଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ୍‌ର ବାଲୁଗାଁ ହାଟ ପଡ଼ିଆ, ସମୟ:ପୂର୍ବାହ୍ନ ୯ଟା।

## କୋରାପୁଟ
- କୋରାପୁଟରେ ମା' ବାଟମଙ୍ଗଳାଙ୍କ ନବଦିନ ବ୍ୟାପୀ ଘଟଯାତ୍ରା ଆରମ୍ଭ, ସ୍ଥାନ: ଅମଲାକୁଟିର ରୋଡ଼ସ୍ଥିତ ମା'ଙ୍କ ଅସ୍ଥାୟୀ ମଣ୍ଡପ, ସମୟ: ଅପରାହ୍ନ ୬ ଟା।
- ପଞ୍ଚୁଦଣ୍ଡ ମହାମିଳନ, ସ୍ଥାନ: ମାଥାଲପୁଟ ଦାମନଯୋଡି, ସମୟ: ସକାଳ ୮.୩୦।
- ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ଦାମନଯୋଡି, ନାଲ୍‌କୋ ଟାଉନଶିପ ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର
- ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୩ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ଜ୍ୟୋତିବିହାରସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- ଆଞ୍ଚଳିକ ରାମଲୀଳା ମହୋତ୍ସବ ଆରମ୍ଭ, ସ୍ଥାନ: ଜମନକିରା ବ୍ଲକ ଅନ୍ତର୍ଗତ କୁସୁମି ଗ୍ରାମ, ସମୟ: ରାତି ୧୦ଟା।

## ବଲାଙ୍ଗୀର
- ଶିକ୍ଷା ବିଭାଗ ତରଫରୁ ପ୍ରଧାନ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ସମ୍ପୃକ୍ତି ତାଲିମ ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୭ଟା।
- ତିନିଦିନିଆ ଏଫଏଲଏନ ତାଲିମ ଶିବିର ଆରମ୍ଭ, ସ୍ଥାନ: ଖପ୍ରାଖୋଲ ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୭ଟା।
- ବିଜେଡ଼ି କର୍ମୀଙ୍କ ବୈଠକ, ସ୍ଥାନ:ଟିଟିଲାଗଡ଼ ବିଜେଡ଼ି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ କୀର୍ତ୍ତନ ଧାରା ସମାରୋହ, ସ୍ଥାନ: ଲୋଇସିଂହା ବ୍ଲକ ଯୋଗୀସର୍ଡା ଯୋଗେଶ୍ୱର ଧାମ ପ୍ରାଙ୍ଗଣ, ସମୟ: ରାତି ୮ଟା।

## ସୁବର୍ଣ୍ଣପୁର
- ବହଳପଦର ପ୍ରିମିୟର ଲିଗ କ୍ରିକେଟର ଦ୍ୱିତୀୟ ସେମି ଫାଇନାଲ, ସ୍ଥାନ: ବହଳପଦର ଖେଳପଡିଆ, ବୀରମହାରାଜପୁର,ସମୟ: ସକାଳ ୮ ଟା।
- ଖଣ୍ଡହତା ପ୍ରିମୟର ଲିଗ କ୍ରିକେଟର ସପ୍ତମ ଦିବସ, ସ୍ଥାନ: ଖଣ୍ଡହତା ଖେଳପଡିଆ,ବୀରମହାରାଜପୁର, ସମୟ:ସକାଳ ୮ ଟା।
- ଚାରିଶମ୍ଭୁ ମହାମିଳନ ମହୋତ୍ସବ, ସ୍ଥାନ:କଳାପଥର(ନୂଆଗାଁ), ଉଲୁଣ୍ଡା,ସମୟ: ପୂର୍ବାହ୍ନ ୧୧ ଟା।
- ଚକାବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ପ୍ରାଥମିକ ବିଦ୍ୟାଳୟ ପରିସର, ବୀରମହାରାଜପୁର, ସମୟ: ସନ୍ଧ୍ୟା ୬ ଟା।
- ଝାମୁଯାତ୍ରା ଅବସରରେ ଷୋଳ ସୁଆଙ୍ଗ ନୃତ୍ୟ, ସ୍ଥାନ: ଅମରପାଲି,ବୀରମହାରାଜପୁର,ସମୟ: ରାତି ୧୧ଟା।

## ରାଉରକେଲା
- ଇଣ୍ଡିଆ ମେଣ୍ଟ ପକ୍ଷରୁ ମିଳିତ ଖବରଦାତା ସମ୍ମିଳନୀ, ସ୍ଥାନ: ରାଧିକା ହୋଟେଲ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ, ସ୍ଥାନ: ଜଗଦା ନବଜୀବନ ମଣ୍ଡଳ, ସମୟ: ସନ୍ଧ୍ୟା ୭ଟା।
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଆଦର୍ଶ ପାଠାଗାର, ସମୟ: ସକାଳ ୮ଟା।
- ରାତ୍ରିକାଳୀନ କ୍ରିକେଟ ମ୍ୟାଚ, ସ୍ଥାନ: ସେକ୍ଟର-୩ ବଲାଙ୍ଗୀର ବସ୍ତି, ସମୟ: ରାତ୍ରି ୮ଟା।
- ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା ରୌପ୍ୟ ଜୟନ୍ତୀ, ସ୍ଥାନ: ଝାରବନ୍ଧ, ସମୟ: ସକାଳ ୮ଟା।
- ବାସନ୍ତୀକ ନବଦିନାତ୍ମକ ମହୋତ୍ସବ, ସ୍ଥାନ: ମାଁ ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା ୩୦।
- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ପାଳନ, ସ୍ଥାନ: ରାଜବୋଡ଼ାସମ୍ବର ହାଇସ୍କୁଲ, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- ସେବାକାରୀ କିନ୍ନର ସଂଘର ଶୋଭାଯାତ୍ରା, ସ୍ଥାନ: ନର୍ଲାଠାରେ, ସମୟ: ସକାଳ ୯ଟା।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ନୂଆପଡା ସଦର ବ୍ଲକ ଟାନୱାଟ ପଞ୍ଚାୟତ ଲୁକୁପାଲି ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ।
- କଂଗ୍ରେସ ପକ୍ଷରୁ ବାଇକ୍ ରାଲି ଓ ସ୍ୱାଗତ ସମ୍ବର୍ଦ୍ଧନା ସଭା, ସ୍ଥାନ: ନୂଆପଡ଼ା ପୋଲିସ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଶ୍ରୀରାମ ମନ୍ଦିରରେ ତୁଳସୀ ରାମାୟଣ ପାରାୟଣ ଓ ପ୍ରବଚନ ଚତୁର୍ଥ ଦିବସ, ସ୍ଥାନ: ଦୁର୍ଗା ମଣ୍ଡପ,କଣ୍ଟାମାଳ, ସମୟ: ସକାଳ ୮ଟା।
- ଜୟ ମା' କନ୍ଧେନବୁଢୀ କ୍ରିକେଟ ଟୁର୍ନାମେଣ୍ଟର ଶୁଭାରମ୍ଭ, ସ୍ଥାନ: କଣ୍ଟାମାଳ ବ୍ଲକ ଉଡେର ଗ୍ରାମ ଖେଳପଡିଆ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦ୍ୱାଦଶ ସ୍ଥାନରେ ଏକାଧିକ ପାପଗ୍ରହ କାରଣରୁ ବିଭିନ୍ନ ସମସ୍ୟା ଓ ବିବାଦୀୟ ବିଷୟକୁ ନେଇ ଚିନ୍ତିତ ରହିବେ। ବନ୍ଧୁଟି ଘରକୁ ଫେରିବା ସମୟରେ ମନଦୁଃଖ କରି ବହୁତ ଅନୁରୋଧପୂର୍ଣ୍ଣ କଥା କହିପାରନ୍ତି। ଦିନଟିରେ କଠିନ ଶ୍ରମଜନିତ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଶୁକ୍ରଙ୍କ ପ୍ରଭାବରୁ ବନେଇ ଚୁନେଇ କଥା କହି କାମ ହାସଲ କରିପାରିବେ।

**ବୃଷ** ଲାଭସ୍ଥାନସ୍ଥ ଗ୍ରହ ପ୍ରଭାବରୁ ସାହାଯ୍ୟ, ସହଯୋଗ ଲାଭକରି ନିଜର ଅଭିଳଷିତ କାମ ହାସଲରେ ସମର୍ଥ ହେବେ। ପୁରାତନ ରୋଗୀମାନେ ପୀଡ଼ା ଅନୁଭବ କରିପାରନ୍ତି। ଅର୍ଥ ସାହାଯ୍ୟ ସମ୍ବନ୍ଧରେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ ତଥା ନିର୍ମାଣ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ଏକାଦଶସ୍ଥ ବୁଧ ଗୁରୁଜନିତ ସମସ୍ତ ବାଧାବିଘ୍ନ ଓ ପ୍ରତିବନ୍ଧକକୁ ପ୍ରତିହତ କରିବେ। ବନ୍ଧୁଙ୍କୁ ମନକଥା କହି ନ ପାରି ବ୍ୟଥିତ ହୋଇପାରନ୍ତି। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନରେ ବିଭିନ୍ନ ପ୍ରକାର ଆଶଙ୍କା ଜାଗ୍ରତ ହେବ। ଶିଳ୍ପ, ବ୍ୟବସାୟ, ପରିବହନ, ଯୋଗାଯୋଗ, ସଭାସମିତି, ସାହିତ୍ୟ ଚର୍ଚ୍ଚାରୁ ଆନନ୍ଦ ପାଇବେ।

**କର୍କଟ** ଶୁକ୍ରଙ୍କ ସ୍ଥିତିଜନିତ ପରିବାରର ବ୍ୟକ୍ତିଙ୍କ ମନରେ ସରସତା ଆଗଭଳି ରହିବ ନାହିଁ। ବାଣିଜ୍ୟ, ପରିବହନରେ ସ୍ଥିତି ଅନୁକୂଳ ହୋଇପାରେ। ପରିବାରର ଆବଶ୍ୟକତା ଅନୁଭବ କରି ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ବିବାଦର ଅବସାନ ଘଟିବ।

**ସିଂହ** ଅଷ୍ଟମସ୍ଥ ଧନାଧିପତି କାରଣରୁ ଟଙ୍କା ପଇସା ଯୋଗାଡ ପାଇଁ ଫନ୍ଦିଫିକର କରିବେ। ଫାଇଲପତ୍ର କିମ୍ବା ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ବନ୍ଧୁଙ୍କ କଥାକୁ ବିଶ୍ୱାସ କରି କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ପ୍ରଶାସନ, ବାଣିଜ୍ୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ବୃହସ୍ପତିଙ୍କ ଶୁଭ ଦୃଷ୍ଟିରୁ ପାରିବାରିକ କ୍ଷେତ୍ର ଉନ୍ନତ ରହିବା ସାଙ୍ଗକୁ ସନ୍ତାନଙ୍କ ଦ୍ୱାରା ଗୌରବ ଅନୁଭବ କରିବେ। ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟରୁ ସମସ୍ୟା ସମାଧାନ ହୋଇଯିବ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାରେ ପଡ଼ୋଶୀ ସାହାଯ୍ୟ କରିବେ। ବ୍ୟବସାୟ, ପ୍ରତିଯୋଗିତା, ଯାତ୍ରାଦିରେ ଲକ୍ଷ୍ୟ ହାସଲ କରିବେ।

**ତୁଳା** ଶନି ସହ ମଙ୍ଗଳଙ୍କ ଯୁକ୍ତିଜନିତ ବିଭିନ୍ନ ଆର୍ଥିକ ଅସୁବିଧା ଭିତରେ ଗତି କରିବାକୁ ପଡ଼ିବ। ପରିବାରରେ ଜଣେ ଆଗନ୍ତୁକ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ଅବନତି ଦିଗକୁ ଗତିକରିବ। ସଭା ସମିତିରେ, ଆନୁଷ୍ଠାନିକ କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ଭୁଲ ବୁଝାମଣା କାରଣରୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳକୁ ଯିବାରେ ଅସୁବିଧାର ସମ୍ମୁଖୀନ ହେବେ। ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବାରୁ ଲକ୍ଷ୍ୟଭ୍ରଷ୍ଟ ହୋଇପାରନ୍ତି।

**ଧନୁ** ଅନୁକୂଳ ଗ୍ରହସ୍ଥିତିରୁ ମାନସିକ ସୁସ୍ଥତା, ଶରୀରାରୋଗ୍ୟ, କର୍ମାରମ୍ଭ, ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ଲାଭ କରିବେ। ଧାତୁ, ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ପରିବହନ ଓ ଆନୁଷ୍ଠାନିକ କାମରୁ ମନ ଖୁସି ରହିବ।

**ମକର** ଭାଗ୍ୟ ସ୍ଥାନକୁ ଗ୍ରହଦୃଷ୍ଟି ଫଳରେ ଆଜି ଆପଣଙ୍କ ଉଦ୍ୟମ ନିଷ୍ଫଳ ହେବନାହିଁ। ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହେବା ଆଶା ରହିଛି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ରାଦିରେ ଉନ୍ନତି କରିବେ ଓ ପ୍ରଶଂସିତ ହେବେ। ଟିକିଏ ଟିକିଏ କଥାରେ ରାଗିଯିବା କାରଣରୁ କିଛି ସମସ୍ୟା ଆସିପାରେ।

**କୁମ୍ଭ** ଅର୍ଥବଳ ଓ ଯୁକ୍ତିଯୁକ୍ତ କଥା ଦ୍ୱାରା ଯେତେ ସମସ୍ୟା ଆସିଲେ ମଧ୍ୟ ସବୁ କିଛି ଠିକ୍ ହୋଇଯିବ। ବ୍ୟବସାୟ, ପରିବହନ, ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ।

**ମୀନ** ବୁଧ ଏବଂ ବୃହସ୍ପତିଙ୍କ ସଂଯୋଗ କାରଣରୁ ଅଭାବ ଓ ଅସୁବିଧା କ୍ରମଶଃ ଦୂରେଇଯିବ। ଆନୁଷ୍ଠାନିକ କାମରେ ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଆଜି ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ। କଠିନ ପରିଶ୍ରମ ଏବଂ କାର୍ଯ୍ୟବ୍ୟସ୍ତ ହେତୁ ସନ୍ଧ୍ୟାରେ ସାମାନ୍ୟ ଶାରୀରିକ ଅସୁସ୍ଥ ଅନୁଭବ କରିପାରନ୍ତି।

ଆଜି ଏପ୍ରିଲ ୮ ତାରିଖ, ଚୈତ୍ର ଅମାବାସ୍ୟା ସୋମବାର, ବିଶ୍ୱ ପରମ୍ପରା ଦିବସ(ରାହୁଗ୍ରସ୍ତ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ-ଭାରତ ତଥା ଓଡ଼ିଶାକୁ ଅଦୃଶ୍ୟ ହେତୁ ପାଳନୀୟ ନୁହେଁ ), ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର-ଦିବା ଘ.୧୦।୧୨ ମି.ଗତେ, ରେବତୀ/ମୀନ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୭ ଗତେ, ଘ.୦୭।୧୦ମଧ୍ୟେ, ଘ.୧୦।୩୪ ଗତେ, ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭।୧୦ ଗତେ, ଘ.୦୮।୪୩ ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ତାତିରୁ ଆଶ୍ୱସ୍ତି ...
ଓ ଅନ୍ୟ ୨ ଯୁବତୀଯୁବକ ପଶ୍ଚିମବଙ୍ଗ ନଦିଆ ଜିଲା କ୍ରିଷ୍ଣଗଞ୍ଜ ଥାନା ଅନ୍ତର୍ଗତ ଟୁଙ୍ଗା ଗ୍ରାମର ବୋଲି ଜଣାପଡ଼ିଛି। ସୋମବାର ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସହିତ ବିଜୁଳି, ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ସୋନପୁର, ସମ୍ବଲପୁର, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି ଓ ଅନୁଗୋଳ ଜିଲାରେ ବଜ୍ରପାତ ସହିତ ଝଡ଼ତୋଫାନ ହେବାର ଆଶଙ୍କା ରହିଛି। ଏଠାରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦କିମି ବେଗରେ ବହିବାର ସମ୍ଭାବନା ରହିଛି। ତେଣୁ ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ସୋମବାର ବର୍ଷାର ପରିମାଣ ବଢ଼ିପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରବିବାର ରାଜ୍ୟର ଗୋଟିଏ ଜିଲାରେ ୪୦ ଡିଗ୍ରୀ ଉପରେ ତାପମାତ୍ରା ରହିଥିଲା। ମାଲକାନଗିରିରେ ତାପମାତ୍ରା ସର୍ବାଧିକ ୪୧.୧ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଫୁଲବାଣୀରେ ୩୯.୭, ଭବାନୀପାଟଣା ଓ ବୌଦ୍ଧରେ ୩୯, ଭୁବନେଶ୍ୱରରେ ୩୭.୨ ଓ କଟକରେ ୩୫.୬ ଡିଗ୍ରୀ ରହିଥିଲା।

### ସଂଯୁକ୍ତତା, ସମନ୍ୱୟ ...
ଏହାର ଢାଞ୍ଚାରେ ଉନ୍ନତି କରାଯାଉଥିବାବେଳେ ସଂଯୁକ୍ତତା ଓ ସମନ୍ୱୟ ବଢ଼ାଇବା ପାଇଁ ପଦକ୍ଷେପ ନିଆଯାଉଛି। 'ଚିନ୍ତନ' ୩ ବାହିନୀ ମୁଖ୍ୟମାନଙ୍କର ପ୍ରଥମ ସମ୍ମିଳନୀ ହେବାକୁ ଯାଉଛି। ଏଥିରେ ପ୍ରତିରକ୍ଷା ବ୍ୟାପାର ବିଭାଗ, ମୁଖ୍ୟାଳୟ ସହ ସଂଶ୍ଳିଷ୍ଟ ପ୍ରତିରକ୍ଷା ଷ୍ଟାଫ୍ ଏବଂ ୩ ବାହିନୀର ଅଫିସର ତଥା ବିଭିନ୍ନ ସେବା ବିଭାଗର ଅଧିକାରୀ ଯୋଗଦେଇ ସେମାନଙ୍କ ବୁଝାମଣା ଓ ଅଭିଜ୍ଞତା ଆଧାରରେ ଏକତା ଓ ସମନ୍ୱୟ ଲକ୍ଷ୍ୟ ହାସଲ ଲାଗି ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୁପାରିସ କରିବେ ବୋଲି ବିବୃତିରେ କୁହାଯାଇଛି।

### ସ୍ତ୍ରୀଙ୍କୁ ହତ୍ୟା ...
ଦେଇଥିଲେ ବୋଲି କୋର୍ଟରେ ଜୋଶୁଆ ସ୍ୱୀକାର କରିଛନ୍ତି। ତେବେ ସ୍ତ୍ରୀ ବ୍ରେମଲୀଙ୍କୁ ହତ୍ୟା କରିବା ନେଇ ନିକୋଲାସ କୋର୍ଟରେ କୌଣସି କାରଣ ଦର୍ଶାଇ ନାହାନ୍ତି। କୋର୍ଟରେ ଶୁଣାଣି ସମୟରେ ବ୍ରେମଲୀଙ୍କ ମା' ଓ ଭଉଣୀ ନିକୋଲାସଙ୍କୁ ଜଣେ ରାକ୍ଷସ ପ୍ରବୃତ୍ତିର ବ୍ୟକ୍ତି କହି ସେ ଜବରଦସ୍ତ ବ୍ରେମ୍‌ଲୀଙ୍କୁ ବିବାହ କରିଥିବା କହିଥିଲେ। ଏହିଅପରାଧ ମାମଲାର ସୋମବାର ଦଣ୍ଡ ଘୋଷଣା କରାଯିବ।

### ଏନ୍‌ଆଇଏ ନାଁରେ ...
୨୬ ତାରିଖରେ ସାକ୍ଷାତ କରି ଏକ ତାଲିକା ଦେଇଥିଲେ ବୋଲି ଟିଏମ୍‌ସି ନେତା କୁନାଲ ଘୋଷ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ। ସାହସ ଥିଲେ ଭାଜପା ନେତାମାନେ ପ୍ରମାଣ ସହ ଏହି ଅଭିଯୋଗର ଖଣ୍ଡନ କରିବାକୁ କୁନାଲ ଆହ୍ୱାନ ଦେଇଛନ୍ତି। ନଚେତ୍ ଆମେ ଭାଜପା ନେତାଙ୍କ କଲ୍ ରେକର୍ଡ ଏବଂ ସିସିଟିଭି ଫୁଟେଜ୍ ସହ ୪୮ ଘଣ୍ଟା ମଧ୍ୟରେ ପ୍ରମାଣ ଉପସ୍ଥାପନ କରିବୁ ବୋଲି କୁନାଲ କହିଛନ୍ତି। ୨୦୨୨ର ଏକ ବାଣ ବିସ୍ଫୋରଣ ମାମଲାର ତଦନ୍ତ କଥା ଦେଢ଼ବର୍ଷ ପରେ ନିର୍ବାଚନର ଠିକ୍ ପୂର୍ବରୁ ଏନ୍‌ଆଇଏର ମନେ ପଡ଼ିଲା କିପରି ବୋଲି ଟିଏମ୍‌ସି ମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। କେନ୍ଦ୍ରୀୟ ଏଜେନ୍ସି ଜରିଆରେ ଟିଏମ୍‌ସି ନେତାମାନଙ୍କୁ ଗିରଫ କରିବା ଲାଗି ଭାଜପାର ଏହା ଏକ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି। ଏହାର ଜବାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଜଲପାଇଗୁଡ଼ିରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, ଟିଏମ୍‌ସି ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ବିରୋଧ କରୁଛି। ଏଥିଯୋଗୁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜୁଛି ବୋଲି ମମତାଙ୍କୁ ସେ ଟାର୍ଗେଟ କରିଛନ୍ତି।

### ଭବାନୀପାଟଣା ଜେଲରୁ ...
ଆକ୍ଟରେ ଗିରଫ ହୋଇ ଜେଲରେ ଥିଲେ। ଜଣେ ଗତ ଫେବୃଆରୀରେ ଆଉ ଜଣେ ମାର୍ଚ୍ଚରେ ଜେଲକୁ ଆସିଥିବା ଜଣାପଡିଛି। ଏ ନେଇ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଉଭୟ କଏଦୀଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିବା ପୋଲିସ ସୂଚନା ଦେଇଥିବା ବେଳେ ଏ ନେଇ ଜେଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବାଘ ଛାଲ ର୍‌ୟାକେଟ ଠାବ, ୭ ଗିରଫ

ଭୁବନେଶ୍ୱର, ୭।୪(ଅସମାପିକା ସାହୁ)

ବନ ବିଭାଗ ଏକ ବଡ଼ ଧରଣର ବାଘ ଛାଲ ରାକେଟକୁ ଠାବ କରିଛି। ଗଜପତି ଜିଲାରେ ସକ୍ରିୟ ଥିବା ଏହି ଆନ୍ତଃରାଜ୍ୟ ବାଘ ଛାଲ ର୍‌ୟାକେଟକୁ ଧରିବା ସହ ସମ୍ପୃକ୍ତ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫ କଲରାପତରିଆ ଛାଲ, ବଜ୍ରକାପ୍ତା କାତି ଓ ଗୋଟିଏ ଫିସିଙ୍ଗ କ୍ୟାଟ୍ ଏବଂ ଗୋଟିଏ ଲିଓପାର୍ଡ କ୍ୟାଟ ଛାଲକୁ ମଧ୍ୟ ବନ ବିଭାଗ ଜବତ କରିଛି। ଏ ନେଇ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ସୋସିଆଲ ମିଡିଆ 'ଏକ୍ସ'ରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ଗଜପତି ଜିଲା କୋର୍ଟକୁ ଚାଲାଣ କରାଯାଇଛି। ଏଥିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି, ର୍‌ୟାକେଟର ଚେର କେତେବାଟ ଲମ୍ବିଛି, ତାହା ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର କିଙ୍ଗପିନ ସମେତ ଅନ୍ୟ ସମସ୍ତ ଶିକାରୀ ଗିରଫ ହେବେ ବୋଲି ପିସିସିଏଫ୍ କହିଛନ୍ତି। ୨୪ଘଣ୍ଟିଆ ଅଭିଯାନରେ ଏହି ବଡ଼ ଧରଣର ରାକେଟ ଠାବ କରିଥିବାରୁ ବନ କର୍ମଚାରୀଙ୍କୁ ପିସିସିଏଫ୍ ଶୁଭେଚ୍ଛା ଜଣାଇଛନ୍ତି।

# ଅର୍ଚ୍ଚନା ନାୟକଙ୍କୁ ସାହିତ୍ୟ ଭାରତୀ ସମ୍ମାନ



ସମ୍ମାନ ପ୍ରଦାନ ସମାରୋହରେ ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭାଧାରୀ।

## ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନର ସମ୍ମାନ ପ୍ରଦାନ ସମାରୋହ

କଟକ,୭।୪ (କାର୍ତ୍ତିକ ସାହୁ)

ଭାବ, ଭାବନା ଓ ଶବ୍ଦର ଉପଯୁକ୍ତ ସଂଯୋଗରେ ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟି ହୁଏ। ବ୍ୟକ୍ତିର ସୃଜନଶୀଳତା ଓ ଅନ୍ତର୍ଚେତନାର ପରିପ୍ରକାଶ ଘଟେ ସାହିତ୍ୟରେ। ସାହିତ୍ୟ ମଧ୍ୟରେ ଆଶା, ବିଶ୍ୱାସର ଶକ୍ତି ଥାଏ। ସାହିତ୍ୟିକମାନଙ୍କୁ ସମ୍ମାନ ପ୍ରଦାନ କରିବା ଜାତିର କର୍ତ୍ତବ୍ୟ ତଥା ଦାୟିତ୍ୱ। ସାହିତ୍ୟର ଉତ୍ତରଣରେ ଗଙ୍ଗାଧର ରଥ ଫାଉଣ୍ଡେଶନର ଭୂମିକା ଅତୁଳନୀୟ। ଗୁଣାତ୍ମକ ସାହିତ୍ୟ ସୃଷ୍ଟି ଦିଗରେ ସାହିତ୍ୟିକମାନଙ୍କୁ ଏଭଳି ସମ୍ମାନ ଓ ପୁରସ୍କାର ନିଶ୍ଚିତ ଭାବେ ଅନୁପ୍ରେରିତ କରିବ ବୋଲି ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର କହିଛନ୍ତି। ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ରବିବାର ୨୯ତମ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଷ୍ଟିସ୍ ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକା ଡ. ଅର୍ଚ୍ଚନା ନାୟକଙ୍କୁ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏନେଇ ଡ. ନାୟକ କହିଛନ୍ତି, ସାହିତ୍ୟିକମାନଙ୍କୁ ଚିହ୍ନିବା ଓ ଚିହ୍ନାଇବାରେ ଆମର ଗୁରୁଦାୟିତ୍ୱ ରହିଛି। ସାହିତ୍ୟ ଆମ ଜୀବନକୁ ବହୁ ଭାବେ ପ୍ରଭାବିତ କରେ। ପ୍ରାକୃତିକ ପରିବେଶର ପ୍ରଭାବ ସାରସ୍ୱତ ସାଧନା ଉପରେ ପଡ଼ିଥାଏ। ପ୍ରତ୍ୟେକେ ସ୍ୱପ୍ନ ଦେଖିବାକୁ ଭୁଲନ୍ତୁ ନାହିଁ। ସାହିତ୍ୟ ହିଁ ମନରେ ବିଶ୍ୱାସ ଭରିଦେବ ବୋଲି ଡ. ନାୟକ କହିଛନ୍ତି। ସେହିପରି ମୁଖ୍ୟବକ୍ତା ସାହିତ୍ୟିକା ଡ. ଅପର୍ଣ୍ଣା ମହାନ୍ତି କହିଛନ୍ତି, ସାହିତ୍ୟ ଦୀପଟିଏ ପରି ଅନ୍ତରରୁ ଅନ୍ତରକୁ ସଞ୍ଚରିଯାଏ। ଫାଉଣ୍ଡେଶନର ପ୍ରତିଷ୍ଠାତାଙ୍କ ନାମରେ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ ସାମ୍ବାଦିକ ରବି ଦାସଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି କାବ୍ୟ ସାହିତ୍ୟରେ କବି ପ୍ରଭାକର ଶତପଥୀଙ୍କୁ ଭାନୁଜୀ ରାଓ ସ୍ମାରକୀ ପୁରସ୍କାର ଏବଂ କଥା ସାହିତ୍ୟରେ କଥାକାର ଗାୟତ୍ରୀ ସରାଫ୍‌ଙ୍କୁ ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସାରସ୍ୱତ ପ୍ରତିଭା ଅମରେନ୍ଦ୍ର ମାଧବ ଦାସ ଏବଂ ମାନସ ପଣ୍ଡାଙ୍କୁ ସୁବ୍ରତ ରଥ ସ୍ମାରକୀ ପୁରସ୍କାର ପ୍ରଦାନ କରଯାଇଥିଲା। ସମ୍ପାଦିକା ସୁସ୍ମିତା ରଥ ମଞ୍ଚାସୀନ ଥିଲେ।

ଫାଉଣ୍ଡେଶନର ଟ୍ରଷ୍ଟି ଡା. ଜୟନ୍ତ ରଥ ଏଥିରେ ଅଧକ୍ଷତା କରିଥିଲେ। ଉପଦେଷ୍ଟା ଡ. ବିଜୟାନନ୍ଦ ସିଂହ ଅତିଥି ପରିଚୟ, ଡା. ଅଳକା ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବନ୍ଦିତା ଆଚାର୍ଯ୍ୟ, ବିଦ୍ୟୁତ୍‌ମଞ୍ଜରୀ ପ୍ରଧାନ ଓ କମଳ ମାହୁନ୍ତ ମାନପତ୍ର ପାଠ କରିଥିଲେ। ଲିପ୍‌ସିତା ରଥ ସରସ୍ୱତୀ ବନ୍ଦନା ଗାନ କରିଥିଲେ। ନବକଳିକା ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ସୁଶାନ୍ତ କୁମାର ସାମଲଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟର ବରିଷ୍ଠ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଆଇନଜୀବୀ ସଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ୧୯୯୬ରୁ ଗଙ୍ଗାଧର ରଥଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସମ୍ମାନରେ ବହୁ ଯୋଗ୍ୟ ବ୍ୟକ୍ତି ସମ୍ମାନିତ ହୋଇଆସୁଛନ୍ତି।

# ବିଜେଡି ୩ ଚତୁର୍ଥାଂଶ ଆସନରେ ବାଜିମାତ୍ କରିବ: ପାଣ୍ଡିଆନ

ଭୁବନେଶ୍ୱର,୭।୪(ସୁନିତ୍ ମିଶ୍ର)



ବିଜେଡି ଏଥର ୧୪୭ ବିଧାନସଭା ଆସନ ମଧ୍ୟରୁ ୩ ଚତୁର୍ଥାଂଶ ଆସନରେ ରେକର୍ଡ ମାର୍ଜିନରେ ବାଜିମାତ୍ କରିବ ବୋଲି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆକଳନ କରିଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟସ୍ତରୀୟ କନ୍‌ଭେନଶନରେ ଯୋଗଦେଇ ପାଣ୍ଡିଆନ କହିଛନ୍ତି ଯେ, ଏଥର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେକର୍ଡ ମାର୍ଜିନରେ ବିଜୟୀ ହୋଇ ପୁଣିଥରେ ସରକାରକୁ ଆସୁଛନ୍ତି। ବିଜେଡି ୩ ଚତୁର୍ଥାଂଶ ଆସନରେ ବିଜୟୀ ହେବା ସୁନିଶ୍ଚିତ। ସେହିଭଳି ଲୋକ ସଭାରେ ମଧ୍ୟ ଗତଥରଠାରୁ ଦଳ ଭଲ ପ୍ରଦର୍ଶନ କରିବ। ସେଥିପାଇଁ ଲୋକଙ୍କଠାରୁ ବିଧାନସଭା ଏବଂ ଲୋକ ସଭା ପାଇଁ ଦୁଇଟି ଆଶୀର୍ବାଦ ଦରକାର। ୧୪୭ ବିଧାନସଭା ଓ ୨୧ ଲୋକ ସଭା ଆସନରେ ନବୀନ ପଟ୍ଟନାୟକ ଏବଂ ଶଙ୍ଖ ଚିହ୍ନ ହିଁ ଛିଡ଼ା ହୋଇଛି ବୋଲି ସେ କହିଛନ୍ତି। ବିକାଶ ଧାରାକୁ ଆହୁରି ଆଗକୁ ନେବା ପାଇଁ ନବୀନ ପଟ୍ଟନାୟକ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ହେବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ପାଣ୍ଡିଆନ ଆହୁରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ବିଚାରରେ ସଶକ୍ତ ଓ ନବୀନ ଓଡ଼ିଶା ଗଠନରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଶ୍ରମିକମାନେ ନେଇଥାଆନ୍ତି। ସବୁ ବିକାଶ କାମ ପଛରେ ଶ୍ରମିକଙ୍କ ହାତ ରହିଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଶ୍ରମିକମାନଙ୍କୁ ପ୍ରାଥମିକତା ଓ ସମ୍ମାନ ଦେଇ ଆସିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପିତା ବିଜୁ ପଟ୍ଟନାୟକ ଗୋଟେ ସମୟରେ ୧୧ଟଙ୍କାରୁ ୨୫ ଟଙ୍କାକୁ ଦୈନିକ ମଜୁରି ବୃଦ୍ଧି ପାଇଁ ଐତିହାସିକ ନିଷ୍ପତ୍ତି ନେଇଥିଲେ। ଏବେ ମଧ୍ୟ ନବୀନ ପଟ୍ଟନାୟକ ସର୍ବାଧିକ ୧୦୦ଟଙ୍କା ମଜୁରି ବୃଦ୍ଧି କରି ରେକର୍ଡ କରିଛନ୍ତି। ୨୦୧୯ରୁ ୨୦୨୪ ମଧ୍ୟରେ ବହୁ ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ରାଜ୍ୟରେ ଏବେ ୧୦ ହଜାରରୁ ଅଧିକ ମନ୍ଦିରର ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି। ପ୍ରତି ପଞ୍ଚାୟତରେ ଥିବା ସ୍କୁଲର ରୂପାନ୍ତରଣ କରାଯାଇଛି। ସ୍କୁଲରୁ ବ୍ଲାକବୋର୍ଡ ହଟାଇ ପିଲାଙ୍କୁ ସ୍ମାର୍ଟବୋର୍ଡ ଦିଆଯାଇଛି। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଲାବେଳକୁ ମହାନଦୀ ଉପରେ ମାତ୍ର ଗୋଟିଏ ପୋଲ ଥିଲା। ଏବେ ୬ରୁ ୭ଟି ପୋଲ ନିର୍ମାଣ ହେଲାଣି। କୋରାପୁଟ, ମୟୂରଭଞ୍ଜ, ଫୁଲବାଣୀ ଭଳି ସ୍ଥାନରେ ମେଡିକାଲ କଲେଜ ସ୍ଥାପନ ହେଲାଣି। କଟକର ରୂପରେଖ ବଦଳିଯାଇଛି। କଟକକୁ ଦେଖିଲେ ସ୍ୱପ୍ନଭଳି ଲାଗୁଛି। ତେବେ ଏ ସବୁ ଶ୍ରମିକମାନଙ୍କ ପାଇଁ ହିଁ ସମ୍ଭବ ହୋଇପାରିଛି। ବିଜୁ ଶ୍ରମିକ ସାମ୍ମୁଖ୍ୟର ଏହି ରାଜ୍ୟସ୍ତରୀୟ କନଭେନଶନରେ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ଭୁବନେଶ୍ୱର (ଉତ୍ତର)ବିଧାୟକ ସୁଶାନ୍ତ ରାଉତ, ବିଜୁ ଶ୍ରମିକ ସାମ୍ମୁଖ୍ୟର ସାଧାରଣ ସମ୍ପାଦକ ତଥା କଟକ ମେୟର ସୁବାସ ସିଂ, ଭୁବନେଶ୍ୱର ଲୋକ ସଭା ଆସନରୁ ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲାସ୍ତରୀୟ କର୍ମକର୍ତ୍ତା କନ୍‌ଭେନଶନରେ ଯୋଗ ଦେଇଥିଲେ।

# ବିଜେଡିରେ ଲେଖାଶ୍ରୀ



ଭୁବନେଶ୍ୱର,୭।୪(ସୁନିତ୍ ମିଶ୍ର)

## 'ଭାଜପା ନେତୃତ୍ୱଙ୍କ ପାଖରେ ବିଶ୍ୱାସ ଜନ୍ମେଇ ପାରିଲି ନାହିଁ'

ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ରବିବାର ଇସ୍ତଫା ଦେଇଥିବା ଲେଖାଶ୍ରୀ ସାମନ୍ତସିଂହାର ଅପରାହ୍ଣରେ ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍ଖ ଭବନଠାରେ ଆୟୋଜିତ ମିଶ୍ରଣପର୍ବରେ ରାଜ୍ୟ ସଭା ଏମ୍‌ପି ମାନସ ମଙ୍ଗରାଜ ଓ ସସ୍ମିତ ପାତ୍ର ଏବଂ ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନାଙ୍କ ଉପସ୍ଥିତିରେ ଲେଖାଶ୍ରୀ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡିରେ ଯୋଗଦେବା ପରେ ଲେଖାଶ୍ରୀ କହିଛନ୍ତି ଯେ, ତାଙ୍କର ଯେତିକି ଦକ୍ଷତା ଥିଲା, ସେହି ଅନୁସାରେ ସେ ୧୦ ବର୍ଷ ଧରି ଭାଜପା ପାଇଁ କାର୍ଯ୍ୟ କରିଛନ୍ତି। ଓଡ଼ିଶା ଏବଂ ରାଜ୍ୟବାସୀଙ୍କ ସେବା କରିବା ପାଇଁ ତାଙ୍କର ଯେଉଁ ବୃହତ୍ତର ଇଚ୍ଛା ଥିଲା, ତାହା ୧୦ ବର୍ଷ ପରେ ମଧ୍ୟ ଭାଜପାରେ ପୂରଣ ହୋଇପାରିଲା ନାହିଁ। ପ୍ରତିବଦ୍ଧତାର ସହିତ କଠିନ ପରିଶ୍ରମ କରିବା ସତ୍ତ୍ୱେ ଦଳୀୟ ନେତୃତ୍ୱଙ୍କ ନିକଟରେ ସେ ଆସ୍ଥାଭାଜନ ହୋଇପାରିଲେ ନାହିଁ। କୌଣସି କାରଣରୁ ତାଙ୍କ ଉପରେ ଭାଜପା ନେତୃତ୍ୱ ଭରସା କରିପାରିଲେ ନାହିଁ। ସେହି କଥା ଅନୁଭବ କରି ଭାଜପାରେ ତାଙ୍କର କାମ ସରିଯାଇଛି, ଆଉ କାମ କରିବାକୁ ସେଠାରେ ସୁଯୋଗ ନାହିଁ। ତେଣୁ ଆଗକୁ ଯିବା ପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଯାତ୍ରାରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି। ଲେଖାଶ୍ରୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନିଜର ଇସ୍ତଫା ସମ୍ପର୍କିତ ସୂଚନା ଦେଇଛନ୍ତି।

# 'ବିଜେଡିରେ ବୃଦ୍ଧି ପାଉଛି ଗୋଷ୍ଠୀବିବାଦ'

ସମ୍ବଲପୁର,୭।୪ (ପ୍ରମୋଦ ବହିଦାର)

## ସମ୍ବଲପୁର ଜିଲା

ପଶ୍ଚିମ ଓଡ଼ିଶାର ସମ୍ବଲପୁର ବିଧାନସଭା ଆସନ ସହିତ ରେଢ଼ାଖୋଲ ଓ କୁଚିଣ୍ଡା ବିଧାନସଭା ଆସନ ପାଇଁ ବିଜେଡି ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ଏହାକୁ ନେଇ ଆଶାୟୀ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ଏଭଳି ସ୍ଥିତିରେ ବିଜେଡିରେ ଗୋଷ୍ଠୀବିବାଦ ବୃଦ୍ଧି ପାଇଛି। ଏହା ନିର୍ବାଚନରେ ବିଜେଡି ପାଇଁ ଆତ୍ମଘାତୀ ସାବ୍ୟସ୍ତ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି।

ସମ୍ବଲପୁର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ପରେ ବିଜେଡିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି) ସମ୍ବଲପୁରର ଆରାଧ୍ୟା ଦେବୀ ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ଗ୍ରହଣ ପାଇଁ ସମ୍ବଲପୁର ଗସ୍ତରେ ଆସିଥିଲେ। ସେ ପୂର୍ବତନ ବିଧାୟକ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ସାକ୍ଷାତ ପାଇଁ ତାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଡା. ପାଣିଗ୍ରାହୀଙ୍କ ସମର୍ଥକମାନେ ତାଙ୍କ ସମ୍ମୁଖରେ ଖୋଲାଖୋଲି ଭାବେ ସମ୍ବଲପୁର ବିଧାନସଭା ଆସନ ପାଇଁ ଡା. ପାଣିଗ୍ରାହୀଙ୍କୁ ଦଳୀୟ ଟିକେଟ ଦାବି କରିଥିଲେ। ଖାଲି ସେତିକି ନୁହେଁ ସମର୍ଥକମାନେ ଡା. ପାଣିଗ୍ରାହୀଙ୍କୁ ଟିକେଟ ନ ମିଳିଲେ ନିରବ ରହିବେ ବୋଲି କହି ପରୋକ୍ଷରେ ଖୋଲାଖୋଲି ଭାବେ ନିର୍ବାଚନକୁ ବର୍ଜନ କରିବାର ଚେତାବନୀ ଦେଇଥିଲେ। ଅନୁରୂପ ଭାବେ ପର୍ଯ୍ୟାୟ କ୍ରମେ ଦଳରେ ଥିବା ଅନ୍ୟ ଟିକେଟ ଆଶାୟୀ ରେଢ଼ାଖୋଲ ବିଧାୟକ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ ରୋହିତ ପୂଜାରୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସଙ୍କ ସମର୍ଥକମାନେ ସାମୂହିକ ଭାବେ ନିଜନିଜ ପ୍ରିୟ ନେତାଙ୍କ ପାଇଁ ଟିକେଟ୍ ଦାବି କରିଛନ୍ତି। ସେହିପରି ରେଢ଼ାଖୋଲ ବିଧାନସଭା ଆସନ ପାଇଁ କେନ୍ଦୁପତ୍ର କର୍ମଚାରୀ କଲ୍ୟାଣ ବୋର୍ଡ ରାଜ୍ୟ ଉପଦେଷ୍ଟା ସଞ୍ଜିତ ମହାନ୍ତିଙ୍କ ସମର୍ଥକମାନେ ମଧ୍ୟ ନିଜ ପ୍ରିୟ ନେତାଙ୍କ ପାଇଁ ଟିକେଟ୍ ଦାବି କରିଥିଲେ। ଏପରିକି ରେଢ଼ାଖୋଲରେ ବାହାର ଜିଲାର ପ୍ରାର୍ଥୀ ପ୍ରସଙ୍ଗ ଉଠାଇ ଦଳୀୟ ସମର୍ଥକମାନେ ରେଢ଼ାଖୋଲ ବିଧାନସଭା ଆସନରେ ସ୍ଥାନୀୟ ନେତାଙ୍କୁ ଟିକେଟ ଦାବି କରିଥିବା ଆଦି ସମସ୍ତ ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଯାହା ଆଗାମୀ ନିର୍ବାଚନରେ ବିଜେଡିର ଭୋଟକୁ ପ୍ରଭାବିତ କରିବା ଆଶଙ୍କା ସୃଷ୍ଟି ହୋଇଛି।

# ବିଜେଡିରେ ଯୋଗଦେଲେ ଗଣେଶ୍ୱର



ଭୁବନେଶ୍ୱର, ୭।୪(ସୁନିତ୍ ମିଶ୍ର)

କଂଗ୍ରେସରୁ ୫ ଦିନ ତଳେ ଇସ୍ତଫା ଦେଇଥିବା ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ରବିବାର ବିଜେଡିରେ ମିଶିଛନ୍ତି। ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର, ବିଧାୟକ ପ୍ରତାପ ଜେନା ଓ ଶଶିଭୂଷଣ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ଗଣେଶ୍ୱର ତାଙ୍କର ଶତାଧିକ ସମର୍ଥକଙ୍କ ସହିତ ଆସି ଶଙ୍ଖ ଭବନରେ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡିରେ ଯୋଗଦେବା ପରେ ଗଣେଶ୍ୱର କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ, ଓଡ଼ିଶାର ବିକାଶରେ ନିଜର ସାମାନ୍ୟତମ ଅବଦାନ ରଖିବା ପାଇଁ ଏବଂ କେନ୍ଦ୍ରାପଡ଼ାର ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ଲାଗି ସେ ବିଜେଡିରେ ସାମିଲ ହୋଇଛନ୍ତି। ତେବେ ଚାଲିଥିବା ଚର୍ଚ୍ଚା ମୁତାବକ, କେନ୍ଦ୍ରାପଡ଼ା ବିଧାନସଭା ଆସନ ପାଇଁ ବିଜେଡି ଗଣେଶ୍ୱର ବେହେରାଙ୍କୁ ପ୍ରାର୍ଥୀ କରିପାରେ। ଶଶିଭୂଷଣ ବେହେରା ଏବେ କେନ୍ଦ୍ରାପଡ଼ା ବିଧାୟକ ଅଛନ୍ତି। ତାଙ୍କୁ ଦଳ ଏଥର ସେଠାରୁ ଟିକେଟ ଦେଇ ନ ପାରେ ବୋଲି କୁହାଯାଉଛି। ଗଣେଶ୍ୱରଙ୍କ ସମ୍ଭାବ୍ୟ ପ୍ରାର୍ଥିତ୍ୱକୁ ନେଇ କେନ୍ଦ୍ରାପଡ଼ା ବିଜେଡି ରାଜନୀତିରେ ଏବେଠାରୁ ବିଦ୍ରୋହ ଦେଖାଦେଇଛି। ବିଜେଡି ବିଧାୟକ ପ୍ରାର୍ଥୀ ଆଶାୟୀମାନେ ଏନେଇ ଦଳୀୟ ନେତୃତ୍ୱଙ୍କୁ ଚେତାବନୀ ଦେଇସାରିଛନ୍ତି। ଦଳ ଭିତରୁ ସ୍ଥାନୀୟ ଅଞ୍ଚଳର ଯେକୌଣସି ନେତାଙ୍କୁ ପ୍ରାର୍ଥୀ କରିବାକୁ ସେମାନେ ଦାବି କରିଛନ୍ତି। ଗଣେଶ୍ୱର ପଟ୍ଟାମୁଣ୍ଡାଇ ଆସନରୁ କଂଗ୍ରେସ ଟିକେଟରେ ୧୯୮୫ରୁ ୧୯୯୦ ଓ ୧୯୯୫ରୁ ୨୦୦୦ ପର୍ଯ୍ୟନ୍ତ ୨ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୦ରେ ସେ ପଟ୍ଟାମୁଣ୍ଡାଇରୁ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିବା ବେଳେ ୨୦୦୯, ୨୦୧୪ ଓ ୨୦୧୯ରେ କେନ୍ଦ୍ରାପଡ଼ା ଆସନରୁ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀଙ୍କଠାରୁ ପରାସ୍ତ ହୋଇଥିଲେ। କଂଗ୍ରେସରୁ ଇସ୍ତଫା ଦେବା ପରେ ଗଣେଶ୍ୱର କହିଥିଲେ, ୨୦୨୪ ନିର୍ବାଚନ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏ ନିର୍ବାଚନ ଜିତିବାକୁ ପଡ଼ିବ। ବିଧାନସଭା ଯିବା ଲକ୍ଷ୍ୟ ପୂରଣ ପାଇଁ ଏହି ନିଷ୍ପତ୍ତି ନେଇଛି ବୋଲି ସେ କହିଥିଲେ।

# ମହିଳା କାର୍ଡ ଖେଳିପାରେ ବିଜେଡି

ବାଲେଶ୍ୱର,୭।୪(ମାନସ ବିଶ୍ୱାଳ)

## ବାଲେଶ୍ୱର ଲୋକ ସଭା ଆସନ

ବାଲେଶ୍ୱରକୁ ଛାଡ଼ିଦେଲେ ରାଜ୍ୟର ୨୦ଟି ଲୋକସଭା ଆସନରେ ବିଜେଡି ପ୍ରାର୍ଥୀ ଘୋଷଣା କରିସାରିଛି। ଲୋକସଭା ପ୍ରାର୍ଥୀ ଘୋଷଣା ନ ହେବା ଯୋଗୁ ଜିଲାର ବିଧାନସଭା ଆସନଗୁଡ଼ିକ ଲାଗି ପ୍ରାର୍ଥୀ ଘୋଷଣା ବିଳମ୍ବ ହେଉଥିବା କୁହାଯାଉଛି। ଦଳ ଏଠାରେ ଜଣେ ମହିଳାଙ୍କୁ ଏମ୍‌ପି ପ୍ରାର୍ଥୀ କରି ମହିଳା କାର୍ଡ ଖେଳିପାରେ ବୋଲି ଚର୍ଚ୍ଚା ହେଉଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ଭାଜପା ପ୍ରାର୍ଥୀ ଘୋଷଣା କରିଛି। କଂଗ୍ରେସର ଗତଥର ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଟିକେଟ ଦୌଡ଼ରୁ ଓହରିବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରାର୍ଥୀ ହେବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ତେଣୁ ବିଜେଡି ଜଣେ ପ୍ରଭାବଶାଳୀ ନେତାଙ୍କୁ ଖୋଜୁଛି। ଶେଷରେ ବିଜେଡି ବାଲେଶ୍ୱରରେ ଜଣେ ମହିଳାଙ୍କୁ ମଇଦାନକୁ ଆଣିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ରବିବାର ବିଜେଡିରେ ଯୋଗ ଦେବା ପରେ ଏହି ଆଶଙ୍କା ଦୃଢ଼ୀଭୂତ ହୋଇଛି।

ବିଜେଡି ସର୍ବଦା ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଇଆସିଛି। ଚଳିତ ନିର୍ବାଚନରେ ଦଳ ବରଗଡ଼, କୋରାପୁଟ, ଆସିକା, ଜଗତସିଂହପୁର, ଯାଜପୁର ଓ ଭଦ୍ରକ ଭଳି ୬ଟି ଲୋକସଭା ଆସନ ପାଇଁ ମହିଳା ପ୍ରାର୍ଥୀ ଘୋଷଣା କରିସାରିଛି। ରାଜ୍ୟରେ ମୋଟ ଲୋକସଭା ଆସନ ୨୧ର ଏକ ତୃତୀୟାଂଶ ସଂଖ୍ୟା ହେଉଛି ୭। ତେଣୁ ବିଜେଡି ବାଲେଶ୍ୱର ଆସନରେ ମହିଳା ପ୍ରାର୍ଥୀ ଦେଇ ନାରୀ ସଶକ୍ତୀକରଣକୁ ଏଥର ନିର୍ବାଚନ ପ୍ରସଙ୍ଗ କରି ଭାଜପାକୁ ରାଜ୍ୟବ୍ୟାପୀ ଘେରିପାରେ ବୋଲି କୁହାଯାଉଛି। କାରଣ ଭାଜପା ମାତ୍ର ଦୁଇଟି ସ୍ଥାନରେ ମହିଳା ପ୍ରାର୍ଥୀ ଦେଇଛି। ପୂର୍ବତନ ଜିଲା ପରିଷଦ ସଭାପତି ନିବେଦିତା ମହାନ୍ତି, ଖ୍ୟାତନାମା ଐତିହାସିକ ଡ. ମନ୍ମଥ ନାଥ ଦାସ ଓ ଯଶସ୍ୱୀ ଲେଖକ ମନୋଜ ଦାସଙ୍କ ବୋହୂ ଡା. ରଞ୍ଜିତା ଦାସଙ୍କ ସହ ଆଉ କେତେଜଣ ମହିଳାଙ୍କ ଉପରେ ବିଚାର ବିମର୍ଶ କରି ବିଜେଡି ଜଣେ ମହିଳାଙ୍କୁ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି।

## ନୋଟିସ

ଏତଦ୍ୱାରା ସମସ୍ତଙ୍କୁ ଜଣାଇ ଦିଆଯାଉଅଛି କି ଓଡ଼ିଶା ଆୟୁର୍ବିଜ୍ଞାନ ପଞ୍ଜୀକରଣ ପରିଷଦ (OCMR)ରେ ପଞ୍ଜୀକରଣ କରିଥିବା ସମସ୍ତ ଏଲୋପାଥିକ (ସରକାରୀ ଓ ବେସରକାରୀ) ଡାକ୍ତରମାନଙ୍କର ଗୋଟିଏ ସାରଣୀ OCMR website-**www.medicalcouncil.odisha.gov.in**ରେ ଉପଲବ୍ଧ ଅଛି। ସମସ୍ତେ ଏହାର ସଦୁପଯୋଗ କରି ନିଜ ଡାକ୍ତରଙ୍କ ପଞ୍ଜୀକରଣ ବିଷୟରେ ଜାଣନ୍ତୁ।

Registrar
Odisha Council of Medical Registration

## ସୂଚନା

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ସୂଚୀତ କରାଯାଉଛି ଯେ, ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲା ସ୍ଥିତ ଚଣ୍ଡିହାଟ ମୌଜାଠାରେ ୫୨,୫୪୧.୦୫ବର୍ଗମିଟର ଅଞ୍ଚଳରେ ପ୍ରସ୍ତାବିତ ବାଗଚୀ-ଶ୍ରୀ ଶଙ୍କରା କ୍ୟାନ୍ସର ସେଣ୍ଟର ଓ ଗବେଷଣା କେନ୍ଦ୍ର ଭବନ ନିର୍ମାଣ ପାଇଁ ମେସର୍ସ ଶଙ୍କର କ୍ୟାନ୍ସର ଫାଉଣ୍ଡେସନ ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (**SEIAA**), ଓଡ଼ିଶାଙ୍କ ଠାରୁ ପରିବେଶ ମଞ୍ଜୁରି ହାସଲ କରିଛନ୍ତି।

ଉକ୍ତ ଫାଇଲ ସଂଖ୍ୟା ୨୩୯୧୪୮/୫୮-ଏମ୍.ଆଇ.ଏସ୍/୧୧-୨୦୨୧, ତାରିଖ ୦୬ ଜାନୁଆରୀ ୨୦୨୨ର ଏକ ପ୍ରତିଲିପି **SEIAA**ର ୱେବସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ।

ଶଙ୍କର କ୍ୟାନ୍ସର ଫାଉଣ୍ଡେସନ୍

# ଭାଜପା, କଂଗ୍ରେସ ପ୍ରାର୍ଥୀଙ୍କ ନାଁ ଘୋଷଣାକୁ ଅପେକ୍ଷା

କଟକ,୭।୪(ଶିଳ୍ପା ପ୍ରିୟଦର୍ଶିନୀ)

## ବାରବାଟୀ-କଟକ

କଟକରେ ରାଜନୈତିକ ପାଣିପାଗ ଉଷ୍ମ ହେବାରେ ଲାଗିଛି। ବାରବାଟୀ-କଟକ ପାଇଁ ବିଜେଡି ପକ୍ଷରୁ ୨ ଦିନ ତଳେ ପ୍ରକାଶ ବେହେରାଙ୍କ ନାମ ଘୋଷଣା କରାଯାଇଛି। ହେଲେ ଏପର୍ଯ୍ୟନ୍ତ ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ। ବିଜେଡି ପ୍ରଥମେ କଟକ ଲୋକ ସଭା ପ୍ରାର୍ଥୀ ଭାବେ ସନ୍ତୃପ୍ତ ମିଶ୍ରଙ୍କ ନାମ ଘୋଷଣା କରିଥିଲା। ଏହାର ଗୋଟିଏ ଦିନ ପରେ ଭାଜପା କଟକ ଲୋକ ସଭା ପ୍ରାର୍ଥୀ ଭାବେ ଭର୍ତ୍ତୃହରି ମହତାବଙ୍କ ନାମ ଘୋଷଣା କରିଥିଲା। ହେଲେ କଂଗ୍ରେସ କାହାକୁ ଲୋକ ସଭା ପ୍ରାର୍ଥୀ କରିବ ସେ ସମ୍ପର୍କରେ ସ୍ପଷ୍ଟ ହୋଇନାହିଁ।

କଟକ ଜିଲାର ୯ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୭ଟି(କଟକ-ସଦର, ଚୌଦ୍ୱାର-କଟକ, ବାଙ୍କୀ, ଆଠଗଡ଼, ନିଆଳି, ବଡ଼ମ୍ବା ଓ ମାହାଙ୍ଗା)ରେ ଭାଜପା ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା। ଠିକ୍ ଏହାର ପରଦିନ ବିଜେଡି ପକ୍ଷରୁ ସାଲେପୁର ଓ ବାରବାଟୀ-କଟକ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ହେଲେ ଏପର୍ଯ୍ୟନ୍ତ ବାରବାଟୀ-କଟକ ପାଇଁ ଭାଜପା କାହିଁକି ପ୍ରାର୍ଥୀଙ୍କ ନାମ ଘୋଷଣା କରୁନାହିଁ ତାହାକୁ ନେଇ ଲୋକେ ତର୍ଜମା କରୁଛନ୍ତି। ଅପରପକ୍ଷରେ ନାମ ଘୋଷଣା ପରେ ଦୁଇଦିନ ହେବ ପ୍ରକାଶ ବେହେରା ଦଳର ନେତୃବୃନ୍ଦଙ୍କୁ ଭେଟି ନିର୍ବାଚନ ସମ୍ପର୍କରେ ଆଲୋଚନା ଚଳାଇଛନ୍ତି। ପୂର୍ବରୁ ଭାଜପାରେ ଥିବା ପ୍ରକାଶଙ୍କୁ ବିଜେଡି ଆମଦାନୀ କରି ବାରବାଟୀ-କଟକରେ ଲଢ଼ିବା ପାଇଁ ପ୍ରସ୍ତୁତ କରୁଥିବାବେଳେ ଏହି ପ୍ରକ୍ରିୟାକୁ ଭାଜପା ଆପଣାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ କହିଛନ୍ତି, ବାରବାଟୀ-କଟକ ପାଇଁ ନେତା କିପରି ହେବ ସେ ସମ୍ପର୍କରେ ଭୋଟର ନିଷ୍ପତ୍ତି ନିଅନ୍ତି। ବିଜେଡିର କୌଣସି ଧାରାକୁ ଭାଜପା ଆପଣାଇ ନାହିଁ। ଖୁବ୍‌ଶୀଘ୍ର ବାବରାଟୀ-କଟକ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ଭାଜପା କୌଣସି ମତେ ନେତାଙ୍କୁ ଆମଦାନୀ କରି ବାରବାଟୀ-କଟକରେ ଲଢ଼ିବାକୁ ଦେବନାହିଁ। ଖୋଦ୍ କଟକିଆ ନେତାଙ୍କୁ ଭାଜପା ଏଠାରେ ପ୍ରାର୍ଥୀ କରିବ। ପୂର୍ବରୁ ଯିଏ ଭୋଟରଙ୍କ ନିକଟତର ହୋଇରହିଛନ୍ତି।

ସୂଚନାନୁଯାୟୀ, ବାରବାଟୀ-କଟକ ଭାଜପାର ବିଧାନସଭା ଟିକେଟକୁ ନେଇ ଦ୍ୱନ୍ଦ୍ୱ ଲାଗିରହିଛି। ଭାଜପାରେ ପୂର୍ବରୁ ଆଶାୟୀଙ୍କ ଲମ୍ବା ତାଲିକା ରହିଥିବାବେଳେ ଦଳରେ ନୂଆ କରି ଅରିନ୍ଦମ ରାଏ ଓ ଅନୁଭବ ମହାନ୍ତି ଯୋଗଦେଇଛନ୍ତି। ଅରିନ୍ଦମଙ୍କୁ ପ୍ରଚାରରେ ଅନ୍ୟ ସ୍ଥାନରେ ଦେଖିବାକୁ ମିଳିଥିବାବେଳେ ଦଳରେ ଯୋଗଦେବା ପରେ ଗାଏବ ହୋଇ ଯାଇଛନ୍ତି ଅନୁଭବ। ଅପରପକ୍ଷରେ କଂଗ୍ରେସ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ ତୃଣମୂଳସ୍ତରରେ ଲୋକଙ୍କ ସହିତ ଯୋଡି ହୋଇ କାମ କରୁଛନ୍ତି। ତେଣୁ କଂଗ୍ରେସ ପକ୍ଷରୁ ତାଙ୍କୁ ଟିକେଟ୍ ମିଳିବା ନେଇ ଚର୍ଚ୍ଚା ହେଉଛି।

# ନିର୍ବାଚନ ଲଢ଼ିବାକୁ ନେତା ପାଉନାହାନ୍ତି ବିଜେଡି, ଭାଜପା: କଂଗ୍ରେସ

ଭୁବନେଶ୍ୱର,୭।୪(ସୁନିତ୍ ମିଶ୍ର)

ନିର୍ବାଚନ ଲଢ଼ିବା ପାଇଁ ବିଜେଡି ଓ ଭାଜପା ନେତା ପାଉନାହାନ୍ତି, ସେଥିଲାଗି କଂଗ୍ରେସରୁ ନେତାଙ୍କୁ ନେଇ ଟିକେଟ ଦେଉଛନ୍ତି। କଂଗ୍ରେସ ନେତା ଗଣେଶ୍ୱର ବେହେରା ବିଜେଡିରେ ମିଶିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି।

କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱରଞ୍ଜନ କହିଛନ୍ତି ଯେ, ଅନେକ ନେତାଙ୍କୁ କଂଗ୍ରେସ ପରିଚୟ ଦେଇଛି। ଗଣେଶ୍ୱର ବେହେରା ମଧ୍ୟ କଂଗ୍ରେସ ଦ୍ୱାରା ପରିଚିତ ହୋଇଛନ୍ତି। କଂଗ୍ରେସ ତାଙ୍କ ପ୍ରତି କୌଣସି ଅନ୍ୟାୟ କରିନାହିଁ। ତାଙ୍କୁ ନେତା କରିକି କଂଗ୍ରେସ ଛାଡ଼ିଛି। ହେଲେ ସେ ଦଳ ଛାଡ଼ି ଯାଇଛନ୍ତି। ତେଣୁ ଦଳକୁ ସେ ଅଞ୍ଚଳରେ ସାମୟିକ କ୍ଷତି ହୋଇପାରେ, ହେଲେ ସେଠାରେ କିନ୍ତୁ ଅନେକ ମଜଭୁତ ନେତା ଅଛନ୍ତି, ଯେଉଁମାନେ ନ୍ୟାୟ ପାଉ ନ ଥିଲେ। କାରଣ ଆମେ ଜଣେ ନେତାଙ୍କୁ ସେଠି ଏଷ୍ଟାବ୍ଲିଶ୍ କରିଥିଲୁ। କେନ୍ଦ୍ରାପଡ଼ାରେ ଅନେକ ନେତା ଅଛନ୍ତି, ଯେଉଁମାନେ ଲୋକଙ୍କ ପାଖକୁ ଯିବେ ଏବଂ ସେବା କରିବେ ଓ ଜନତାଙ୍କ ବିଶ୍ୱାସଭାଜନ ହେବେ। ଯେଉଁମାନେ ମଧ୍ୟ ଦଳ ଛାଡୁଛନ୍ତି, କଂଗ୍ରେସ କାହା ପ୍ରତି ଅନ୍ୟାୟ କରିନାହିଁ। ସେମାନେ ନିଜର ବ୍ୟକ୍ତିଗତ ମହତ ଆକାଂକ୍ଷା ଓ ନିଜସ୍ୱ ସ୍ୱାର୍ଥ ପାଇଁ ଦଳ ଛାଡ଼ିଛନ୍ତି ବୋଲି ସେ କହିଛନ୍ତି।

# ଶଙ୍ଖ ଛାଡ଼ିଲେ କୃଷ୍ଣଚନ୍ଦ୍ର

## ମୋରଡ଼ାରେ ଦଳୀୟ ପ୍ରାର୍ଥୀଙ୍କୁ ବିରୋଧ



ମୋରଡ଼ା,୭।୪(ସ୍ମାରକ ମାଜୀ)

ନିର୍ବାଚନ ଯେତେ ପାଖେଇ ଆସୁଛି ମୟୂରଭଞ୍ଜ ଜିଲା ମୋରଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ସେତେ ବୃଦ୍ଧି ପାଇବାରେ ଲାଗିଛି। ବିଧାୟକ ରାଜକିଶୋର ଦାସଙ୍କ ସ୍ତ୍ରୀ ପ୍ରତିନନ୍ଦା କାନୁନ୍‌ଗୋଙ୍କୁ ବିଜେଡି ଏଠାରେ ପ୍ରାର୍ଥୀ କରିଥିବା ବେଳେ ଦଳ ମଧ୍ୟରେ ବିଦ୍ରୋହ ଦେଖିବାକୁ ମିଳିଛି। ଦଳର ଅସନ୍ତୁଷ୍ଟ ନେତା ଓ କର୍ମୀ ତାଙ୍କୁ ବିରୋଧ କରିବାରେ ଲାଗିଛନ୍ତି। ଦୀର୍ଘବର୍ଷ ଧରି ବିଜେଡିରେ ରହି କାର୍ଯ୍ୟ କରିଥିବା ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ ରବିବାର ଦଳର ପ୍ରାଥମିକ ସଦସ୍ୟ ପଦବୀରୁ ଇସ୍ତଫା ଦେଇଛନ୍ତି। ମୋରଡ଼ା ବ୍ଲକ ଅଧୀନ ଚଡ଼େଇଗାଁସ୍ଥିତ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ବିଜେଡି ଛାଡ଼ିଥିବା କହିଛନ୍ତି।

ଖବରଦାତା ସମ୍ମିଳନୀରେ କୃଷ୍ଣଚନ୍ଦ୍ର ଦଳର ଶୀର୍ଷ ନେତୃତ୍ୱ, ପର୍ଯ୍ୟବେକ୍ଷକ, ଅଞ୍ଚଳ ବାହାର ପ୍ରାର୍ଥୀ ତଥା ବିଧାୟକ ରାଜକିଶୋରଙ୍କ ଉପରେ ବର୍ଷିଛନ୍ତି। ଗତ ୨୦୧୯ ନିର୍ବାଚନରେ ସେ ମୋରଡ଼ା ଆସନରୁ ପ୍ରାର୍ଥୀ ହେବା ଲାଗି ଆଶାୟୀ ଥିଲେ ମଧ୍ୟ ସେତେବେଳେ ତାଙ୍କୁ ଚାପ ପ୍ରୟୋଗ କରି ଚୁପ୍ କରାଯାଇଥିଲା। ପ୍ରତିବଦଳରେ ଅର୍ଥ ପ୍ରଲୋଭନ, ନିଗମ ଅଧ୍ୟକ୍ଷ ପଦବୀ ଯଚା ଯାଇଥିଲେ ମଧ୍ୟ ସେ ଗ୍ରହଣ କରି ନ ଥିଲେ ବୋଲି କହିଛନ୍ତି। ଏଥିସହିତ ୨୦୧୯ ନିର୍ବାଚନରେ ବିଧାୟକ ହୋଇଥିବା ରାଜକିଶୋର ମୋରଡ଼ା ଅଞ୍ଚଳ ପାଇଁ କ'ଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଅଞ୍ଚଳର ପ୍ରମୁଖ ସମସ୍ୟା ଯଥା ହାତୀ ଉପଦ୍ରବ, ଡାକ୍ତରଖାନାରେ ଡାକ୍ତର ଅଭାବ, ରାଜା ରାଜୁଡ଼ା ଅମଳର ଚିତ୍ରଡ଼ା-ହଳଦୀପାଳ ରାଜାବନ୍ଧର ସୌନ୍ଦର୍ଯ୍ୟକରଣ ପାଇଁ କୌଣସି ପଦକ୍ଷେପ ନ ନେବା ଅଞ୍ଚଳବାସୀଙ୍କ ପ୍ରତି ବିଧାୟକଙ୍କ ବୈମାତୃକ ମନୋଭାବକୁ ସୂଚାଉଛି ବୋଲି କୃଷ୍ଣଚନ୍ଦ୍ର କହିଛନ୍ତି। ଆଗାମୀ ନିର୍ବାଚନରେ ବାହାର ପ୍ରାର୍ଥୀଙ୍କୁ ଭୋଟ ନ ଦେଇ ନିଜ ଅଞ୍ଚଳର ଯେ କୌଣସି ପ୍ରାର୍ଥୀଙ୍କୁ ଭୋଟ ଦେଇ ନିଜର ଅଧିକାରକୁ ସାବ୍ୟସ୍ତ କରାଇବାକୁ ସେ ଆହ୍ୱାନ ଦେଇଛନ୍ତି। ତେବେ ଚଳିତ ନିର୍ବାଚନରେ ସେ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କୃଷ୍ଣଚନ୍ଦ୍ରଙ୍କ ଦୃଢ଼ ସମର୍ଥକ ଅମୀର ଖାନ, ସିପୁ ମୁଦୁଲି, ଅଜିତ ଶେଜପଡ଼ା, ମନୋଜ ଦା, ଲକ୍ଷ୍ମଣ ଚପିଆର, ହେମନ୍ତ ଦାସ, କ୍ଷୀରୋଦ କୁମାର ଧିର, ପପୁ ପ୍ରମୁଖ ଉପସ୍ଥିତ ଥିଲେ।

**BHUBANESWAR CLUB**
Rajpath, Unit-VI, Bhubaneswar-751001 (Odisha)
**TENDER CALL NOTICE**
**Invitation For Bids (IFB) for operation & Management of the new Banquet Hall of Bhubaneswar Club-II at Ghatikia, Bhubaneswar for 7(seven) years.**

Bhubaneswar Club-II has just completed a state–of-art air conditioned banquet hall of 10,000 sq.ft., one acre of landscaped lawn, Parking space for 200 no. of cars, two large Kitchens, two Rooms, multiple wash rooms and other facilities.

Interested parties fulfilling the requirement as laid down in the tender document (http://www.bhubaneswarclub.com) may offer their investment as well as monthly payment plan in two separate sealed envelopes respectively on or before **20.04.2024**.

Bhubaneswar Club reserves the right to cancel/reject any or all bids without assigning any reason whatsoever.

Secretary
Bhubaneswar Club
Bhubaneswar

DAYANAND PUBLIC SCHOOL
WE ARE ADHERED TO RTE NORMS & NPE 2020
www.dayanandpublicschoolsbp.co.in
ADMISSION OPEN FOR 2024-25
NURSERY TO XI
Residential & Day Boarding (Affiliated to CBSE)
DAY & RESIDENTIAL
* Based on Indian Culture & value. * Green & clean environment. * Affordable fees structure. * Trained & Expert Teachers. * Digital Class Room. * Matha, Science & Computer Lab. * Transport with GPS Facility. * Extra Curricular Activities. * Hygenic Foods. * CCTV Survelliance.
HLO Colony — Playgroup to UKG — M-8763032586
DHANUPALI — Playgroup to Class-V — M-9938895475, 8763032587
PADIABAHAL — Playgroup to Class-XI — M-7381058813, 8763032588

"ଭଗବାନ ବଳବାନ ମଣିଷ ଚାହାନ୍ତି– ଭାବପ୍ରବଣ ଶିଶୁମାନଙ୍କୁ ନୁହଁ। ପ୍ରଭୁ ଚାହାନ୍ତି ଆମଠାରୁ ଅଟଳ ସହିଷ୍ଣୁତା– ଦୃଢ଼ତା ଓ ବୀରତ୍ୱ– ଯଥାର୍ଥ ଆଧ୍ୟାତ୍ମିକ ବୀରତ୍ୱ। ସେ ମଧ୍ୟ ଆମଠାରୁ ଚାହାନ୍ତି ପୌରୁଷ ଏବଂ ଦିବ୍ୟ ପୌରୁଷ। –ଶ୍ରୀଅରବିନ୍ଦ

# କେହି ଚିରସ୍ଥାୟୀ ନୁହେଁ

ଆଲୋଚନା ହେଉଛି, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭଳି ଯାଞ୍ଚ ସଂସ୍ଥାକୁ ବ୍ୟବହାର କରି ଭାରତୀୟ ଜନତା ପାର୍ଟି (ଭାଜପା) ରାଜନୈତିକ ଫାଇଦା ନେବାକୁ ଚେଷ୍ଟା କରୁଛି। ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଗିରଫ ବିଷୟ ଏହାର ସଦ୍ୟ ପ୍ରମାଣ ଦେଇଛି। ୬ ଏପ୍ରିଲରେ ପଶ୍ଚିମବଙ୍ଗର ପୂର୍ବ ମେଦିନିପୁର ଜିଲାର ଭୂପତିନଗର ଅଞ୍ଚଳରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଟିମ୍‌ର ଏକ ଗାଡ଼ି ଉପରେ ଆକ୍ରମଣ ହୋଇଥିବା ଖବର ଶୁଣିବାକୁ ମିଳିଛି। ସେମାନେ ୨୦୨୨ ବୋମା ବିସ୍ଫୋରଣ ମାମଲାର ତଦନ୍ତ ପାଇଁ ସେଠାକୁ ଯାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ସେହି ବର୍ଷ ଡିସେମ୍ବର ୩ରେ ଭୂପତିନଗରର ଏକ ଘରେ ବୋମା ବିସ୍ଫୋରଣ ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଏନ୍ଆଇଏର ଟିମ୍ ରାତିରେ ଲୋକଙ୍କ ଘରେ ପଶି ଦୁଇ ଜଣଙ୍କୁ ଗିରଫ କରି କୋଲକାତା ଫେରୁଥିବା ବେଳେ ସ୍ଥାନୀୟ ଲୋକେ ଆକ୍ରମଣ କରିଥିବାରୁ ଯାଞ୍ଚ ସଂସ୍ଥା ପୋଲିସରେ ଅଭିଯୋଗ କରିଛି। ସେପଟେ ମହିଳାଙ୍କ ପ୍ରତି ଅସଦାଚରଣ କରିଥିବା ଅଭିଯୋଗ ଆଣି ପଶ୍ଚିମବଙ୍ଗ ପୋଲିସ ଉକ୍ତ ଅଫିସରଙ୍କ ବିରୋଧରେ ଏତଲା ଦେଇଛି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉକ୍ତ ଟିମ୍‌ର ରାତିଅଧିଆ ଚଢ଼ାଉ ଓ ନିର୍ବାଚନ ପୂର୍ବରୁ କରାଯାଉଥିବା ତଦନ୍ତର ସମୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ଇତିହାସରୁ ଜଣାପଡ଼ିଛି ଯେ, କ୍ଷମତାରେ ଥିବା ଦଳ ସୁଯୋଗ ଖୋଜି ଅନ୍ୟ ଦଳର ନେତା ଓ କର୍ମୀଙ୍କ ଉପରେ ଚଢ଼ାଉ କରିଥାଏ। କୌତୂହଳର ବିଷୟ ହେଉଛି, ନିର୍ବାଚନ ବେଳେ ସମସ୍ତେ ଦାବି କରନ୍ତି, ପୂର୍ବ ଧାରାକୁ ବଦଳାଇ ନୂଆ ବ୍ୟବସ୍ଥା ଆଣିବାକୁ। କିନ୍ତୁ କ୍ଷମତାକୁ ଆସିବା ପରେ ପୂର୍ବ ଦଳ ଏଭଳି କୁକର୍ମ କରିଥିବା ଦର୍ଶାଇ ନୂତନ ସରକାର ସେହିଭଳି ପନ୍ଥା ଆପଣାଇଥାଆନ୍ତି।

**କ୍ଷମତା ଜାବୁଡ଼ି ଧରିବାରେ କେହି ଚିରସ୍ଥାୟୀ ନୁହନ୍ତି। ସମୟ ଓ ଲୋକଙ୍କ ମିଜାଜରେ ପରିବର୍ତ୍ତନ ଆସିଲେ ଶାସନ ବଦଳିବା ଥୟ। ଏବେ ଯେଉଁ ଭୁଲ୍‌ଗୁଡ଼ିକ ଶାସକ ବର୍ଗ କରୁଛନ୍ତି, ତାହା ଇତିହାସରେ ଲିପିବଦ୍ଧ ହୋଇଯାଉଛି। ଆଗକୁ ଯେଉଁ ଶାସକ ଆସିବେ ସେ ଅତୀତରେ ପାଇଥିବା ଯନ୍ତ୍ରଣାର କଡ଼ାଗଣ୍ଡା ହିସାବ ନେବେ ବୋଲି ବର୍ତ୍ତମାନର ପଦକ୍ଷେପ ବା କାର୍ଯ୍ୟାନୁଷ୍ଠାନ ତା'ର ପ୍ରାକ୍–ସୂଚନା ବୋଲି କୁହାଯାଇପାରେ।**

୨୦୨୪ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ବିରୋଧୀଙ୍କୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ କରିବା ଲାଗି ମୁଖ୍ୟ ବିରୋଧୀ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟ ଉପରେ କଟକଣା ସହ ଆୟକର (ଆଇଟି) ବିଭାଗ ନୋଟିସ ଦିଆଯିବାଠାରୁ ଆରମ୍ଭ କରି ଅସମୟରେ ଏନ୍ଆଇଏର ଟିମ୍‌କୁ ପୁରୁଣା ମାମଲାରେ ଅଚାନକ ଘଟଣାସ୍ଥଳକୁ ପଠାଯିବା ସ୍ପଷ୍ଟ ଭାବେ ସରକାରୀ କଳା ଅପବ୍ୟବହାରର ଦୃଷ୍ଟାନ୍ତ ଦେଉଛି। ଗଣତନ୍ତ୍ରରେ ସବୁ ଦଳ ଯେଭଳି କ୍ଷେତ୍ର ଉପରେ ଠିକ୍ ଭାବେ ଖେଳିପାରିବେ ସେହିପରି ପରିବେଶ ସୃଷ୍ଟି କରାଯିବା ଉଚିତ। କିନ୍ତୁ ଦେଖାଯାଉଛି ଦୀର୍ଘବର୍ଷ ଶାସନ କରୁଥିବା ଦଳ କଳେବଳେ କୌଶଳେ ଗାଦି ଧରି ରଖିବା ପାଇଁ ଯେତେ ତଳ ସ୍ତରକୁ ଖସିଯାଇ ହେବ, ସେହି ଦିଗରେ କାର୍ଯ୍ୟାନୁଷ୍ଠାନ ନେଉଛି। ବିରୋଧୀଙ୍କୁ ଉପରକୁ ଉଠିବାକୁ ନ ଦେଇ ତା'ର ଆକାଉଣ୍ଟକୁ ଅଚଳ କରିଦିଆଯିବା ଚିନ୍ତା କରାଯାଉଛି। ସେହିପରି ପ୍ରଚାର ପଡ଼ିଆରୁ ବିପକ୍ଷ ନେତାଙ୍କୁ ହଟେଇ ଜେଲରେ ପୂରାଇ ଦିଆଯିବା ଭଳି ପରୋକ୍ଷ ଆକ୍ରମଣ କରାଯାଉଥିବା ଲୋକେ ଦେଖିଲେଣି। ଏହାଦ୍ୱାରା ଜାଣନ୍ତରେ ଏକ ଅସୁସ୍ଥ ଗଣତାନ୍ତ୍ରିକ ପରିବେଶ ସୃଷ୍ଟି ହୋଇଯାଉଛି। କଂଗ୍ରେସକୁ ଦୁର୍ବଳ କରିବା ଲାଗି ଭାଜପା ନେଉଥିବା ପଦକ୍ଷେପ ପରିପ୍ରେକ୍ଷୀରେ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ଏଠାରେ ପ୍ରଣିଧାନଯୋଗ୍ୟ। ନିକଟରେ ସେ କହିଥିଲେ, ତାଙ୍କ ଦଳ କ୍ଷମତାକୁ ଆସି ସରକାର ଗଢ଼ିଲେ ଏବେ ଗଣତନ୍ତ୍ରକୁ ବିବସ୍ତ୍ର କରୁଥିବା ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ଭାଜପା ମନେରଖିବା ଉଚିତ ଯେ ସେମାନଙ୍କ ବିରୋଧରେ ଏଭଳି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ, ସେମାନେ ଆଉ ଥରେ ଏଭଳି କରିବାକୁ ସାହସ କରିବେ ନାହିଁ ବୋଲି ରାହୁଲ ତାଙ୍କ ଗ୍ୟାରେଣ୍ଟି ଦେଇଥିଲେ।

ଏହା ସତ୍ୟ ଯେ, କ୍ଷମତା ଜାବୁଡ଼ି ଧରିବାରେ କେହି ଚିରସ୍ଥାୟୀ ନୁହନ୍ତି। ସମୟ ଓ ଲୋକଙ୍କ ମିଜାଜରେ ପରିବର୍ତ୍ତନ ଆସିଲେ ଶାସନ ବଦଳିବା ଥୟ। ଏବେ ଯେଉଁ ଭୁଲ୍‌ଗୁଡ଼ିକ ଶାସକ ବର୍ଗ କରୁଛନ୍ତି, ତାହା ଇତିହାସରେ ଲିପିବଦ୍ଧ ହୋଇଯାଉଛି। ଆଗକୁ ଯେଉଁ ଶାସକ ଆସିବେ ସେ ଅତୀତରେ ପାଇଥିବା ଯନ୍ତ୍ରଣାର କଡ଼ାଗଣ୍ଡା ହିସାବ ନେବେ ବୋଲି ବର୍ତ୍ତମାନର ପଦକ୍ଷେପ ବା କାର୍ଯ୍ୟାନୁଷ୍ଠାନ ତା'ର ପ୍ରାକ୍–ସୂଚନା ବୋଲି କୁହାଯାଇପାରେ।

# ହସ: ଖୁସି ଜୀବନର ମୂଳମନ୍ତ୍ର



ପ୍ରକାଶ ତ୍ରିପାଠୀ

ଘରପାଖ ପାର୍କରେ କିଛି ବନ୍ଧୁଙ୍କ ସହ ପ୍ରାତଃ ଭ୍ରମଣ କରୁଥିବା ବେଳେ ହଠାତ୍ ଏକ ଅସ୍ୱାଭାବିକ ଚିତ୍କାର ଶୁଣି ସଭିଏଁ ଚମକି ପଡ଼ିଲୁ। ଚାରିକଡ଼କୁ ଚାହିଁ ଦେଖୁ ତ କିଛି ପୁରୁଷ ଓ ମହିଳା ଠିଆହୋଇ ହସିବାର ଅଭ୍ୟାସ କରୁଛନ୍ତି। ମନ ଆଶ୍ୱସ୍ତ ହେଲା। ଆମ ସହ ଥିବା ଜଣେ ବନ୍ଧୁ କହିଲେ ଯେ, ଏଇଟା ହେଉଛି ଲାଫିଂ ଥେରାପି। ଏଇଟା ବି ଗୋଟେ ବ୍ୟାୟାମ। ଲାଫିଂ ଥେରାପି ବା ହସ ଚିକିତ୍ସା ହେଉଛି ସ୍ୱାସ୍ଥ୍ୟର ଉନ୍ନତି ତଥା ଚାପରୁ ମୁକ୍ତି ପାଇଁ ହାସ୍ୟରସର ବ୍ୟବହାର। ଏହା ଆମକୁ ଯନ୍ତ୍ରଣା ଉପଶମ ସହ ଚିନ୍ତା ହ୍ରାସ କରିଥାଏ ଓ ମନୋବଳ ବୃଦ୍ଧିରେ ସହାୟକ ହୋଇଥାଏ। ଆପଣମାନେ ମନେପକାନ୍ତୁ ତ ଶେଷଥର ପାଇଁ ଆପଣ କେବେ ହସିଥିଲେ ଓ ହସି ହସି ବେଦମ ହୋଇଯାଇଥିଲେ। ଏହା ସତ୍ୟ ଯେ, ଆଜିକାଲି ଆମେ ଆଉ ମନ ଖୋଲି ହସି ପାରୁନେ । ହଁ, କଦବା କେମିତି କେଉଁ କଥାରେ ମୁହଁ ନେଫେଡି ଦେଉଛେ। ପାରିବାରିକ, ସାମାଜିକ ଜୀବନ ଆମର ଏତେ ବ୍ୟସ୍ତବହୁଳ ହୋଇଗଲାଣି ଯେ ହସିବାକୁ ଟିକେ ସମୟ ପାଉନାହୁଁ। ଆମର ଆବଶ୍ୟକତା ଏତେ ବଢ଼ିଗଲାଣି ଯେ ସେ ସବୁକୁ ପୂରଣ କରିବାକୁ ଆମକୁ ସମୟ ଅଣ୍ଟୁନାହିଁ, ହସକୁ କିଏ ପଚାରେ। ଏହାରି ଭିତରେ ଆମେ ହସଠାରୁ ଏପରି ଦୂରେଇଯାଇଛୁ ଯେ, ଆମ ନିକଟରେ ହସିବାର କ୍ଷମତା ଅଛି, ତାହା ମଧ୍ୟ ଆମକୁ ଅନୁଭବ ହେଉନାହିଁ। ଏମିତିକି ଫଟୋ ଉଠାଇବା ବେଳେ କ୍ୟାମେରାମ୍ୟାନ ଆମକୁ ସ୍ମାଇଲ ପ୍ଲିଜ ନ କହିଲେ ଆମ ମୁହଁରେ ହସ ଆସୁନାହିଁ। ସେଥିପାଇଁ ଜୀବନରେ ହସିବାର ଆବଶ୍ୟକତା ଅଛି ବୋଲି ଅନୁଭବ କରି ଡାକ୍ତରମାନେ ସେମାନଙ୍କ ପ୍ରେସକ୍ରିପ୍ସନରେ ହସିବାକୁ ଲେଖିଲେଣି। ଦୈନିକ କିଛି ସମୟ ମନଖୋଲି ହସିବାକୁ ମନୋବିଜ୍ଞାନୀମାନେ ପରାମର୍ଶ ଦେଲେଣି। ସେଥିପାଇଁ ଆଜିକାଲି ସହରାଞ୍ଚଳରେ ହସ କ୍ଲବମାନ ଗଢ଼ି ଉଠିଲାଣି। ସେଠାରେ ମଣିଷମାନେ ଏମିତି କୃତ୍ରିମ ହସ ହସୁଛନ୍ତି ଯେ ଆଖପାଖର ମଣିଷମାନେ ଶୁଣି ଚମକିପଡ଼ି ହସିବା ଏବେ ଆଉ ମନର ବା ଭାବନାର ପରିପ୍ରକାଶ କରୁନାହିଁ ବରଂ ବ୍ୟାୟାମର ତାଲିକାରେ ସ୍ଥାନ ପାଇଲାଣି।

ମନରେ ପ୍ରଶ୍ନ ଉଠେ, ମଣିଷର ବୟସ ବଢ଼ିବା ସହ ମୁହଁରେ ହସ କାହିଁକି କମି ଯାଉଛି। ଚିନ୍ତାଗ୍ରସ୍ତ ଓ ଚାପଗ୍ରସ୍ତ ଜୀବନକୁ ଆପଣେଇ ସେ ହସ ବିମୁଖ ହୋଇଯାଉଛି କାହିଁକି। ଏହାର ମୁଖ୍ୟ କାରଣ ହେଉଛି ଆମେ ବର୍ତ୍ତମାନକୁ ନେଇ ସନ୍ତୁଷ୍ଟ ନୁହେଁ। ଆମର ସବୁ କିଛି ଭାବନା ଭବିଷ୍ୟତ ଉପରେ ନିର୍ଭର କରୁଛି। ଭବିଷ୍ୟତରେ ହସିବା ପାଇଁ ବା ଖୁସିରେ ରହିବା ପାଇଁ ଆମେ ବର୍ତ୍ତମାନକୁ ବ୍ୟୟ କରିଚାଲିଛୁ। ପରିସଂଖ୍ୟାନ କୁହେ ଛୋଟ ପିଲାମାନେ ଦିନକୁ ହାରାହାରି ୪୦୦ ଥର ହସିଥାନ୍ତି। ମାତ୍ର ପ୍ରାପ୍ତବୟସ୍କ ହେବା ପରେ ଏହା ହାରାହାରି ୧୭ ଥରକୁ ହ୍ରାସ



ପାଇଥାଏ। ସାମ୍ପ୍ରତିକ ସମୟରେ ଜୀବନ ଏପରି ସଂଘର୍ଷମୟ ଓ ବ୍ୟସ୍ତବହୁଳ ହୋଇଗଲାଣି ଯେ ଜଣେ ପ୍ରାପ୍ତବୟସ୍କ ମଣିଷ ଦୈନିକ ହସିବାର ହାର ଶୂନଠାରୁ ଆଦୌ ଅଧିକ ନୁହେଁ। ଜୀବନରୁ ହାସ୍ୟରସ ସତେଯେମିତି ଉଭେଇ ଗଲାଣି। ଲଣ୍ଡନର ଖ୍ୟାତନାମା ମନୋବିଜ୍ଞାନୀ ପ୍ରଫେସର ସୋଫିସ୍କାଟଙ୍କ ମତରେ ଆଧୁନିକ ଜୀବନଶୈଳୀରେ ନ ହସିବାର ବେମାରି ଡିଆଁ ରୋଗ ପରି ଚାରିଆଡ଼େ ବ୍ୟାପି ଚାଲିଛି। କେହି ତ ଜଣେ ହେଲେ ହସ। ୟୁନିଭରସିଟି ଅଫ୍ ମେରିଲାଣ୍ଡର ମନୋବିଜ୍ଞାନୀ ରବର୍ଟ ପ୍ରୋବିନଙ୍କ ମତରେ ଭାରତୀୟମାନେ ଏବେ ଖୁବ୍ କମ୍ ହସୁଛନ୍ତି। ସତରେ ଏବେ ଭାରତୀୟମାନେ ଅଧିକ ଗମ୍ଭୀରତାପୂର୍ଣ୍ଣ ଜୀବନକୁ ଆପଣେଇଛନ୍ତି। ଅଧିକରୁ ଅଧିକ ଧନ ଉପାର୍ଜନ, କ୍ଷମତା ଓ ସମ୍ପତ୍ତି ଆହରଣ, ବିଳାସପୂର୍ଣ୍ଣ ଜୀବନଯାପନ, ସନ୍ତାନସନ୍ତତିଙ୍କ ଭବିଷ୍ୟତ ନିର୍ମାଣ ଓ ସର୍ବୋପରି ଆଗାମୀ ତିନି ଚାରି ପିଢ଼ି ବଂଶଧରଙ୍କ ପାଇଁ ଯୋଜନା ପ୍ରସ୍ତୁତି ଆମ ଜୀବନକୁ ଅଧିକ ଗମ୍ଭୀରତାପୂର୍ଣ୍ଣ କରିଦେଇଛି। ସେଥିପାଇଁ ଅବସର ଆମ ପାଇଁ ସ୍ୱପ୍ନ, ହସ ଆମଲାଗି ମରୀଚିକା।

ଦାର୍ଶନିକ ମାୟା ଆଞ୍ଜେଲୁଙ୍କ ଭାଷାରେ– ହସୁ ନ ଥିବା ଲୋକଙ୍କୁ ମୁଁ ବିଶ୍ୱାସ କରେନି। ହାସ୍ୟ ଅଭିନେତା ଚାପଲିନ୍‌ଙ୍କ ମତରେ ସେହିଦିନଟି ତାଙ୍କର ନଷ୍ଟ ହୋଇଥାଏ ଯେଉଁଦିନ ସେ ହସି ନ ଥାନ୍ତି। ଜାକବ ସ୍ମିରନଫଙ୍କ ମତରେ ହସ ହେଉଛି ପ୍ରାଣର ଭାଷା। ହସର କୌଣସି ଭାଷା ନାହିଁ। ପ୍ରତ୍ୟେକ ଭାଷାଭାଷୀ ସମାନ ଭାବରେ ହସନ୍ତି, କାରଣ ହସ ଏକ ବିଶ୍ୱସ୍ତରୀୟ ସଂଯୋଗ। ଦାର୍ଶନିକ ଭନଗଟଙ୍କ ଭାଷାରେ ହସ ଓ କାନ୍ଦ ସଫଳତା ଓ ବିଫଳତା ଉଭୟ ପରିପ୍ରକାଶର ମାଧ୍ୟମ ହୋଇଥାଏ। ମୁଁ ହସିବାକୁ ପସନ୍ଦ କରିବି, କାରଣ ହସିବା ପରେ ମୁହଁକୁ ସଫାକରିବାର ଆବଶ୍ୟକତା ପଡ଼ି ନ ଥାଏ। ହସ ସମସ୍ତଙ୍କର ପ୍ରିୟ। ହସ ସୃଷ୍ଟିକରିଥାଏ ହସ। ଶିଶୁଟିର ମୁହଁରେ ଦରୋଟି ହସ ଦେଖିଲେ ମା'ବାପାଙ୍କର ସବୁ କ୍ଲାନ୍ତି ଦୂର ହୋଇଯାଏ। ପ୍ରେମିକାର ମୁରୁକି ହସରେ ପ୍ରେମର ମୂଳଦୁଆ ଗଢ଼ାଯାଏ। ଦୁଷ୍ଟାମି କରୁଥିବା ଶିକ୍ଷାର୍ଥୀଟିର ମୁହଁରେ ହସ ଦେଖି ଗୁରୁଜୀଙ୍କ କ୍ରୋଧ ପ୍ରଶମିତ ହୋଇଯାଏ। ହସହସ ମୁହଁର ସମ୍ଭାଷଣ ହୃଦୟକୁ ଛୁଇଁଥାଏ। ନିଯୁକ୍ତି ପାଇଁ ସାକ୍ଷାତ୍‌କାର ହେଉ ବା ବିବାହ ଲାଗି କନ୍ୟା ଦେଖା ହେଉ, ହସ ହସ ମୁହଁର ବାର୍ତ୍ତାଳାପ ଅଧିକ ଗ୍ରହଣୀୟ ହୋଇଥାଏ। ହସ ଆମ ପାରିବାରିକ ଓ ସାମାଜିକ ସ୍ଥିତିକୁ ମଜଭୁତ କରେ। ଟିକିଏ ହସ ଅନେକ ଦିନର ମନାନ୍ତରକୁ ନିମିଷକରେ ଦୂର କରିଦେଇପାରେ। ସମ୍ପର୍କକୁ ଏହା ଯୋଡ଼େ ଓ ମଜଭୁତ କରେ। ହସର ଗୁରୁତ୍ୱକୁ ଏବେ ଚିକିତ୍ସା ବିଜ୍ଞାନରେ ପ୍ରୟୋଗ କରାଯାଉଛି। ଚିକିତ୍ସା ବିଜ୍ଞାନୀଙ୍କ ମତରେ ଦୈନିକ ୧୫ ମିନିଟ ଖୋଲାମନରେ ହସିଲେ ଏହା ହୃତ୍‌ପିଣ୍ଡ ଓ ରକ୍ତ ସଞ୍ଚାଳନକୁ ଠିକ୍ ରଖିଥାଏ। ମନରେ ଚାପ ସୃଷ୍ଟି କରୁଥିବା ଆଡ୍ରିନାଲାଇନ, ଏପିନେଫ୍ରିନ, ଡୋପାନିନ ଆଦି ହରମୋନକୁ ହ୍ରାସକରି ସ୍ୱାସ୍ଥ୍ୟବର୍ଦ୍ଧକ ହରମୋନ ଏଣ୍ଡୋରଫିନ ଉତ୍ପନ୍ନ କରିଥାଏ। ଶରୀରରେ ରୋଗ ସଂକ୍ରମଣକୁ ରୋକିବା ପାଇଁ ଆଣ୍ଟିବଡିଜ ସୃଷ୍ଟି କରିବା ସହ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟିଲାଗି ଲିମ୍ଫୋସାଇଟସକୁ ସକ୍ରିୟ କରିଥାଏ। ହସ ଏକ ପ୍ରଭାବଶାଳୀ ଔଷଧ। ଏହା ଲୋକଙ୍କୁ ଏକତ୍ର କରିଥାଏ, ଯାହା ଶରୀରରେ ସୁସ୍ଥ ଶାରୀରିକ ଏବଂ ଭାବଗତ ପରିବର୍ତ୍ତନ ସୃଷ୍ଟି କରିଥାଏ। ଆପଣଙ୍କ ମନ ଏବଂ ଶରୀରକୁ ସନ୍ତୁଳନକୁ ଆଣିବା ପାଇଁ ଭଲ ହସ ଭଳି ଅନ୍ୟ କୌଣସି ଜିନିଷ ଶୀଘ୍ର କିମ୍ବା ଅଧିକ ନିର୍ଭରଶୀଳ ଭାବରେ କାମ କରେ ନାହିଁ। ହସ ତୁମର ଭାରକୁ ହାଲୁକା କରେ, ଆଶାକୁ ପ୍ରେରଣା ଦିଏ, ତୁମକୁ ଅନ୍ୟମାନଙ୍କ ସହିତ ଯୋଡ଼ିଥାଏ। ଏହା ଆପଣଙ୍କୁ କ୍ରୋଧ ମୁକ୍ତ କରିବାରେ ଏବଂ ଶୀଘ୍ର କ୍ଷମା କରିବାରେ ମଧ୍ୟ ସାହାଯ୍ୟ କରେ। ହସ ହିଁ ଦୁଇଟି ଆତ୍ମାକୁ ସର୍ବାଧିକ ନିକଟତର କରିପାରେ।

ହସ ଉଭୟ ଶରୀର ଓ ମନକୁ ସୁସ୍ଥ ରଖିଥାଏ। ରାଗ, କ୍ରୋଧ, ହିଂସା ଓ ଅନେକ ନକାରାତ୍ମକ ଭାବନାଠାରୁ ଏହା ମନକୁ ମୁକ୍ତ ରଖେ। ଜଟିଳ ସମୟରେ ଏହା ମନକୁ ନୂଆ ଦିଗ ଦେଖାଏ। କାର୍ଯ୍ୟ ପରିସରରେ ଏହାର ପ୍ରଭାବ ସୁଦୂରପ୍ରସାରୀ। ହସର ସୁଦୂରପ୍ରସାରୀ ପ୍ରଭାବ ଯୋଗୁ ତଥା ବ୍ୟସ୍ତବହୁଳ ଜୀବନରେ ଚାପକୁ ହ୍ରାସ କରିବା ପାଇଁ ସୃଷ୍ଟି ହୋଇଛି ଅନେକ ହାସ୍ୟ ଓ ଆମୋଦ ପ୍ରଦାନକାରୀ ଗଳ୍ପ, ଉପନ୍ୟାସ,ନାଟକ, ଚଳଚ୍ଚିତ୍ର ଓ ଟିଭି ସିରିଏଲ। ଈଶ୍ୱର ହସକୁ ଏକ ମହୌଷଧି ଭାବେ ମଣିଷକୁ ଦାନ କରିଛନ୍ତି। ଏହାକୁ ଏକ ପ୍ରାକୃତିକ ଅସ୍ତ୍ର ଭାବେ ଗ୍ରହଣ କରାଯାଇପାରେ। ଭୟ ଦେଖାଇ ଯେଉଁ କାମ ହାସଲ କରାଯାଇ ନ ପାରେ, ହସି ହସି ସେହିକାମକୁ ସହଜରେ ଆୟତ୍ତ କରାଯାଇପାରେ। ଏତେ ସୁଫଳ ପ୍ରଦାନ କରୁଥିବା ତଥା କୌଣସି ପାର୍ଶ୍ୱପ୍ରତିକ୍ରିୟା ନ ଥିବା ଏହି ହସକୁ ଅପଣେଇବାରେ ଆମର କୁଣ୍ଠାଭାବ କାହିଁକି? ମଣିଷ କେବେ ହସିବା ଆରମ୍ଭ କରିଥିଲା ତାହା କହିହେବ ନାହିଁ। ନିଜକୁ ଦେଖି ବା ଅନ୍ୟକୁ ଦେଖି ହସିଥିଲା, ତାହା ମଧ୍ୟ କହିବା ସହଜ ନୁହେଁ। ମାତ୍ର ଏହା ସତ୍ୟ ଯେ ଏବେ ଆମେ ହସିବା ବନ୍ଦ ବା କମ୍ କରିଦେଇଛେ। ତେବେ ଆସନ୍ତୁ ପୁଣି ହସିବା ଆରମ୍ଭ କରିବା। ବ୍ୟାୟାମବାଲା ହସ ନୁହେଁ, ମନଖୋଲି ହସିବା । ନିଜେ ହସିବା ସହ ଅନ୍ୟକୁ ହସାଇବା ଓ ସମସ୍ତେ ହସି ହସି ଖୁସିରେ ରହିବା।

ମୋ: ୯୪୩୭୨୩୨୪୬୩

# ଦ୍ୱିତୀୟ ବୃନ୍ଦାବନ ଗାର୍ଡେନ



ଅଧ୍ୟାପକ ଗୋପବନ୍ଧୁ

ଅନେକେ କର୍ଣାଟକରେ ଥିବା ବୃନ୍ଦାବନ ଗାର୍ଡେନକୁ ଯାଇଥିବେ ଅଥବା ଏହା ସମ୍ବନ୍ଧରେ ଶୁଣିଥିବେ। ଯିଏ ଥରେ ସେଠାକୁ ଯାଇଛନ୍ତି ସେ କେବେ ଏହାର ମନୋରମ ପରିବେଶକୁ ଭୁଲିପାରିବେ ନାହିଁ। ଏହା ମହୀଶୂର ନଗରୀଠାରୁ ୧୨ କି.ମି. ଦୂରରେ କ୍ରିଷ୍ଣରାଜ ସାଗର ଡ୍ୟାମ୍ ତଳେ ଅବସ୍ଥିତ। ଉକ୍ତ ଡ୍ୟାମ୍ ଦକ୍ଷିଣର ପ୍ରସିଦ୍ଧ ନଦୀ କାବେରୀ ଉପରେ ନିର୍ମିତ। ଠିକ୍ ଡ୍ୟାମ୍ ତଳେ ୬୦ ଏକର ଜମି ଉପରେ ଏହି ବଗିଚା ରହିଛି। ରଙ୍ଗବେରଙ୍ଗର ପୁଷ୍ପ ସମ୍ଭାର ସହ ରଙ୍ଗିନ ଆଲୋକ ପ୍ରତିଫଳିତ ଜଳ ଉତ୍କ୍ଷେପଣ ଅତ୍ୟନ୍ତ ଆକର୍ଷଣୀୟ। ସମଗ୍ର ଭାରତବର୍ଷରେ ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ପରିଭ୍ରମଣରେ ଏଠାକୁ ଆସନ୍ତି। ଭିଡ଼ ଯୋଗୁ ବହୁଦୂରରେ ଗାଡ଼ି ରଖି ଆସିବାକୁ ପଡ଼େ। ଏହା ଭିତରେ ଓ ବାହାରେ ଅନେକ ହୋଟେଲ ଗଢ଼ିଉଠିଛି, ଯିବା ଆସିବା ପାଇଁ ହଜାର ହଜାର ଯାନବାହନ ଚାଲିଛି, ସମସ୍ତ ପ୍ରକାର ଖାଦ୍ୟପେୟର ଦୋକାନ ସହ ମନୋରମ ସାମଗ୍ରୀର ଦୋକାନ ଭରପୂର। ଉକ୍ତ ଗାର୍ଡେନ ଯୋଗୁ ଲକ୍ଷାଧିକ ଲୋକ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କର୍ମନିଯୁକ୍ତି ପାଇଛନ୍ତି। ଏହା କର୍ଣାଟକର ପର୍ଯ୍ୟଟନ ମାନଚିତ୍ରକୁ ଋଦ୍ଧିମନ୍ତ କରିଛି।

ମୁଁ ଓଡ଼ିଶାରେ ଦ୍ୱିତୀୟ ବୃନ୍ଦାବନ ଗାର୍ଡେନ ସମ୍ବନ୍ଧରେ ଆଲୋଚନା କରିବାକୁ ଚାହୁଁଛି। ଏହା ଏବେ ନୁହେଁ, କିନ୍ତୁ ହେବାର ଭୌଗୋଳିକ ପରିବେଶ ରହିଛି। ଏ ଦିଗରେ ଚେଷ୍ଟାକଲେ ମୟୂରଭଞ୍ଜ ଜିଲା ଅନ୍ତର୍ଗତ ଦେଉଳି ନିକଟସ୍ଥ ଜମ୍ବିରା ଡ୍ୟାମ୍‌ରେ ଏହା ହୋଇପାରିବ। ନାମ ପରିବର୍ତ୍ତନ ହୋଇପାରେ, କିନ୍ତୁ ବୃନ୍ଦାବନ ଗାର୍ଡେନ ତୁଲ୍ୟ ଏକ ସୁନ୍ଦର ଓ ମନୋରମ ବଗିଚା ଏଠାରେ ନିର୍ମାଣ କରାଯାଇପାରିବ। ପ୍ରକାଶ ଥାଉକି ଏହା ଜମ୍ବିରା ନଦୀ ଉପରେ ନିର୍ମିତ। ଏହା ସୁବର୍ଣ୍ଣରେଖା ବହୁମୁଖୀ ପ୍ରକଳ୍ପର ଅନ୍ତର୍ଗତ, ଯେଉଁଥିରେ ସୁବର୍ଣ୍ଣରେଖା ନଦୀରୁ ପାଣି ଆଣି ଜମ୍ବିରା ଜଳଭଣ୍ଡାରରେ ପକାଯିବ। ଏହି ଜଳକୁ ମୁଖ୍ୟତଃ ଚାଷ ଉଦ୍ଦେଶ୍ୟରେ ଜଳସେଚନ ପାଇଁ ବ୍ୟବହାର କରାଯିବ। ଏହା ମାଟି ତିଆରି ବନ୍ଧ। ଏହାର ଲମ୍ବ ୭.୫ କି.ମି. ଓ ଉଚ୍ଚତା ୩୦.୫ ମିଟର। ଏବେ ଉଚ୍ଚତା ବଢ଼ାଯାଇଛି। ଏହାର ଏକ ବିଶାଳ ଜଳଧାରଣ ଅଞ୍ଚଳ ରହିଛି। ଏହା ଏକ ବୃହତ୍ ଜଳ ଅମଳ ପ୍ରକଳ୍ପ।

ଉକ୍ତ ସ୍ଥାନ ବାରିପଦାଠାରୁ ମାତ୍ର ୧୦ କି.ମି. , ପଶ୍ଚିମବଙ୍ଗ ସୀମାକୁ ୬ କି.ମି. ଓ ଝାଡ଼ଖଣ୍ଡ ସୀମାକୁ ୨୦ କି.ମି. ଦୂର। ଏହା ଏକପ୍ରକାର ୩ ରାଜ୍ୟର ମିଳନସ୍ଥଳରେ ଅବସ୍ଥିତ। ଏହାର ୩୦ କି.ମି. ପରିଧିରେ ଅନେକ ଜନବସତି ଓ ଛୋଟ ଛୋଟ ସହର ରହିଛି। ପଶ୍ଚିମବଙ୍ଗର ଲୋକମାନେ ଭ୍ରମଣପ୍ରିୟ। ସଂଖ୍ୟାଧିକ ବେଙ୍ଗଲୀ ପର୍ଯ୍ୟଟକ ଏଠାରେ ଭିଡ଼ ଜମାଇବା ସ୍ୱାଭାବିକ। ମୟୂରଭଞ୍ଜର ଶିମିଳିପାଳ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ ସ୍ଥଳଭାବେ ବିବେଚିତ ହୋଇଆସିଛି। ଯେଉଁମାନେ ଶିମିଳିପାଳ ବୁଲିବାକୁ ଆସିବେ ସେମାନେ ଏଠାକୁ ନିଶ୍ଚୟ ଆସିବାକୁ ମନ କରିବେ। ସମଗ୍ର ଓଡ଼ିଶା ପାଇଁ ଏହା ଆକର୍ଷଣର କ୍ଷେତ୍ର ରହିବ। ତଦ୍ରୂପଭାବେ ଝାଡ଼ଖଣ୍ଡର ଲୋକମାନେ ମଧ୍ୟ ବହୁସଂଖ୍ୟାରେ ଆକର୍ଷିତ ହେବେ।




ଏହା ଏପରି ଏକ ସ୍ଥାନ ଯେଉଁଠାରେ ପର୍ଯ୍ୟଟନ କେନ୍ଦ୍ରର ଦୃଢ଼ ଭିତ୍ତିଭୂମି ତିଆରି କରାଯାଇପାରିବ।

ଏହି ବନ୍ଧ ତଳେ ବିସ୍ତୀର୍ଣ୍ଣ ସମତଳ ଭୂମି ରହିଛି। କିଛି ସରକାରୀ ଜାଗା ଓ କିଛି ବ୍ୟକ୍ତିଗତ ମାଲିକାନାର ଜାଗା ରହିଛି। ମିଳିତ ଉଦ୍ୟମରେ ଏହାର ବିକାଶ ହୋଇପାରିବ। ବୃନ୍ଦାବନ ଗାର୍ଡେନ ତୁଲ୍ୟ ଏଠାରେ ଏକ ସୁନ୍ଦର ଉଦ୍ୟାନ ନିର୍ମାଣ କରାଯାଇପାରିବ। ସେଠିକା ପରି ଏଠାରେ ଜଳ ପ୍ରବାହ ସୃଷ୍ଟିକରି ଆଲୋକିତ ୱାଟର ସ୍ପ୍ରିଙ୍ଗ୍ ତିଆରି କରାଯାଇପାରିବ। ୱାଟର ପାର୍କ ସହ ଶିଶୁ ଉଦ୍ୟାନ ମଧ୍ୟ ରଖାଯାଇପାରିବ। ଡ୍ୟାମ୍ ଉପରକୁ ଯିବା ପାଇଁ ରୋପ୍‌ୱେ ବି ତିଆରି ହୋଇପାରିବ। ଏହା ସହ ଏହାକୁ ଏକ ପୂର୍ଣ୍ଣାଙ୍ଗ ଉଦ୍ୟାନର ରୂପ ଦିଆଯାଇ ପାରିବ। ଜଳଭଣ୍ଡାର ଭିତରେ ନୌକାବିହାର ହୋଇପାରିବ। ଯନ୍ତ୍ରଚାଳିତ ବୋଟ୍ ଯୋଗେ ପର୍ଯ୍ୟଟକମାନେ ଉପରମୁଣ୍ଡରେ ଥିବା ପ୍ରାକୃତିକ ପରିବେଶକୁ ଉପଭୋଗ କରିପାରିବେ। ମଝିରେ ଥିବା ଟାପୁଗୁଡ଼ିକୁ ବିକଶିତକରି ରେସ୍ତୋଁରା ସହ ରେଷ୍ଟଶେଡ୍ ବନାଯାଇପାରିବ। ପର୍ଯ୍ୟଟନର ପ୍ରସାର ହେଲେ ପର୍ଯ୍ୟାୟକ୍ରମେ ଅନେକ ହୋଟେଲ, ଦୋକାନ, ବଜାର ଖୋଲିଯିବ। ବିଭିନ୍ନ ପ୍ରକାର ବ୍ୟବସାୟ ଆରମ୍ଭ ହୋଇଯିବ।

ଜଳଭଣ୍ଡାରର ଗୋଟିଏ ପାର୍ଶ୍ୱରେ ପକ୍ଷୀ ବିହାର ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇ ପାରିବ। ଏହା ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାରେ ସହାୟକ ହେବ। ଠିକ୍ ଯେଉଁଭଳି ପାଖରେ ପଶ୍ଚିମବଙ୍ଗରେ ଏକ ଛୋଟ ଡ୍ୟାମ୍‌କୁ ପକ୍ଷୀ ବିହାରରେ ପରିଣତ କରାଯାଇଛି, ଯାହାକୁ ପାକ୍ଷାଳୟ ନାମରେ ନାମିତ କରାଯାଇଛି। ସେଠାରେ ବୋଟିଂର ମଧ୍ୟ ବ୍ୟବସ୍ଥା ରହିଛି। ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସନ୍ତି। ବଣଭୋଜି ବି କରନ୍ତି। ସ୍ଥାନୀୟ ଯୁବକମାନେ ଏହାର ପରିଚାଳନା ଦାୟିତ୍ୱ ନେଇଛନ୍ତି। ଏହା ମାଧ୍ୟମରେ କର୍ମନିଯୁକ୍ତି ନିଜେ ତିଆରି କରିଛନ୍ତି। ସେପଟେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ପଶ୍ଚିମବଙ୍ଗରେ ଦିଘା ଏବଂ ଓଡ଼ିଶାରେ ଚାନ୍ଦିପୁର ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ଜମ୍ବିରା ଡ୍ୟାମ୍‌କୁ ପର୍ଯ୍ୟଟନ କେନ୍ଦ୍ରଭାବେ ବିକଶିତ କଲେ ଏହା ଭଲ ଦେବ। ପ୍ରକୃତିକୁ ଭିନ୍ନ ରୂପରେ ଉପଭୋଗ କରିବାର ସୁଯୋଗ ମିଳିବ। ଏଠାରୁ ଶିମିଳିପାଳ ଅଭୟାରଣ୍ୟକୁ ଭ୍ରମଣ ପରିଚାଳନା କରାଯାଇପାରିବ।

ଜମ୍ବିରା ଡ୍ୟାମ୍‌ରେ ପର୍ଯ୍ୟଟନର ବିକାଶ ଜିଲା ତଥା ରାଜ୍ୟ ଅର୍ଥନୀତିକୁ ଚଳଚଞ୍ଚଳ କରିବ ଓ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ। କର୍ମନିଯୁକ୍ତିର ଅନେକ ପ୍ରକାର ସମ୍ଭାବନା ତିଆରି କରିବ। ସ୍ଥାନୀୟ ବେକାର ଯୁବତୀଯୁବକମାନେ ରୋଜଗାରକ୍ଷମ ହେବେ। ଏହା କର୍ଣାଟକର ବୃନ୍ଦାବନ ଗାର୍ଡେନକୁ ଟକ୍କର ଦେଇପାରିବ। ହୁଏତ ସମୟ ଲାଗିପାରେ। ଏ ଦିଗରେ ସାମୂହିକ ଚିନ୍ତନର ଆବଶ୍ୟକତା ରହିଛି। ବିଶେଷକରି ସ୍ଥାନୀୟ ଲୋକ ପ୍ରତିନିଧି, ଜିଲା ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ସ୍ତରରେ ଏହା ଉପରେ ଆଲୋଚନା ହେବା ଉଚିତ। ଏ ଦିଗରେ ଜିଲାର ନାଗରିକ ସଂଘଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ।

ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

## ଏଇ ଭାରତରେ

ସିଙ୍ଗଲ ୟୁଜ୍‌ଡ ବା ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ପରିବେଶ ପ୍ରଦୂଷଣର ଏକ ବଡ଼ କାରଣ ପାଲଟିଛି। ଏହି ସମସ୍ୟାର ସମାଧାନ ଲାଗି ଦେଶରେ ଅନେକ ବ୍ୟକ୍ତି ବିକଳ୍ପ ଉତ୍ପାଦ ତିଆରି କରୁଛନ୍ତି। କିଏ ପରିବେଶ ଉପଯୋଗୀ କପ୍, ଚାମଚ ଓ ପ୍ଲେଟ୍ ତିଆରି କରଛନ୍ତି ତ ଆଉ କିଏ ଗୁଆ ଖୋଳପାରୁ କଟେଲରି ପ୍ରସ୍ତୁତ କରୁଛନ୍ତି। କିନ୍ତୁ ତାମିଲନାଡୁ ମଦୁରାଇର ଦମ୍ପତି କ୍ରିଷ୍ଣା ସୁବ୍ରମଣ୍ୟନ ଓ ଗୌରୀ ଗୋପୀନାଥ କପା ଓ ଝୋଟରୁ ପରିବେଶ ଉପଯୋଗୀ ବ୍ୟାଗ ତିଆରି କରୁଛନ୍ତି । ଏହି ବ୍ୟାଗ ପଲିଥିନ ବ୍ୟବହାର କମାଇ ପାରିବ ବୋଲି କହନ୍ତି କ୍ରିଷ୍ଣା। ସେମାନେ ତାମିଲନାଡୁ ପରମ୍ପରା ସହ ଜଡ଼ିତ ମାଞ୍ଜାପାଇ ବ୍ୟାଗ (ହଳଦିଆ ରଙ୍ଗର କପଡ଼ା ବ୍ୟାଗ) ତିଆରି କରୁଛନ୍ତି ଯାହାର ଆଦର ଏବେ କାହିଁରେ କ'ଣ। ଏମାନେ ଏଥିରୁ ବର୍ଷକୁ ୩ କୋଟି ଟଙ୍କା ରୋଜଗାର କରୁଛନ୍ତି। ଏଯାବତ ଏହି ଦମ୍ପତି ୧୦ ଲକ୍ଷରୁ ଅଧିକ ବ୍ୟାଗ ତିଆରି କରିସାରିଲେଣି। ଦିନକୁ ୨,୦୦୦ରୁ ୩,୦୦୦ ବ୍ୟାଗ ତିଆରି କରାଯାଉଛି। ଏହି କାର୍ଯ୍ୟରେ ଶତାଧିକ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ବ୍ୟାଗର ମୂଲ୍ୟ ୨୦ ଟଙ୍କାରୁ ଆରମ୍ଭ କରି ୨୦୦ଟଙ୍କା ପର୍ଯ୍ୟନ୍ତ ରହିଛି। କ୍ରିଷ୍ଣା ଚେନ୍ନାଇ ଓ ଗୌରୀ ବେଙ୍ଗାଲୁରୁରେ କାମ କରୁଥିଲେ। ସେମାନେ ୨୦୧୯ରେ ଚାକିରି ଛାଡ଼ି ଏହି କାର୍ଯ୍ୟରେ ମନୋନିବେଶ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୮ ଏପ୍ରିଲ ୧୯୭୫

- ଅସବର୍ଣ୍ଣ ବିବାହ କରୁଥିବା ବ୍ୟକ୍ତିମାନଙ୍କୁ ଗୁଜରାଟ ସରକାରଙ୍କ ପକ୍ଷରୁ ପାଞ୍ଚ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ।
- ବାଂଲାଦେଶ ସରକାରଙ୍କ ଏକ ଆଦେଶନାମା ବଳରେ ଦେଶରେ ପ୍ରଚଳିତ ସମସ୍ତ ଶହେଟଙ୍କିଆ ନୋଟ୍‌ର ପ୍ରଚଳନ ଅସିଦ୍ଧ ଘୋଷିତ।
- ଦକ୍ଷିଣ କୋରିଆର ଏକ ଧାନ ଗବେଷକ ଦଳ ନୂଆ ପ୍ରକାର ଧାନ 'ସୁଓନ–୧୫୧' ଉଦ୍ଭାବନ କରିପାରିଛନ୍ତି।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | 2 | | | | | |
| | | | | | | 4 | 1 | |
| | 6 | 8 | | 5 | | 3 | | |
| | 1 | | | | | | | 6 |
| | 9 | | | | | 7 | 4 | 8 |
| | | | | 8 | 2 | | | |
| 6 | 5 | 9 | | | | | | |
| 2 | | | | 3 | | 5 | | |
| | | 3 | 8 | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 3 | 6 | 2 | 9 | 4 | 5 | 7 |
| 9 | 6 | 2 | 5 | 7 | 4 | 8 | 1 | 3 |
| 7 | 4 | 5 | 8 | 3 | 1 | 2 | 6 | 9 |
| 2 | 8 | 1 | 3 | 4 | 6 | 9 | 7 | 5 |
| 6 | 3 | 4 | 7 | 9 | 5 | 1 | 8 | 2 |
| 5 | 9 | 7 | 1 | 8 | 2 | 6 | 3 | 4 |
| 1 | 7 | 9 | 2 | 5 | 8 | 3 | 4 | 6 |
| 3 | 2 | 6 | 4 | 1 | 7 | 5 | 9 | 8 |
| 4 | 5 | 8 | 9 | 6 | 3 | 7 | 2 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଏକପାଖିଆ ନାଳ ନିର୍ମାଣ କାହିଁକି

ମହାଶୟ,

ଶ୍ରୀସେତୁ ନିକଟସ୍ଥ ଶ୍ରୀନିବାସ ବିହାର(ଫେଜ୍–୨) ବସ୍ତିରେ ଜଳ ନିଷ୍କାସନ ସମସ୍ୟା ପାଇଁ ପୁରୀ ପୌରସଂସ୍ଥା ଓ ଜିଲା ପ୍ରଶାସନ ନିକଟରେ ବହୁଦିନ ଧରି ଦାବି ହୋଇଆସୁଥିଲା। ତେବେ ବସ୍ତିର ଏକ ପ୍ରଭାବଶାଳୀ ଗୋଷ୍ଠୀର ଚାପରେ ଠିକାଦାର/କଣ୍ଟ୍ରାକ୍ଟର ସାହିର ସବୁ ପଟରେ ନ କରି ଗୋଟିଏ ପଟେ ନାଳ ନିର୍ମାଣ କରି କାର୍ଯ୍ୟ ସାରିଦେଲେ। ଦକ୍ଷିଣପଟ ବସ୍ତିବାସିନ୍ଦା ନାଳ ସୁବିଧାରୁ ବଞ୍ଚିତ ହେବାରୁ ଘରଗୁଡ଼ିକର ଗାଧୁଆ ଓ ବର୍ଷା ପାଣି ନିଷ୍କାସନରେ ସମସ୍ୟା ହେଉଛି। ଯେଉଁ ପଟେ ନାଳ ହେଲା ସେପଟ ବାସିନ୍ଦା ସୁବିଧାରେ ରହିଲେ ସତ ହେଲେ ଅନେକ ବାସିନ୍ଦା କେବଳ ଗାଧୁଆ ପାଣି ପରିବର୍ତ୍ତେ ପାଇଖାନା ମଳକୁ ନାଳକୁ ଛାଡୁଥିବାରୁ ଏହା ଯେଉଁଠାରେ ନିଷ୍କାସିତ ହେଉଛି ତାହା ବିବାଦୀୟ ସ୍ଥିତି ସୃଷ୍ଟି କରୁଛି। ଏଣୁ ଅନ୍ୟ ଏକ ନାଳ ଓ ସ୍ୱେରେଜ ଲାଇନ କରାଗଲେ ସମସ୍ତଙ୍କୁ ସୁବିଧା ହୁଅନ୍ତା।

–ଡି.ପି ତ୍ରିପାଠୀ, ଶ୍ରୀନିବାସ ବିହାର, ପୁରୀ

## ଚିରନ୍ତନୀ

ତୋ ପରି ତରଙ୍ଗ ମୋର ବହଇ ଉଜାଣି।
ଜୁଆର କହଇ ଆସି ଜୁଆରର ବାଣୀ,
ତୁ କି ଲୋ ମୋହରି ପାଇଁ
ଚିର ଦିନ ଅଛୁ ଧାଇଁ?
ମୋର ଜୀବନର ନଦୀ ତୁହି କି ଲୋ ରାଣୀ!
–(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ନୂଆପଡ଼ା,୭।୪(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ଖଇରାନି ପଞ୍ଚାୟତ ପିପଲଛିଣ୍ଡି ଗାଁର ଜଣେ ବୃଦ୍ଧ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ପିପଲଛିଣ୍ଡି ଗାଁର କୃଷ୍ଣ ବାଗ (୬୨)। ବୃଦ୍ଧ ଜଣକ ରବିବାର ସକାଳେ ସାଇପଲା ଡ୍ୟାମକୁ ଶୌଚ ପାଇଁ ଯାଉଥିବା ସମୟରେ ଭାଲୁ ଅଠାତ ଆସି ବୃଦ୍ଧଙ୍କୁ ଆକ୍ରମଣ କରିଥିଲା। ଭାଲୁ ଓ ମଣିଷ ମଧ୍ୟରେ ଲଢେଇ ହୋଇଥିଲା। ଭାରି କଷ୍ଟରେ ବୃଦ୍ଧ ଭାଲୁଠାରୁ ଛଡାଇ ହୋଇ ଜୀବନ ବିକଳରେ ଦୌଡି ପଳାଇଥିଲେ। ବୃଦ୍ଧଙ୍କ ଦୁଇ ହାତ, ଛାତି, ପେଟରେ ଗଭୀର ଆଘାତ ଲାଗିଛି। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ବର୍ତ୍ତମାନ ସୁସ୍ଥ ଥିବା ଜଣାପଡିଛି। ୩ ଦିନ ଭିତରେ ୨ଜଣ ଭାଲୁ ଆକ୍ରମଣ ଶିକାର ହେଲେଣ। ମହୁଲ ଫୁଲ ଖାଇବା ପାଇଁ ଭାଲୁ ଆସୁଥିବା ବେଳେ ମଣିଷ ଯାଇ ଭାଲୁ ହାବୁଡରେ ପଡୁଛନ୍ତି।

### ବିପୁଳ ଦେଶୀ, ବିଦେଶୀ ମଦ ଜବତ

**ବେହେରାଗୁଡ଼ାରେ ଅବକାରୀ ବିଭାଗ ଚଢ଼ାଉ**

ବେହେରା,୭।୪(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରାଗୁଡା ଗ୍ରାମର ଜନୈକ ଚୋରା ମଦ ବେପାରୀ ଘରେ ଶନିବାର ଅବକାରୀ ବିଭାଗ ଅଚାନକ ଚଢ଼ାଉ କରିଛି। ଚଢ଼ାଉ ବେଳେ ଦେଶୀ ମଦ ୮.୬୪୦ ଓ ବିଦେଶୀ ମଦ ୨୩.୪୦୦ ଲିଟର ଜବତ କରାଯାଇଛି। ମଦ ବେପାରୀଙ୍କୁ ଆଇପିସି (୪୧) ଅନୁଯାୟୀ ଛାଡି ଦିଆଯାଇଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ଏ ନେଇ ଧର୍ମଗଡ଼ ଅବକାରୀ କାର୍ଯ୍ୟାଳୟରେ ମାମଲା (ନଂ.୦୬/୨୪-୨୫) ରୁଜୁ ହୋଇଛି। ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଚଢ଼ାଉରେ ଧର୍ମଗଡ଼ ଅବକାରୀ ଅଧିକାରୀ ପ୍ରତିମା ବେହେରା, ଅରୁଣ ଧଙ୍ଗଡା ମାଝି, ଶ୍ରୀକାନ୍ତ ଠାକୁର, ପ୍ରତିମା ଗହୀର ଓ ଅନ୍ୟ ଅବକାରୀ କନଷ୍ଟେବଲ ଉପସ୍ଥିତ ରହିଥିଲେ। ପ୍ରକାଶ ଥାଉ କି ଦଣ୍ଡପାଟ ଅଂଚଳର ପ୍ରତ୍ୟେକ ଗ୍ରାମରେ ଛତୁ ଭଳି ମଦ କୋଠି ରହିଥିବା ବେଳେ ଅବାଧରେ ଦେଶୀ ଓ ବିଦେଶୀ ମଦ କାରବାର ଚାଲୁଛି। ଏ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଅବକାରୀ ବିଭାଗ ନିଦ ଭାଙ୍ଗିଛି। କିନ୍ତୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପୁଣି ଛାଡି ଦେଉଥିବା ଯୋଗୁ ସେମାନେ ପୁନର୍ବାର ଉକ୍ତ କାମରେ ଲିପ୍ତ ରହୁଛନ୍ତି। ନିର୍ବାଚନକୁ ଆଖି ଆଗରେ ରଖି ଅସାଧୁ ମଦ ବ୍ୟବସାୟୀଙ୍କ ଉପରେ କଠୋର ଦଣ୍ଡ ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହେଉଛି।

### ଭାଜପାର ପ୍ରତିଷ୍ଠାତା ସଦସ୍ୟ ମୀନିକେତନ ବିସିଙ୍କ ପରଲୋକ

ଖଡ଼ିଆଳ,୭।୪(ସୁଜିତ୍ କୁମାର ପ୍ରଧାନ)



ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡଙ୍କସର ଗ୍ରାମର ମୀନିକେତନ ବିଶି (୬୨)ଙ୍କ ରବିବାର ସକାଳ ସାଢ଼େ ୮ଟାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଶାରୀରିକ ଅସୁସ୍ଥତା ହେବାରୁ ରାୟପୁର ତଥା ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସେ ଭାଜପାର ପ୍ରତିଷ୍ଠାତା ସଦସ୍ୟ ଏବଂ ଆରଏସଏସ ବିଚାର ଧାରାର ବ୍ୟକ୍ତି ଥିଲେ। ସେ ଭାଜପା ଜିଲାସ୍ତରୀୟ ବିଭିନ୍ନ ପଦ ପଦବୀରେ ଅନେକ ସମୟରେ ରହି କାର୍ଯ୍ୟ ତୁଲାଇଥିଲେ। ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ତଥା ଖଡ଼ିଆଳ ମହୋତ୍ସବର ବରିଷ୍ଠ କର୍ଯ୍ୟକର୍ତ୍ତା ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ବିମଳା ବିଶି, ବଡ଼ ପୁଅ ଉଦିତି, ଆଦିତ୍ୟ, ଭାଇ ସୁରେଶ ବିଶି ପୂର୍ବତନ ସରଧାପୁର ସରପଞ୍ଚ ତଥା ବିଶି ପରିବାରର ସମସ୍ତ ସଦସ୍ୟ ଓ ବନ୍ଧୁ ପରିଜନ ଉପସ୍ଥିତି ଥିଲେ। ଜ୍ୟେଷ୍ଠ ପୁତ୍ର ପିନୁ ବିଶି ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ବିଶିଙ୍କ ଶେଷ ଦର୍ଶନ ପାଇଁ ଖଡ଼ିଆଳ ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି, ବରିଷ୍ଠ ଭାଜପା କର୍ମୀ ପୃଥ୍ୱୀରାଜ ମହାନ୍ତି, ସୁକୃ ବାଗ, ଦେବଦତ୍ତ ଯୋଶୀ, ଜନକ ନାଏକ ସମେତ ବହୁ ଭାଜପା କର୍ମୀ ଶେଷ ଦର୍ଶନ କରିଥିଲେ। ଖବର ପ୍ରସାରିତ ହେବା ପରେ ବିଭିନ୍ନ ମହଲରୁ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି।

# ମିଳିଲା ପ୍ରତିଶ୍ରୁତି, ହେଲାନି ସମାଧାନ

ଭବାନୀପାଟଣା,୭।୪(ଉତ୍ତମ କୁମାର ଦାଶ)

ନିର୍ବାଚନ ପରେ ନିର୍ବାଚନ ଆସୁଛି। ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳୁଛି। ହେଲେ ସମାଧାନ ହେଉ ନାହିଁ। ଏପରି ଏକ ଉଦାହରଣ ଭାବେ କଳାହାଣ୍ଡି ଜିଲା କଲମପୁର ବ୍ଲକ ଖଣ୍ଡି ଡଙ୍ଗରୀଗୁଡା ହାତୀ ନଦୀଘାଟରେ ପୋଲ ନିର୍ମାଣ କାମରେ ଦେଖିବାକୁ ମିଳିଛି। ଗତ ୨୦୧୯ ସାଧାରଣ ନିର୍ବାଚନ ବେଳେ ଭାଜପା ଏମପି ବସନ୍ତ ପଣ୍ଡା ଏହି ପୋଲ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ପୋଲ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନ ପରେ ଏମପି ପଣ୍ଡା ଗ୍ରାମବାସୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ସମୟରେ ପୁନଃ ପୋଲ ନିର୍ମାଣ ପ୍ରସ୍ତାବ ଉପରେ ମତବ୍ୟକ୍ତ କରିଥିଲେ। ଯାହା କେନ୍ଦ୍ରୀୟ ଅନୁଦାନରୁ ନିର୍ମାଣ ହେବ ବୋଲି ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ପୋଲ ନିର୍ମାଣ ପାଇଁ ମାଟି ପରୀକ୍ଷା ସହ ଅନ୍ୟ କିଛି ପ୍ରାଥମିକ ପଦକ୍ଷେପ ନିଆଯାଇଥିଲା। କିନ୍ତୁ ଏଥିମଧ୍ୟରେ ଦୀର୍ଘ ଦିନ ବିତି ସାରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହି ପୋଲ ନିର୍ମାଣ ହେଲେ କଲମପୁର ଜୁନାଗଡ ମୁଖ୍ୟ ରାସ୍ତା ସହ ବଙ୍କାପଲା ନିକଟରେ ସଂଯୋଗ ହେବ। ଯାହାଦ୍ୱାରା ଅଞ୍ଚଳବାସୀ ଜୁନାଗଡ, କୋକସରା, ଧର୍ମଗଡ ସମେତ ୨୬ ନଂ. ଜାତୀୟ ରାଜପଥରେ ସଂଯୋଗ ହେଇ ପଡୋଶୀ ନବରଙ୍ଗପୁର ଏବଂ ଛତିଶଗଡ ରାଜ୍ୟ ସହ ଯାତାୟାତର ସୁବିଧା ପାଇ ପାରିବେ। ସେମାନଙ୍କ ଅର୍ଥନୈତୀକ, ସାମାଜିକ ଏବଂ ସାଂସ୍କୃତିକ ବିକାଶ ହେଇ ପାରିବ। ପୁଣି ଶିକ୍ଷା, ସ୍ୱାସ୍ଥ୍ୟା କ୍ଷେତ୍ରରେ ଉନ୍ନତି ହେଇ ପାରିବ। କିନ୍ତୁ ଏହି ଆଶା ଏବେ ଆଶାରେ ରହିଯାଇଛି। ଯେଉଁଥି ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅଶନ୍ତୋଷ ଲାଗି ରହିଛି।



ହାତୀ ନଦୀ ଖଣ୍ଡିଡଙ୍ଗରୀଗୁଡା ଘାଟ।

**ପ୍ରତିଶ୍ରୁତିରେ ଖଣ୍ଡିଡଙ୍ଗରୀଗୁଡ଼ା ଘାଟରେ ପୋଲ ନିର୍ମାଣ ପ୍ରସ୍ତାବ**

ବଡବଡ ନେତା ଆସିଲେ, ଏମ.ପି ଆସିଲେ। ପୋଲ ନିର୍ମାଣର ପ୍ରତିଶ୍ରୁତି ଦେଲେ। କିନ୍ତୁ ପୋଲ ନିର୍ମାଣ ହୋଇ ପାରିଲାନାହିଁ। ଦେଶୀ ଡଙ୍ଗାରେ ଆମେ ନଦୀ ପାର ହେଉଛୁ। କେତେବେଳେ ଡଙ୍ଗା ଦୁର୍ଘଟଣା ଘଟୁଛି। ତେଣୁ ଆମେ ଆଗାମୀ ନିର୍ମାଚନ ସମୟରେ ଭୋଟ ମାଗି ଆସୁଥିବା ନେତାଙ୍କୁ ଉଚିତ ଜବାବ ଦେବୁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଖଣ୍ଡିଡଙ୍ଗରୀଗୁଡା-ବଙ୍କାପଲା ସଂଯୋଗ ପାଇଁ ହାତୀନଦୀରେ ଏକ ପୋଲ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଯାହାର ସ୍ୱୀକୃତୀ ପାଇଁ ରାଜ୍ୟସ୍ତରୀୟ ଅଧିକାରୀଙ୍କ ପାଖରେ ରହିଛି। ଆଗାମୀ ଏକମାସ ମଧ୍ୟରେ ସ୍ୱୀକୃତୀ ପାଇବା ପରେ ପୋଲ ନିର୍ମାଣର ଆନୁସଙ୍ଗିକ କାର୍ଯ୍ୟ ଆରମ୍ଭ ହେବ ବୋଲି କଳାହାଣ୍ଡି ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରକାଶ ଚନ୍ଦ୍ର ବେହେରା କହିଛନ୍ତି।

# କାୟାକଳ୍ପ ମୂଲ୍ୟାଙ୍କନରେ ପ୍ରଥମ ସ୍ଥାନରେ ପଲମ ସ୍ୱାସ୍ଥ୍ୟକେନ୍ଦ୍ର




ପଲମ,୭।୪(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ପଲମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ମୂଲ୍ୟାଙ୍କନରେ ପ୍ରଥମ ସ୍ଥାନ ଅଧିକାର କରିଛି। ବର୍ତ୍ତମାନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରୁପେ ପରିଚିତ ହେବାକୁ ସ୍ୱାସ୍ଥ୍ୟକେନ୍ଦ୍ରର ସୁନ୍ଦରତା, ସ୍ୱଚ୍ଛତା ଓ ପରିଷ୍କାର, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ସମର୍ଥିତ ସେବା, ସ୍ୱାସ୍ଥ୍ୟକେନ୍ଦ୍ରର ବାହ୍ୟ କାର୍ଯ୍ୟକ୍ରମ, ସ୍ୱଚ୍ଛତା ପ୍ରୋତ୍ସାହନ ଆଦି ଦିଗକୁ ପରିଦର୍ଶନ ଓ ଅନୁଶୀଳନ କରି ଜିଲା କାୟାକଳ୍ପ ପୁରସ୍କାର ନିର୍ଦ୍ଧାରଣ କମିଟି ଦ୍ୱାରା ଜିଲାର ୩୫ଟି ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର ପ୍ରଦାନ ସହ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହା ପୂର୍ବରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗତ ୩ବର୍ଷ ଧରି କାୟାକଳ୍ପ ପୁରସ୍କାର ପାଇ ଆସୁଛି। ଏହି ଉପଲକ୍ଷ ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଡାକ୍ତର ମଧୁମିତା ସେନାପତି, ଫାର୍ମାସିଷ୍ଟ ପି. ଭବାନିଶଙ୍କର ପାତ୍ର, ଆୟୁଷ ଡାକ୍ତର, ନର୍ସିଙ୍ଗ ଅଫିସର, ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ସମସ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅବଦାନ ଓ ପରିଶ୍ରମ ପଲମ ଗ୍ରାମବାସୀ ବହୁଳ ଭାବେ ପ୍ରଶଂସା କରୁଛନ୍ତି। ଏଥର ନିମନ୍ତେ ପଲମ ସ୍ୱାସ୍ଥ୍ୟକେନ୍ଦ୍ର ଜନ ଆରୋଗ୍ୟ ସମିତ ଅଧକ୍ଷା ତଥା ନର୍ଲା ୧ନଂ. ଜୋନ ଜିଲା ପରିଷଦ ସଦସ୍ୟା ନମ୍ରତା ସାହୁ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ତ କର୍ମଚାରୀ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଏମ୍‌ପି, ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସଂକଳ୍ପ ଉତ୍ସବ




ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ବିଜେଡିର ଘୋଷିତ ପ୍ରାର୍ଥୀ।

ଖଡ଼ିଆଳ,୭।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳଠାରେ ରବିବାର ବିଜେଡିର କଳାହାଣ୍ଡି ଏମ୍‌ପି ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ଖଡ଼ିଆଳ ବିଧାୟକ ପ୍ରାର୍ଥୀ ଅଧିରାଜ ପାଣିଗ୍ରାହୀଙ୍କୁ ଦଳୀୟ କର୍ମୀ ଓ ସମର୍ଥକମାନେ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଛନ୍ତି। ଅନୁଷ୍ଠିତ ସଭାରେ ଜିଲା ବିଜେଡି ସଭାପତି ମନୋଜ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଖଡ଼ିଆଳ ନଗର ସଭାପତି ଦୀପକ ଖମାରୀ ମଞ୍ଚ ପରିଚାଳନା କରିଥିଲେ। ଯୋଜନା ଓ ସଂଯୋଜନ ମନ୍ତ୍ରୀ ତଥା ନୂଆପଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଆଲୋଚନା କରି ଶଙ୍ଖ ଛାପରେ ଭୋଟ ଦେବାକୁ କହିଥିଲେ। ଉଭୟ ଅଧିରାଜ ଓ ଲମ୍ବୋଦର ଓଡ଼ିଶାର ବିକାଶ ପାଇଁ ବିଜେଡି ହିଁ ଏକମାତ୍ର ବିକଳ୍ପ ବୋଲି କହିଥିଲେ। ସମସ୍ତେ ଏକ ମନପ୍ରାଣ ଦେଇ ବିଜେଡ଼ିର ବିଜୟ ପାଇଁ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କଂଗ୍ରେସ ଓ ଭାଜପାର ବହୁ କର୍ମୀ ବିଜେଡିରେ ଯୋଗଦେଇଥିଲେ। ଏହା ପୂର୍ବରୁ ଖଡ଼ିଆଳ ମା'ଠାକୁରାଣୀ ମନ୍ଦିର, ଦଧିବାବନ, ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ହଜାର ହଜାର ଦଳୀୟ କର୍ମୀ ଏକ ବାଇକ୍ ରାଲିରେ ଖଡ଼ିଆଳ ସହର ପରିକ୍ରମା କରି ଅଗ୍ରସେନ ଭବନ ସଭାସ୍ଥଳକୁ ଆସିଥିଲେ। କାର୍ଯ୍ୟକ୍ରମରେ ନୂଆପଡା ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଖଡ଼ିଆଳ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ବୋଡ଼େନ ବ୍ଲକ ଅଧକ୍ଷା ପ୍ରେମଶିଳା ନାଗ, ସିନାପାଲି ବ୍ଲକ ଅଧକ୍ଷା ମାଧୁରୀ ମାଝି, ଜିଲା ପରିଷଦ ସଦସ୍ୟ ଚିତରଞ୍ଜନ ବେହେରା, ବିଜେଡି ମହିଳା ଜିଲା ସଭାନେତ୍ରୀ ସରସ୍ୱତୀ ବାଗ, ରାଜ୍ୟ ସାଧାରଣ ସମ୍ପାଦିକା ଝୁଲଣା ବେହେରା, ରାଜ୍ୟ ସମ୍ପାଦିକା ସନ୍ତୋସିନୀ ସଲମା, ଉପସଭାପତି ମନୋଜ ଦୀପ, ମହମ୍ମଦ ୟାସୀନ, ଏମଡି ମହମ୍ମଦ, ସରପଞ୍ଚ ସଂଘ ସଭାପତି ସିନାପାଲି ଖୁଟୁରାମ ସୁନାନୀ, ଶ୍ୟାମସୁନ୍ଦର କୁଳଦୀପଙ୍କ ସମେତ ଶତାଧିକ ବିଜେଡି କର୍ମକର୍ତ୍ତା ମଞ୍ଚାସୀନ ଥିବା ବେଳେ ହଜାର ହଜାର ଜନ ସାଧାରଣ ସାମିଲ ହୋଇଥିଲେ।

### ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ

ନୂଆପଡ଼ା,୭।୪(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ପଗାରପାଣି ମଧୁପୁର ଗାଁର ଏକ ଘରେ ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ରବିବାର ଜବତ କରିଛି ନୂଆପଡ଼ା ବନ ବିଭାଗ। ପଗାରପାଣି ଗାଁ ଅଞ୍ଚଳରେ ବେଆଇନ ଭାବେ ଶାଗୁଆନ କାଠ, ପଟା କାରବାର ଚାଲିଥିବା ନୂଆପଡା ବନ ବିଭାଗଠାରେ ଅଭିଯୋଗ ହୋଇ ଆସୁଥିଲା। ରବିବାର କୌଣସି ସୂତ୍ରରୁ ଖବର ପାଇଁ ରେଞ୍ଜର ଆଲୋକ ମାଝିଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ଖଗେଶ୍ୱର ମାଝିଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ଭୋର ସକାଳୁ ପଗାରପାଣି ମଧୁପୁର ଗାଁର ଶୁକ୍ରୁ ମାଝିଙ୍କ ଘରେ ଚଢାଉ କରି ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ, ପଟା, ଚଉଖଟ ଇତ୍ୟାଦି ଜବତ କରିଛନ୍ତି। ସେ ବହୁ ବର୍ଷରୁ ଶାଗୁଆନ କାଠ ବ୍ୟବସାୟ କରୁଥିବା ବନ ବିଭାଗ ନିକଟରେ ଖବର ଥିଲା। ନବବିଭାଗ ଶୁକ୍ରୁଙ୍କୁ ଅଟକ ରଖି ପଚରାଉଚରା କରୁଛି। ଚଢାଉ ସମୟରେ ଫରେଷ୍ଟର ମାଝିଙ୍କ ସମେତ ବିଘ୍ନରାଜ ପୋଡ, ହିମାଦ୍ରି ସରାଫ, ଟିଙ୍କି ଶବର, ଧନଞ୍ଜୟ ନିଆଳ, ପ୍ରେମ ତାଣ୍ଡି, ଘନଶ୍ୟାମ ଶବର, ସୁଚିସ୍ମିତା ମୁଣ୍ଡ, ସବନମ କିରଦୋଷ, ବିରୁ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବେଦନଶୀଳ ଅଞ୍ଚଳରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ପୋଲିସର ଫ୍ଲାଗ୍‌ମାର୍ଚ୍ଚ।

ଲାଞ୍ଜିଗଡ଼,୭।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ପୋଲିସ ପକ୍ଷରୁ ଆଗାମୀ ଲୋକ ସଭା ଓ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଲାଞ୍ଜିଗଡ ସହର ସମେତ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଉଥିବା ବେଳେ ରବିବାର ବସନ୍ତପଡା ଗ୍ରାମପଞ୍ଚାୟତ ଶିଳ୍ପାଞ୍ଚଳଠାରୁ ବସନ୍ତପଡା ଗ୍ରାମ ପର୍ଯ୍ୟନ୍ତ ଫ୍ଲାଗମାର୍ଚ୍ଚ କରାଯାଇଛି। ରାଜ୍ୟ ନିର୍ବାଚନ କମିଶନର, ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ ଲାଞ୍ଜିଗଡ ଥାନାଧିକାରୀ ବିଜୟଲକ୍ଷ୍ମୀ ହିକକାଙ୍କ ନେତୃତ୍ୱରେ ତ୍ରିଲୋଚନପୁର ସିଆର୍‌ପିଏଫ୍‌ର ୨ ପ୍ଲାଟୁନ କେନ୍ଦ୍ରୀୟ ସୁରକ୍ଷା ବଳ ସହିତ ଏଏସଆଇ ଏଲଆର ସେଠି, ଏଏସଆଇ ସର୍ଣ୍ଣଲତା ଗମାଙ୍ଗ ସମେତ, ଏଏସଆଇ ମାଝି ଗମାଙ୍ଗ ସମେତ ଥାନା ପୋଲିସ କର୍ମଚାରୀମାନେ ଫ୍ଲାଗମାର୍ଚ୍ଚରେ ସାମିଲ ହୋଇଥିଲେ। ସୂଚନା ଯେ, ଆଗାମୀ ମେ ୧୩ରେ ଲାଞ୍ଜିଗଡ ନିର୍ବାଚନମଣ୍ଡଳୀରେ ଉଭୟ ଲୋକ ସଭା ଓ ବିଧାନସଭା ପାଇଁ ଭୋଟ ଗ୍ରହଣ ହେବ। ନିର୍ବାଚନ ସମୟରେ ଓ ପୂର୍ବରୁ ନିର୍ବାଚନ ଆଚରଣବିଧି ପାଳନ ଏବଂ ଆଇନଶୃଙ୍ଖଳା ରକ୍ଷା କରିବା, ଲୋକଙ୍କ ମନରୁ ଭୟ ଦୂର କରି ପୋଲିସ ଉପରେ ଆସ୍ଥା ପ୍ରତିଷ୍ଠା ଉଦେଶ୍ୟରେ ଏହି ଫ୍ଲାଗମାର୍ଚ୍ଚ କରାଯାଉଛି ବୋଲି ଥାନାଧିକାରୀ ବିଜୟଲକ୍ଷ୍ମୀ ହିକକା ପ୍ରକାଶ କରିଛନ୍ତି।

### ସତ୍ୟବାନ ପୂଝାରୀଙ୍କ ପରଲୋକ



ଖଡ଼ିଆଳ,୭।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଲକ୍ଷ୍ମୀପୁର ଗ୍ରାମର ସତ୍ୟବାନ ପୂଝାରୀ (୭୩)ଙ୍କ ପରଲୋକ ହୋଇଯାଇଛି। ସେଜଣେ ଶାନ୍ତ ଶିଷ୍ଟ ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଫୁଲମାଳା ବିକ୍ରି କରୁଥିଲେ। ତାଙ୍କ ବାପା, ମା', ବଡ଼ଭାଇ ଖଡ଼ିଆଳ ଗଙ୍ଗାଦୀ ଠାକୁରାଣୀ ଗୁଡିର ପୂଝାରୀ ଥିବା ବେଳେ ଦାଦାଙ୍କ ମୃତ୍ୟୁ ପରେ ପୁତୁରା ଗୁଣନିଧି ପୂଝାରୀ ଗଙ୍ଗାଦୀ ଗୁଡି ପୂଜା କରୁଛନ୍ତି। ତାଙ୍କର ସ୍ତ୍ରୀ ୨୮ ବର୍ଷ ତଳେ ମୃତ୍ୟୁ ହୋଇଯାଇଥିବା ବେଳେ ଗୋଟିଏ ବୋଲି ପୁଅ ଜିତେନ୍ଦ୍ର ମଧ୍ୟ ୧୮ ବର୍ଷ ତଳେ ମୃତ୍ୟୁ ହୋଇଯାଇଛି। ନାତି ହିତେଶ ପୂଝାରୀଙ୍କ ସହ ରହି ଆସୁଥିଲେ। ନାତି ହିତେଶ ମୁଖାଗ୍ନି ଦେଇଥିଲେ।

### ଷୋହଳ ପ୍ରହର ନାମଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ

ରିଷିଡ଼ା,୭।୪(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ମା' ତାରିଣୀ ଅଷ୍ଟଚଣ୍ଡୀ ଶୈବ ଶକ୍ତି ମନ୍ଦିରଠାରେ ୧୩ତମ ଝାମୁଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ମା'ଙ୍କ ମନ୍ଦିର ସାମ୍ନାରେ ଷୋହଳ ପ୍ରହର ବିଧିବଦ୍ଧ ଭାବେ ଭଜନ ସଂକୀର୍ତ୍ତନ ସହିତ ନାମଯଜ୍ଞ ପାଇଁ ରବିବାର ଶୁଭଖମ୍ବ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଶକ୍ତି ମନ୍ଦିର ପରିଚାଳନା କମିଟି ସଭାପତି କୈଳାସ କୁମୁରା, ଉପସଭାପତି ସୁଶାନ୍ତ ମଲ୍ଲିକ, ସମ୍ପାଦକ କୁଞ୍ଜ ବିହାରିରଣା, ସହସମ୍ପାଦକ ଲମ୍ବୋଧର ରଣା, କୋଷାଧକ୍ଷ ମହେନ୍ଦ୍ର ପ୍ରଧାନୀ, ସେବାୟତ ରଞ୍ଜନ ରଣା, ସେଷଦେବ ରଣା, ପିତାମ୍ବର ରଣା, ହୃଦାନନ୍ଦ ମଲ୍ଲିକ, ମହିମା ରଣା, ବିଷ୍ଣୁ ରଣା, ସୁର୍ଯ୍ୟମଣି ରଣା, ହରି ବାରିକ, ତାରା ଭୋଇ, କୁନି ଭୋଇ, ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣା, ନାମ ଯଜ୍ଞକର୍ତ୍ତା ଦାୟିତ୍ୱରେ ସାନୁ ରଣା ଓ ଉର୍ମିଳା ରଣା, ପୂଜକ ରୁଦ୍ର ମଣି ଦାସଙ୍କ ସମେତ ଗ୍ରାମର ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଯାତ୍ରାର ବିଭାଗ ଶାନ୍ତିଶୃଙ୍ଖଳା ଏବଂ ଅନ୍ୟାନ୍ୟ ଦାୟିତ୍ୱ ନେଇଥିଲେ। ପ୍ରଥମ ଦିନ ଦେବୀଙ୍କ ନଗର ପରିକ୍ରମା ଶତରଯାତ୍ରା, ଦ୍ୱିତୀୟ ଦିବସରେ ଝାମୁଯାତ୍ରା, ତୃତୀୟ ଦିନରେ ପଣା ସଂକ୍ରାନ୍ତି ହନୁମାନ ଜୟନ୍ତି ଏବଂ ଚତୁର୍ଥ, ପଞ୍ଚମ, ଷଷ୍ଠ ଦିବସରେ ନାମ ଯଜ୍ଞ ମହାସମାରୋହରେ ଉତ୍ସବ ଆସନ୍ତା ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ ହେବ। ଯାତ୍ରା ଆକର୍ଷଣୀୟ ପାଇଁ ମିନାବଜାର ରହିଥିବା ଜଣାଯାଇଛି।



ଶୁଭଖମ୍ବ ସ୍ଥାପନ କରାଯାଉଛି।

# ଆଦିବାସୀଙ୍କୁ ବିଜୟୀ କରି ବିଧାନସଭା ପଠାଇବୁ

ନୂଆପଡ଼ା,୭।୪(ମକାରୁ ବେମାଲ)



ସମାବେଶରେ ମଞ୍ଚାସୀନ ଆଦିବାସୀ ଅତିଥି ବୃନ୍ଦ।

**ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ମହାସମାବେଶ**

■ ୨ଟି ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ କରିବ ଆଦିବାସୀ

ନୂଆପଡା ସଦର ବ୍ଲକ ଗୋଡଫୁଲା ବରଗଛ ପଡିଆରେ ରବିବାର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଆଦିବାସୀ ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଘାସିରାମ ମାଝିଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଆଦିବାସୀ ନେତା ଖାମସିଂ ମାଝି, ଶବର ସମାଜ ସଭାପତି ସୋମନାଥ ଖମାରୀ, ଭାନୁ ପ୍ରତାପ ସିଂ ମାଝି, ବାଳକୃଷ୍ଣ ଶବର, ବିହାରୀ ବିଶ୍ୱାଳ, ଦିବ୍ୟ ସିଂ ମାଝି, ବଞ୍ଜାରା ସମାଜ ସଭାପତି ଈଶ୍ୱର ନାଏକ, କନ୍ଧ ସମାଜ ଜଗନ୍ନାଥ ଭୋଇ, ଖାଡିଆ ସମାଜ ମୁରଲିଧର ଖାଡିଆ, ବୃନ୍ଦାବନ ଭୋଇ, ଭୁଞ୍ଜିଆ ସମାଜ ସଭାପତି ନାରଦ ଛତ୍ରିଆ, ବିଝାଳ ସମାଜ ମୋତିରାମ ବରିହା, ଚିନ୍ଦା ସମାଜ ଦୁରୁପ ସିଂ ଚିନ୍ଦା, ବଟକୃଷ୍ଣ ପରୁଆ, ସରୋଜିନୀ ମାଝି, ମିର୍ଦ୍ଧା ସମାଜ ସଭାପତି କୃଷ୍ଣଚନ୍ଦ୍ର ଗୋଣ୍ଡିଆ ମାଝି, ଚିତ୍ତରଞ୍ଜନ ବନଗୋଳା, ରମାକାନ୍ତ ମାଝି, ଭକ୍ତ ଶବର, ଶ୍ରୀକାନ୍ତ ମାଝି, ହେମଲାଲ ମାଝି, ତୁଳସି ବରିହା, ଅଖିଳ ଶବର, ବିକ୍ରମ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ଆଦିବାସୀ ବହୁଳ ନୂଆପଡା ଜିଲାରେ ୨ଟି ନିର୍ବାଚନମଣ୍ଡଳୀ ରହିଛି। ସରକାର ଆଦିବାସୀଙ୍କୁ ସବୁକ୍ଷେତ୍ରରେ ଅଣଦେଖା କରୁଥିବାରୁ କୌଣସି ବିକାଶ ହୋଇପାରୁନାହିଁ। ଆଦିବାସୀଙ୍କ ଅଧିକାର କ୍ଷୁର୍ଣ୍ଣ କରି ଦିଆଯାଉଛି। ଆଦିବାସୀ ଯେତେ ସଂଗ୍ରାମ କଲେ ମଧ୍ୟ କୌଣସି ଫଳପ୍ରଦ ହେଉନାହିଁ। ରାଜନୈତିକ କ୍ଷେତ୍ରରେ ମଧ୍ୟ ଆଦିବାସୀଙ୍କୁ ଅଣଦେଖା କରାଯାଉଛି। ୩ ପ୍ରମୁଖ ଦଳରେ ବିଧାନସଭା କିମ୍ବା ଲୋକ ସଭା ଆସନରେ ଆଦିବାସୀଙ୍କୁ ପ୍ରାର୍ଥୀ ଦେଇ ନ ଥିବାରୁ ପ୍ରତିବାଦ କରି ସମସ୍ତ ବର୍ଗର ଆଦିବାସୀ ଗଣ୍ଡ, ଭୁଞ୍ଜିଆ, ଚିନ୍ଦା, ବିଝାଳ, ଶବର, କନ୍ଧ, ଖାଡିଆ, ମିର୍ଦ୍ଧା ଆଦି ଜିଲାରେ ଥିବା ସବୁ ଆଦିବାସୀ ବର୍ଗର ହଜାର ହଜାର ମହିଳା ଓ ପୁରୁଷ ଏକତ୍ରିତ ହୋଇ ଆଦିବାସୀଙ୍କ ବିକାଶ କରିବାକୁ ହେଲେ ଆଦିବାସୀ ନେତା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ନୂଆପଡା ନିର୍ବାଚନମଣ୍ଡଳୀ ପାଇଁ ଘାସିରାମ ମାଝିଙ୍କୁ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ପ୍ରାର୍ଥୀ ଘୋଷଣା କରିଛନ୍ତି। ସେ ନିର୍ଦ୍ଦଳୀୟ ଭାବେ ନିର୍ବାଚନ ଲଢିବେ। ଖଡିଆଳ ନିର୍ବାଚନମଣ୍ଡଳୀରେ ଭାଜପା ଓ ବିଜେଡି ପ୍ରାର୍ଥୀ ଘୋଷଣା କରି ସାରିଛି। କଂଗ୍ରେସ ପକ୍ଷରୁ ଘୋଷଣା କରାଯାଇନାହିଁ। କଂଗ୍ରେସ ପକ୍ଷରୁ ଆଦିବାସୀଙ୍କୁ ପ୍ରାର୍ଥୀ କରା ନ ଗଲେ ଖଡିଆଳ ନିର୍ବାଚନମଣ୍ଡଳୀରେ ମଧ୍ୟ ଆଦିବାସୀ କଲ୍ୟାଣ ସଂଘ ପ୍ରାର୍ଥୀ ଚୟନ କରି ଘୋଷଣା କରିବ। ଜିଲାର ୨ଟି ନିର୍ବାଚନମଣ୍ଡଳୀରେ ଆଦିବାସୀଙ୍କୁ ବିଜୟୀ କରି ବିଧାନ ସଭାକୁ ପଠାଇବୁ ବୋଲି ଆଦିବାସୀମାନେ ସଂକଳ୍ପ ନେଇଛନ୍ତି। ଘାସିରାମଙ୍କୁ ପ୍ରାର୍ଥୀ ଘୋଷଣା ପରେ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ବିଶାଳ ଶୋଭାଯାତ୍ରାରେ ବାହାରି ନୂଆପଡା ଏକତା ଛକରେ ଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ନୂଆପଡାଠାରୁ ଖରିଆର ରୋଡରୁ କୋମନା ପର୍ଯ୍ୟନ୍ତ ଯାଇଥିଲେ। ଆଦିବାସୀ କଲ୍ୟାଣ ସଂଘ ଜିଲା ସଂଯୋଜକ କରୁଣା ଶଙ୍କର ମାଝି ମଞ୍ଚ ପରିଚାଳନା କରିଥିବା ବେଳେ ଭକ୍ତବନ୍ଧୁ ଧରୁଆ, କମଲେଶ ଠାକୁରଦ, ହରି ମାଝି, ଜ୍ଞାନେଶ୍ୱର ମାଝି ପ୍ରମୁଖ ସହଯୋଗ କରିଥିଲେ।

# ମହାନଦୀ ପ୍ରଦୂଷିତ ହେବା ଯୋଗୁ ଜୀବନ ଜୀବିକା ପ୍ରଭାବିତ

**ସୋନପୁର,୭।୪(ମୃତ୍ୟୁଞ୍ଜୟ ଶତପଥୀ)**

ଓଡିଶାର ଜୀବନ ରେଖା ମହାନଦୀର ବ୍ୟାପକ ପରିବର୍ତ୍ତନ ହୋଇଛି । ମହାନଦୀ କୂଳରେ ଗଢି ଉଠିଥିବା ଶିଳ୍ପାନୁଷ୍ଠାନ ଓ ସହରଗୁଡିକର ବର୍ଜ୍ୟଜଳ ସିଧାସଳଖ ମହାନଦୀରେ ମିଶୁଛି । ଜଳ ପ୍ରଦୂଷିତ ହେବା ସହ ଜଳଚର ପ୍ରାଣୀଙ୍କ ଉପରେ ଏହାର କୁପ୍ରଭାବ ପଡୁଛି । ଜୀବନ ଜୀବିକା ମଧ୍ୟ ପ୍ରଭାବିତ ହୋଇଛି । ସେହି ପରିବର୍ତ୍ତନର ହାର ଓ ବ୍ୟାପକତା ଆହୁରି ବଢି ବଢି ଚାଲିଛି ବୋଲି ରବିବାର ସୁବର୍ଣ୍ଣପୁରରେ ମହାନଦୀ ଉପରେ ହୋଇଥିବା ଏକ କର୍ମଶାଳାରେ ମତପ୍ରକାଶ ପାଇଛି । ସୁବର୍ଣ୍ଣପୁରର ଇଙ୍କ୍‌ଫେଷ୍ଟ ଓ ପୁରୀର ଜନମଙ୍ଗଳ ସମିତି ଦ୍ୱାରା ଆୟୋଜିତ ଏହି କର୍ମଶାଳା ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ନଦୀର ଘଟିଥିବା ଓ ଘଟୁଥିବା ପରିବର୍ତ୍ତନ ତଥା ଅନ୍ୟ ସାମାଜିକ ଓ ରାଜନୈତିକ କାରଣ ଯୋଗୁ ନଦୀ ବିପଦଗ୍ରସ୍ତ ହୋଇଥିବା ସ୍ତମ୍ଭକାର ତଥା ମହାନଦୀ ଉପରେ ଗବେଷଣା କରୁଥିବା ବିମଳ ପ୍ରସାଦ ପାଣ୍ଡିଆ ଆଲୋଚକ ଭାବେ ଯୋଗଦେଇ ମତପ୍ରକାଶ କରିଛନ୍ତି । ସେ କହିଥିଲେ ବିଭିନ୍ନ କାରଣରୁ ମହାନଦୀର ପରିବର୍ତ୍ତନ ଯୋଗୁ ନଦୀ ସହିତ ଜଡିତ ଅନେକ ଜନସମୁଦାୟର ଜୀବନ ଓ ଜୀବିକା ଅନେକ ମାତ୍ରାରେ ପ୍ରଭାବିତ ହୋଇଛି । ସାମାଜିକ କର୍ମୀ ଗୌରୀଶ୍ୟାମ ପଣ୍ଡା ଅନ୍ୟତମ ଆଲୋଚକ ଭାବେ ଯୋଗଦାନ କରି କହିଥିଲେ, ସୁବର୍ଣ୍ଣପୁର ଜିଲା ସହିତ ମହାନଦୀର ଅତି ଅନ୍ତରଙ୍ଗ ସମ୍ପର୍କ ରହିଛି । ଏଠାକାର ଇତିହାସ ଓ ସଂସ୍କୃତି ନଦୀ ପର୍ଯ୍ୟବେଶିତ ହୋଇ ରହି ଆସିଛି ବୋଲି ସେ କହିଥିଲେ । ଜୀବିକା, ଜୀବନ, ଚଳଣି, ସଂସ୍କୃତି ଓ ସଭ୍ୟତା ଆଦି ପ୍ରସଙ୍ଗ ସହିତ ପ୍ରଦୂଷଣ, ନଦୀ ପରିଚାଳନା, ନଦୀ ଉପରେ ଅଧିକାର ତଥା ନଦୀର ନିଜର ଅଧିକାର ଉପରେ କର୍ମଶାଳାରେ ଆଲୋଚନା ହୋଇଥିଲା । ନଦୀରେ ବେଆଇନ ବ୍ଲାଷ୍ଟିଂ ଓ ବିଷ ପ୍ରୟୋଗ କରି ଅବାଧ ମାଛ ଧରା କାରଣରୁ ପରିବେଶ ଓ ଜୀବିକାର ଅପୂରଣୀୟ କ୍ଷତି ବିଷୟରେ ଚର୍ଚ୍ଚା ହୋଇଥିଲା । ଏସବୁର ପ୍ରତିକାର ଓ ନଦୀ ସଂରକ୍ଷଣ ବ୍ୟବସ୍ଥା ଉପରେ ମଧ୍ୟ ମତ ବିନିମୟ ହୋଇଥିଲା । ସଭ୍ୟତା ଓ ବିକାଶ ସହିତ ନଦୀର ନିବିଡ ସମ୍ପର୍କ ରହିଛି । କିନ୍ତୁ ନଦୀ ସହ ସମ୍ପର୍କକୁ ନେଇ ବିଶେଷ ନୀତି ଓ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ନାହିଁ ବୋଲି ମତପ୍ରକାଶ ପାଇଥିଲା । ନଦୀର ପରିଚାଳନା ତଥା ନଦୀ ସମ୍ପର୍କିତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସ୍ଥାନୀୟ ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ଶିକ୍ଷାବିତ୍ ଗତିକୃଷ୍ଣ ମିଶ୍ରଙ୍କ ପରିଚାଳନାରେ ଆରମ୍ଭ ହୋଇଥିବା ପ୍ରଥମ ଅଧିବେଶନରେ ଇଙ୍କ୍‌ଫେଷ୍ଟର ସଭାପତି ସ୍ୱାଧୀନ ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜନମଙ୍ଗଳ ମହିଳା ସମିତିର ସଚିବ ସନ୍ଦୀପ ପଟ୍ଟନାୟକ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ସାମାଜିକ କର୍ମୀ ଘାସିରାମ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ବିଭିନ୍ନ ବର୍ଗରୁ ଆସିଥିବା ବ୍ୟକ୍ତିମାନେ ନିଜ ନିଜର ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଦେବାଶିଷ ପାଣ୍ଡିଆ, ଶ୍ୟାମା ଓଁ ପ୍ରସାଦ ମିଶ୍ର, ବେଣୁଧର ପ୍ରଧାନ, କେଉଟ, କୈବର୍ତ୍ତ ଓ ଝରା ସମ୍ପ୍ରଦାୟର ପ୍ରତିନିଧି, ଚାଷୀ ପ୍ରତିନିଧି, ପଞ୍ଚାୟତ ପ୍ରତିନିଧି ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧି ଯୋଗ ଦେଇଥିଲେ ।



କର୍ମଶାଳାରେ ମଞ୍ଚାସୀନ ଆଲୋଚକ, କର୍ମକର୍ତ୍ତା ଓ ପ୍ରତିନିଧି ମାନେ ।

# ସ୍ୱାଧୀନ ପ୍ରାର୍ଥିନୀ ସୋନାଲି ବିଶିଙ୍କ ନିର୍ବାଚନ ପ୍ରଚାର


ନିର୍ବାଚନ ପ୍ରଚାର ସଭାରେ କୃଷକ ସଙ୍ଗଠନର କର୍ମୀବୃନ୍ଦ ।

**ଡୁଙ୍ଗୁରିପାଲି,୭।୪(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀର ନବ ନିର୍ମାଣ କୃଷକ ସଂଗଠନର ସ୍ୱାଧୀନ ବିଧାୟକ ପ୍ରାର୍ଥିନୀ ସୋନାଲି ବିଶି ରବିବାର ଟ୍ରାକ୍ଟର ରାଲି କରି ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି । ସେ ଡୁଙ୍ଗୁରିପାଲି ଜାତୀୟ ରାଜପଥ ଶିବ ମନ୍ଦିରରୁ ଶତାଧିକ ଚାଷୀମାନଙ୍କ ଗହଣରେ ରାଲିରେ ବାହାରି ଡୁଙ୍ଗୁରିପାଲି ସହର ପରିକ୍ରମା କରି ଫଟାମୁଣ୍ଡା ଯାତ୍ରା ପଡିଆରେ ପହଞ୍ଚିଥିଲେ । ଏହି ରାଲିରେ ତାଙ୍କ ସମର୍ଥକମାନେ ଜୟ କୋଶଲ ଜୟ କିଷାନ, ଆମର ଦରକାର ଚାଷୀ ସରକାର ସ୍ଲୋଗାନ ଦେଇଥିଲେ । ପରେ ଫଟାମୁଣ୍ଡାସ୍ଥିତ ଯାତ୍ରା ପଡିଆରେ ଚାଷୀମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ସ୍ୱାଧୀନ ପ୍ରାର୍ଥିନୀ ସୋନାଲି କୃଷକମାନଙ୍କୁ ଏ ସରକାର ସବୁବେଳେ ଅବହେଳା କରି ଚାଲିଛି ବୋଲି କହି ସରକାର ଉପରେ ବର୍ଷିଥିଲେ । ଏହି ଅବସରରେ ଆମର ଦରକାର ଚାଷୀ ସରକାର ବୋଲି ଚାଷୀଙ୍କୁ ଅବଗତ କରାଇଥିଲେ । ନବ ନିର୍ମାଣ କୃଷକ ସଂଗଠନର ହିମାଂଶୁ ସାହୁ, ରାମନାରାୟଣ ବ୍ରହ୍ମା, ଜତି ପଧାନ, ପି.ପାଢ଼ୀ, ବିଭୁଦତ୍ତ ମିଶ୍ର, ହରିଲାଲ ସାହୁ, ନେତ୍ରାନନ୍ଦ ସାହୁ, ସୋମେନ୍ଦ୍ର ପରିଚ୍ଛା, ରାଜେନ୍ଦ୍ର ମିଶ୍ର, ଗଙ୍ଗା ଖମାରୀ, ସୁଧୀର ବଘାର, ଶୁଭମ ସାହୁ, ରାଜେନ୍ଦ୍ର ସା ସାମିଲ ଥିଲେ । ଏଥିରେ ବହୁ ସଂଖ୍ୟାରେ ଚାଷୀ ଯୋଗ ଦେଇଥିଲେ ।

# ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିଛି ଦଣ୍ଡଯାତ୍ରା

**ବୌଦ୍ଧ,୭।୪(ଅଜିତ କୁମାର ବାରିକ)**

କୃଷିଭିତ୍ତିକ ବୌଦ୍ଧ ଜିଲାରେ ପାଳିତ ହୋଇ ଆସୁଥିବା ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ଦଣ୍ଡଯାତ୍ରା ଏକ ଭିନ୍ନ ପରମ୍ପରା ବହନ କରିଥାଏ । ଏବେ ବି ଜିଲାର ପରମ୍ପରା ଓ ସଂସ୍କୃତିକୁ ବଜାୟ ରଖିଛି ଦଣ୍ଡ ଯାତ୍ରା । ଚୈତ୍ର ମାସର ଟାଣ ଖରାରେ କାହିଁ କେଉଁ କାଳରୁ ଜିଲାରେ ଦଣ୍ଡ ପର୍ବ ପାଳିତ ହୋଇଆସୁଛି । ସମାଜ ଯେତେ ଆଧୁନିକତା ଆଡକୁ ଗତି କରୁଥିଲେ ହେଁ ଆଜି ମଧ୍ୟ ଏଠାରେ ଦଣ୍ଡ ଯାତ୍ରା ହୋଇଆସୁଛି । ଜିଲାର କେଉଁ କେଉଁ ଗ୍ରାମରେ ଦଣ୍ଡ ଦଳଗୁଡିକ ଏହି ପର୍ବକୁ ୨୧ ଦିନ ଧରି ପାଳନ କରିଥିବା ବେଳେ ଅନ୍ୟ କେଉଁ ଗ୍ରାମରେ ୧୭ ଦିନ ଧରି ପାଳନ କରିଥାନ୍ତି । ଏହି ଯାତ୍ରାରେ ଦଣ୍ଡ ବ୍ରତଧାରୀମାନେ ମହାଦେବ ଓ ମା' କାଳୀଙ୍କୁ ଧରି ବିଭିନ୍ନ ଗ୍ରାମ ପରିଭ୍ରମଣ କରି ପୂଜା କରିଥାଆନ୍ତି । ଏହି ଦଣ୍ଡ ଯାତ୍ରା ପଣା ସଂକ୍ରାନ୍ତି ବା ମେରୁ ସଂକ୍ରାନ୍ତି ଦିନ ଶେଷ ହୋଇଥାଏ । ତେଣୁ ଏହି ଯାତ୍ରାକୁ ମେରୁ ଯାତ୍ରା ବୋଲି କୁହାଯାଇଥାଏ । ଗ୍ରାମ ପରିଭ୍ରମଣ ସମୟରେ ଦଣ୍ଡ ବ୍ରତଧାରୀମାନେ ଖାଲି ପାଦରେ ଚାଲି ଚାଲି ଯାଆନ୍ତି । ସେମାନେ ହାତରେ ଛତର, ବାନା,ବୈରଖ ଧରି ବାଜା ଓ ଘଣ୍ଟ ବଜାଇ ଯାଇଥାନ୍ତି । ଦଣ୍ଡ ଯାତ୍ରାର ବ୍ରତଧାରୀମାନେ ଦିନରେ ପଣା ପାଣି ପିଇବା ସହ କେବଳ ରାତିରେ ପ୍ରସାଦ ସେବନ କରିଥାଆନ୍ତି । ଅପରାହ୍ନ ୩ ଟା ସମୟରେ ଭକ୍ତମାନେ ପ୍ରଭୁଙ୍କୁ ଧରି ଗାଁକୁ ଆସି ଧୂଳି ସେବା ବା ପାଣି ସେବା କରନ୍ତି । ଏହି ଧୂଳି ସେବା ବା ପାଣି ସେବା ସମୟରେ ମାନସିକ ଧାରୀମାନେ ଟାଣ ଖରାକୁ ଖାତିର ନ କରି ବିଭିନ୍ନ ପ୍ରକାରର ଦେହକୁ କଷ୍ଟ ଦେଇ ମହାଦେବଙ୍କ ଉଦ୍ଦେଶ୍ୟରେ ସମାଜକୁ ଶୃଙ୍ଖଳିତ କରିବା ଓ ଚାଷ କାର୍ଯ୍ୟର ବିଧି ବିଧାନ ଉପରେ ଭଙ୍ଗୀ କରି, ନାଚ କରି ଲୋକଙ୍କୁ ସୂଚନା ଦେଇଥାନ୍ତି । ଏହାଦ୍ୱାରା ମାନସିକଧାରୀଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଧୂଳି ସେବା ପରେ ଭକ୍ତମାନେ ମହାଦେବଙ୍କୁ ନେଇ ସନ୍ଧ୍ୟା ନଇଁ ଆସୁଥିବା ସମୟରେ ଗାଁ ପୋଖରୀ କିମ୍ବା ନାଳ କୂଳକୁ ଯାଇ ପୂଜାର୍ଚ୍ଚନା କରିଥାଆନ୍ତି । ଏହି ସମୟରେ ମୁଖ୍ୟପୂଜକ ପାଟ ଭୁକୁତା ଓ ୧୩ ଭୁକୁତା ସାଙ୍ଗରେ ଆଣିଥିବା ମା' କାଳୀଙ୍କୁ ପୂଜା କରିଥାନ୍ତି । ଏହି ପୂଜାକୁ କାଳୀକା ପୂଜା କୁହାଯାଏ । ପୂଜା ସରିଲା ପରେ ଭକ୍ତମାନେ ପୁନଶ୍ଚ ମହାଦେବ ଓ କାଳୀଙ୍କୁ ଧରି ଦଣ୍ଡ ନାଚ କରିବା ପାଇଁ ଗ୍ରାମକୁ ଆସିଥାଆନ୍ତି । ଗାଁ ମୁଣ୍ଡରେ ପହଞ୍ଚିବା କ୍ଷଣି ଦଣ୍ଡଧାରୀମାନେ ବିଭିନ୍ନ ବେଶ ଧାରଣ କରି ନାଚି ନାଚି ପ୍ରଭୁଙ୍କୁ ଆଣିଥାନ୍ତି । ଗ୍ରାମକୁ ଆସିବା ସମୟରେ ଝୁଣାଖେଳ ହୋଇଥାଏ । ଝୁଣା ଖେଳ ଯୋଗୁ ଗ୍ରାମର ମଙ୍ଗଳ ହୋଇଥାଏ ବୋଲି କେଉଁ ଆବାହାନ କାଳରୁ ଲୋକଙ୍କ ବିଶ୍ୱାସ ରହିଛି । ଏହା ପରେ ଦଣ୍ଡଧାରୀମାନେ ଘାସି, ଘାସିଆଣୀ, ଶିବ ପାର୍ବତୀ, ଦିଅର ଭାଉଜ, ଶାଳୀ ଭିଣୋଇ, ଚଢେୟା ଚଢାୟାଣୀ, ଶବର, ପତରସଉରା ଓ ବୀଣା କାରିଆ ଗୀତ ଓ ନାଚ ମାଧମରେ କିଛି ଶିକ୍ଷଣୀୟ ବାର୍ତ୍ତା ଦେଇଥାଆନ୍ତି ।


ପ୍ରଭୁଙ୍କୁ ଧରି ଗ୍ରାମକୁ ଯାଉଛନ୍ତି ବ୍ରତଧାରୀ ।

# ଜଳଦାନ ମହାପୁଣ୍ୟ କାର୍ଯ୍ୟକ୍ରମ ଶୁଭାରମ୍ଭ

**ବାଉଁଶୁଣୀ,୭।୪(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀର ମୁଖ୍ୟବଜାରସ୍ଥିତ ଜଗନ୍ନାଥ ମନ୍ଦିର ପାର୍ଶ୍ୱ ତଥା ଜାତୀୟ ରାଜପଥ କଡରେ ରବିବାର ସମର୍ପଣ ସୋସିଆଲ ଫାଉଣ୍ଡେଶନ, ବାଉଁଶୁଣୀ ତରଫରୁ 'ଜଳଦାନ ମହାପୁଣ୍ୟ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ବଜାରକୁ ନିଜ ବାପାଙ୍କ ସଙ୍ଗେ ଆସିଥିବା ଜଣେ ନାବାଳିକାଙ୍କ ଦ୍ୱାରା ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ଜଳପାନ କରି ତୃଷା ମେଣ୍ଟାଇ ଥିଲେ । ଫାଉଣ୍ଡେଶନ ତରଫରୁ ଉଦ୍‌ଘାଟନ ଅବସରରେ ଦହି ସରବତ ବଣ୍ଟନ ବ୍ୟବସ୍ଥା ହୋଇଥିଲା । ବୌଦ୍ଧ ଜିଲାରେ ତାପମାତ୍ରା ଅଧିକାଂଶ ଦିନ ଅଧିକ ରହୁଥିବା ହେତୁ ପଥିକମାନଙ୍କ ପାଇଁ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ହୋଇଛି ଏବଂ ଏହା ଆଗାମୀ ଘୋଷଯାତ୍ରା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଫାଉଣ୍ଡେଶନ ପକ୍ଷରୁ ସୂଚନା ମିଳିଛି । ଫାଉଣ୍ଡେଶନର ସଦସ୍ୟ ପ୍ରଫୁଲ୍ଲ ପତି, ବିକାଶ ଅଗ୍ରୱାଲ, ସୁଜିତ କୁମାର ମେହେର, ଶାଶ୍ୱତ ସାହୁ, ଜୟରାମ କମ୍ପ, ଅଶୋକ ମେହେର, ସୁରଜିତ ସାହୁ, ଭୁବନେଶ୍ୱର ମେହେର, ଅଜୟ କର, ଚକ୍ରଧର ମେହେରଙ୍କ ସମେତ ସ୍ଥାନୀୟ ଜନସାଧାରଣ ଓ ବିଭିନ୍ନ ଅନୁଷ୍ଠାନ ସହାୟତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।

# ନଟରାଜ ଫାଇଟରକୁ ହରାଇ କିଙ୍ଗସ ଏକାଦଶ ସେମିଫାଇନାଲରେ


ବିଜୟୀ କିଙ୍ଗସ ଏକାଦଶର ଖେଳାଳିମାନେ ।

**ଅମରପାଲି,୭।୪(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ଗ୍ରାମର ଖେଳପଡ଼ିଆରେ ହେଉଥିବା ପ୍ରଥମ ବହଳପଦର ପ୍ରିମିଅର ଲିଗ କ୍ରିକେଟର ରବିବାର ଥିଲା ଦଶମ ଦିବସ । ରବିବାର ମ୍ୟାଚ କିଙ୍ଗସ ଏକାଦଶ ଓ ନଟରାଜ ଫାଇଟର ମଧ୍ୟରେ ହୋଇଥିଲା । ଏଥିରେ ନଟରାଜ ଫାଇଟରକୁ ହରାଇ କିଙ୍ଗସ ଏକାଦଶ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ନଟରାଜ ଫାଇଟର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୨୪ ରନ କରିଥିଲା । ଦଳର ବୁବୁନ ନନ୍ଦ ୨୭ ବଲରୁ ୫୮ ରନ ଓ ଦେବାଶିଷ ଜଗଦଲା ୨୬ ରନ କରିଥିଲେ । ବିପକ୍ଷ କିଙ୍ଗସ ଏକାଦଶର ଅନିଲ ଭୁକ୍ତା ୨ଟି ଏବଂ ସୁମନ ସାହୁ ଓ ଜିତୁ ଭଏନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ । ଜବାବରେ କିଙ୍ଗସ ଏକାଦଶ ଦଳ ୮.୧ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ୧୨୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳର ଜିତୁ ଭଏନା ୧୭ ବଲରୁ ୫୮ ରନ ଓ ଦୀପକ ପ୍ରଧାନ ୨୦ ବଲରୁ ୩୧ ରନ କରିଥିଲେ । ବିପକ୍ଷ ନଟରାଜ ଫାଇଟର ଦଳର ମୁକେଶ ସେଠ ଓ ସନାତନ ମହାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ । କିଙ୍ଗସ ଏକାଦଶ ର ଜିତୁ ଭଏନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା । ମ୍ୟାଚରେ ସମ୍ବିତ ମାଝୀ ଓ ରାକେଶ ପ୍ରଧାନ ଅମ୍ପାୟାର, ପ୍ରଣବ ନନ୍ଦ ସ୍କୋରର ଏବଂ ଲିକୁନ ସାହୁ ଅନ୍‌ଲାଇନ ସ୍କୋରିଂ କରିଥିଲେ ।

# ବୌଦ୍ଧରେ ହେବ ତ୍ରିମୁଖୀ ଲଢ଼େଇ

**ବୌଦ୍ଧ,୭।୪( ଅଜିତ କୁମାର ବାରିକ)**

## ମା' ଭୈରବୀ ପୀଠରେ ପୂଜାର୍ଚ୍ଚନା ପରେ କଂଗ୍ରେସର ପ୍ରଚାର ଆରମ୍ଭ

ସାଧାରଣ ନିର୍ବାଚନ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ନିଜ ନିଜର ରଣ କୌଶଳ ଆରମ୍ଭ କରିଛନ୍ତି । ଏଥର ନିର୍ବାଚନରେ ବୌଦ୍ଧ ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ଲଢେଇ ହେବାକୁ ଯାଉଛି । ବରିଷ୍ଠ ଆଇନଜୀବୀ ନବକୁମାର ମିଶ୍ର କଂଗ୍ରେସର ପ୍ରାର୍ଥୀ ହୋଇଛନ୍ତି । ଯୁବନେତା ତଥା ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନ ଭାଜପାର ପ୍ରାର୍ଥୀ ହୋଇଥିବା ବେଳେ ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଜେଡିର ପ୍ରାର୍ଥୀ ହୋଇଛନ୍ତି । ପୂର୍ବରୁ ଭାଜପା ପ୍ରାର୍ଥୀ ସରୋଜ ଓ ବିଜେଡି ପ୍ରାର୍ଥୀ ଅମାତ ପ୍ରଚାର ଆରମ୍ଭ କରିଥିବା ବେଳେ ରବିବାର ଦିନ ବୌଦ୍ଧର ଆରାଧ୍ୟ ଦେବୀ ମା' ଭୈରବୀଙ୍କ ପୀଠରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ନବକୁମାର ପୂଜାର୍ଚ୍ଚନା କରିବା ପରେ ପ୍ରଚାର ଆରମ୍ଭ କରିଛନ୍ତି । ଏହି ଅବସରରେ ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତର ବଘାରପାଲିସ୍ଥିତ ଶୈବପୀଠରେ ପହଞ୍ଚି ବାବା ଚନ୍ଦ୍ରଶେଖରଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ । କଂଗ୍ରେସର ଗ୍ୟାରେଣ୍ଟି ଇସ୍ତାହାର ନେଇ ବଘାରପାଲ୍ଲୀ, ସାନବଙ୍କାପଡା ଏବଂ ବଡବଙ୍କାପଡା ପ୍ରଭୃତି ଗ୍ରାମର ଘରକୁ ଘର ବୁଲି ଇସ୍ତାହାର ପତ୍ର ବଣ୍ଟନ କରିବା ସହିତ କଂଗ୍ରେସକୁ ଭୋଟ ଦେବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ । ଲୋକମାନେ ପ୍ରାର୍ଥୀ ମିଶ୍ରଙ୍କୁ ସ୍ୱାଗତ କରିଥିଲେ । ପ୍ରଚାରରେ ଜିଲା କଂଗ୍ରେସ ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର, ଉପସଭାପତି ସମରେଶ ମିଶ୍ର, ହରଭଙ୍ଗା ବ୍ଲକ କଂଗ୍ରେସ ସଭାପତି ପଙ୍କଜ କର୍ଣ୍ଣ, ଆଇନଜୀବୀ ତାରିଣି ଜେନା, ଅର୍ଜ୍ଜୁନ ମହାନନ୍ଦିଆ, ବେଣୁଧର ମେହେର, ବୁଦ୍ଧଦେବ ପ୍ରଧାନ, ରୋହିତାଶ୍ୱ ବେହେରା, ପ୍ରମୋଦ ପ୍ରଧାନ, ପୌଲସ୍ତି ପ୍ରଧାନ, ଜୟନ୍ତ ପାଣିଗ୍ରାହୀ, ପ୍ରଦୀପ ଦାସ, ଉମେଶ ବେଜି, ମଙ୍ଗଲୁ ମେହେର, ସୁଧାଂଶୁ କହଁର, ଉଦ୍ଧବ ବେହେରା ପ୍ରମୁଖ ସାମିଲ ଥିଲେ ।


ବିଧାୟକ ପ୍ରାର୍ଥୀ ନବ କୁମାର ମିଶ୍ର ହରଭଙ୍ଗା ବ୍ଲକରେ ପ୍ରଚାର କରୁଛନ୍ତି ।

# ମହିଷାସୁର ବଧ ସହ ଶେଷ ହେଲା ଲୀଳା ନାଟକ


ମା' ମାହେଶ୍ୱରୀଙ୍କ ମନ୍ଦିର ପ୍ରବେଶ ପୂର୍ବରୁ ପୂଜାର୍ଚ୍ଚନା ।


ଲୀଳା ନାଟକରେ ମହିଷାସୁର ବଧର ଦୃଶ୍ୟ ।

**ଅମରପାଲି,୭।୪(ପୀତାମ୍ବର ସାହୁ)**

## ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ

ସୁବର୍ଣ୍ଣପୁର ଜିଲା ଖଣ୍ଡହତା ପଞ୍ଚାୟତର ବଡବର୍ଡାକଟା ଗ୍ରାମରେ ନବନିର୍ମିତ ମା' ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ପୂର୍ବରୁ ଥିବା ମାହେଶ୍ୱରୀ ମନ୍ଦିର ବଦଳରେ ନୂତନ ଭାବେ ଏକ ଭବ୍ୟ ମନ୍ଦିର ନିର୍ମାଣ କରା ହେବା ପରେ ଏହାର ପ୍ରତିଷ୍ଠା କରାଯାଇଛି । ଏହି ମନ୍ଦିର ପ୍ରତିଷ୍ଠା ମହୋତ୍ସବର ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଥିଲା । ମହୋତ୍ସବ କମିଟିର ସଭାପତି ରତନ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀ ଏହାର ପରିଚାଳନା କରିଥିଲେ । ମନ୍ଦିର ପ୍ରତିଷ୍ଠା ପାଇଁ ଅଙ୍କୁରାରୋପଣ ଓ କଳସ ଯାତ୍ରା କରାଯାଇ ଜଳପୂର୍ଣ୍ଣ କଳସକୁ ମନ୍ଦିର, ଯଜ୍ଞମଣ୍ଡପ ଓ ନାମ ମଣ୍ଡପରେ ସ୍ଥାପନ କରାଯାଇଥିଲା । ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ କରାଯାଇଥିଲା ମହିଷାସୁର ଦରବାର । ତିନିଦିନ ଧରି ହୋମଯଜ୍ଞ ହୋଇଥିଲା । ଏହାସହିତ ପାରାୟଣ ଗାୟକ ବିଶ୍ୱରଞ୍ଜନ ପୂଝାରୀ ବ୍ୟାସ ଭାବେ ଯୋଗଦେଇ ଉତ୍ତରାକାଣ୍ଡ ପାରାୟଣ ଗାନ କରିଥିଲେ । ସୁଶ୍ରୀ ଦେବଜାନୀ ସାହୁ ବ୍ୟାସ ଭାବେ ଯୋଗଦେଇ ସୁନ୍ଦରାକାଣ୍ଡ ପଠନ କରିଥିଲେ । ଏହି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ମଧ୍ୟ ହୋଇଥିଲା । ଏଥିରେ ଆଖପାଖର ପ୍ରାୟ ୧୩ଟି ସଙ୍କୀର୍ତ୍ତନ ଦଳ ଅଂଶଗ୍ରହଣ କରି ସଙ୍କୀର୍ତ୍ତନ ପରିବେଷଣ କରିଥିଲେ । ମା ' ମାହେଶ୍ୱରୀଙ୍କ ନଗର ଭ୍ରମଣ କରାଯାଇ ପ୍ରତ୍ୟେକଙ୍କ ଘର ସମ୍ମୁଖରେ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ମନ୍ଦିର ପ୍ରତିଷ୍ଠା ଓ ଦେବୀଙ୍କ ମନ୍ଦିର ପ୍ରବେଶ ହୋଇଥିଲା । ଏହି ଅବସରରେ ପ୍ରତିଦିନ ସନ୍ଧ୍ୟାରେ ହେଉଥିଲା ମହିଷାସୁର ଦରବାରର ଲୀଳା ନାଟକ । ଏଥିରେ ଗୋପାଳ ଦାସ ମହିଷାସୁର ଭୂମିକାରେ ଅଭିନୟ କରିଥିଲେ । ମୁକ୍ତାକାଶ ରଙ୍ଗମଞ୍ଚରେ ମହିଷାସୁର ଦରବାର ଉକ୍ତ ମହୋତ୍ସବର ମୁଖ୍ୟ ଆକର୍ଷଣ ଥିଲା । ଦରବାରରେ ବିଭିନ୍ନ ଜନ ପ୍ରତିନିଧି, ରାଜନେତା ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ଏହାସହିତ ମଞ୍ଚରେ ସମ୍ବଲପୁରୀ, ଆଧୁନିକ,ଲୋକନୃତ୍ୟ ଓ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା । ଏହା ଦେଖିବାକୁ ପ୍ରତ୍ୟହ ଶତାଧିକ ଦର୍ଶକଙ୍କ ସମାଗମ ହୋଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆୟୋଜକଙ୍କ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**କୁତ୍ରା,୭।୪(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ କିରିଙ୍ଗସେରା କଲୋନୀପଡାଠାରେ ଜଣେ ଯୁବକ ଘରେ ଚୁନି ଲଗାଇ ଶନିବାର ରାତିରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ନିରଜ ନାଏକ(୨୮)। କୁତ୍ରା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମିଳିଥିବା ସୂଚନା ଅନୁଯାୟୀ, ପାରିବାରିକ କଳହ ଯୋଗୁ ନିରଜ ଭାଙ୍ଗିପଡି ଶନିବାର ରାତିରେ ଘର ଭିତରେ ବେକରେ ଚୁନି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କୁତ୍ରା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ପ୍ରାଥମିକ ତଦନ୍ତରେ ଘରୋଇ କଳହରୁ ସେ ଆତ୍ମହତ୍ୟା କରିଥିବା କହିଛି।

### ଅଷ୍ଟପ୍ରହରୀ ନାମସଂକୀର୍ତ୍ତନ ସମାପନ

**ବାଲିଶଙ୍କରା,୭।୪(ହୃଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକ ହସପିଟାଲ ପଡାରେ ଅଷ୍ଟପ୍ରହରୀ ନାମସଂକୀର୍ତ୍ତନ ରବିବାର ସମାପନ ହୋଇଯାଇଛି। ଶୁକ୍ରବାର ଗ୍ରାମର ମହିଳା ୧୦୮ କଳସ ଧରି ଡୁଡୁଙ୍ଗନାଳାରୁ ଜଳ ଧାରଣ କରି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ୬ରେ ନାମସଂକୀର୍ତ୍ତନ୍ୟ ଚାଲିଥିବାବେଳେ ରବିବାର ନାମ ସଂକୀର୍ତ୍ତନ୍ୟ ସମାପନ କରି ନଗର କୀର୍ତ୍ତନ୍ୟ ସହ ପୂଜାମଣ୍ଡପରେ ଦଧିଭାଣ୍ଡ ଭଞ୍ଜନ କରାଯାଇଥିଲା। ଉକ୍ତ ସମାରୋହରେ କର୍ତ୍ତାଭାବେ ଜୟବିହାରୀ ନାଏକ ଓ ତାଙ୍କ ସ୍ତ୍ରୀ ପ୍ରତିମା ଚୌଧୁରୀ ତୁଲାଇଥିବାବେଳେ ପୂଜକଭାବେ ମୁନା ନାୟକ ତୁଲାଇଥିଲେ। ଏହି ସମାରୋହରେ ବାଲିଶଙ୍କରା, ଥାନାଶଙ୍କରା, ବିଜାଗଡ଼, କିନିକିବନ୍ଧ, ସଉନାମରା, ମାଲିଡ଼ିହି, କୁସୁମୁରା, କୁରେଇ ସଂକୀର୍ତ୍ତନ୍ୟମଣ୍ଡଳୀ ଯୋଗଦେଇଥିଲେ। ଉକ୍ତ ସମାରୋହକୁ ଗ୍ରାମର ଜଗନ୍ନାଥ ମନ୍ଦିର କମିଟିର ସଦସ୍ୟ ସକ୍ରିୟ ଭୂମିକା ଗ୍ରହଣ କରି କାର୍ଯ୍ୟଭାର ତୁଲାଇଥିଲେ।

### ଗଣିତ ଅଲିମ୍ପିଆଡ ପ୍ରତିଯୋଗିତା

**ବାଲିଶଙ୍କରା,୭।୪(ହୃଦାନନ୍ଦ ବାରକ)**

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସିମ ଠାରେ ସୁଭଦ୍ରା ଚାରିଟେବଲ ଟ୍ରଷ୍ଟ ତରଫରୁ ଗଣିତ ଅଲିମ୍ପିଆଡ ପ୍ରତିଯୋଗିତା ରବିବାର ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସିମ ୧୦୭ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ଅଧକ୍ଷ ସୁଜିତ କୁମାର ଏକ୍କାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସମସ୍ତ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଅଷ୍ଟପ୍ରହରି ନାମଯଜ୍ଞ ଉଦ୍‌ଯାପିତ

**ସୁନ୍ଦରଗଡ଼,୭।୪(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ଼ ସହରର ଖମାରିପଡାଠାରେ ମହିଳା ସମିତି ପକ୍ଷରୁ ଆୟୋଜିତ ଅଷ୍ଟପ୍ରହରି ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅଷ୍ଟପ୍ରହରି ନାମଯଜ୍ଞରେ ଶେଖର ଚନ୍ଦ୍ର ଠାକୁର, କଳ୍ପନା ଠାକୁର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ କେଶବ ଚନ୍ଦ୍ର ସା ଏହି ଯଜ୍ଞକୁ ସମାପନ କରିଥିଲେ। ଏହି ଅଷ୍ଟପ୍ରହରି ନାମ ଯଜ୍ଞରେ କୁପୁଡା ଜଲଙ୍ଗା,ବିରଡୁଲା, ଛତାସର୍ଗି, ବାଇଗନ ବୁଡ଼, କୁଅଁରବଗା, କେନ୍ଦୁପଡା, ସୁନାରୀପଡାର କୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ।

# ବିଜେଡିରେ ନେତା, ଭାଜପାରେ କର୍ମୀ ଅସନ୍ତୋଷ

**ବଡ଼ଗାଁ,୭।୪(ଅଶୋକ ଷଡ଼ଙ୍ଗୀ)**

**ତଳସରା ନିର୍ବାଚନମଣ୍ଡଳୀ**

ସୁନ୍ଦରଗଡ ଜିଲା ତଳସରା ନିର୍ବାଚନ ମଣ୍ଡଳୀର ବିଧାନସଭା ନିର୍ବାଚନରେ ଏଥର ତ୍ରୀମୁଖି ପ୍ରତିଦ୍ୱନ୍ଦିତା ହେବ। ବିଗତ ବିଧାନସଭା ନିର୍ବାଚନରେ ଯେଉଁ ସମୀକରଣ ଥିଲା ତାହା ଭିନ୍ନ ହେବ ଜଣାପଡୁଛି। ବିଧାନସଭା ନିର୍ବାଚନରେ ବିଜେଡିର ଗୋଷ୍ଠୀ କନ୍ଦଳ ଯୋଗୁ ଆସନ ହରାଇବାକୁ ପଡ଼ିଥିଲା। ପୂର୍ବଭଳି ଏଥର ଗୋଷ୍ଠୀ କନ୍ଦଳ ରହିବ ନା ପ୍ରଶମିତ ହେବ ଏ ଯାଏଁ ସ୍ପଷ୍ଟ ଜଣାପଡିନାହିଁ। ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଟିକେଟରେ ଥରେ ବିଧାୟକ ହୋଇଥିବା ଡ. ପ୍ରଫୁଲ୍ଲ ମାଝି ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡିରେ ଯୋଗ ଦେଇଥିଲେ ଓ ବିଧାୟକ ପ୍ରାର୍ଥୀ ପାଇଁ ଦୌଡ଼ରେ ଥିଲେ। ସେ କିଛି ଦିନ ହେଲା ବିଭିନ୍ନ ଗଣମାଧମରେ ତାଙ୍କର ଅସନ୍ତୋଷ ପ୍ରକାଶ କରିଥିଲେ। ବଡ଼ଗାଁ ଜିଲା ସଭ୍ୟ ଅମିୟ କୁମାର ପ୍ରଧାନ ମଧ ଟିକେଟ ଦୌଡ଼ରେ ଥିଲେ। ତେବେ ଏହି ନେତା ଦ୍ୱୟଙ୍କ ଭୂମିକା କ'ଣ ହେବ ତାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଡ. ମାଝି ଭୂୟାଁ ସମାଜର ହୋଇଥିଲାବେଳେ ବ୍ୟକ୍ତିଗତ ଭାବେ ତାଙ୍କ ଦକ୍ଷତା ଉପରେ ଲୋକଙ୍କ ବିଶ୍ୱାସ ରହିଛି। ଅନ୍ୟପଟେ ଜିଲା ପରିଷଦ ସଭ୍ୟ ପ୍ରଧାନ ଭୂୟାଁ ସମାଜର ସଭାପତି ଓ ତାଙ୍କ ପ୍ରତି ବରିଷ୍ଠ ନେତା ମଙ୍ଗଳ କିଷାନ ସମର୍ଥକଙ୍କ ସମର୍ଥନ ରହିଛି। ତେଣୁ ଏହି ୨ ନେତା ଦଳୀୟ ପ୍ରାର୍ଥୀଙ୍କୁ ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ ଭାବେ ବିରୋଧ କଲେ ବିଜେଡି ପାଇଁ କ୍ଷତିକାରକ ହେବ। ଅନ୍ୟପଟେ ଭାଜପାରେ ମଧ ଅସନ୍ତୋଷ କୁହୁଳୁଛି। ଅନେକ କର୍ମୀ ସିଧାସଳଖ ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ପ୍ରତି ଅସନ୍ତୋଷ ପ୍ରକାଶ କରୁଛନ୍ତି। ତାଙ୍କ କାର୍ଯ୍ୟକଳାପ ଓ କର୍ମୀ, ସହଯୋଗୀଙ୍କୁ ଅଣଦେଖା କରିଥିବା ସେମାନେ ଖୋଲାଖୋଲି ଅଭିଯୋଗ କରୁଛନ୍ତି। ଗତ ୫ ବର୍ଷରେ ସେ ନିର୍ଦ୍ଦିଷ୍ଟ କେତେଜଣଙ୍କ ସ୍ୱାର୍ଥ ସାଧନ କରିଥିଲାବେଳେ ଲୋକଙ୍କ ସମସ୍ୟା ଦୂର କରିବାରେ ଅବହେଳା କରିଥିବା କର୍ମୀଙ୍କ ମୁହଁରୁ ଶୁଣାଯାଉଛି। ତେବେ କଂଗ୍ରେସର ସ୍ଥିତି ଦୁର୍ବଳ ଥିଲେ ମଧ ହକି ତାରକା ପ୍ରବୋଧ ତିର୍କୀଙ୍କୁ ଦଳ ଟିକେଟ ଦେଇଥିବାରୁ ବିଶେଷ କରି ଖ୍ରୀଷ୍ଟିଆନ ଆଦିବାସୀଙ୍କୁ ଆକର୍ଷିତ କରିବ ବୋଲି ଚର୍ଚ୍ଚା ହେଉଛି। ଯଦି ମୁସଲିମ ଓ ଖ୍ରୀଷ୍ଟିଆନ ସଂପ୍ରଦାୟର ଭୋଟକୁ କଂଗ୍ରେସ ହାତେଇ ନେବ, ତାହେଲେ ସମୀକରଣ ପୂର୍ବଭଳି ରହିବ ନାହିଁ। ୨୦୧୯ରୁ ବିଜେଡି ପକେଟକୁ କିଛିକାଂଶରେ ମିଶନ ଭୋଟ ଯାଇଥିବାରୁ ଏଥର ଯିବ ନା ନାହିଁ ସ୍ପଷ୍ଟ ଜଣାପଡ଼ିନାହିଁ। ଯଦି ଏହି ୨ ସମ୍ପ୍ରଦାୟର ସର୍ବାଧିକ ଭୋଟ କଂଗ୍ରେସକୁ ଯାଏ ତାହେଲେ ବିଜେଡିକୁ କ୍ଷତିରେ ପକାଇବ। ବିଜେଡିରେ କେତେକ ନେତା ଓ ଭାଜପାରେ କର୍ମୀ, ସହଯୋଗୀ ଅସନ୍ତୋଷ ଥିବାରୁ ଚର୍ଚ୍ଚା ଜୋର୍ ଧରିଛି ଓ ରାଜନୀତି ସରଗରମ ରହିଛି।

# ପ୍ରେମ ସମ୍ପର୍କରୁ ହତ୍ୟା ସନ୍ଦେହ, ଥାନାରେ ଅଭିଯୋଗ

**ବଡ଼ଗାଁ, ୭।୪(ଅଶୋକ ଷଡ଼ଙ୍ଗୀ)**



ସୁଜିତ ଧାରୁଆ।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଶଙ୍କରାପୋଷ ନିକଟ ବୁଟୁରୁପଡାର ଜଣେ ଯୁବକଙ୍କୁ ପ୍ରେମ ସମ୍ପର୍କରୁ ହତ୍ୟା କରାଯାଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଯୁବକ ହେଲେ ସୁଜିତ ଧାରୁଆ(୨୨)। ମିଳିଥିବା ସୂଚନା ଅନୁଯାୟୀ, ଫେବୃଆରୀ ୨୫ରେ ସୁଜିତ ବାପା ଲଳିତ ଧାରୁଆଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ। ବାପା ଟଙ୍କା ନାହିଁ କହିବାରୁ ସୁଜିତ ଘରୁ କୁଆଡେ ପଳାଇଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରିବା ସତ୍ତ୍ୱେ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଏନେଇ ମାର୍ଚ୍ଚ ୭ରେ ବଡ଼ଗାଁ ଥାନାରେ ବାପା ଲିଖିତ ଜଣାଇଥିଲେ। ଶନିବାର ଗ୍ରାମର ଜଣେ ଯୁବକ ନିକଟବର୍ତ୍ତୀ ଜଙ୍ଗଲର ରାନୀ ଦରହ ଠାରେ ସୁଜିତଙ୍କ ସାର୍ଟ, ବଳା ଏବଂ ଏକ ମଣିଷ ଖପୁରୀ ଦେଖିଥିଲେ। ଏ ନେଇ ସେ ଗ୍ରାମବାସୀଙ୍କୁ ଜଣାଇବା ପରେ ମୃତ ଯୁବକଙ୍କ ବାପା ଘଟଣାସ୍ଥଳକୁ ଯାଇ ଚିହ୍ନଟ କରିଥିଲେ। ରବିବାର ସନ୍ଧ୍ୟାରେ ମୃତ ଯୁବକଙ୍କ ବଡ଼ ଭାଇ ସୁମନ୍ତ ଧାରୁଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୁଜିତଙ୍କ ସହିତ ପାଖ ଗାଁର ଜଣେ ଯୁବତୀଙ୍କ ପ୍ରେମ ସମ୍ପର୍କ ଥିଲା ଓ ଏହି କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା ସେ ପତ୍ରରେ ଦର୍ଶାଇଛନ୍ତି। ପୋଲିସ କଙ୍କାଳ ଜବତ କରିଛି।

# ବିଜେଡି ବ୍ଲକ ସଭାପତିଙ୍କ ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା



କୁଆଁରମୁଣ୍ଡା ତେଲିପୋଷଠାରେ ବିଜେଡି ପ୍ରାର୍ଥୀଙ୍କୁ ବିରୋଧ କରି ଅନୁଷ୍ଠିତ ଇସ୍ତଫା ପର୍ବରେ ଉପସ୍ଥିତ ନେତାମାନେ।

**କୁଆଁରମୁଣ୍ଡା,୭।୪(ମହେନ୍ଦ୍ର କୁମାର ସାହୁ)**

**ବିଜେଡିରେ ପ୍ରାର୍ଥୀତ୍ୱକୁ ନେଇ ବିଦ୍ରୋହ**

ବୀରମିତ୍ରପୁର ବିଜେଡିରେ ବିଦ୍ରୋହ ଆରମ୍ଭ ହୋଇଛି। ଦଳୀୟ ଟିକେଟ ପାଇଥିବା ରୋହିତ ଯୋଶେଫ ତିର୍କୀଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରି କୁଆଁରମୁଣ୍ଡାର ତେଲିପୋଷଠାରେ ଶତାଧିକ ବିଜେଡି ବିଦ୍ରୋହୀଙ୍କ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ କୁଆଁରମୁଣ୍ଡା ବ୍ଲକ ବିଜେଡି ସଭାପତି ରାଜେଶ ହାସଦା ପୌରୋହିତ୍ୟ କରି ଦଳର ନିଷ୍ପତ୍ତି ବିରୋଧରେ ବିଷୋଦଗାର କରିବା ସହ ଉପସ୍ଥିତ କର୍ମୀଙ୍କୁ ଦଳୀୟ ବିଶ୍ୱାସଘାତକତା ସମ୍ପର୍କରେ ଅବଗତ କରିଥିଲେ। ଶତାଧିକ କର୍ମୀଙ୍କ ମତ ନେଇ ରାଜେଶ ରବିବାର ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ଉକ୍ତ ଇସ୍ତଫା ପତ୍ରକୁ ସିଧାସଳଖ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ମେଲ୍ କରିଥିବା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କୁଆଁରମୁଣ୍ଡା, ନୂଆଗାଁ ଓ ବୀରମିତ୍ରପୁର ପୌରାଞ୍ଚଳର ଟିକେଟ ଆଶାୟୀ ବିଶେଷକରି ପୂର୍ବତନ ବିଧାୟକ ନିହାର ସୁରୀନ,ନୂଆଗାଁ ବ୍ଲକର ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ତଥା ଗତଥର ବିଜେଡି ପରାଜିତ ବିଧାୟକ ପ୍ରାର୍ଥୀ ମକଲୁ ଏକ୍କା,ପୂର୍ବତନ ଜିଲାପରିଷଦ ଉପାଧକ୍ଷା ନିମନ୍ତୀ ଲୁଗୁନ,କୁଆଁରମୁଣ୍ଡା ବ୍ଲକର ପୂର୍ବତନ ପଞ୍ଚାୟତ ସମିତି ଉପାଧକ୍ଷ ଶ୍ୟାମା ସାହୁଙ୍କ ସମେତ ବହୁ ମହିଳା ପୁରୁଷ ଉପସ୍ଥିତ ରହି ରାଜେଶଙ୍କୁ ପୂର୍ଣ୍ଣ ସମର୍ଥନ ଦେଇଛନ୍ତି। ଏହାସହ ଆଗାମୀ ଦିନରେ ଏହି ଇସ୍ତଫା ପର୍ବ ପ୍ରତ୍ୟେକ ଗ୍ରାମରୁ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ଦୈନିକ ଜାରି ରହିବ ବୋଲି ସମର୍ଥକମାନେ ଦୃଢୋକ୍ତି ପ୍ରକାଶ କରିଛ।

# ସମସ୍ୟା ଭିତରେ ସରବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ

**ଝାରସୁଗୁଡ଼ା, ୭।୪ (ସଞ୍ଜୟ ମାଲି)**

ସହରର ସରବାହାଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଘେରରେ ଦୀର୍ଘ ଦିନରୁ ଗତି କରୁଛି। ସରବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୪୦ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏହି ବିଦ୍ୟାଳୟକୁ ୮୫ ବର୍ଷ ହେଲାଣି। ହେଲେବି ବିଭିନ୍ନ ସମସ୍ୟା ଘେରରେ ପଡ଼ିରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଗତ କିଛି ମାସ ତଳେ ସରବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟକୁ ୫-ଟି ବିଦ୍ୟାଳୟରେ ରୂପାନ୍ତରିତ କରାଯାଇଛି। ଏହା ସତ୍ତ୍ୱେ ଏହାର ବିକାଶ ସମ୍ପୂର୍ଣ୍ଣ ଭାବେ ହୋଇନାହିଁ। ଏହି ବିଦ୍ୟାଳୟରେ ଏକ ବଡ଼ ଖେଳପଡିଆ ଅଛି। ପ୍ରତିଦିନ ସକାଳୁ ପୁରୁଷ ତଥା ମହିଳା, ଛାତ୍ରୀଛାତ୍ରଙ୍କ ସମେତ ବରିଷ୍ଠ ନାଗରିକ ଏଠାରେ ବ୍ୟାୟାମ କରିବା ସଙ୍ଗେ ସଙ୍ଗେ ବୁଲିବା ପାଇଁ ଆସନ୍ତି। ଏତେ ବଡ଼ ବିଦ୍ୟାଳୟ, ସହର ମୁଖ୍ୟ ମାର୍ଗେ ଥାଇ ମଧ ଲୋକେ ପିଇବା ପାଣି ବୁନ୍ଦାଏ ପାଇଁ ନାହଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟ ଗେଟକୁ ଲାଗି ଆଗ ଓ ପଛ ପଟ ଅମୃତ ଧାରା ଦୀର୍ଘ ଦିନରୁ ଅଚଳ ହୋଇପଡିଥିବା ବେଳେ ପାଣି ଟେପ ନାହିଁ। ଅନ୍ୟପଟେ ସକାଳ ଓ ସନ୍ଧ୍ୟାରେ ଆସୁଥିବା ଲୋକଙ୍କ ପାଇଁ ଶୌଚାଳୟ ନାହିଁ। ଖେଳାଳିମାନଙ୍କ ପାଇଁ ଜାମା ବଦଳାଇବା ପାଇଁ ରୁମ୍ ନ ଥିବାରୁ ଖେଳାଳିମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ ଏହି ଖେଳ ପଡିଆରେ ସରକାରୀ ଓ ବେସରକାରୀସ୍ତରରେ କ୍ରିକେଟ ଫୁଟବଲ ସମେତ ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥାଏ। ଖେଳାଳିମାନଙ୍କ ବସିବା ପାଇଁ ରୁମ୍ ନ ଥିବାବେଳେ ଭଡ଼ାରେ ଟେଣ୍ଟ ଆଣି ଲଗାଇଥାନ୍ତି। ଅନ୍ୟପଟେ ବିଭିନ୍ନ ସମୟରେ ସରକାରୀ ଓ ବେସରକାରୀ ସଭା ସମିତି ଅନୁଷ୍ଠିତ ହୋଇଥାଏ। ତେବେ ସଭା ସମିତି ପାଇଁ ବ୍ୟବସ୍ଥା ନାହିଁ। ଏହିପରିପ୍ରେକ୍ଷୀରେ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ଜନସାଧାରଣରେ ଦୀର୍ଘ ଦିନରୁ ଦାବି ହେଉଛି।

# ଅଧ୍ୟାପକଙ୍କ କଂଗ୍ରେସରେ ଯୋଗଦାନ



ରଞ୍ଜିତ ପରିଜାଙ୍କୁ ବିଧାୟକ କଂଗ୍ରେସ ଦଳକୁ ସ୍ୱାଗତ କରୁଛନ୍ତି।

**ରାଜଗାଙ୍ଗପୁର,୭।୪(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ମଧୁସୂଦନ କଲୋନୀ ନିବାସି ତଥା ଡାଲମିଆ ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗରେ ଅଧ୍ୟାପକ ଥିବା ଜଣାଶୁଣା ରଞ୍ଜିତ କୁମାର ପରିଜା ଚାକିରିରୁ ଅବସର ପାଇବା ପରେ ରବିବାର କଂଗ୍ରେସରେ ସାମିଲ ହୋଇଛନ୍ତି। ରାଜଗାଙ୍ଗପୁର ସ୍ଥିତ କଂଗ୍ରେସ ଭବନରେ ବିଧାୟକ ଡ. ସିଏସ ରାଜନ ଏକ୍କାଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିଲେ। ବିଧାୟକ ଏକ୍କାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗଦେଇଥିବା ପରିଜା କହିଥିଲେ। ଏହି ମିଶ୍ରଣ ପର୍ବରେ ବିଧାୟକଙ୍କ ସହ ଟାଉନ କଂଗ୍ରେସ ସଭାପତି ଦେବରଞ୍ଜନ ବିନୋଦ ଏବଂ ଅନ୍ୟ ନେତୃବୃନ୍ଦ ଓ କର୍ମୀବୃନ୍ଦ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ହେମଗିର,୭।୪(ଚୈତନ୍ୟ ପଟେଲ)**



ଜଣେ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ବେଲଡିପା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୧୦ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଏମଡିସି କମ୍ପାନୀ ମ୍ୟାନେଜର କ୍ୟାପଟେନ ରଣବୀର ସିଂ, ସମ୍ମାନିତ ଅତିଥି ଏବିଇଓ କପିଳ ଚନ୍ଦ୍ର ଦାସ, ଅବସରପ୍ରାପ୍ତ ଶିକ୍ଷକ ପଦ୍ମନ ରାଉତ,ସୁଜନ ବଡେଇ, ବିର କିଶୋର ପଧାନ, ଅନୁପ ଶଙ୍କର ଗୁପ୍ତା, ବୈକୁଣ୍ଠ ପ୍ରଧାନ, ମାନସ ରଞ୍ଜନ ପ୍ରଧାନ, ଚନ୍ଦ୍ରମଣି ପ୍ରଧାନ,ସାଗର ପ୍ରଧାନ, ଟିକେଶ୍ୱର ପଧାନ, ଗଜପତି ବାରିକ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ପ୍ରଧାନ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ୫ବର୍ଷ ଶିକ୍ଷାବର୍ଷ ମଧରେ ନବୋଦୟ, ଆଦର୍ଶ ଓ ବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।

# ସାରହୁଲ ପର୍ବ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅତିଥିମାନେ।

**କୁତ୍ରା,୭।୪(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତା ବ୍ଲକ ତେଲିଘନା ସ୍ଥିତ ଆମ୍ବବଗିଚାଠାରେ ମୁଲି ପାଡ଼ା ତେଲିଘନା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ୨୩ରେ ଏହି ପର୍ବ ପାଳନ କରାଯିବ। ଏହାକୁ ଆଧାର କରି ଏକ କମିଟିର ସମସ୍ତ ସଦସ୍ୟଙ୍କୁ ନେଇ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ କରାଯାଇଥିଲା। କିଭଳି ଭାବେ ସୁରୁଖୁରୁରେ ପର୍ବ ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଏହି ସାରହୁଲ ପର୍ବ ହେଉଛି ଓରାମ ସମାଜର ଏକ ବଡ଼ ପର୍ବ ତଥା ତାଙ୍କର ନବ ବର୍ଷ ଭାବରେ ପାଳନ କରାଯାଇଥାଏ।ଏଥିରେ ପାଡ଼ା ସମାଜର ବେଲ ବିକ୍ରମ ମିଞ୍ଜ,ଦେୱାନ ନନ୍ଦ କୁଜୁର, ବିଶ୍ୱନାଥ କେର୍କେଟା, ରକମ ଉରବାସ ସୁଦାମ ବାର୍ଲା, ଖାଟୋ ବିକ୍ରମ ଖାଲଖୋ,କର୍ଥା ମହିନ୍ଦ୍ର କୁଜୁର,କୋଟୁଆର ଚମନଲାଲ ମିଞ୍ଜ,ପଞ୍ଚ ଧନିଆ ଧନୁଆରଙ୍କ ସହିତ ବହୁ ଓରାମ ସମାଜର ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

# ସବ୍‌ଡେଗାରେ ବୁଥ୍‌ସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

**ସବ୍‌ଡେଗା,୭।୪(ଅନନ୍ତ ପଟେଲ)**

ସୁନ୍ଦରଗଡ ଜିଲା ତଳସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିର ପ୍ରାର୍ଥୀ ଭାବେ ବିନୟ ଟପ୍ପୋଙ୍କ ନାମ ଘୋଷଣା ହେବା ପରେ ସବ୍‌ଡେଗା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଏକ ବୁଥସ୍ତରୀୟ କର୍ମୀ ସମ୍ମିଳନୀ କାଏଁସଜୋର ଆମ୍ବ ତୋଟାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିନୟଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟ କରିବାକୁ କର୍ମୀମାନେ ଶପଥ ନେଇଥିଲେ। ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି, ସବ୍‌ଡେଗା ବ୍ଲକ ବିଜେଡି ସଭାପତି ମନୋଜ ବରୁଆଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ତଳସରା ନିର୍ବାଚନ ମଣ୍ଡଳୀରେ ଜନସାଧାରଣଙ୍କ ମଧ୍ୟରେ ଦୀର୍ଘଦିନ ଧରି ଲାଗି ରହିଥିବା ଅନେକ ସମସ୍ୟାର ସମାଧାନ ଦିଗରେ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମକୁ ଘରେ ଘରେ ପହଞ୍ଚାଇବା ପାଇଁ ପ୍ରାଣପଣେ ଚେଷ୍ଟା କରିବେ ବୋଲି ଟପ୍ପୋ କହିଥିଲେ। ତଳସରା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ତଥା ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ ଯୋଗଦେଇ ବିଜେଡି ସରକାର ସମୟରେ ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳର ବିକାଶ ପ୍ରତି ଅଧିକ ଗୁରୁତ୍ୱ ଦେଇ ପ୍ରତି ପଞ୍ଚାୟତକୁ ଆର୍ଥିକ ଅନୁଦାନ ଦେବା ସହ ଶିକ୍ଷା ବ୍ୟବସ୍ଥାରେ ବିଦ୍ୟାଳୟର ରୂପାନ୍ତିକରଣ,ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ୀକରଣ ପାଇଁ ବିଏସକେୱାଇ କାର୍ଡ ପ୍ରଚଳନ, ଯୁବ ବର୍ଗଙ୍କ ପାଇଁ ନିଯୁକ୍ତି ଓ କ୍ରୀଡ଼ାର ଉନ୍ନତି,ମହିଳାଙ୍କୁ ଆର୍ଥିକ ସହାୟତା ଦେଇ ସଶକ୍ତିକରଣ କରିବା ଏବଂ ଗାଁ ଗାଁରେ ଲକ୍ଷ୍ମୀ ବସ ସେବା ଯୋଗାଇ ଦେବା ବିଜେଡି ସରକାରଙ୍କ ସଫଳତାର ଏକ ମାଇଲଖୁଣ୍ଟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ସୁଶ୍ରୀ କୁନ୍ତୀ ପ୍ରଧାନ, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି, ସବ୍‌ଡେଗା ପଞ୍ଚାୟତ ସମିତି ଅଧକ୍ଷା କୁନ୍ତୀ ପ୍ରଧାନ, ମନୋଜ ପଟେଲ, ମହମ୍ମଦ ଜମିଲ, ନୃପ ଚରଣ ଦଣ୍ଡସେନା, ଉମେଶ ପ୍ରସାଦ ସାହୁ, ଶ୍ରଦ୍ଧାକର ସୁନ୍ୟାନି, ଗୀତାଞ୍ଜଳି ପଟେଲ,ବ୍ଲକ ଯୁବ ବିଜେଡି ସଭାପତି ଅନନ୍ତ ପଟେଲ ପ୍ରମୁଖ ନବୀନ ସରକାରଙ୍କ ସଫଳତା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସମ୍ମିଳନୀରେ ସମସ୍ତ ପଞ୍ଚାୟତରୁ ଆସିଥିବା ବୁଥ ସ୍ତରୀୟ ସଭାପତି ଏବଂ ଯୁବ, ଛାତ୍ର, ମହିଳା କର୍ମୀମାନେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଭାଜପାରୁ ସବ୍‌ଡେଗା ଅଞ୍ଚଳର ୨୦୦ ଯୁବକ ଯୋଗ ଦେଇଥିଲେ। କଂଗ୍ରେସର ୧୦ ଜଣ କର୍ମୀ ବିଜୁ ଜନତା ଦଳରେ ଯୋଗଦେଇଥିଲେ।



କର୍ମୀ ସମ୍ମିଳନୀରେ ଉପସ୍ଥିତ ବିଜେଡି କର୍ମୀମାନେ।

# ଝାରସୁଗୁଡା ରେଳ ଷ୍ଟେଶନରେ ମହିଳା ଯାତ୍ରୀଙ୍କଠାରୁ ଲୁଟ



ଯୁମନ ହୁସେନ

**ଝାରସୁଗୁଡ଼ା, ୭।୪ (ସଞ୍ଜୟ ମାଲି)**

ରାୟଗଡରୁ କିଉଲ ସାଉଥ ବିହାର ଟ୍ରେନରେ ଯାଉଥିବା ନିତୁ କୁମାରୀ ନାମକ ଜଣେ ମହିଳାଙ୍କଠାରୁ ବ୍ୟାଗ ଲୁଟିବା ଘଟଣାରେ ଝାରସୁଗୁଡା ଜିଆରପି ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ଝାରସୁଗୁଡା ଜିଲା କବ୍ରସ୍ଥାନପଡ଼ାର ଯୁମନ ହୁସେନ। ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଠାରୁ ବ୍ୟାଗ ଉଦ୍ଧାର କରାଯାଇଛି। ବ୍ୟାଗରେ ଅଭିଯୋଗକାରୀ ମହିଳାଙ୍କ ଆଧାର କାର୍ଡ, ପାନ କାର୍ଡ, ଏଟିଏମ୍ କାର୍ଡ ସହିତ ୩୫ ଟଙ୍କା ସହିତ କିଛି କସମେଟିକ ସାମଗ୍ରୀ ଥିଲା।

# ଭାଜପାର ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମ

**ଝାରସୁଗୁଡା, ୭।୪ (ସଞ୍ଜୟ ମାଲି)**

ଆଉ ପ୍ରଲୋଭନରେ ପଡିବେନି ଲୋକେ।୨୦୨୪ ନିର୍ବାଚନରେ ଉଚିତ ଜବାବ ଦେବାକୁ ସଂକଳ୍ପ ନେଇ ସାରିଛନ୍ତି ଭୋଟର। ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ନାହିଁ ତ ଏଠାରେ ଶିଳ୍ପ କାରଖାନା କରିବାର ଅଧିକାର ବି ନାହିଁ । ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା କଲେ କାରଖାନାରେ ତାଲା ଝୁଲିବ ବୋଲି କହିଛନ୍ତି ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ। ରବିବାର କିର୍ମିରା ବ୍ଲକର ବାଗଡିହିଠାରେ ଆୟୋଜିତ ନାରୀଶକ୍ତି ବନ୍ଦନା କାର୍ଯ୍ୟକ୍ରମରେ ଯୋଗଦେଇ ଯୁବନେତା ଟଙ୍କଧର ତ୍ରିପାଠୀ କହିଥିଲେ, ୨୦୨୪ରେ ସ୍ୱପ୍ନର ଝାରସୁଗୁଡା ଗଠନ ହେବ। କୌଣସି ପରିବାରର ନୁହେଁ, ଲୋକଙ୍କ ସ୍ୱପ୍ନ ପୂରଣ ହେବ। ଘରକୁ ଘର ଜଳ, ପ୍ରତି ଗାଁରେ ଗାଧୋଇବା ପାଇଁ ଜଳାଶୟ, ମା'ମାନଙ୍କ ପାଇଁ ଗାଧୁଆ ଘାଟରେ ବସ୍ତ୍ର ପରିଧାନ ପାଇଁ ଘର ଏସବୁ ସ୍ୱପ୍ନକୁ ମୁଁ ପୂରା କରିବି ଓ ଝାରସୁଗୁଡା ଜିଲା ଜନସାଧାରଣ ଏହାକୁ ଦେଖିପାରିବେ ବୋଲି କହିବା ସହ ରାଜ୍ୟ ସରକାର ଓ ସ୍ଥାନୀୟ ବିଜେଡି ନେତୃତ୍ୱକୁ ତୀବ୍ର ସମାଲୋଚନା କରିଥିଲେ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ। ହଜାର ହଜାର ମହିଳାମାନଙ୍କ ସମାବେଶ ଓ ରାଲି ଝାରସୁଗୁଡା ଜିଲା କିର୍ମିରା ବ୍ଲକ ସ୍ଥିତ ବାଗଡ଼ିହି ଗ୍ରାମରେ ଅନୁଷ୍ଠିତ ହେଇଥିଲା। ଏହି ସମାବେଶରେ ଅନ୍ୟ ବକ୍ତାମାନେ ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ରିନା ପଟେଲ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଯଜ୍ଞସିନି ନାଏକ, ମଣ୍ଡଳ ସଭାପତି ବିଜୟ ଶର୍ମା, ବରିଷ୍ଠ ନେତା ବିହାରୀ ଚନ୍ଦ୍ର ବିଶାଳ, ବାବୁଲାଲ କିଷାନ, ଝସକେତନ ପ୍ରଧାନ, ଯାମିନିକାନ୍ତ ନାଏକ, ସବିତା ଦେହୁରୀ, ଗୁଡ଼ିଆ ସିଂ ନାଏକ, ଅନୁପମା ମହାକୁଲ, ଯଶୋବନ୍ତୀ କିଷାନ, କଳାବତି ସାହାଣି, କୁନ୍ତଳା ରଣା, ରେବତୀ କାଲୋ, ବନିତା ପୋଢ଼, ସବିତା ସତନାମି, ସୌଦାମିନୀ ଭଇଁସା, ଜ୍ୟୋତିର୍ମୟୀ ବେହେରା ଏବଂ ଅନେକ ମହିଳା ଉପସ୍ଥିତ ଥିଲେ।



ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମରେ ଭାଜପା ନେତା ଓ କର୍ମୀ।

## ସଂକ୍ଷେପରେ

### ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ନିଶୁଳ୍କ ରକ୍ତ ପରୀକ୍ଷା ଶିବିର

ସମ୍ବଲପୁର,୭।୪ (ଭବାନୀ ଶଙ୍କର ଭୋଇ)

ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ସମ୍ବଲପୁର ମହାନଗରର ୩୪ ନମ୍ବର ୱାର୍ଡ ଅନ୍ତର୍ଗତ ସାରସ୍ୱତ କଲୋନୀରେ ରବବାର ନିଶୁଳ୍କ ରକ୍ତପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଦତ୍ତାତ୍ରେୟ ମନ୍ଦିର ପରିସରରେ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ରକ୍ତ ପରୀକ୍ଷା ଶିବିରରେ ୫୯ ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିଲା। ସତ୍ୟସାଇସେବା ସମିତିର ଦେବରାଜ ସ୍ୱାଇଁ, ଦିଲୀପ କୁମାର ପରମାର, ସୁମନ୍ତ ପଣ୍ଡା, ସାରସ୍ୱତ କଲୋନୀ ବିକାଶ ସମିତିର ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

### ଭବାନୀଫିଲ୍ଡ ବାସିନ୍ଦା ଯାଦବ ବେହେରାଙ୍କ ପରଲୋକ

ସମ୍ବଲପୁର,୭।୪ (ଭବାନୀ ଶଙ୍କର ଭୋଇ)



ଶନିବାର ରାତିରେ ଧନୁପାଲି ଭବାନୀଫିଲ୍ଡ ବାସିନ୍ଦା ଯାଦବ ବେହେରା (୬୪)ଙ୍କର ବୁର୍ଲା ବଡ଼ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ତାଙ୍କର ଶେଷଶଯ୍ୟା ନିକଟରେ ସ୍ତ୍ରୀ, ଦୁଇପୁତ୍ର, ଦୁଇ ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗୀୟ ବେହେରା ଜଣେ ଶାନ୍ତଶିଷ୍ଟ ମିଷ୍ଟଭାଷୀ, ମେଳାପୀ, କର୍ମଠ ବ୍ୟକ୍ତି ଭାବେ ସୁପରିଚିତ ଥିଲେ। ରବିବାର ସକାଳେ ସମ୍ବଲପୁର ମନ୍ଦଲିଆ ସ୍ଥିତ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଜଗନ୍ନାଥ ମୁଖାଗ୍ନୀ ଦେଇଥିଲେ। ତାଙ୍କର ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ସାହାସପୁରରେ ଅଷ୍ଟପ୍ରହର ନାମଯଜ୍ଞ ଉଦଯାପିତ

ସମ୍ବଲପୁର,୭।୪ (ଭବାନୀ ଶଙ୍କର ଭୋଇ)

ସାହାସପୁରରେ ଅନୁଷ୍ଠିତ ଅଷ୍ଟପ୍ରହରୀ ନାମଯଜ୍ଞ ରବିବାର ଉଦଯାପିତ ହୋଇଯାଇଛି। ମାନେଶ୍ୱର ବ୍ଲକ ଅନ୍ତର୍ଗତ ସାହାସପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଦୁଇଦିନ ଧରି ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଗତ ୫ ତାରିଖରେ କଳସ ସ୍ଥାପନ ପରେ ୬ ତାରିଖ ଅଧିବାସ ଓ ୭ ତାରିଖ ହୋମଯଜ୍ଞ ପରେ ପୂର୍ଣ୍ଣାହୁତି ପଡି ନାମଯଜ୍ଞ ଉଦ୍‌ଯାପିତ ହୋଇଥିଲା। ଏହି ଅବସରରେ ନଗର କୀର୍ତ୍ତନ ସହିତ ବୈଠକି ଅନୁଷ୍ଠିତ ହୋଇଥିଲା। ନାମ ଯଜ୍ଞରେ ସତ୍ୟନାରାୟଣ ମେଣ୍ଡଲୀ ଓ ତାଙ୍କ ସ୍ତ୍ରୀ ସସ୍ମିତା କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ରଞ୍ଜନ ପାଣିଗ୍ରାହୀ, ବିଭୂତି ପାଣିଗ୍ରାହୀ, ସୂର୍ଯ୍ୟକୁମାର ପାଢ଼ୀ, ଅଭିନାଶ ହୋତା ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ ।

# ବୈଷମ୍ୟକୁ ଏଡାଇବାର ଶକ୍ତି ସାହିତ୍ୟରେ ରହିଛି

ସମ୍ବଲପୁର,୭।୪(ବି.ଶଙ୍କର)

## ଡ.ଶ୍ୟାମସୁନ୍ଦର ଧରଙ୍କୁ ଭୂମାଶ୍ରୀ ସମ୍ମାନ



ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭାକକ୍ଷଠାରେ ଆୟୋଜିତ ସାରସ୍ୱତ କାର୍ଯ୍ୟକ୍ରମରେ ଅତିଥି, ସମ୍ମାନିତ ବ୍ୟକ୍ତି ବିଶେଷ ।

ସମ୍ବଲପୁରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବସୁମତୀ ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ପବ୍ଲିକ ଲାଇବ୍ରେରି ସଭାକକ୍ଷଠାରେ ରବିବାର ରାତିରେ ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସଂସଦର ତ୍ରୈମାସିକ ସାହିତ୍ୟ ପତ୍ରିକାର ଜାନୁଆରୀ ମାର୍ଚ୍ଚ ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିସହ ସାହିତ୍ୟିକ କ୍ଷମାସାଗର ଦାଶଙ୍କ ସ୍ମୃତିରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ସାହିତ୍ୟିକ ଡ.ଶ୍ୟାମସୁନ୍ଦର ଧରଙ୍କୁ ଭୂମାଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ପତ୍ରିକାର ସମ୍ପାଦକ କବି ସୌଭାଗ୍ୟବନ୍ତ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂସଦର ସମ୍ପାଦକ ଡା.ଗୁଣସାଗର ଦାଶ ସଭା ସଂଯୋଜନା କରିଥିଲେ। ସାହିତ୍ୟିକ ଡ.ମନୋଜ କୁମାର ପଣ୍ଡା ସଦ୍ୟ ଉନ୍ମୋଚିତ ପତ୍ରିକାର ସମୀକ୍ଷା କରିଥିଲେ। ସେ କହିଥିଲେ ଯେ,ଏହି ସଂଖ୍ୟାରେ ଆମ ଅଞ୍ଚଳର ଦୁଇଜଣ ବରେଣ୍ୟ ସାହିତ୍ୟ ସାଧକ ଡ. ମଙ୍ଗଲୁ ଚରଣ ବିଶ୍ୱାଳ ଓ ଡ. ପଞ୍ଚାନନ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ପତ୍ରିକାରେ ସ୍ଥାନିତ ବିଭିନ୍ନ ବିଭାଗରେ ଥିବା ସାହିତ୍ୟ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ତାଙ୍କ ବକ୍ତବ୍ୟ ରଖି କହିଥିଲେ ଯେ, ବିଶ୍ୱରେ ସୃଷ୍ଟି ହୋଇଥିବା ବିଭିନ୍ନ ବୈଷମ୍ୟକୁ ଏଡାଇବାର ଶକ୍ତି ସାହିତ୍ୟରେ ରହିଛି। ଗୁଣାତ୍ମକ ରଚନାମାନ ସଂଗ୍ରହ କରି ସେଗୁଡିକୁ ନିୟମିତ ଭାବରେ ଏକ ପତ୍ରିକାରେ ପ୍ରକାଶ କରିବା କଷ୍ଟକର ବ୍ୟାପାର ଅଟେ। କିନ୍ତୁ ସାମାଜିକ ସଂସ୍କୃତି କିଭଳି ଅପସଂସ୍କୃତି ଆଡକୁ ନ ଯିବ ସେଥିପାଇଁ ସାହିତ୍ୟିକମାନେ ସଦା ପ୍ରୟାସିତ ରହି ଆସିଛନ୍ତି। ଏହାକୁ ସାହିତ୍ୟିକମାନେ ନିଜ କର୍ତ୍ତବ୍ୟ ବୋଲି ଗ୍ରହଣ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ସଭାପତିତ୍ୱ ଅଭିଭାଷଣରେ ଡ.ପାଣିଗ୍ରାହୀ କହିଲେ ଯେ, ଜ୍ଞାନ ସହ ବୁଦ୍ଧିର ଉଚିତ ମିଶ୍ରଣ ନ ରହିଲେ ମଣିଷକୁ ଜୀବନରେ ଅନେକ ସମସ୍ୟାର ସମ୍ମୁଖିନ ହେବାକୁ ପଡିଥାଏ। ଅନୁରୂପ ସମସ୍ୟା ଆଜି ବହୁତ ଓଡିଆ ସାହିତ୍ୟ ପତ୍ରିକା ପାଇଁ ରହିଛି । ଫଳରେ ସାହିତ୍ୟ ପତ୍ରିକାଗୁଡିକ ସଂଘର୍ଷର ଶିକାର ହେଉଛନ୍ତି । ସଂସଦର କୋଷାଧ୍ୟକ୍ଷ ହରିନାରାୟଣ ପଣ୍ଡା ମାନପତ୍ର ପାଠ କରିଥିବା ବେଳେ କବି ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସଙ୍ଗୀତ ଓ କବିତା ଆସର ସହ ଫଗୁନ ମିଳନ ପାଳିତ



ଫଗୁନ ମିଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା।

ସମ୍ବଲପୁର,୭।୪(ବି.ଶଙ୍କର)

ମୋର ଭାଷାର ମହକ ସମ୍ବଲପୁରୀ ଏବଂ ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ମିଳିତ ଆନୁକୂଲ୍ୟରେ ଫଗୁନ ମିଳନ ରବିବାର ପାଳିତ ହୋଯାଇଛି। ମୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନଠାରେ ମୋର ଭାଷାର ମହକ ସମ୍ବଲପୁରୀ ଅନୁଷ୍ଠାନର ସଭାପତି କମଳ ଲୋଚନ ପଣ୍ଡାଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଜିଲା ସାମ୍ବାଦିକ ସଂଘ ସଭାପତି ସୁଭାଷ ଚନ୍ଦ୍ର ପାଣିଗ୍ରାହୀ ଓ କବୟିତ୍ରୀ ସବିତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଭ୍ୟ ମନୋରଞ୍ଜନ ପଣ୍ଡା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସଙ୍ଗଠନର ସଦସ୍ୟ ତ୍ରିଲୋଚନ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ଫଗୁନ ମିଳନ ତଥା ଶ୍ରୀରାଧା କୃଷ୍ଣଙ୍କ ରାସର ବିଭିନ୍ନ ଦିଗ ଏବଂ ମହତ୍ୱ ଉପରେ ଆଲୋଚନା କରିଥିଲେ। ଏହାସହିତ ଏକ ସମ୍ବଲପୁରୀ କବିତା ପାଠୋତ୍ସବ ଓ ସଙ୍ଗୀତ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ସହରର ଅଞ୍ଚଳରୁ କବୟିତ୍ରୀ, କବି, କଣ୍ଠଶିଳ୍ପୀମାନେ ଯୋଗଦେଇଥିଲେ। କବି ଓ କବୟିତ୍ରୀମାନେ ଫଗୁନ ମିଳନ ଶୀର୍ଷକ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ସଙ୍ଗୀତ ଆସରକୁ ମନ୍ତ୍ର ମୁଗ୍ଧ କରିଦେଇଥିଲା। କାହ୍ନୁକେଶବ ବହିଦାର, ପ୍ରଦୀପ ଯୋଶୀ, ପ୍ରଦୀପ ପାଣିଗ୍ରାହୀ, ଡ. ପ୍ରଦୀପ କୁମାର ପଣ୍ଡା, ପ୍ରତ୍ୟୁଷ କୁମାର ମିଶ୍ର, ଜୟକୃଷ୍ଣ ବେହେରା, ଶିବପ୍ରସାଦ ମେହେର, ଚିରଞ୍ଜିବୀ ପ୍ରଧାନ ପ୍ରମୁଖ କବିତା ପାଠ କରିଥିଲେ। ପ୍ରଦ୍ୟୋତ ପଟ୍ଟନାୟକ, ବିପ୍ଳବ ତନସନା ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଜିଲା ଖଡ୍ଡୁରା ସମାଜର ମହିଳା ସମ୍ମିଳନୀ



ଲାୟନ୍ସ କ୍ଲବ ସଭାକକ୍ଷରେ ଆୟୋଜିତ ସମ୍ବଲପୁର ଜିଲା ଖଡ୍ଡୁରା ସମାଜର ମହିଳା ସମ୍ମିଳନୀରେ କର୍ମକର୍ତ୍ତା।

ସମ୍ବଲପୁର,୭।୪(ବି.ଶଙ୍କର)

ସମ୍ବଲପୁର ଜିଲା ଖଡ୍ଡୁରା ସମାଜର ମହିଳା ସମ୍ମିଳନୀ ରବିବାର ଲାୟନ୍ସ କ୍ଲବ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ସମ୍ବଲପୁର ଖଡ୍ଡୁରା ସମାଜ ମହିଳା ଶାଖାକୁ ଗଠନ କରାଯାଇଛି। ଏହି ଅବସରରେ ଖଡ୍ଡୁରା ସମାଜ ସମ୍ବଲପୁର ମହିଳା ସଭାନେତ୍ରୀ ଭାବରେ ଆଇନଜୀବୀ ସସ୍ମିତା ସାହୁ, ଉପ ସଭାନେତ୍ରୀ ସଞ୍ଜିତା ନାୟକ, ସମ୍ପାଦିକା ଝିଲି ମହାପାତ୍ର, ଜୁଲି ନାୟକ, କୋଷାଧ୍ୟକ୍ଷା ଚୁମକି ନାୟକ, ସନ୍ତୋସିନୀ ନାୟକ, ଯୁଗ୍ମ ସମ୍ପାଦିକା ସୁଜାତା ମହାପାତ୍ର, ସୋନାଲି ଦାସଙ୍କୁ ମନୋନୀତ କରାଯାଇ ଦାୟିତ୍ୱ ଦିଆଯାଇଛି। ଏହି ସମ୍ମିଳନୀରେ ସମ୍ବଲପୁର ସହରରେ ଥିବା ଖଡ୍ଡୁରା ସମାଜର ମହିଳାଙ୍କୁ ସଙ୍ଗଠିତ କରିବାକୁ ଆହ୍ୱାନ ଦିଆଯାଇଥିଲା। ସେହିପରି ଖଡ୍ଡୁରା ସମାଜକୁ ଆଗେଇ ନେବାକୁ ମହିଳା ଶାଖା ଯେପରି ଅଧିକ ସକ୍ରିୟ ହୋଇ କାର୍ଯ୍ୟ କରିବ, ସେନେଇ ମହିଳା ଶାଖା କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଖଡ୍ଡୁରା ସମାଜ ସଭାପତି ବିଦେଶୀ ନାୟକ, ସମ୍ପାଦକ ରାଜେନ୍ଦ୍ର ନାୟକ, ଜିଲା ସଂଯୋଜକ କୃଷ୍ଣଚନ୍ଦ୍ର ନାୟକ, ରାଜ୍ୟ କମିଟି ବରିଷ୍ଠ ସଭ୍ୟ ରବୀନ୍ଦ୍ର ସୁବୁଦ୍ଧି, ସମ୍ବଲପୁର କାର୍ଯ୍ୟକର୍ତ୍ତା ଶ୍ରୀକାନ୍ତ ନାୟକ, ଟୁନା ନାୟକ, ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ଜୀବନ ପୁସ୍ତକ ଉନ୍ମୋଚନ ଉତ୍ସବ

ସମ୍ବଲପୁର,୭।୪(ପ୍ରମୋଦ ବହିଦାର)

ସମ୍ବଲପୁର ସ୍ଥିତ ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ରବିବାର କୁଞ୍ଜେଲପଡା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପସଭାପତି ଅମୀୟ କୁମାର ପାଣିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଗୋପୀନାଥ ଷଡ଼ଙ୍ଗୀଙ୍କ ରଚିତ ପୁସ୍ତକ ମୋ ଜୀବନୀ ପ୍ରଥମ ଖଣ୍ଡର ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ସଂସଦ ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଶଙ୍କର୍ଷଣ ଆଚାର୍ଯ୍ୟ, ଦୁଷ୍ମନ୍ତ ସାହୁ, ସୁବର୍ଣ୍ଣ ମେହେର, ସବିତା ମିଶ୍ର, ସବିତା ଷଡ଼ଙ୍ଗୀ ପ୍ରମୁଖ ଉନ୍ମୋଚିତ ପୁସ୍ତକ ଉପରେ ଆଲୋଚନା କରିଥିଲେ। ଶେଷରେ ଗୋପୀନାଥ ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସମଲେଇଙ୍କ ଦର୍ଶନ ପରେ ମଇଦାନକୁ ବାହାରିଲେ ସୁଦର୍ଶନ ହରିପାଲ



ସମ୍ବଲପୁର,୭।୪(ଭବାନୀ ଶଙ୍କର ଭୋଇ)

ସାଧାରଣ ନିର୍ବାଚନ ପାଇଁ ସବୁ କଳ୍ପନାର ଅନ୍ତଘଟାଇ ସମ୍ବଲପୁର ଜିଲା ରେଙ୍ଗାଲି ବିଧାନସଭା କ୍ଷେତ୍ରରେ ବିଜେଡି ପ୍ରାର୍ଥୀ ଭାବରେ ସୁଦର୍ଶନ ହରିପାଲଙ୍କ ନାମ ଘୋଷଣା ହେବା ପରେ ଦଳୀୟ କର୍ମୀଙ୍କ ଭିତରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକ ଆଶାୟୀଙ୍କୁ ପଛରେ ପକାଇ ଯୁବ ନେତା ଏବଂ ଧନକଉଡା ଜୋନ-୨ ର ଜିଲା ପରିଷଦ ସଦସ୍ୟ ସୁଦର୍ଶନ ବିଜେଡି ପ୍ରାର୍ଥୀ ଘୋଷିତ ହେବା ପରେ ରବିବାର ନିଜ ସମର୍ଥକମାନଙ୍କ ସହ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ମନ୍ଦିରକୁ ଆସି ମା'ଙ୍କ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଲାଭ କରିଛନ୍ତି। ଏହି ଅବସରରେ ସୁଦର୍ଶନ ହରିପାଳ କହିଛନ୍ତି ଯେ, ଏକ ଗରିବ ପରିବାର ପିଲାକୁ ଭରସା କରି ମୁଖ୍ୟମନ୍ତ୍ରୀ ତାଙ୍କୁ ରେଙ୍ଗାଲି ବିଧାନସଭାରେ ପ୍ରାର୍ଥୀ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କଠାରେ ଚିର ଋଣୀ ରହିବେ । ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ସବୁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ଓ ସାଧାରଣ ଜନତାଙ୍କ ସମର୍ଥନରେ ସେ ନିଶ୍ଚିତ ବିଜୟୀ ହେବେ ବୋଲି ସୁଦର୍ଶନ ଆଶା ପ୍ରକାଶ କରିଛନ୍ତି। ତେବେ ବହୁ ଦିନ ହେବ ରେଙ୍ଗାଲି ଆସନ ପାଇଁ ବହୁ ଦଳୀୟ ଆଶାୟୀ ଲବି କରିବା ସହ ଟିକେଟ ରେସରେ ଥିବା ବେଳେ ସୁଦର୍ଶନ ଟିକେଟ ହାତେଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି । ତାଙ୍କର ଟିକେଟ ଘୋଷଣା ହେବା ପରେ ବିଶାଳ ଦାସଙ୍କ ସମର୍ଥକ ଗୋଷ୍ଠୀ ଉତ୍ସାହିତ ହୋଇ ସୁଦର୍ଶନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ତେବେ ସୁଦର୍ଶନଙ୍କୁ ଟିକେଟ ମିଳିବା ପରେ ୨୦୧୯ରେ ବିଜେଡି ବିଧାୟିକା ପ୍ରାର୍ଥୀ ରୀନା ତନ୍ତୀ ଚୁପ ରହିଥିବା ବେଳେ ପୂର୍ବତନ ବିଧାୟକ ତଥା ଟିକେଟ ଦଉଡରେ ଆଗରେ ରହି ନିରାଶ ହୋଇଥିବା ରମେଶ ପଟୁଆ ସମର୍ଥକଙ୍କ ସହ କଥା ହେବା ପରେ ଆଗାମୀ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ଦଶବର୍ଷ ହେବ ବିଜେଡି ସଙ୍ଗଠନକୁ ମଜବୁତ କରିଆସୁଥିବା ଇଂ. ଦିଲୀପ ଦୁରିଆ ବିଜେଡି ଛାଡି କଂଗ୍ରେସରେ ଯୋଗଦେଇ ଟିକେଟ ରେସରେ ରହିଥିବାରୁ ସୁଦର୍ଶନଙ୍କ ଜିତହାର ପାଇଁ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

# ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ସୂଚନାକୁ ଗୁରୁତ୍ୱ

ସମ୍ବଲପୁର, ୭।୪ (ଭବାନୀ ଶଙ୍କର ଭୋଇ)

## ରେଡକ୍ରସ୍ ପକ୍ଷରୁ ଫୁଲଝରଣରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବିଶ୍ୱବ୍ୟାପୀ ଶାନ୍ତି, ନିରାପତ୍ତା ଏବଂ ଜୀବନଶୈଳୀକୁ ପ୍ରୋତ୍ସାହିତ କରାଯାଇ ଜନସ୍ୱାସ୍ଥ୍ୟ ଭଳି ମୋ ସ୍ୱାସ୍ଥ୍ୟ,ମୋ ଅଧିକାରକୁ ପ୍ରତିଟି ସ୍ତରରେ ଗୁରୁତ୍ୱ ଦେବାକୁ ରବିବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ମତପ୍ରକାଶ ପାଇଛି । ସମ୍ବଲପୁର ଜିଲା ରେଡକ୍ରସ ପକ୍ଷରୁ ଫୁଲଝରଣଠାରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ୭୬ତମ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ରେଡକ୍ରସର ଆଜୀବନ ସଦସ୍ୟ ସମାଜସେବୀ ଡା.ରାଜାରାମ ଷଡଙ୍ଗୀ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଭଳି ସ୍ୱାସ୍ଥ୍ୟ ଶିକ୍ଷା ଓ ସୂଚନାର ଉପଲବ୍ଧତା ଉପରେ ଯୋର ଦେଇ ଦୈନନ୍ଦିନ ଜୀବନ ଚର୍ଚ୍ଚା ଓ ଜୀବନ କୌଶଳରେ ପରିବର୍ତ୍ତନ ଆଣି ଏକ ସୁସ୍ଥ ସମାଜରେ ଭାଗିଦାରିତା ରଖିବାକୁ ଡ. ଷଡଙ୍ଗୀ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ କୁଳଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲା ରେଡକ୍ରସର ଅବୈତନିକ ସମ୍ପାଦକ ଜୟ ଜର୍ଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକ ସୁସ୍ଥ ସମାଜ ଗଠନ ପାଇଁ ମୂନିଜ ସ୍ତରରୁ ଉଦ୍ୟମ ଆରମ୍ଭ ହେଲେ ମିଳିମିଳା, ହାଡଫୁଟି,ପୋଲିଓ,ଯକ୍ଷ୍ମା ଓ କୁଷ୍ଠ ଭଳି ଦୂରାସାଧ୍ୟ ବ୍ୟାଧିକୁ ପ୍ରତିରୋଧ କରାଯାଇ ପାରିବ। ଏଥିପାଇଁ ତୃଣମୂଳସ୍ତରରୁ ସ୍ୱାସ୍ଥ୍ୟ ସଚେତନତା ଜରୁରୀ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ରେଡକ୍ରସର ପ୍ରମିଳା ବେହେରା ଯୋଗଦେଇ ପିଲାଟି ଦିନରୁ ଖାଦ୍ୟପେୟ ଓ ଜୀବନଧାରଣକୁ ବିନିଯୋଗ କରିବା ଅଭ୍ୟାସ ଦ୍ୱାରା ଆମେ ବିଭିନ୍ନ ରୋଗକୁ ଏଡାଇ ସମାଜରେ ସୁସ୍ଥ୍ୟ ମଣିଷ ଭାବେ ଠିଆ ହୋଇପାରିବା ବୋଲି କହିଥିଲେ। ସମାଜସେବୀ ଚନ୍ଦ୍ର ଶେଖର ଓଝା ସ୍ୱାଗତ ଭାଷଣ ଦେଇଥିଲେ ।

# ନିର୍ବାଚନ ପରେ ଦାବି ପୂରଣ ପ୍ରତିଶ୍ରୁତି

ସମ୍ବଲପୁର,୭।୪ (ଭବାନୀ ଶଙ୍କର ଭୋଇ)



ଜିଲାପାଳ କାର୍ଯ୍ୟାଳୟ ଆଗରେ ୮୯ଦିନ ହେବ ଧାରଣାରେ ବସିଥିବା ଆନ୍ଦୋଳନକାରୀଙ୍କ ସହ ପ୍ରଣବ ପ୍ରକାଶ ଦାସ।

## ୮୯ ଦିନରେ ଘୁନଘୁଟି ପଡା ବିସ୍ଥାପିତଙ୍କ ଆନ୍ଦୋଳନ

ଜିଲାପାଳ କାର୍ଯ୍ୟାଳୟ ଆଗରେ ଚାରିଦଫା ଦାବି ନେଇ ଚାଲିଥିବା ଘୁନଘୁଟି ପଡାବାସୀଙ୍କ ଧାରଣା ରବିବାର ୮୯ ଦିନରେ ପହଞ୍ଚିଛି । ତେବେ ବିଜେଡିରୁ ସମ୍ବଲପୁର ସାଂସଦ ପ୍ରାର୍ଥୀ ତଥା ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ରବିବାର ଆନ୍ଦୋଳନରତ ଘୁନଘୁଟି ପଡା ବାସୀଙ୍କ ପାଖକୁ ଯାଇ ସେମାନଙ୍କ ଦାବି ବିଷୟରେ ପଚାରି ବୁଝିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ବିଶ୍ୱାସ ରଖି ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ନିବେଦନ କରିଥିଲେ। ନିର୍ବାଚନ ପରେ ସେ ନିଜେ ପଡାବାସୀଙ୍କ ଦାବି ଉପରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଯଥାସମ୍ଭବ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟଯେ, ନିଜ ଛୁଆ ପିଲା ଧରି ତିନି ମାସ ହେବ ସମୟ ହେବ ଘୁନଘୁଟିପଡାବାସୀ ଜିଲାପାଳ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ସମଲେଇ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ୨୪୪ ପରିବାରକୁ ସରକାରୀ ନିୟମ ଅନୁସାରେ ଧାର୍ଯ୍ୟ କ୍ଷତିପୂରଣ ପ୍ରଦାନ କରାଯିବା ସହ ୬୪୦ ବର୍ଗଫୁଟ ଜମି ପ୍ରଦାନ କରାଯାଇଛି। ତେବେ କ୍ଷତିପୂରଣ ପ୍ରଦାନରେ ଅସମାନତା ଅଭିଯୋଗ କରି ଘୁନଘୁଟିପଡା ବାସୀ ଗତ ଜାନୁଆରି ୧୦ରୁ ଜିଲାପାଳଙ୍କ ଅଫିସ୍ ଆଗରେ ଆନ୍ଦୋଳନ ଆରମ୍ଭ କରିଥିଲେ। ସେମାନଙ୍କ ୪ ଦଫା ଦାବି ଭିତରେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ, ମାସିକ ୧୨ ହଜାର ଟଙ୍କା ପ୍ରଦାନ, ଘର ସାମଗ୍ରୀ ପରିବହନ ବାବଦକୁ ୧ ଲକ୍ଷ ଟଙ୍କା ପ୍ରଦାନ ଏବଂ ଘୁନଘୁଟି ପଡାର ବାଦ ପଡିଥିବା ୨୮ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଆନ୍ଦୋଳନକାରୀ ଦାବି କରିଥିଲେ। ପ୍ରଣବ ପ୍ରକାଶ ଦାସଙ୍କୁ ପୂର୍ବରୁ ମଧ୍ୟ ପଡାବାସୀ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଆଜିର ଆଲୋଚନା ପରେ ପଡାବାସୀ ଦାସଙ୍କ ପ୍ରତିଶ୍ରୁତି ଉପରେ ବିଚାର କରିବା ପାଇଁ ଗୋଟିଏ ଦିନ ସମୟ ମାଗିଥିଲେ। ସୋମବାର ଆନ୍ଦୋଳନ ପ୍ରତ୍ୟାହାର କରିବା ସମ୍ବନ୍ଧରେ ଭବିଷ୍ୟତ କାର୍ଯ୍ୟପନ୍ଥା ଜଣାଇବେ ବୋଲି କହିଥିଲେ।

# ଫାଇନାଲରେ ଭିସୁଟ୍ ଏସ୍‌ଆଇସିର ଯୋଗ୍ୟତା ହାସଲ

ସମ୍ବଲପୁର,୭।୪ (ପ୍ରମୋଦ ବହିଦାର)




କନସାଟ୍ ଇଣ୍ଡିଆ ପ୍ରତିଯୋଗିତାର ଫାଇନାଲ ପାଇଁ ଯୋଗ୍ୟ ବିବେଚିତ ଏସ୍‌ଆଇସି ଛାତ୍ରୀଛାତ୍ର।

## କ୍ୟାନ୍‌ସାଟ୍ ଇଣ୍ଡିଆ ପ୍ରତିଯୋଗିତା

ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ(ଇସ୍ରୋ) ପକ୍ଷରୁ ଆୟୋଜିତ କନ୍‌ସାଟ୍ ଇଣ୍ଡିଆ ପ୍ରତିଯୋଗିତାର ଫାଇନାଲ ପାଇଁ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ(ଭିସୁଟ୍) ସ୍ପେସ ଇନୋଭେସନ ସେଣ୍ଟରର(ଏସ୍‌ଆଇସି) ଛାତ୍ରୀଛାତ୍ର ଯୋଗ୍ୟତା ହାସଲ କରିଛନ୍ତି। ଏହା ବିଶ୍ୱ ବିଦ୍ୟାଳୟ ପାଇଁ ଗୌରବର ବିଷୟ ବୋଲି କୁଳପତି ପ୍ରଫେସର ବଂଶୀଧର ମାଝି କହିଛନ୍ତି। ଏହା ଯେ କେବଳ ଭିସୁଟ୍ ଛାତ୍ରୀଛାତ୍ରଙ୍କ ସଫଳତା ନୁହେଁ ବରଂ ଏହି ସଫଳତା ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତାକୁ ପ୍ରମାଣିତ କରିଛି। କୁଳପତି ପ୍ରଫେସର ମାଝି ଏଥିପାଇଁ ଏସ୍‌ଆଇସିର ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଫେସର ହରିଶ କୁମାର ସାହୁଙ୍କ ନେତୃତ୍ୱରେ ଆୟୁଷ୍ମାନ ଜେନା, ଶୁଭ୍ରାଂଶୁ ରଞ୍ଜନ ଦାସ, ପଲ୍ଲବୀ ପରମିତା ନାୟକ, ଦେବଙ୍କର ଶୁଭରାମ, ଶୁଭଶଙ୍କର ନାୟକ, ଫୈଜୁର ରହମନ, ସ୍ୱାଗତ ଶେଖର ପଣ୍ଡା ଓ ଇନାୟାତୁଲ୍ଲା ଖାନଙ୍କୁ ନେଇ ଗଠିତ ଦଳର କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଏହି ସଫଳତା ହାସଲ କରିବାର ସକ୍ଷମ ହୋଇଛି। କନସାଟ୍ ଇଣ୍ଡିଆ ପ୍ରତିଯୋଗିତାରେ ସମଗ୍ର ଭାରତ ବର୍ଷରୁ ମୋଟ ୮୭ଟି ଦଳ ଭାଗ ନେଇଥିଲେ। ସେଥିମଧ୍ୟରୁ ବୁର୍ଲା ଭିସୁଟ୍ ଏସ୍‌ଆଇସି ସହିତ ସର୍ବ ଭାରତୀୟ ସ୍ତରରେ ମୋଟ୍ ୨୭ଟି ଦଳ ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଅହମଦାବାଦ ଠାରେ ଆସନ୍ତା ଅପ୍ରେଲ୍ ୧୬ ଓ ୧୭ ତାରିଖରେ ଦୁଇଦିନ ଧରି କନସାଟ୍ ଇଣ୍ଡିଆ ପ୍ରତିଯୋଗିତାର ଫାଇନାଲ ଅନୁଷ୍ଠିତ ହେବ।

## ଦେଓଗାଁରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଦେଓଗାଁ,(କୃଷ୍ଣପ୍ରସାଦ ପାଣିଗ୍ରାହୀ): ଚଳିତ ନିର୍ବାଚନକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ପାଇଁ ବଲାଙ୍ଗୀର ଜିଲା ଦେଓଗାଁ ମୁଖ୍ୟାଳୟ ଓ ସଦର ବ୍ଲକର ଭୁଆରବାହାଲରେ ପୋଲିସ ପକ୍ଷରୁ ରବିବାର ଫ୍ଲାଗମାର୍ଚ୍ଚ କରାଯାଇଛି। ବଲାଙ୍ଗୀର ଏସ୍‌ଡିପିଓ ପ୍ରକାଶ କୁମାର ସାହୁଙ୍କ ନେତୃତ୍ୱରେ ଦେଓଗାଁ ଥାନାଧିକାରୀ ହରିବନ୍ଧୁ ଗଡତ୍ୟା, ତୁଷୁରା ଥାନାଧିକାରୀ ସଞ୍ଜିବ ପଧାନଙ୍କ ସମେତ ୨ ପ୍ଲାଟୁନ ପୋଲିସ ଫୋର୍ସ ଦେଓଗାଁ, କଛାରପାଲି ଓ ଭୁଟିଆରବାହାଲ ଗ୍ରାମ ପରିକ୍ରମା କରିଥିଲେ। ସାଧାରଣ ନିର୍ବାଚନରେ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖି ମତଦାନ କରିବା ପାଇଁ ସଚେତନତାର ବାର୍ତ୍ତା ଦିଆଯାଇଥିଲା।



## ସଂକ୍ଷେପରେ

### ଲକ୍ଷ୍ମଣ ମେହେରଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ଦାୟିତ୍ୱ

ଦେଓଗାଁ, ୭।୪(କୃଷ୍ଣପ୍ରସାଦ ପାଣିଗ୍ରାହୀ)



ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ଲକ୍ଷ୍ମଣ କୁମାର ମେହେରଙ୍କୁ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ରବିବାର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏ ନେଇ ଘୋଷଣା କରିଛନ୍ତି। ଏହି ପଦବୀ ଘୋଷଣା ପରେ ଜିଲା ବିଜେଡି କର୍ମୀ ମହଲରେ ଉତ୍ସାହ ଦେଖା ଦେଇଛି। ମେହେର ଦେଓଗାଁ ପଞ୍ଚାୟତ ସମିତିର ଦୁଇଥର ଅଧ୍ୟକ୍ଷ, ଥରେ ଜିଲା ପରିଷଦ ସଭ୍ୟ, ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ୨୦୧୯ ମସିହାରେ କଂଗ୍ରେସ ଦଳ ଛାଡି ବିଜେଡିରେ ଯୋଗଦେଇ ଗତ ୫ ବର୍ଷ ହେଲା ମେହେର ସାଙ୍ଗଠନିକ କାର୍ଯ୍ୟରେ ସମ୍ପୃକ୍ତ ରହିଥିଲେ। ନୂଆ ଦାୟିତ୍ୱ ଦିଆଯିବା ଘୋଷଣା ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ, ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ, ବଲାଙ୍ଗୀର ଜିଲା ବିଜେଡି ପର୍ଯ୍ୟବେକ୍ଷକ ସୁଶାନ୍ତ ସିଂଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଦଳ ସମାଜର ବୈଠକ

ଖପ୍ରାଖୋଲ, ୭।୪(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଦଳ ସମାଜର ବୈଠକ ଜିଲା ସଭାପତି ସୁବ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳାରେ ସମାଜ ପକ୍ଷରୁ ପାନୀୟ ଜଳ ବଣ୍ଟନ କରାଯିବା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଦଳ ସମାଜ ସମ୍ପାଦକ ଲୋକନାଥ ଭୋଇ, ଘାସୀରାମ ଭୋଇ, ମଧୁସୂଦନ ମାଝି, ନରସିଂହ ପୂଝାରୀ, ଦୁଲାରାମ ମଲ୍ଲିକ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ୧୪୮ ଛାତ୍ରୀ ନେଲେ ଆତ୍ମରକ୍ଷା ତାଲିମ

ମୁରିବାହାଲ, ୭।୪(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଜୁନିୟର କଲେଜରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁରିବାହାଲ ବନାଞ୍ଚଳ ଅଧିକାରୀ ନୀଳେନ୍ଦ୍ରୀ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପକ ଭବାନୀ ପୋଡ଼ଙ୍କ ସଂଯୋଜନାରେ ମାଷ୍ଟର ଟେନର ଗୌରୀ ରାଉତ, ଡାକପ୍ରିୟା ନାଗ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପକ ବିକ୍ରମ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କଲେଜର ୧୪୮ଜଣ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ।

# ଭାରିଯାନ ଚଳାଚଳକୁ ଦାୟୀ କଲେ ଯନ୍ତ୍ରୀ

ଲୋଇସିଂହା, ୭।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଗ୍ରାମ୍ୟ ନିର୍ମାଣ ଉପ ବିଭାଜନ କାର୍ଯ୍ୟାଳୟ ଅଧୀନ ଆଗଲପୁର ବ୍ଲକ ବକଟି-ଖଲିଆପାଲି ରାସ୍ତା ମରାମତି କରାଯାଇଛି। ରାତିଅଧିଆ ପୁଣି ନିମ୍ନମାନର କାମ କରାଯାଇଥିବାରୁ ଦୁଇଦିନରେ ପିଚୁ ଉଠିଯାଇଛି । ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅଧାରରେ ଧରିତ୍ରୀରେ କାମର ଦୁଇଦିନ ପରେ ରାସ୍ତାରୁ ଉଠିଲା ପିଚୁ ଶୀର୍ଷକ ଏକ ଖବର ରବିବାର ପ୍ରକାଶ ପାଇଥିଲା । ଏହାପରେ ବିଭାଗ ତତ୍ପରତା ଦେଖାଇଛି। ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ନିର୍ଦ୍ଦେଶରେ ବ୍ଲକ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଏ. ସିମାଦ୍ରୀ ଯନ୍ତ୍ରୀ ରବିବାର କ୍ଷେତ୍ର ପରିଦର୍ଶନ କରିଥିଲେ। ପିଚୁ ଢଳାଇର ୧ ମାସ ପର୍ଯ୍ୟନ୍ତ ଭାରିଯାନ କିମ୍ବା ଲୁହାଚକ ଚଳାଚଳ ନ ହେବା କଥା । ପିଚୁ ଉଠିଥିବା ଅଞ୍ଚଳରେ ଏକ ଇଟା କାରଖାନା ରହିଛି । ସମ୍ପୃକ୍ତ ଅଞ୍ଚଳରେ ଟ୍ରାକ୍ଟର ଓ ଅନ୍ୟାନ୍ୟ ଭାରିଯାନ ଚଳାଚଳ ହେଉଥିବାରୁ ପିଚୁ ଉଠି ଯାଇଛି ବୋଲି ଯନ୍ତ୍ରୀ ସଫେଇ ଦେଇଛନ୍ତି।



**ବକଟି-ଖଲିଆପାଲି ରାସ୍ତାକାମର ଦୁଇଦିନରେ ପିଚୁ ଉଠିବା ଘଟଣା**

ଆଗଲପୁର ବ୍ଲକ ବକଟିରୁ ଖାଲିଆପାଲିକୁ ଆରଡି ରାସ୍ତା ସଂଯୋଗୀକରଣ ରହିଛି । ଦୀର୍ଘ ୫ବର୍ଷରୁ ଅଧିକ ସମୟ ହେଲା ଉକ୍ତ ରାସ୍ତା ଶୋଚନୀୟ ହୋଇ ପଡିଥିଲା। ସ୍ଥାନୀୟ ଲୋକଙ୍କ ଦୀର୍ଘ ଦାବି ପରେ ୫କିମି ରାସ୍ତା ମଧ୍ୟରୁ ଅଢେଇ କିମି ମରାମତି କରାଯାଇଛି । ମରାମତି ସରି ଯାଇଥିଲେ ସୁଦ୍ଧା ଅଦ୍ୟାବଧି ସେଠାରେ ସୂଚନା ଫଳକ ଲଗାଯାଇନାହିଁ। ଅନୁଦାନକୁ ଆତ୍ମସାତ୍ ପାଇଁ ମାର୍ଚ୍ଚ ମାସ ବର୍ଷର କ୍ଲୋଜିଂ ଥିବାରୁ ବିଭାଗ ପକ୍ଷରୁ ତରବରିଆଭାବେ ପିଚୁ ଢଳାଇ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିମ୍ନମାନର କାମ ହୋଇଥିବାରୁ ଯାନବାହାନ ଚଳାଚଳ ପରେ ରାସ୍ତାରୁ ପିଚୁ ଉଠି ଯାଉଥିବା ଜାଣି ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି କେତେକ ସ୍ଥାନରେ ହାତମାରି ଦେଲେ ପିଚୁ ଉଠିଯାଉଛି। ବିଭାଗୀୟ ଯନ୍ତ୍ରୀଙ୍କ ଭାରିଯାନ ଚଳାଚଳ ଯୋଗୁ ପିଚୁ ଉଠିଯାଉଥିବା କହିଛନ୍ତି। ଏହାକୁ ଗ୍ରାମବାସୀ ଖଣ୍ଡନ କରିଛନ୍ତି ଏବଂ ନିମ୍ନମାନର କାମ ଯୋଗୁ ଏପରି ହୋଇଥିବା କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।

# ଟିଟିଲାଗଡ଼ ବିଜେଡିର ମିଶ୍ରଣ ପର୍ବ



ନୂତନ କର୍ମୀଙ୍କୁ ମନ୍ତ୍ରୀ ଟୁକୁନୀ ସାହୁ ଉତ୍ତରୀୟ ଦେଇ ସ୍ୱାଗତ କରୁଛନ୍ତି।

ଟିଟିଲାଗଡ଼, ୭।୪(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବିଜେଡିରେ ଏକ ମିଶ୍ରଣ ପର୍ବ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଜଗୁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଲଳିତ ସାହୁଙ୍କ ନେତୃତ୍ୱରେ ସାହସ୍ରାଧିକ ବିଭିନ୍ନ ରାଜନୈତିକ ଦଳର କର୍ମୀ ତଥା ମହିଳା ଗୋଷ୍ଠୀ ସଦସ୍ୟା ଦଳରେ ସାମିଲ ହୋଇଥିଲେ। ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟିକା ଟୁକୁନି ସାହୁ ଦଳରେ ଯୋଗଦେଇଥିବା ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ ସହ ସ୍ୱାଗତ କରିଥିଲେ। ଦଳର ବିଧାନସଭା ନିର୍ବାଚନ ମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ସ୍ନେହାଞ୍ଜଳି ମହାନ୍ତି, ଦଳର ବ୍ଲକ ସଭାପତି ପଦ୍ମଲୋଚନ ପୋଢ଼ ଉପସ୍ଥିତ ଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ମନ୍ତ୍ରୀ ସାହୁ କହିଥିଲେ ଯେ, ବିଜେଡି ଶାସନ କାଳରେ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ବିକାଶର ଧାରା ବହିଛି। ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ହେଲେ ବିଧାନ ସଭା କ୍ଷେତ୍ରରେ ତାଙ୍କୁ ଓ ଦଳର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ମିଶ୍ରଣ ପର୍ବରେ ଦଳର ରାଜେଶ ପ୍ରଧାନ, ନରେଶ ଅଗ୍ରୱାଲ, ଧ୍ରୁବ ସାହୁ ପ୍ରମୁଖ ନେତୃବୃନ୍ଦ ସାମିଲ ଥିଲେ।

# ବିଜୟ ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କର



ସମ୍ବର୍ଦ୍ଧନା ସଭାରେ ବିଜେଡି ପ୍ରାର୍ଥୀ ନୀହାର ରଞ୍ଜନ ବେହେରା ବକ୍ତବ୍ୟ ରଖୁଛନ୍ତି।

ଲୋଇସିଂହା,୭।୪(ସୁଶାନ୍ତ ବାରିକ)

**ଲୋଇସିଂହା ବିଜେଡି ପ୍ରାର୍ଥୀଙ୍କୁ ବିଜୁ ଛାତ୍ର ଜନତା ଦଳର ସମ୍ବର୍ଦ୍ଧନା**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଲୋଇସିଂହା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ନିହାର ରଞ୍ଜନ ବେହେରାଙ୍କୁ ରବିବାର ଛାତ୍ର ବିଜେଡି ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଜୁଛାତ୍ର ଜନତା ଦଳ ସଭାପତି ଫିରୋଜ ସାଥୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା ସମ୍ବର୍ଦ୍ଧନା ଉତ୍ତରରେ କହିଥିଲେ, ଯେ, ଲୋଇସିଂହା ନିର୍ବାଚନ ମଣ୍ଡଳୀର ଉନ୍ନତିକଳ୍ପେ ମୁଁ ସମର୍ପିତ। ଯେଉଁ ବିଶ୍ୱାସ ରଖି ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ଟିକେଟ ଦେଇଛନ୍ତି ତାହାର ମାନ ରଖିବା ଦିଗରେ ଦଳୀୟ କର୍ମୀ ବିଶେଷ କରି ଯୁବବନ୍ଧୁମାନେ ଆଗେଇ ଆସନ୍ତୁ। ଗତଥରର ଭୁଲରୁ ଶିକ୍ଷାଲାଭ କରି ଲୋଇସିଂହା ନିର୍ବାଚନ ମଣ୍ଡଳୀରୁ ବିଜେଡି ବିଧାୟକ ପ୍ରାର୍ଥୀ ଏବଂ ବଲାଙ୍ଗୀର ଏମ୍‌ପି ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇଙ୍କ ବିଜୟ ସୁନିଶ୍ଚିତ କରାଇବା ଦିଗରେ କାର୍ଯ୍ୟ କରିବାକୁ ଏହି ଅବସରରେ ସେ ଆହ୍ୱାନ ଦେଇଥିଲେ। ଏହି ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା, ଜିଲା ଯୁବ ବିଜେଡି ଉପସଭାପତି ନୀତେଶ କୁମାର ଅଗ୍ରୱାଲ, ବ୍ଲକ ଯୁବ ବିଜେଡି ସଭାପତି ପ୍ରକାଶ ମହାରଣା, କୈଳାସ ବରିହା, ସମିତି ସଭ୍ୟ ଟୁନା ପାଣ୍ଡେ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ବର୍ଦ୍ଧନା ସଭା ଶେଷରେ ଶପଥ ପାଠ ଗ୍ରହଣ କରାଯାଇଥିଲା। ବିଜୁ ଛାତ୍ର ଜନତା ଦଳ ଉପସଭାପତି ଟିବୁ କଦମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଭାବବିନିମୟ କଲେ ନୀହାର

ଲୋଇସିଂହା,୭।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିହା ନିର୍ବାଚନ ମଣ୍ଡଳୀରୁ ବିଜେଡି ଯୁବ ସଂଗଠକ ନୀହାର ରଞ୍ଜନ ବେହେରାଙ୍କୁ ବିଧାୟକ ପ୍ରାର୍ଥୀ କରିଛି । ରବିବାର ଆଗାମୀ ନିର୍ବାଚନ ସମ୍ପର୍କରେ ସେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଭାବ ବିନିମୟ କରିଥିଲେ। ଦଲାଇ କମ୍ପ୍ଲେକ୍ସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମମାନେ ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ବେହେରା ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗରେ ସେ ମତ ଲୋଡିଥିଲେ ।

### ବଢ଼ିଲା ଗ୍ରୀଷ୍ମ ପ୍ରବାହ, ଖୋଲୁନି ଜଳଛତ୍ର

ଲାଠୋର, ୭।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଅସହ୍ୟ ଗୁଳୁଗୁଳି ସହ ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହେଉଛି। ପୂର୍ବାହ୍ନ ୧୧ଟା ବେଳକୁ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଯେଉଁମାନେ କୌଣସି କାମରେ ବାହାରକୁ ଆସୁଛନ୍ତି ସେମାନେ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଏପରିସ୍ଥଳେ ଜଳଛାତ୍ର ଅଦ୍ୟାବଧି ଖୋଲିନାହିଁ। ବିଭିନ୍ନ ପଞ୍ଚାୟତ କର୍ତ୍ତୃପକ୍ଷ ଏ ଯାଏ ଏଥିପ୍ରତି ନଜର ଦେଉ ନ ଥିବା ଅଭିଯୋଗ ହେଉଛି । ଅଞ୍ଚଳର ଲାଠୋର, ବେନ୍ଦେର, ମାଲପଡ଼ା, ସାହାଜପାଣି, କରୁଆଁଝର, ଟଙ୍କପାଣି ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରତିବର୍ଷ ମାର୍ଚ୍ଚମାସରେ ପ୍ରାୟତଃ ଜଳଛାତ୍ରମାନ ଖୋଲି ଯାଇଥାଏ। ହେଲେ ଏପ୍ରିଏ ମାସ ପ୍ରଥମ ସପ୍ତାହ ବିତି ଯାଇଥିଲେ ମଧ ଜଳଛାତ୍ର ଖୋଲିନାହିଁ। ଏଥିଯୋଗୁ ବିଭିନ୍ନ ଗ୍ରାମରୁ ଲୋକେ ସରକାରୀ ବେସରକାରୀ କାମରେ ଯିବା ଆସିବା ବେଳେ ରାସ୍ତାରେ ପାନୀୟ ଜଳ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରପଞ୍ଚମାନଙ୍କୁ ପଚାରିଲେ ଆମେ ଜଳଛାତ୍ର ଖୋଲିବା ପାଇଁ ବ୍ଲକ କାର୍ଯ୍ୟାଳୟକୁ ପ୍ରସ୍ତାବ ପଠାଇଥିଲୁ। ହେଲେ ମଞ୍ଜୁର ହୋଇ ଆସି ନ ଥିବାରୁ ଖୋଲାଯାଇ ପାରିନାହିଁ ବୋଲି କହୁଛନ୍ତି। ଗତବର୍ଷ ପଞ୍ଚାୟତମାନଙ୍କରେ ଯେତିକି ସଂଖ୍ୟାରେ ଜଳଛତ୍ର ଖୋଲା ଯାଇଥିଲା ସେଥିରୁ କେତୋଟିକୁ ମଞ୍ଜୁରୀ ମିଳି ନ ଥିଲା। ଏଣୁ ବ୍ଲକ ପ୍ରଶାସନର ମଞ୍ଜୁରି ମିଳିବା ପରେ ଯାଇ ଚଳିତବର୍ଷ ଜଳଛାତ୍ର ଖୋଲାଯିବ ବୋଲି ବିଭିନ୍ନ ପଞ୍ଚାୟତ ପକ୍ଷରୁ ସୂଚନା ମିଳିଛି । ତେବେ ଲୋକଙ୍କ ସୁବିଧା ଦୃଷ୍ଟିରୁ ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଖପ୍ରାଖୋଲ, ୭।୪(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଦମାଇପାଲି ଗାଁରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞ ରାବିବାର ଉଦ୍‌ଯାପିତ ହୋଇଯାଇଛି। ୪ଦିନ ଧରି ଅନୁଷ୍ଠିତ ନାମଯଜ୍ଞରେ ୧୭ଟି ସଙ୍କୀର୍ତ୍ତନ ଦଳ ଯୋଗଦେଇଥିଲେ। ପୂଜା କର୍ତ୍ତାଭାବେ କନ୍ଦର୍ପ ସୁଆର ସପତ୍ନିକ କାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ ପ୍ରଦୀପ ଯୋଶୀ, କ୍ଷୀରୋଦ୍ର ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ପୂଜା କେମିଟି ସମ୍ପାଦକ ବରୁଣ ପଟେଲ, ରାଜକିଶୋର ମେହେର, ରଜନି ରଞ୍ଜନ ବାଗ, ଗନ୍ଧର୍ବ ବରିହା, ଲଳିତ ପଟେଲ, କ୍ଷମାସାଗର ବରିହା ଦଳଗଞ୍ଜନ ମେହେର, ତିକୁନୁ ବରିହା କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିଲେ। ୪ଦିନ ଧରି ଗାଁ ଉତ୍ସବ ମୁଖର ହୋଇଥିବା ବେଳେ ଘୂରୁଥିବା ପ୍ରହରୀ ମଣ୍ଡପ ମୁଖ୍ୟ ଆକର୍ଷଣ ହୋଇଥିଲା। ପ୍ରଥମ ଦିନ କଳସ ଶୋଭାଯାତ୍ରା ହୋଇଥିବାବେଳେ ଶେଷଦିନ କଳସ ଭସାଣି ହୋଇଥିଲା।

### ଥୁଆମୂଳ ରାମପୁର ଥାନାର ନୂତନ ଗୃହ ଉଦ୍‌ଘାଟିତ



ଥୁଆମୂଳ ରାମପୁର,୭।୪(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ନବନିର୍ମିତ ଥାନା ଗୃହ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ୧୯୧୪ରେ ନିର୍ମାଣ ହୋଇଥିବା ଥୁଆମୂଳ ରାମପୁର ପୁରୁଣା ଥାନାରେ କାର୍ଯ୍ୟ ଚାଲୁଥିବା ବେଳେ ରାଜ୍ୟ ସରକାରଙ୍କ ଅନୁଦାନରେ ପାଖାପାଖି ଚାରି କୋଟି ଟଙ୍କା ବ୍ୟୟରେ ରାଜ୍ୟ ପୋଲିସ ହାଉସିଂ ବୋର୍ଡ ଦ୍ୱାରା ନୂତନ ଗୃହ ନିର୍ମାଣ କରାଯାଇଥିବା ବେଳେ ନୂତନ ଥାନା ଗୃହରେ ବିଭିନ୍ନ ପ୍ରକାର ଆଧୁନିକ ସୁବିଧା ଯୋଗାଇ ଦେବା ବ୍ୟବସ୍ଥା ରହିଛି। ଯାହାକି ମହିଳା, ଶିଶୁ ଡେସ୍କ, ମୋଡେଲ ଫେସେଲିଟି, ସୁପ୍ରିକୋର୍ଟଙ୍କ ଦିଶିଟନ, ସି.ସି ଟିଭି ଭଳି ଅନେକ ଆଧୁନିକ ସାମଗ୍ରୀଗୁଡିକ ବ୍ୟବସ୍ଥା ରହିଛି। ଏହି ଥାନାରେ ଅଞ୍ଚଳର ଲୋକଙ୍କ ପାଇଁ ଉତ୍ତମ ସୁବିଧା ଯୋଗାଇ ଦେବା ଭଳି ସବୁ ଉପଲବ୍ଧ ଅଛି। ନୂତନ ଥାନା ଗୃହ ଏକ ଲୋକାଭିମୁଖୀ ଥାନା ଭାବେ ପରିଗଣିତ ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷା ଦିଗରେ ବିଶେଷ ଭାବେ ସହାୟକ ହେବ। ଉଦଘାଟନ ଉତ୍ସବରେ ଥୁଆମୂଳ ରାମପୁର ଥାନା ଭାରପ୍ରାପ୍ତ ଅଧିକାରୀ କୈବଲ୍ୟ ସେଠ ପୌରହିତ କରିଥିବା ବେଳେ ଥାନା ଏଏସଆଇ ରଶ୍ମିରଞ୍ଜନ ବାଗ, ଏଏସଆଇ ଧୀରେନ୍ଦ୍ର ମୀନିଆକା, ଅଧିକାରୀ ଦେବ୍ଜନ ନିଆଲ, ଅଧିକାରୀ ବଳରାମ ଜାନୀଙ୍କ ସମେତ ଥାନାର ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ରୁଗୁଡିପାଲିରେ ପାଇପ ଜଳଯୋଗାଣ ବନ୍ଦ

ଦେଓଗାଁ, ୭।୪(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଲଣ୍ଡାପଥର ପଞ୍ଚାୟତ ଅଧିନ ରୁଗୁଡିପାଲି ଗ୍ରାମରେ ଗତ ଛଅ ଦିନ ହେଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବ୍ୟାହତ ହୋଇଛି। ସରକାର ଜିଲାପାଳ ଓ ବିଡିଓଙ୍କୁ ଗ୍ରାମାଞ୍ଚଳରେ ପିଇବା ପାଣି ସମସ୍ୟା ପାଇଁ ଗ୍ରୀଷ୍ମଋତୁ ପ୍ରାରମ୍ଭରୁ ସଜାଗ ରହିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଉକ୍ତ ବ୍ଲକରେ ପ୍ରଶାସନର ଖାମଖିଆଲି ମନୋଭାବ ଓ ଅପାରଗତା ଯୋଗୁ ଅନେକ ଗାଁରେ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୋଇଛନ୍ତି। ବିଭାଗୀୟ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତଙ୍କୁ ପଚାରିବାରୁ ଯେଉଁସ୍ଥାନରେ ପୁରୁଣା ପାଇପ ରହିଛି ସେଠାରେ ପାଣି ସମସ୍ୟା ଦେଖା ଦେଉଛି ବୋଲି କହିଛନ୍ତି। ରୁଗୁଡିପାଲି ସମସ୍ୟା ସମାଧନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମର ହୁତାସନ ପାତ୍ର, ଦଣ୍ଡଧାରୀ ବେହେରା, ରମାକାନ୍ତ ଦଣ୍ଡସେନା, ଭରତ ପାତ୍ର, ଉତ୍ତମ ଗୁରାଣ୍ଡି, କରୁଣା ନନ୍ଦ, ଦୁର୍ଗା ଅମାତ, ଉମ୍ବରୁଧର ଡାଙ୍ଗ, ଗଦାଧର ଡାଙ୍ଗ, ସାଧୁ ଭୋଇ, ସୂର୍ଯ୍ୟକାନ୍ତ ପଧାନ ନିବେଦନ କରିଛନ୍ତି।

# ଭାଜପାର ବୁଥସ୍ତରୀୟ ସମାବେଶ



କର୍ମୀ ସମାବେଶରେ ମଞ୍ଚାସୀନ ଭାଜପା ନେତୃବର୍ଗ।

ମୁରିବାହାଲ, ୭।୪(ଶ୍ରୀବତ୍ସ ବେହେରା)

**ବିଜେଡି, କଂଗ୍ରେସର ୨୫୦ରୁ ଊର୍ଦ୍ଧ୍ୱ କର୍ମୀ ଭାଜପାରେ ମିଶିଲେ**

ବଲାଙ୍ଗୀର ଜିଲା ମୁରିବାହାଲ ମଣ୍ଡଳ ଅନ୍ତର୍ଗତ ଗୁଡିଘାଟ ଗ୍ରାମରେ ରବିବାର ଭାଜପାର ବୁଥସ୍ତରୀୟ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ମଣ୍ଡଳ ସଭାପତି ସୁରେଶ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳର ଜିଲା ସଭାପତି ଶିବାଜି ମହାନ୍ତି ଯୋଗଦେଇ ବୁଥକୁ ମଜଭୁତ କରିବା ସହ ଆସନ୍ତା ସାଧାରଣ ନିର୍ବାଚନରେ ଉଭୟ ବିଧାନ ସଭା ଓ ଲୋକ ସଭା ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ପାଇଁ ଘୋଷିତ ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗ, ଦଳର ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ଜିଲ୍ଲା କମିଟି ସଦସ୍ୟ ସରୋଜ କୁମାର ଖମାରି, ଈଶ୍ୱର ପୁଟେଲ, ମହାଦେବ ସାହାଣୀ, ବେଦବ୍ୟାସ ନାଗ, ମୁନିରାମ ନାଗ, ଭୁବନ ଖରସେଲ, ପୁରନ୍ଦର ବାଗ, ସୁବାସ ପୋଢ଼ ସେମାନଙ୍କ ବକ୍ତବ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ଜରୁରୀ ହୋଇ ପଡିଛି ବୋଲି କହିଥିଲେ। ଏଥିପାଇଁ କର୍ମୀମାନେ ଏକଜୁଟ ହୋଇ କାମ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଏହି ଅବସରେ ମୁରିବାହାଲ ଗ୍ରାମ ପଞ୍ଚାୟତର ଯାଦବ ନେତା ଗଙ୍ଗାଧର ହେର୍ଣ୍ଣା, ମାନପତି ଷାଣ୍ଡ, ବାଙ୍କେଲର ପୂର୍ବତନ ସରପଞ୍ଚ ଭେକେଲା ଘିଭେଲା, ଭୂନନ ଖରସେଲ, ସୁବାସ ହିଆଲ, ମଗଶିର ବନଛୋର, ନେଘି ଷାଣ୍ଡଙ୍କ ସହ ବିଜେଡି ଓ କଂଗ୍ରେସର ୨୫୦ଜଣ କର୍ମୀ ଦଳ ଛାଡି ଭାଜପାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ନାରାୟଣ ସାହୁ, ପଦ୍ମନାଭ ସାହୁ ସଂଯୋଜନା କରିଥିଲେ। ସୁବାସ ପୋଢ଼, ଟୁନା ବାବା, ରାମୁ କୁମ୍ଭାର, ମାଧବୀ ସାହୁ, ସୌରଭ ସିଂ ମାଝି, ଉଗ୍ରେସନ ସାହୁ, ଉମେଶ ପୁଟେଲ, ଚୈତନ୍ୟ ସାହୁ, ଅଶୋକ କୁମାର ସାହୁ, ମନୋଜ ସାହୁ, ମନୋଜ ଦରୁଆନ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଉତ୍ତମ ଶିକ୍ଷାଲାଭ କର, ସୁନାଗରିକ ହୁଅ

ମୁରିବାହାଲ, ୭।୪(ଶ୍ରୀବତ୍ସ ବେହେରା)



ଅତିଥିମାନେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

**କପିଲାଭଟା ୟୁପି ସ୍କୁଲର ବାର୍ଷିକ ଉତ୍ସବ**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଟଙ୍କଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ମୁରିବାହାଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଭୋଇ, ମୁଖ୍ୟବକ୍ତା ଜୁରାବନ୍ଧ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଦେବରାଜ ମେହେର, ସମ୍ମାନୀୟ ଅତିଥିଭାବେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି କୋଷରାଜ ବେହେରା, କୁର୍ଲୁବାହାଲ ହାଇସ୍କୁଲ ହିନ୍ଦୀ ଶିକ୍ଷକ ନରେନ୍ଦ୍ର ମେହେର, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବସନ୍ତ ମାଧୁରୀ ଛତ୍ରିଆ, ବିଦ୍ୟାଳୟ ପରିଚାଳନା ସମିତି ସଭାନେତ୍ରୀ ରୀତା ହଂସ, ଏଆଇଫ ବଙ୍ଗୋମୁଣ୍ଡା ବ୍ଲକ ସଂଯୋଜକ ସୁଧାଂଶୁ କୁମାର ବାବୁ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଉତ୍ତମ ଶିକ୍ଷା କରି ଭବିଷ୍ୟତରେ ସୁନାଗରିକ ହେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମେଧାବୀ ଛାତ୍ର ପୁରସ୍କାର ଲିତେଶ ହଂସଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପୂର୍ବତନ ପରିଚାଳନା ସମିତି ସଭାପତି ଶୋଭା ହଂସ, ଗୋପିନାଥ ବିଶି, ସଭାନେତ୍ରୀ ସସ୍ମିତା ହଂସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ହୋଇଥିବା ୪୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାଞ୍ଜ୍। ଶିକ୍ଷକ ଗଣେଶ୍ୱର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ରଶ୍ମିରେଖା ମେହେର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଦୀପକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ମାଁ ସାହାଜୀ ଯୁବକ ସଂଘ ର ସମ୍ପାଦକ ହୁଲେଶ୍ୱର ହଂସ ସଂଯୋଜନା କରିଥିଲେ। ଶିକ୍ଷକ ସାଧୁରାମ ବିଶି, ନେତ୍ରାନନ୍ଦ ପ୍ରଧାନ, ଆଇଇଡି ଜୟନ୍ତୀଲାଲ ହଂସ, ଗୋବିନ୍ଦ ମଲ୍ଲିକ, ତ୍ରିଲୋଚନ ବେହେରା, ଦେବଦତ୍ତ ସାହୁ, ଭୀଷ୍ମଶଙ୍କର ଭୋଇ, ଦୀପକ ରଞ୍ଜନ ହଂସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କ୍ରୀଷ୍ଣା ବିକାଶ କ୍ରିକେଟ କ୍ଲବ ବିଜୟୀ

ବରଗଡ଼,୭।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡରେ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ୧୯ବର୍ଷରୁ କମ୍ ବୟସ କ୍ରିକେଟ ପ୍ରତିଯୋଗିତାରେ ରବିବାର ବରଗଡ଼ କ୍ରୀଷ୍ଣା ବିକାଶ କ୍ରିକେଟ କ୍ଲବ ଏବଂ ସୋହେଲା ଆଥ୍‌ଲେଟିକ ଆସୋସିଏଶନ ମଧ୍ୟରେ ମ୍ୟାଚ୍ ହୋଇଥିଲା। କ୍ରୀଷ୍ଣା ବିକାଶ ଦଳ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳର ଅଜୟ ଉପ୍ରେତିଙ୍କ ଅପରାଜିତ ୬୭ ରନ, ଶୁଭଙ୍କର ମଲ୍ଲଙ୍କ ୩୯ରନ ଏବଂ ସୌମ୍ୟରଞ୍ଜନ ପ୍ରଧାନଙ୍କ ୨୩ରନ, ସିନଚନ ଦାଶଙ୍କ ୧୬ରନ ସହାୟତାରେ ଦଳ ୬ଉଇକେଟ୍ ହରାଇ ୨୦୯ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ସୋହେଲା ଦଳର ଅମିତ ସୁନା ୩୦ରନ ବିନିମୟରେ ୨ ଏବଂ ଏସ.ଏସ୍ ଅଙ୍କିତ ୪୨ରନ ବିନିମୟରେ ଗୋଟିଏ ଉଇକେଟ୍ ନେଇଥିଲେ। ଜବାବରେ ସୋହେଲା ଦଳ ନିର୍ଦ୍ଧାରିତ ୨୦ଓଭରରେ ମାତ୍ର ୭୬ରନ ସଂଗ୍ରହ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ମହମ୍ମଦ ସାହିଦ୍ ୨୦ରନ୍ ଏବଂ ପ୍ରଜ୍ଞା ପ୍ରକାଶ ପଟେଲ ୩୦ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ କ୍ରୀଷ୍ଣା ବିକାଶ ଦଳର ଅର୍ଜୁନ କୁଅଁର ୧୨ରନ ବିନିମୟରେ ୩ଉଇକେଟ୍ ନେଇଥିବାବେଳେ ବିନୟ ଶର୍ମା, ଏସ୍. ଚୈତନ୍ୟ, ଅଜୟ ଉପ୍ରେତି ଗୋଟିଏ ଲେଖାଏଁ ଉଇକେଟ୍ ନେଇଥିଲେ। ଭରତ କେତନ ପଣ୍ଡା, ସୁଜିତ କୁମାର ଥଇତ ଅମ୍ପାୟାର ଥିଲେ। ମନୋଜ ପାତ୍ର ସ୍କୋରର ଦାୟିତ୍ୱରେ ଥିଲେ।

### ୧୪୮ ଛାତ୍ରୀ ନେଲେ ଆତ୍ମରକ୍ଷା ତାଲିମ

ମୁରିବାହାଲ, ୭।୪(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଜୁନିୟର କଲେଜ ତରଫରୁ ଗତ ୨୧ତାରିଖଠାରୁ ଆରମ୍ଭ ହୋଇଥିବା ମହିଳା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପାନୀ ଉତ୍ସବରେ ମୁରିବାହାଲ ବନାଞ୍ଚଳ ଅଧିକାରୀ ନୀଲେନ୍ଦ୍ରୀ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପକ ଭବାନୀ ପୋଢ଼ଙ୍କ ସଂଯୋଜନାରେ ମାଷ୍ଟର ଟେନର ଗୌରୀ ରାଉତ, ଡାକପ୍ରିୟା ନାଗ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପକ ବିକ୍ରମ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କଲେଜର ୧୪୮ଜଣ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ।

# ସ୍ୱାଧୀନ ଭାବେ ଲଢ଼ିବେ ଓବିସି ସେଲ୍ ଅଧ୍ୟକ୍ଷ

## ନିର୍ବାଚନ ପୂର୍ବରୁ କଂଗ୍ରେସକୁ ଝଟ୍‌କା

ବରଗଡ଼,୭।୪(ପ୍ରେମାନନ୍ଦ ଖମାରୀ)

ସାଧାରଣ ନିର୍ବାଚନ ପୂର୍ବରୁ ବରଗଡ଼ ଜିଲା କଂଗ୍ରେସକୁ ବଡ଼ ଝଟ୍‌କା ଲାଗିଛି। ପ୍ରାର୍ଥୀ ଚୟନରେ ତାଙ୍କୁ ଅଣଦେଖା କରାଯାଇଛି ବୋଲି କଂଗ୍ରେସର ଓବିସି ସେଲ୍ ଜିଲା ଅଧ୍ୟକ୍ଷ ପାଣ୍ଡବ କର୍ଣ୍ଣ ଅଭିଯୋଗ କରିଛନ୍ତି। ଦଳ ଯଦି ଏହାର ପୁନର୍ବିଚାର ନ କରେ, ସେ ଆଗାମୀ ନିର୍ବାଚନରେ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ରବିବାର ବରଗଡ଼ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କର୍ଣ୍ଣ କହିଛନ୍ତି।

କର୍ଣ୍ଣ ଆହୁରି କହିଛନ୍ତି, ସେ ୧୯୮୨ରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନୀତି, ଆଦର୍ଶରେ ଅନୁପ୍ରାଣୀତ ହୋଇ ଛାତ୍ରାବସ୍ଥାରୁ କଂଗ୍ରେସରେ ସାମିଲ ହୋଇଥିଲେ। ଲରମ୍ଭା କଲେଜ ଛାତ୍ର ସଂସଦ ସଭାପତିଠାରୁ ଆରମ୍ଭ କରି ଜିଲା ପରିଷଦ ସଭ୍ୟ ନିର୍ବାଚିତ ହେବା ସହିତ ଏପର୍ଯ୍ୟନ୍ତ ଦଳର ଜଣେ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା ଭାବେ କାର୍ଯ୍ୟ କରିଆସୁଛନ୍ତି। ସେ ଏବେ କଟାପାଲି ପ୍ରାଥମିକ କୃଷି ସମବାୟ ସମିତି ନିର୍ଦ୍ଦେଶକ ରହିଛନ୍ତି। ଛାତ୍ର କଂଗ୍ରେସ, ଯୁବ କଂଗ୍ରେସର ବିଭିନ୍ନ ପଦବୀ ସମେତ ଦଳ ଯେତେବେଳେ ତାଙ୍କୁ ଯେଉଁ କାମ ଦେଇଛି, ତାକୁ ସେ ନିଷ୍ଠାର ସହ ସମ୍ପାଦନ କରିଆସିଛନ୍ତି।

ପଛୁଆବର୍ଗର ଜଣେ ଗରିବ ଚାଷୀ ପରିବାରରୁ କଂଗ୍ରେସ ପ୍ରତି ସେ ନିଜ ଜୀବନ ସମର୍ପିତ କରିଥିବା ସତ୍ତ୍ୱେ ଦଳ ତାଙ୍କୁ ଅଣଦେଖା କରିଥିବା କର୍ଣ୍ଣ ଅଭିଯୋଗ କରିଛନ୍ତି। ୧୯୯୫ରୁ ସେ ଦଳୀୟ ଟିକେଟ୍ ପାଇଁ ଦାବି କରିଆସୁଛନ୍ତି। ମାତ୍ର ଦଳ ତାଙ୍କୁ ବାରମ୍ବାର ଅଣଦେଖା କରିଆସୁଛି ଏବଂ ନିର୍ବାଚନ ସମୟରେ ପ୍ରାର୍ଥୀ ଚୟନରେ ପ୍ରିୟାପ୍ରୀତି ପୋଷଣ ନୀତି ଚାଲିଥିବା କର୍ଣ୍ଣ ଅଭିଯୋଗ କରିଛନ୍ତି। ଏଭଳି ସ୍ଥଳେ ଦଳ ଯଦି ପୁନର୍ବିଚାର ନ କରେ, ସେ ଆଗାମୀ ନିର୍ବାଚନରେ ବରଗଡ଼ ବିଧାନସଭାରୁ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ଏବଂ ଦଳମତ ନିର୍ବିଶେଷରେ ଲୋକେ ତାଙ୍କୁ ଅଧିକ ସମର୍ଥନ ଜଣାଇବେ ବୋଲି କର୍ଣ୍ଣ ଆଶାବ୍ୟକ୍ତ କରିଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ବିଧାନ ସୁରକ୍ଷା ମଞ୍ଚର ପବିତ୍ର ଦେହେରୀ, କଂଗ୍ରେସ ସେବାଦଳର ପୂର୍ବତନ ଜିଲା ସଭାପତି ଗଣେଶ ରାଉତ, ଜିଲା କଂଗ୍ରେସ ଓବିସି ସେଲ୍ ଉପସଭାପତି ପ୍ରମୋଦ ମହାକୁର, କୋଶଳ ଏକାଡ଼େମୀର ନିର୍ଦ୍ଦେଶକ ମାମୀ ମିଶ୍ର, ଅତାବିରା ବ୍ଲକ କଂଗ୍ରେସ କମିଟି ସଭାପତି କୁନୁ ମହାପାତ୍ର, ଓଡ଼ିଶା କଲ୍ୟାଣୀ ସ୍ୱେଚ୍ଛାସେବୀ ସଙ୍ଗଠନର ନିତେଶ୍ୱରୀ ପ୍ରଧାନ, କରୁଣାକର ସାହୁ, ସାମାଜିକ କର୍ମୀ ବାସମତୀ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କଂଗ୍ରେସର ଓବିସି ସେଲ୍ ଅଧ୍ୟକ୍ଷ ଏବଂ ଅନ୍ୟମାନେ।

# ଛକାପଞ୍ଝାରେ ଅଟକିଛି ବିଜେଡି ଟିକେଟ

## ପଦ୍ମପୁର ନିର୍ବାଚନମଣ୍ଡଳୀ

ପଦ୍ମପୁର,୭।୪(ପ୍ରଦୀପ୍ତ ଦାଶ)

ପଦ୍ମପୁର ବିଧାନସଭା ଆସନରେ କିଏ ବିଜୁ ଜନତା ଦଳର ପ୍ରାର୍ଥୀ ହେବେ ସେ ନେଇ ସସ୍‌ପେନ୍ସ ଜାରି ରହିଛି। ଗତ ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ପ୍ରାୟ ୪୨ ହଜାର ଭୋଟ୍ ବ୍ୟବଧାନରେ ଜିତିଥିବା ସତ୍ତ୍ୱେ ଦଳ ତାଙ୍କୁ ଭରସା କରିପାରୁନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଠାରେ ଦଳ ଯୋଗ୍ୟ ପ୍ରାର୍ଥୀଙ୍କୁ ପାଉନି କିମ୍ବା ବାହାରୁ ପ୍ରାର୍ଥୀ ଆମଦାନୀ କରିବ ସେ ନେଇ ମଧ୍ୟ କର୍ମୀ ମହଲରେ ଆଲୋଚନା ଚାଲିଛି। ସେହିପରି ବିଜେଡି ଟିକେଟକୁ ନେଇ ରାଜଧାନୀରେ ଆଶାୟୀଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଛି। ଦୁଇ ଆଶାୟୀ ବର୍ଷା ସିଂ ବରିହା ଓ ପଣ୍ୟାଗାର ନିଗମ ଅଧ୍ୟକ୍ଷା ମଞ୍ଜୁଶ୍ରୀ ବଢେଇଙ୍କ ସମର୍ଥକ ରାଜଧାନୀରେ ଡେରା ପକାଇଥିବା ଜଣାପଡିଛି। ଏହି ନିବାଚନ ମଣ୍ଡଳୀକୁ ଦଳ ମୁଖିଆ ବିଭିନ୍ନ ସମୟରେ ପର୍ଯ୍ୟବେକ୍ଷକ ପଠାଇ ସ୍ଥିତି ସମୀକ୍ଷା କରିସାରିଛନ୍ତି। ଅପରପକ୍ଷେ ଭାଜପା ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏ ଓ କଂଗ୍ରେସର ଟଙ୍କଧର ସାହୁ ନିଜର ପ୍ରଚାର ଅଭିଯାନ ଆରମ୍ଭ କରିଦେଇଛି। ସେହିପରି ସ୍ୱାଧୀନ ଭାବେ ନିର୍ବାଚନ ଲଢିବା ପାଇଁ ଘୋଷଣା କରିଥିବା ବରିଷ୍ଠ ଆଇନଜୀବୀ ତଥା ରାଜବୋଡାସମ୍ବର କୃଷକ ସଙ୍ଗଠନର ଆଇନ ପରାମର୍ଶଦାତା ଅଜିତ କୁମାର ଶତପଥୀ ନିର୍ବାଚନ ମଣ୍ଡଳୀରେ ଜନସମ୍ପର୍କ ଅଭିଯାନ ଆରମ୍ଭ କରିଛନ୍ତି। ସେହିପରି ବିଜେଡିର ଅନ୍ୟତମ ଦାବିଦାର ବରିଷ୍ଠ ବିଜେଡି ନେତା ପ୍ରିତମ ମେହେର ଦଳର ପୁରୁଖା ନେତାଙ୍କୁ ଧରି ଗାଁକୁ ଗାଁ ବୁଲି ସଙ୍ଗଠନ ସଜାଡିବାରେ ଲାଗିପଡିଛନ୍ତି।

# ବାଇକ୍ ଶୋଭାଯାତ୍ରାରୁ ପ୍ରଚାର ଆରମ୍ଭ


କୋସଲ ୟୁନାଇଟେଡ୍ ଫ୍ରଣ୍ଟର ବାଇକ୍ ଶୋଭାଯାତ୍ରା।

ବରଗଡ଼,୭।୪(ପ୍ରେମାନନ୍ଦ ଖମାରୀ)

ଇଂ. ନନ୍ଦନ ମହାନନ୍ଦ ଏଥର ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନୀ ମଇଦାନକୁ ଓହ୍ଲାଇବେ। କୋସଲ ୟୁନାଇଟେଡ୍ ଫ୍ରଣ୍ଟ ତାଙ୍କୁ ସମର୍ଥନ କରିବ। ଏ ନେଇ ମହାନନ୍ଦ ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଥିଲେ। ତେବେ ରବିବାର ଇଂ. ମହାନନ୍ଦଙ୍କ ନେତୃତ୍ୱରେ କୋସଲ ୟୁନାଇଟେଡ୍ ଫ୍ରଣ୍ଟ ବରଗଡ଼ ସହରରେ ଏକ ବାଇକ୍ ଶୋଭାଯାତ୍ରା କରିଥିଲା। ସ୍ଥାନୀୟ ଘୁଲିପାଲି ଛକରୁ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। କୋସଲାଞ୍ଚଳର ଉନ୍ନୟନ ପାଇଁ ଏହି ଶୋଭାଯାତ୍ରା କରାଯାଇଥିବା କୁହାଯାଉଥିବା ବେଳେ ପରୋକ୍ଷରେ ଏହି ବାଇକ୍ ଶୋଭାଯାତ୍ରାରୁ ନନ୍ଦନ ତାଙ୍କ ନିର୍ବାଚନୀ ପ୍ରଚାର ଆରମ୍ଭ କରିଥିବା ଚର୍ଚ୍ଚା ଚାଲିଛି। ଶୋଭଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ରମଣୀ ଦନ୍ତା, ଅଂଶୁମାନ ଦାଶ, ପ୍ରୀତିଶ ଦାଶ, ସୁଶାନ୍ତ ମେହେର, ପ୍ରଦୀପ ଦିଣ୍ଡିୟା, ରବି ପାଇକ, ନିରନ ଛତର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ସିରଜିନା ନାଟ୍ୟ ମହୋତ୍ସବ ପ୍ରସ୍ତୁତି ବୈଠକ

ପଦ୍ମପୁର,୭।୪(ପ୍ରଦୀପ୍ତ ଦାଶ)

ପଦ୍ମପୁରର ସିରଜିନା ନାଟ୍ୟ ମହୋତ୍ସବ ଓ ବାର୍ଷିକ ଉତ୍ସବ ପାଇଁ ସୁଶ୍ରୀ ଜିତେଶ୍ୱରୀ ଦାଶଙ୍କ ଅଧ୍ୟକ୍ଷତାରେ ପଦ୍ମପୁର କଚେରୀ ପରିସରରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆମେ ନାଟୁଆ ପଦମପୁରିଆର ସଭାପତି ବିଦେଶୀ ସାହୁ ପଦ୍ମପୁରରେ ଉକ୍ତ ନାଟ୍ୟ ମହୋତ୍ସବ ତିନି ଦିନ ଧରି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହା ଆସନ୍ତା ମାସ ଶେଷ ସପ୍ତାହରେ କରାଯିବାକୁ ସ୍ଥିର କରାଗଲା। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଡ୍ରାମା ପ୍ରତିଯୋଗିତା ଓ ସନ୍ଧ୍ୟାରେ ନାଟକ ଉତ୍ସବ କରିବାକୁ ସ୍ଥିର ହୋଇଥିଲା। ପଦ୍ମପୁର ଓ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ରମାନେ ଶିଶୁ ନାଟକ ପ୍ରତିଯୋଗିତାରେ ଭାଗ ନେବା ସହିତ ରାତିରେ ଓଡ଼ିଶାରେ ନାଁ କରିଥିବା ଦଳମାନଙ୍କୁ ଆମନ୍ତ୍ରଣ କରାଯିବାକୁ ଆଲୋଚନା ହୋଇଥିଲା। ଆମେ ନାଟୁଆ ପଦମପୁରିଆର କଳାକାରମାନେ ମଧ୍ୟ ନାଟକ ପରିବେଷଣ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା। ବୈଠକରେ ଆଦିତ୍ୟ ରଥ, ରମଣୀ ରଞ୍ଜନ ବିଶ୍ୱାଳ, ରାଜେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ପ୍ରମୋଦ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟ ଦିବସରେ ସଚେତନତା ଶୋଭାଯାତ୍ରା



ମାହେଶ୍ୱରୀ ନର୍ସିଂ କଲେଜର ସଚେତନତା ଶୋଭାଯାତ୍ରା।

ବରଗଡ଼,୭।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ମାହେଶ୍ୱରୀ ନର୍ସିଂ କଲେଜରେ ରବିବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରାରେ କଲେଜର ଡାଇରେକ୍ଟର ଫକୀର କର୍ଣ୍ଣ, ଅଧ୍ୟକ୍ଷା ସୁନୀତାରାଣୀ ବାଗ, ଡା. ଅରୂପାନନ୍ଦ ସାହୁଙ୍କ ସମେତ ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ସ୍ଥାନୀୟ ନିଶାମଣି ସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆରୁ ଶୋଭାଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଉତ୍ତମ ଏବଂ ନିରୋଗ ସ୍ୱାସ୍ଥ୍ୟ ଉପରେ ଛାତ୍ରୀଛାତ୍ର ଲୋକଙ୍କୁ ବୁଝାଇବା ସହିତ ସଚେତନ କରାଇଥିଲେ।

# ଅମ୍ବାଭୋନାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ


ଅମ୍ବାଭୋନା ଅଞ୍ଚଳରେ ପୋଲିସ ଫ୍ଲାଗମାର୍ଚ୍ଚ କରୁଛି।

ବରଗଡ଼,୭।୪(ପ୍ରେମାନନ୍ଦ ଖମାରୀ)

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ସେଭଳି ତତ୍ପର ହୋଇ ପଡୁଛି। ଏହି କ୍ରମରେ ରବିବାର ପୋଲିସ ପକ୍ଷରୁ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକର ଭୁକ୍ତା, ପ୍ରକାଶପୁର, ଗୁଟିଦା, ଚିଚୋଲି, କଣ୍ଡପଲା, କପାଶିରା ଆଦି ଗ୍ରାମରେ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରିଥିଲା। ବିନା ପ୍ରରୋଚନା ଏବଂ ପ୍ରଲୋଭନରେ ମତଦାନ କରିବା ପାଇଁ ପୋଲିସ ଲୋକଙ୍କୁ ସଚେତନ କରାଇଥିଲା।

# ଚାଷୀଙ୍କୁ ମିଳିନି ଧାନ ବିକ୍ରି ଟଙ୍କା

## ଧାନ ବିକ୍ରିର ଅଢ଼େଇ ମାସ ବିତିଲା

ସୋନପୁର,୭।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସରଧାପାଲି ଗାଁର ଚାଷୀ ବାଦଲ ସାହୁ। ଗତ ୨୦୨୩-୨୪ ଖରିଫରେ ସେ ବଘିଆ ମଣ୍ଡିରେ ଧାନ ବିକ୍ରି କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ତାଙ୍କୁ ସରକାରଙ୍କ ପକ୍ଷରୁ ଧାନ ବିକ୍ରି ଟଙ୍କା ମିଳିନି। ୭୨ ଘଣ୍ଟା ଭିତରେ ଚାଷୀଙ୍କ ବ୍ୟାଙ୍କ ଖାତାରେ ଧାନ ବିକ୍ରି ପ୍ରାପ୍ୟ ଜମା ହେବ ବୋଲି କୁହା ଯାଉଥିଲା ବେଳେ ବାଦଲ ହୀନସ୍ତା ହେଉଛନ୍ତି। ଗତ ଅଢେଇ ମାସ ଧରି ଧାନ ବିକ୍ରି ଟଙ୍କା ପାଇବା ପାଇଁ ସେ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାଙ୍କ ଠାରୁ ଆରମ୍ଭ କରି ଜିଲା ଯୋଗାଣ ବିଭାଗର କାର୍ଯ୍ୟାଳୟକୁ ଦୌଡୁଛନ୍ତି। ସବୁଠୁ ବିଫଳ ହେବା ପରେ ବାଦଲ ଏବେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ, ବାଦଲ ଧାନ ବିକ୍ରି କରିବା ପାଇଁ ବଘିଆର ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ପଞ୍ଜୀକରଣ କରିଥିଲେ। ତଦନୁଯାୟୀ ତାଙ୍କୁ ୨ଟି ଟୋକନ୍ ମିଳିଥିଲା। ବଘିଆ ମଣ୍ଡିରେ ଜାନୁୟାରୀ ୧୯ ତାରିଖରେ ୭୪ କୁଇଣ୍ଟାଲ ୮୮ କିଲୋ ଓ ଜାନୁୟାରୀ ୨୧ ତାରିଖରେ ୪୪ କୁଇଣ୍ଟାଲ ୪ କିଲୋ ଧାନ ବିକ୍ରି କରିଥିଲେ। ଧାନ ବିକ୍ରି ବାବଦକୁ ସେ ସରକାରଙ୍କ ନିକଟରୁ ପ୍ରାୟ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପାଇବେ। କିନ୍ତୁ ଚାଷୀ ପଞ୍ଜୀକରଣ ସମୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଜିରୋ ବାଲାନ୍ସରେ ଖୋଲା ଯାଇଥିବା ଜନଧନ ଆକାଉଣ୍ଟ ନମ୍ବର ଦେଇଥିଲେ। ଏହି ଆକାଉଣ୍ଟରେ ଲକ୍ଷାଧିକ ଟଙ୍କା ଜମା ହୋଇ ପାରୁ ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଏ ସମ୍ପର୍କରେ ପୂର୍ବରୁ ଚାଷୀଙ୍କୁ ଅବଗତ କରା ଯାଇନଥିଲା। ପରେ ଚାଷୀ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଆଉ ଏକ ଖାତା ଖୋଲି ସେହି ନମ୍ବରରେ ଧାନ ବିକ୍ରି ପ୍ରାପ୍ୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। କିନ୍ତୁ ଏହି ପ୍ରାପ୍ୟ ମିଳିବାରେ ବିଳମ୍ବ ହେଉଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ କୁହନ୍ତି ଚାଷୀ ପଞ୍ଜୀକରଣ ସମୟରେ ଭୁଲ ଆକାଉଣ୍ଟ ନମ୍ବର ଦେଇଥିଲେ। ପରେ ଅନ୍ୟ ଏକ ନମ୍ବର ଦେଇଛନ୍ତି। ସେହି ଆକାଉଣ୍ଟରେ ତାଙ୍କ ପ୍ରାପ୍ୟ ପ୍ରଦାନ ପାଇଁ ଆମେ ଉପରିସ୍ଥ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଜଣାଇଛୁ। ସେହିପରି ଚାଷୀ ପଞ୍ଜୀକରଣ ଦାୟିତ୍ୱରେ ଥିବା ସମ୍ପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଏ ବାବଦରେ ଚିଠି କରାଯାଇଛି ବୋଲି ସେ କହିଛନ୍ତି।


ଚାଷୀ ବାଦଲ ସାହୁ।

# ବଢ଼ିଲା ଗ୍ରୀଷ୍ମ ପ୍ରବାହ, ଖୋଲୁନି ଜଳଛତ୍ର

ଲାଠୋର, ୭।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଅସହ୍ୟ ଗୁଳୁଗୁଳି ସହ ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହେଉଛି। ପୂର୍ବାହ୍ନ ୧୧ଟା ବେଳକୁ ରାସ୍ତାଘାଟ ଶୁନଶାନ ହୋଇଯାଉଛି। ଯେଉଁମାନେ କୌଣସି କାମରେ ବାହାରକୁ ଆସୁଛନ୍ତି ସେମାନେ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଏପରିସ୍ଥଳେ ଜଳଛତ୍ର ଅଦ୍ୟାବଧି ଖୋଲିନାହିଁ। ବିଭିନ୍ନ ପଞ୍ଚାୟତ କର୍ତ୍ତୃପକ୍ଷ ଏ ଯାଏ ଏଥିପ୍ରତି ନଜର ଦେଉ ନ ଥିବା ଅଭିଯୋଗ ହେଉଛି। ଅଞ୍ଚଳର ଲାଠୋର, ବେନ୍ଦେର, ମାଲପଡ଼ା, ସାହାଜପାଣି, କରୁଆଁଝର, ଟଙ୍କପାଣି ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରତିବର୍ଷ ମାର୍ଚ୍ଚମାସରେ ପ୍ରାୟତଃ ଜଳଛାତ୍ରମାନ ଖୋଲି ଯାଇଥାଏ। ହେଲେ ଏପ୍ରିଏ ମାସ ପ୍ରଥମ ସପ୍ତାହ ବିତି ଯାଇଥିଲେ ମଧ୍ୟ ଜଳଛାତ୍ର ଖୋଲିନାହିଁ। ଏଥିଯୋଗୁ ବିଭିନ୍ନ ଗ୍ରାମରୁ ଲୋକେ ସରକାରୀ ବେସରକାରୀ କାମରେ ଯିବା ଆସିବା ବେଳେ ରାସ୍ତାରେ ପାନୀୟ ଜଳ ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଲୋକଙ୍କ ସୁବିଧା ଦୃଷ୍ଟିରୁ ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।


କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାଙ୍କ ସମେତ ଶ୍ରଦ୍ଧାଳୁଗଣ।

# ଗ୍ରୀନ୍ ରେଜେଞ୍ଜି ଚାମ୍ପିୟନ

ବରଗଡ଼,୭।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଖଣ୍ଡହତା ପୁରୁଷୋତ୍ତମ ଖେଳ ପଡ଼ିଆଠାରେ ଖଣ୍ଡହତା ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଲାୟନ୍ସ ଷ୍ଟାର, ପାୱାର ହିଟର୍, ଗ୍ରୀନ ରେଜେଞ୍ଜି, ଖଣ୍ଡହତା ୱାରିୟର ଦଳ ଅଂଶଗ୍ରହଣ କରିଥିଲେ। ଗ୍ରୀନ ରେଜେଞ୍ଜି ପ୍ରତିପକ୍ଷ ପାୱାର ହିଟରକୁ ୧୩ରନରେ ହରାଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଅଡ଼ଗାଁ ପ୍ରାଥମିକ କୃଷି ସମବାୟ ସମିତିର ଅଧ୍ୟକ୍ଷ ଅଶ୍ୱିନୀ ତ୍ରିପାଠୀ, ପୂର୍ବତନ ସରପଞ୍ଚ କ୍ଷୀରୋଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।


ବରଗଡ଼ ବିଧାୟକ ଖେଳାଳିଙ୍କ ସହିତ କରମର୍ଦ୍ଦନ କରୁଛନ୍ତି।

# ଶ୍ରୀମଦ୍ ଭାଗବତ ଜ୍ଞାନଯଜ୍ଞ କଥାମୃତ ମହୋତ୍ସବ ଉଦ୍‌ଯାପିତ

ପାଇକମାଳ,୭।୪(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ଧର୍ମଶାଳାରେ ସପ୍ତାହେ ଧରି ଚାଲିଥିବା ଶ୍ରୀମଦ୍ ଭାଗବତ ଜ୍ଞାନଯଜ୍ଞ କଥାମୃତ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଥା ପ୍ରବଚକ ଭାବେ ବୃନ୍ଦାବନର ମହାମଣ୍ଡଳେଶ୍ୱର ଶ୍ରୀ ମହନ୍ତ ସଚ୍ଚିଦାନନ୍ଦ ଶାସ୍ତ୍ରୀଜୀ ମହାରାଜ ଯୋଗଦେଇ ଭାଗବତ ପାରାୟଣ କରିଥିଲେ। ରାମକୁମାର ଗୁପ୍ତା ଓ ପତ୍ନୀ ବିମଳା ଦେବୀ ଏହି ମହୋତ୍ସବ ଆୟୋଜନ କରିଥିଲେ। ଚମ୍ପାଲାଲ ଗୁପ୍ତା ଓ ପତ୍ନୀ ପାୟଲ ଦେବୀ, ଅନିଲ ଗୁପ୍ତା ଓ ପତ୍ନୀ ସୋନୀ ଦେବୀ, ମୁକେଶ ଗୁପ୍ତା ଓ ପତ୍ନୀ ରାନୀ ଦେବୀ ଏବଂ ନୀତେଶ ଗୁପ୍ତା ଓ ପତ୍ନୀ ପୂଜା ଦେବୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଆକାଶ ପାଠକ, ବଳରାମ ଶାସ୍ତ୍ରୀ, ହରିଚରଣ ଦାଶ ଏବଂ ପ୍ରେମାନନ୍ଦ ଦେବତା ପୂଜାପାଠ କରିଥିଲେ। ରବିବାର ମଧ୍ୟାହ୍ନ ୧୨ଟାରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଏହି ଅବସରରେ ପ୍ରକୃତି ବନ୍ଧୁ ବଡ଼ ଶତପଥୀ ଆୟୋଜକଙ୍କୁ ଏକ ଅଶୋକ ଚାରା ପ୍ରଦାନ କରି ଏହାକୁ ସ୍ମୃତି ଭାବେ ଲଗାଇ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଅପରାହ୍ନରେ ଚମ୍ପାଲାଲ ଗୁପ୍ତାଙ୍କ ନେତୃତ୍ୱରେ ଏକ ସଭା ହୋଇଥିଲା। ଏଥିରେ ସବିତା ଜିନ୍ଦଲ, ଅଶୋକ ଅଗ୍ରୱାଲ, ବିଷ୍ଣୁ ଅଗ୍ରୱାଲ, ଜଗଦୀଶ ଅଗ୍ରୱାଲ, ଅନିଲ ଅଗ୍ରୱାଲ (ଲାଲା) ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଘରେ ଘରେ ଭାଗବତ ପୁରାଣ ପାଠ କରିବା ଉଚିତ ବୋଲି ମତ ଦେଇଥିଲେ।

## ସଂକ୍ଷେପରେ

### ଅଂଶୁଘାତ ସଚେତନତା କର୍ମଶାଳା

ରାଉରକେଲା,୭।୪(ଦିନେଶ ମିଶ୍ର)

ବସନ୍ତୀ କଲୋନୀ ସ୍ଥିତ ଜୟ ମା' ଅମ୍ବିକା ଏସ୍ଏଚ୍‌ଜି ପକ୍ଷରୁ ଖାଡିଆପଡା ବସ୍ତିରେ ଅଂଶୁଘାତ ସଚେତନତା କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଡାକ୍ତର ସୁରେଶ କିଷାନ ଯୋଗଦେଇ ଅଂଶୁଘାତରୁ ଆମେ କିଭଳି ମୁକ୍ତି ପାଇବା ଓ ଏହାର ନିରାକରଣ ପାଇଁ କି ପଦକ୍ଷେପ ନେବାହେବ ସେ ବିଷୟରେ ଅବଗତ କରିଥିଲେ। ଏଥିରେ ଖାଡିଆପଡା ବସ୍ତିର ପ୍ରାୟ ଦେଢ଼ଶହରୁ ଉର୍ଦ୍ଧ୍ୱ ଲୋକ ଅଂଶଗ୍ରହଣ କରିଥିଲେ। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ବାହାରକୁ ବାହାରିଲାବେଳେ ଚଷମା ଓ ଛତା ଧରି ବାହାରିବା ଉଚିତ। ଅଧିକରୁ ଅଧିକ ଥଣ୍ଡା ପାନୀୟ, ଆଖୁରସ, ଓଆରଏସ୍ ଓ ଲେମ୍ବୁପାଣି ପିଇବାକୁ ଡାକ୍ତର କିଷାନ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସଦସ୍ୟା କୁନିଲତା ସାମଲ, ଏପ୍ରିଲ କଜୁର, ତ୍ରିନାଥ କିଶୋର, ସରିତା ବାଗ, ଲୀନା ନାୟକ, ଯଶୋବନ୍ତୀ ବଡାଇକ, ପ୍ରତିମା ଭୋଇ, ସରସ୍ୱ ତିର୍କି, ବିମଳା ତିଗା ପ୍ରମୁଖ ଉପସ୍ଥିତ ଥିଲେ।

### କାଠ ଫାଳିଆ ମାଡ଼ରେ ଯୁବକ ମୃତ, ଜଣେ ଗିରଫ

ରାଉରକେଲା,୭।୪(ସଙ୍ଗୀତା ଜେନା)

ଘର ବାରଣ୍ଡାରେ ଶୋଇଥିବା ବେଳେ ଜଣେ ଯୁବକଙ୍କୁ କାଠ ଫାଳିଆରେ ମାଡ଼ ମାରିହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବିଶ୍ରା ଥାନା ଗୁଡ଼ିକାଟୀ ଗ୍ରାମର ସନ୍ତୋଷ କୁମାର(୪୫)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପାଣ୍ଡୁ ମୁଣ୍ଡା(୪୨)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏ ନେଇ ଏକ ମାମଲା (ନଂ.୬୮/୨୪) ରୁଜୁ ହୋଇଛି। ପୋଲିସ ସୂଚନା ଅନୁସାରେ, ସନ୍ତୋଷ ଘର ବାରଣ୍ଡାରେ ଶୁକ୍ରବାର ରାତିରେ ଶୋଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ପାଣ୍ଡୁ ଏକ କାଠ ଫାଳିଆରେ ତାଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ। ଏ ନେଇ ମୃତକଙ୍କ ସମ୍ପର୍କୀୟ ଭାଇ ଉତ୍ତମ କୁମାର ଥାନାରେ ଅଭିଯୋଗ କରିଥିଲେ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଲହୁଣୀପଡା,୭।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ତାଳବାହାଲି ପଞ୍ଚାୟତ ଅର୍ଜୁନ ଝରି ଗ୍ରାମର ଜଣେ ମହିଳାଙ୍କ ମୃତଦେହ ରବିବାର ଭୋର ସମୟରେ ନିକଟସ୍ଥ ଜଙ୍ଗଲରୁ ଉଦ୍ଧାର ହୋଇଛି। ମୃତା ମହିଳା ହେଲେ ସୁନାମଣି ମୁଣ୍ଡା। ଲହୁଣୀପଡା ପୋଲିସ ମୃତଦେହକୁ ମର୍ଗ ହାଉସରେ ରଖିଛି। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅର୍ଜୁନ ଝରି ଗ୍ରାମର ଲଖିରାମ ମୁଣ୍ଡା ପ୍ରାୟ ୩ବର୍ଷ ପୂର୍ବେ ସେହି ଗ୍ରାମର ସୁନାମଣିଙ୍କୁ ବିବାହ କରିଥିଲେ। ବିବାହ କରିବାର କିଛିବର୍ଷ ବିତି ଯାଇଥିଲେ ମଧ କୌଣସି ପିଲାଛୁଆ ନ ହେବାରୁ ପରିବାର ମଧରେ ଅଶାନ୍ତି ଲାଗି ରହୁଥିଲା। ଲଖିରା ସୁନାମଣିଙ୍କୁ ମାରପିଟା କରୁଥିବା ବାପ ଘର ଲୋକ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ଲଖିରାମ ୨ସପ୍ତାହ ହେବ ନିକଟସ୍ଥ ସାଧୁ ବାହାଲ ଗ୍ରାମର ଜଣେ ଯୁବତୀଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ଗ୍ରହଣ କରିଥିବାରୁ ଘରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ସେହିଦିନଠାରୁ ଲଖିରାମ ଓ ସୁନାମଣିଙ୍କ ମଧରେ ପ୍ରବଳ ଝଗଡା ଲାଗି ରହିଥିଲା। ଏହି ସବୁ ସମସ୍ୟାର ସମାଧାନ ପାଇଁ ଶନିବାର ସକାଳେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଲଖିରାମ ଆଣିଥିବା ଦ୍ୱିତୀୟ ସ୍ତ୍ରୀଙ୍କ ପରିବାର ଲୋକଙ୍କୁ ଡକାଇ ପୁନର୍ବାର ବିଚାର କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ଏହାପରେ ଲଖିରାମ ଓ ସୁନାମଣି ନିକଟସ୍ଥ ଖୁଣ୍ଟୁଗାଁ ସାପ୍ତାହିକ ହାଟାକୁ ସାଙ୍ଗହୋଇ ଯାଇଥିଲେ। ହେଲେ ସୁନାମଣି ଆଉ ଘରକୁ ଫେରି ନ ଥିଲେ। ରବିବାର ଭୋରରୁ ଗ୍ରାମର କିଛି ଲୋକ ନିକଟସ୍ଥ ଜଙ୍ଗଲରେ ସୁନମଣିଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ।

### ଶନି ମନ୍ଦିର ପାଇଁ ଭୂମି ଅର୍ପଣ, ଭଜନ ସନ୍ଧ୍ୟା

ବଡ଼ଗାଁ,୭।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ପାମରା ଜୁନାପଡାରେ ଥିବା ଶନି ମନ୍ଦିରର ଭୂମି ଅର୍ପଣ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶନି ଦେବଙ୍କ ପୂଜାର୍ଚ୍ଚନା ପରେ ୭ଡିସିମିଲ ଜମି ସ୍ଥାନୀୟ ବାସିନ୍ଦା ଅର୍ଜୁନ ମହାକୁଡ ଓ ସ୍ତ୍ରୀ ଦୂର୍ଯ୍ୟେଶିନୀ, ମନ୍ଦିର ସଞ୍ଚାଳକ କମଳ ସୁନ୍ୟାନି ଓ ସ୍ତ୍ରୀ ସବିତାଙ୍କୁ ମାଟି ଅର୍ପଣ କରିଥିଲେ। ଏହି ଅବସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗାୟକ ଗୋକୁଳାନନ୍ଦ ବାରିକଙ୍କ ସହିତ ସଦାଶିବ ରାଉତ, ବିରଞ୍ଚି ମହାକୁଡ, ବିଷ୍ଣୁ ଚରଣ ମହାକୁଡ, ଦୀନବନ୍ଧୁ ଖିଲାରୀ, ମାୟାଧର ଖିଲାରୀ ଭଜନ ପରିବେଷଣ କରିଥିଲେ।

# ସ୍ମାର୍ଟ ସିଟିରେ ଜଳ ଜହର

- ନିଦାବିଷ୍ଣୁ ସାଜିଛି ସ୍ଥାନୀୟ ପ୍ରଶାସନ
- ଚଢ଼ାଉ କରାଯିବ କହିଲେ ଖାଦ୍ୟ ସୁରକ୍ଷା ଅଧିକାରୀ

ରାଉରକେଲା,୭।୪(ବିପ୍ଳବ ରଞ୍ଜନ ଦାଶ)



ରାଉରକେଲାରେ ପ୍ଲାଷ୍ଟିକ ପାଣି ବୋତଲ ଖରାରେ ରଖି ବିକ୍ରି କରାଯାଉଛି।

ରାଉରକେଲା ସ୍ମାର୍ଟସିଟିରେ ଏକ୍ସପାଏରି ତାରିଖ ନ ଥିବା ପାଣି ବୋତଲ ବିକ୍ରି ହେଉଛି। କେନ୍ଦ୍ରୀୟ ଉପଭୋକ୍ତା ମଣ୍ଡଳ ପ୍ଲାଷ୍ଟିକ ବୋତଲ ଭର୍ତ୍ତି ପାଣିର ବ୍ୟବହାରିକ ସମୟ ସୀମା ୩ମାସ ଧାର୍ଯ୍ୟ କରିଥିବା ବେଳେ ରାଉରକେଲାରେ ୨/୩ ବର୍ଷ ତଳେ ପ୍ରସ୍ତୁତ ହୋଇଥିବା ପ୍ଲାଷ୍ଟିକ ପାଣି ବୋତଲ ଖୁଲମଖୁଲା ବିକ୍ରି କରାଯାଉଛି। ଏ ଦିଗରେ ବିଭାଗ ନିଦାବିଷ୍ଣୁ ସାଜିଛି।

ସୂଚନା ଅନୁସାରେ, ବର୍ତ୍ତମାନ ରାଉରକେଲା ସହରର ଜନସଂଖ୍ୟା ପାଖାପାଖି ୭ଲକ୍ଷ। ଟ୍ରେନ, ବସ୍ ଓ ବିମାନ ଯୋଗେ ବିଭିନ୍ନ ଅଞ୍ଚଳରୁ ଦୈନିକ ୨୫ହଜାରରୁ ଉର୍ଦ୍ଧ୍ୱ ଲୋକ ଏହି ସହରକୁ ଆସୁଛନ୍ତି। ବାହାରୁ ଆସୁଥିବା ଲୋକେ ଶୋଷ ମେଣ୍ଟାଇବା ପାଇଁ ପ୍ଲାଷ୍ଟିକ ପାଣି ବୋତଲ ବ୍ୟବହାର କରନ୍ତି। ରାଉରକେଲାର ସମୁଦାୟ ଜନସଂଖ୍ୟାର ୧୦ ଭାଗ ଏବଂ ଦୈନିକ ଆସୁଥିବା ଜନସଂଖ୍ୟାକୁ ହିସାବ କଲେ ଦୈନିକ ୪କୋଟି ଟଙ୍କାର ପ୍ଲାଷ୍ଟିକ ପାଣି ବୋତଲ କାରବାର ହେଉଛି। ତେବେ ବଜାରରେ ଯେଉଁ ପାଣି ବୋତଲ ମିଳୁଛି ସେଥିରେ ମାନୁଫାକ୍ଚରିଂ ତାରିଖ ଉଲ୍ଲେଖ ରହିଥିବା ବେଳେ ଏକ୍ସପାଏରି ତାରିଖ ଉଲ୍ଲେଖ ନାହିଁ। ଅଧ ଲିଟର ବିଶିଷ୍ଟ ପାଣି ବୋତଲ ୫ରୁ ୧୦ଟଙ୍କାରେ ବିକ୍ରି ହେଉଥିବା ବେଳେ ୧ ଲିଟର ବିଶିଷ୍ଟ ପ୍ଲାଷ୍ଟିକ ପାଣି ବୋତଲ ୧୫ରୁ ୨୦ଟଙ୍କାରେ ବିକ୍ରି ହେଉଛି। ପ୍ଲାଷ୍ଟିକ ବୋତଲରେ କମ୍ପାନୀର ଇମେଲ ଆଇଡି ଏବଂ କଷ୍ଟମର କେୟାର ନମ୍ବର ରହିଛି। ମାତ୍ର କଷ୍ଟମର କେୟାର ନମ୍ବରକୁ ଫୋନ କଲେ ଫୋନ୍ ଲାଗୁନି। ରାଉରକେଲାରେ ଜଳ ନାଁରେ ଏବେ ଜହର ବିକ୍ରି ଚାଲିଛି। ପ୍ରଶାସନିକ ଅଧିକାରୀ ସବୁଜାଣି ମଧ ଏହି ପାଣି ବୋତଲଗୁଡିକୁ ବିଭିନ୍ନ ସଭା ସମିତିରେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ନିରୀହ ଜନତା ଶୋଷ ମେଣ୍ଟାଇବା ପାଇଁ ଉକ୍ତ ପ୍ଲାଷ୍ଟିକ ବୋତଲ ପାଣି ବ୍ୟବହାର କରି ରୋଗ କିଣୁଛନ୍ତି। ରାଉରକେଲା ଖାଦ୍ୟ ସୁରକ୍ଷା ବିଭାଗର ସୂଚନା ମୁତାବକ–୨୦୨୨ ଡିସେମ୍ବରରୁ ଜାନୁୟାରୀ ୨୦୨୩ ଯାଏ ମୋଟ୍ ୧୦ଟି ୟୁନିଟରୁ ପ୍ଲାଷ୍ଟିକ ବୋତଲ ଜଳ ନମୂନା ସଂଗ୍ରହ କରାଯାଇଥିଲା। ମାତ୍ର ୨ଟି କମ୍ପାନୀର ପାଣି ନମୂନା ମାନଦଣ୍ଡ ଉପମାନକ ଥିବା ବେଳେ ୮ଟି କମ୍ପାନୀର ମାନଦଣ୍ଡ ଫଳାଫଳ ଆସିନାହିଁ। ଫଳରେ କେଉଁ କମ୍ପାନୀ ଦ୍ୱାରା ନିର୍ମିତ ପ୍ଲାଷ୍ଟିକ ବୋତଲ ପାଣି ପେୟଯୁକ୍ତ ବିଶୁଦ୍ଧ ଓ କେଉଁ କମ୍ପାନୀ ପାଣି ପେୟଯୁକ୍ତ ଅଶୁଦ୍ଧ ତାହା ସହରବାସୀ ତଥା ଆଗନ୍ତୁକମାନେ ଜାଣି ନ ପାରି ମାନଦଣ୍ଡ ବିହୀନ ପ୍ଲାଷ୍ଟିକ ବୋତଲ ପାଣି ପିଇବାକୁ ବାଧ ହେଉଛନ୍ତି।

ଏ ସମ୍ପର୍କରେ ରାଉରକେଲା ଖାଦ୍ୟ ସୁରକ୍ଷା ଅଧିକାରୀ ଏସ୍. କେ. ପରିଡାଙ୍କୁ ପଚାରିବାରୁ ସେ କହିଲେ, ସହରବାସୀ ଏବଂ ସହରକୁ ଆଗନ୍ତୁକ ଯାତ୍ରୀମାନଙ୍କ ପାଇଁ ଏହି ପାଣି ଅସ୍ୱାସ୍ଥ୍ୟକର। ଏଣୁ ସପ୍ତାହେ ମଧରେ ଏହା ଉପରେ ବିହିତ ପଦକ୍ଷେପ ନେବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ରଣନୀତି ପ୍ରସ୍ତୁତି ହୋଇସାରିଛି। ଆଗକୁ ଫୁଡ୍ ସେଫ୍ଟି ଅଧିକାରୀ ୪ଟି ପ୍ଲାଷ୍ଟିକ ବୋତଲ ୟୁନିଟ ସହିତ ବରଫ ପ୍ରସ୍ତୁତକାରୀ ୟୁନିଟ ଯାଞ୍ଚ କରିବେ ବୋଲି ପରିଡା କହିଥିଲେ। ସେହିପରି ଆର୍‌ଜିଏଚ୍ ନିର୍ଦ୍ଦେଶକ ଗଣେଶ ପ୍ରସାଦ ଦାସ କୁହନ୍ତି, ସ୍ମଲ ସ୍କେଲ ଇଣ୍ଡଷ୍ଟ୍ରିଗୁଡିକ ପ୍ଲାଷ୍ଟିକ ବୋତଲ ଗୁଡିକୁ ଠିକ୍ ଭାବେ ଷ୍ଟେରଲାଇଜେଶନ କରୁଛନ୍ତି ନା ନାହିଁ ତାହା ଜଣାପଡୁନି। ପ୍ଲାଷ୍ଟିକ ବୋତଲ ରିସାଇକ୍ଲିଂ ହୋଇସାରି ପୁଣି ଫ୍ୟାକ୍ଟ୍ରିକୁ ଆସୁଛି। ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ବର୍ଜନୀୟ। ପ୍ଲାଷ୍ଟିକ ବୋତଲ ପ୍ରସ୍ତୁତିରେ ଆଣ୍ଟିମନି ଏବଂ ବିପିଏ ଭଳି କଣ୍ଟାମିନେଶନ ଥାଏ। ଯାହା ଅତ୍ୟଧିକ ଦିନ ଏବଂ ଗରମ ପାଣିରେ ମିଶିଲେ ଖାଦ୍ୟ ଜନିତ ରୋଗ, ଝାଡାବାନ୍ତି, ଜଣ୍ଡିସ, ଭୂତାଣୁ ଜନିତ ରୋଗ, ହେପାଟାଇଟିସ ରୋଗ ସହ ବାରମ୍ବାର ବ୍ୟବହାର ହେଲେ ଭୟାନକ କର୍କଟ ରୋଗ ହୋଇଥାଏ। ଏହା ଉପରେ କଟକଣା ଲଗାଇବା ଜରୁରୀ ବୋଲି ଦାସ କହିଥିଲେ।

# ୯ରେ ହେବ ହିନ୍ଦୁ ନବବର୍ଷ ପାଳନ


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆୟୋଜନ ସମିତି କର୍ମକର୍ତ୍ତା।

ରାଉରକେଲା,୭।୪
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର–୨ ସ୍ଥିତ ରାଷ୍ଟ୍ରୀୟ ଆୟୋଜନ ସମିତି ଆନୁକୂଲ୍ୟରେ ଆସନ୍ତା ୯ ତାରିଖରେ ହିନ୍ଦୁ ନବବର୍ଷ ପାଳନ କରାଯିବ। ଏ ନେଇ ଏନଏସି ମାର୍କେଟ ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଆୟୋଜନ ସମିତିର ଆବାହକ ହରେକୃଷ୍ଣ ମାଝୀ, ସମ୍ପାଦକ ସମାଜପତି ରାୟ ଏବଂ କୋଷାଧକ୍ଷ ହନୁମାନ ଗୋୟଲ ପ୍ରମୁଖ ଯୋଗଦେଇ କହିଥିଲେ, ଚଳିତ ବର୍ଷ ସମିତି ପକ୍ଷରୁ ହିନ୍ଦୁ ନବବର୍ଷ ନେଇ ସପ୍ତ ମହାଯଜ୍ଞ ଆୟୋଜିତ ହେବ। ଏହି ଉପଲକ୍ଷେ ସ୍ଥାନୀୟ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମଯଜ୍ଞ, ଗାୟତ୍ରୀ ପରିବାର ପକ୍ଷରୁ ଘୃତଯଜ୍ଞ, ଭାରତ ମାତାଙ୍କ ନିକଟରେ ଦୀପ ଯଜ୍ଞ, ସେବା ଭାରତୀ ତରଫରୁ ସେବା ଯଜ୍ଞ, ସମିତି ପକ୍ଷରୁ ଗୀତା ଯଜ୍ଞ, ଜ୍ଞାନଯଜ୍ଞ ଓ ଅନ୍ନଯଜ୍ଞ ଆୟୋଜନ ହେବ। ସେବା ଯଜ୍ଞରେ ରକ୍ତଦାନ ଶିବିର ସହ ମାଗଣା ଚକ୍ଷୁ ପରୀକ୍ଷା ଶିବିର ମଧ ଆୟୋଜିତ ହେବ। ଗୀତାଯଜ୍ଞରେ ଉପସ୍ଥିତ ହିନ୍ଦୁ ପରିବାରକୁ ୫ଶହ ଭଗବତ ଗୀତା ପୁସ୍ତକ ବଣ୍ଟନ କରାଯିବ। ଆସନ୍ତା ୯ତାରିଖ ସକାଳ ୬ରୁ ମନ୍ଦିର ନିକଟରେ ନାମଯଜ୍ଞ ଆରମ୍ଭ ହୋଇ ମଧାହ୍ନ ୧୨ଟା ୩୦ରେ ସମ୍ପୂର୍ଣ୍ଣ ହେବ ବୋଲି ଆୟୋଜକମାନେ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଯଶ ମିଶ୍ର, ସୁବ୍ରତ ବଳ, କଲ୍ୟାଣ କୁମାର ସ୍ୱାଇଁ, ବନବିହାରୀ ଜେନା, ଭାଗବତ ଶତପଥୀ, ଗିରିଜା ଶଙ୍କର ସ୍ୱାଇଁ ଓ ଅମିତ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଆବାହକ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ପିର ୧୦ ବିଭାଗକୁ ମିଳିଲା ଡିଆଇସି ସ୍ୱୀକୃତି ପୁରସ୍କାର


ଡିଆଇସି ସ୍ୱୀକୃତି ପୁରସ୍କାର ପ୍ରଦାନ କରାଯାଉଛି।

ରାଉରକେଲା,୭।୪
(ବିପ୍ଳବ ରଞ୍ଜନ ଦାଶ)

ଆରଏସ୍‌ପିର ଗୋପବନ୍ଧୁ ସମ୍ମିଳନୀ କେନ୍ଦ୍ରରେ ଅନୁଷ୍ଠିତ ବାର୍ଷିକ ପ୍ରଦର୍ଶନ ସମୀକ୍ଷା ଓ ପୁରସ୍କାର ପ୍ରଦାନ ସମାରୋହରେ ଆରଏସପିର ୧୦ଟି ବିଭାଗକୁ ଡିଆଇସି ସ୍ୱୀକୃତି ପୁରସ୍କାର ପ୍ରଦାନ କରାଯାଇଛି। ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କାର ପାଇଥିବା ବିଭାଗ ଓ ବିଭାଗର ବୈଶିଷ୍ଟ୍ୟ କ୍ରମେ ହଟ୍ ଷ୍ଟ୍ରିପ୍ ମିଲ–୨ ବିଭାଗ ସିଟ ସିୟରିଂ ଲାଇନ ମୂଳକ ଆହ୍ୱାନ ସଫଳତାର ସହିତ ସମ୍ପାଦନା ପାଇଁ ମେକାନିକାଲ ଶପ୍, ଡିଜାଇନ ଏବଂ ଫାଉଣ୍ଡ୍ରି ବିଭାଗ, ୨୪୪ କୋଟି ଟଙ୍କା ଏଣ୍ଟ୍ରି ହ୍ରାସ କରିଥିବାରୁ ବିତ୍ତ ଓ ଲେଖା ଏବଂ ଆଇନ ବିଭାଗ, ୨୦୨୩–୨୪ ଆର୍ଥିକ ବର୍ଷ ପ୍ରାୟ ୪୫୦ କୋଟି ଟଙ୍କା ୧୨୫୦ଟି ସର୍ବାଧିକ କ୍ରୟ ଅର୍ଡର ପାଇଁ ସିସିଡବ୍ଲ୍ୟୁ ବିଭାଗ ସହ ମେକାନିକାଲ ସେଣ୍ଟ୍ରାଲାଇଜ୍‌ଡ ସ୍କାଫୋଲ୍ଡିଂ ଓ ଷ୍ଟ୍ରକଚରାଲ ପେଣ୍ଟିଂ ଚୁକ୍ତିନାମା ମାଧମରେ ସୁରକ୍ଷାକୁ ସୁଗମ କରିବା ଯୋଗୁ ସେଣ୍ଟ୍ରାଲାଇଜ୍‌ଡ ଓ ଆରସିଏମ ବିଭାଗ ଏବଂ ସର୍ବଶ୍ରେଷ୍ଠ ଫିନିସ୍‌ଡ ଷ୍ଟିଲ ଚାଲାଣ ହାସଲ, ବଏଲର କୋଇଲା ଷ୍ଟକ ବିଲ୍ଡିଂ ପାଇଁ ରେଲ କମ୍ ରୋଡ୍ ପଦ୍ଧତିର ପ୍ରବର୍ତ୍ତନ ଓ ସେଲ୍‌ରେ ପ୍ରଥମଥର ପାଇଁ ଲିବରାଇଜ୍‌ଡ ସ୍ପେଶିଆଲ ମାଲବାହୀ ଟ୍ରେନ ଅପରେଟର ଯୋଜନା ପ୍ରବର୍ତ୍ତନ ପାଇଁ ଟ୍ରାଫିକ ଏବଂ କଞ୍ଚାମାଲ ବିଭାଗକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

# ଟ୍ରାକ୍ଟର ହେଲ୍‌ପରଙ୍କ ସନ୍ଦେହଜନକ ମୃତ୍ୟୁ

ରାଉରକେଲା, ୭।୪(ସଙ୍ଗୀତା ଜେନା)

ଝିରପାଣି ଥାନା ଅଞ୍ଚଳର ଜଣେ ଟ୍ରାକ୍ଟର ହେଲପରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ହେଲେ ଝିରପାଣି ମୁଣ୍ଡାରୀ ବସ୍ତିର ଶିକି ମୁଣ୍ଡାରୀ(୩୦)। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ମୃତକଙ୍କ ପରିବାର ଲୋକେ ଶିକିଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏ ନେଇ ମୃତକଙ୍କ ଭଉଣୀ ବିଶ୍ରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୬୭/୨୪) ରୁଜୁ କରି ତଦନ୍ତ କରୁଛି। ଉଚିତ ନ୍ୟାୟ ନ ମିଳିଲେ ରାଉରକେଲା ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେମାନେ ପ୍ରକାଶ କରିଛନ୍ତି। ପୋଲିସ ସୂଚନା ଅନୁସାରେ, ଶିକି ବିଶ୍ରା ଥାନା ଲିଣ୍ଡ୍ରା ଗ୍ରାମର ଜଣେ ଟ୍ରାକ୍ଟର ମାଲିକଙ୍କ ପାଖରେ ହେଲପର କାମ କରୁଥିଲେ। ଗତ ୫ ତାରିଖରେ ସେ କାମ କରିବାକୁ ଯାଇଥିଲେ। ତାଙ୍କର କୁଆଡେ କାର୍ଯ୍ୟସ୍ଥଳୀରେ ଦୁର୍ଘଟଣା ସମୟରେ ମୃତ୍ୟୁ ହୋଇଥିଲା। ସନ୍ଧ୍ୟାରେ ଟ୍ରାକ୍ଟର ମାଲିକଙ୍କ ପୁଅ ଏକ କାର୍ ଯୋଗେ ଶିକିଙ୍କ ମୃତଦେହ ଆଣି ଝିରପାଣି ସ୍ଥିତ ଘରେ କେହି ନ ଥିବାବେଳେ ରଖି ଚାଲିଯାଇଥିଲେ। ପରେ ଶିକିଙ୍କ ଭଉଣୀ ତଥା ଅଭିଯୋଗକାରିଣୀ ପିଙ୍କି ଦେବୀ ଘରକୁ ଆସି ଏହା ଦେଖିବା ପରେ ସନ୍ଦେହ ହେବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର


ଶିବିରରେ ରୋଗୀମାନେ ସ୍ୱାସ୍ଥ୍ୟ ପରୀକ୍ଷା କରାଉଛନ୍ତି।

ରାଉରକେଲା,୭।୪(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ଉତ୍କଳ ସ୍ନେହୀ ମହିଳା ସମିତି ଓ ଗୋପବନ୍ଧୁ ପାଠାଗାର ଆନୁକୂଲ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ରବିବାର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସଭାନେତ୍ରୀ ସବିତା ସାହୁ ଓ ପାଠାଗାର ସଭାପତି ନବଘନ ସାହୁ ପ୍ରମୁଖ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଡା. ଗୋକୁଳାନନ୍ଦ ସାହୁ, ଡା. ରଞ୍ଜନ କୁମାର ପାତ୍ର, ଡା. ଶଶୀଭୂଷଣ ନେପାକ, ଡା. ମହାରଣା ପ୍ରସାଦ ବେହେରା ଓ ଡା. ଚନ୍ଦ୍ର ନାରାୟଣ ରାୟ ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରିଥିଲେ। ଟେକ୍‌ନିସିଆନ କାଳିପଦ ସାଇ, ଦିବ୍ୟ ରଞ୍ଜନ ରାଉତରାୟ, ଦିଲୀପ ବାରିକ ଓ ରଶ୍ମି ରଞ୍ଜନ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଶହେରୁ ଉର୍ଦ୍ଧ୍ୱ ରୋଗୀ ମଧୁମେହ, ରକ୍ତଚାପ ସହ ବିଭିନ୍ନ ରୋଗର ନିରାକରଣ ପାଇଁ ଚିକିତ୍ସିତ ହୋଇଥିଲେ। ମହିଳା ସମିତି ସଦସ୍ୟା ବିଜୟଲକ୍ଷ୍ମୀ ମିଶ୍ର, ସାବିତ୍ରୀ ଦାସ, ସୁପ୍ରିୟା ମହାନ୍ତି, ଇନ୍ଦିରା ମହାନ୍ତି, ପ୍ରୀତି କୁମାରୀ ସାହୁ, ନନ୍ଦିତା ପାତ୍ର, ଗୀତାରାଣୀ ସେନାପତି, ସୁଜାତା ରାଣୀ ମହାପାତ୍ର, ଗୀତା ମିଶ୍ର, ପାଠାଗାରର ଲକ୍ଷ୍ମଣନାଥ ଦାସ, ହରିହର ଶତପଥୀ, ଗିରିଜା ଶଙ୍କର ଗୋସ୍ୱାମୀ, ଅଜୟ ଦାସ, ତ୍ରିଲୋଚନ ମିଶ୍ର, ବିଶ୍ୱନାଥ ଜେନା, ହରିହର ନାୟକ ପ୍ରମୁଖ ସହଯୋଗ କରିଥିଲେ। ସବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନକଲି ଆର୍‌ପିଏଫ୍ କର୍ମୀ ଅଟକ

ରାଉରକେଲା,୭।୪(ସଙ୍ଗୀତା ଜେନା)

ରାଉରକେଲା ରେଳ ଷ୍ଟେଶନ ଅଞ୍ଚଳରୁ ରେଲୱେ ସୁରକ୍ଷା ବଳ ଜଣେ ନକଲି ଆର୍‌ପିଏଫ୍ କର୍ମୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଉକ୍ତ ନକଲି ଆର୍‌ପିଏଫ୍ କର୍ମୀ ଜଣଙ୍କ ଚାକିରି କରାଇଦେବା ଆଳରେ ଲକ୍ଷାଧିକ ଟଙ୍କା ଠକିଥିବା ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି ଧରପଗଡ଼ ବେଳେ ସେ ଧରାପଡ଼ିଥିଲେ। ଖବର ଲେଖା ହେବା ସୁଦ୍ଧା (ରାତି ୧୦ଟା) ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# କଂଗ୍ରେସ ଏମ୍‌ପି ପ୍ରାର୍ଥୀଙ୍କ ରାଉରକେଲା ଗସ୍ତ

ରାଉରକେଲା, ୭।୪(ସଙ୍ଗୀତା ଜେନା)

କଂଗ୍ରେସର ସୁନ୍ଦରଗଡ଼ ଏମ୍‌ପି ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ ରବିବାର ସନ୍ଧ୍ୟାରେ ସେକ୍ଟର–୧୯ ସ୍ଥିତ ଆମ୍ବାଗାନ ମାର୍କେଟ ସମେତ ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ। ସେ ସ୍ଥାନୀୟ ଲୋକଙ୍କୁ ଭୋଟ ଭିକ୍ଷା କରିବା ସହ କଂଗ୍ରେସର ଗ୍ୟାରେଣ୍ଟି ସମ୍ପର୍କରେ ଅବଗତ କରାଇଥିଲେ। ଏହି ସମୟରେ ପ୍ରବୋଧ ଦାସ, ଶିବୁ ଦୀପ, ଇଜାଜ୍ ଅଖତାର, ସଦାବ ଅହମ୍ମଦ, ଶ୍ରୀ ନାୟାର, ଏମ୍‌ଡ଼ି ମୋଇନ୍, ବାସୁଦେବ ବାନାର୍ଜୀ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଜନାର୍ଦ୍ଦନ ଦେହୁରୀ ଆମ୍ବାଗାନ ଅଞ୍ଚଳ ଗସ୍ତ କରି ଭୋଟ୍ ଭିକ୍ଷା କରୁଛନ୍ତି।

# ରାଉରକେଲା କଂଗ୍ରେସ ଦୁଇ ଫାଳ

- ଦଳରେ କ୍ଷୋଭ ଅଛି, ଫାଟ ନାହିଁ: ବିରେନ୍ଦ୍ର
- ପ୍ରାର୍ଥୀଙ୍କୁ ନେଇ ଅସନ୍ତୋଷ ରହିଛି: ଜିଲା ସଭାପତି

ରାଉରକେଲା, ୭।୪(ସଙ୍ଗୀତା ଜେନା)



ଖବରଦାତା ସମ୍ମିଳନୀରେ କଂଗ୍ରେସ ପ୍ରାର୍ଥୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା।

ରାଉରକେଲା କଂଗ୍ରେସରେ କିଛି ଆଶାୟୀଙ୍କ ମଧ୍ୟରେ କ୍ଷୋଭ ଅଛି। କିଛି ଫାଟ ନାହିଁ। ଚଳିତ ନିର୍ବାଚନରେ ସମସ୍ତେ ମିଳିମିଶି ଦଳକୁ ରାଉରକେଲାରେ ବିଜୟୀ କରାଇବାକୁ ଚେଷ୍ଟା କରିବୁ। ବର୍ତ୍ତମାନ ଦଳରେ କିଛି ଅସନ୍ତୁଷ୍ଟ ରହିଛନ୍ତି। ଏହାସତ୍ତ୍ୱେ ଦଳର ଯୁବ, ଛାତ୍ର ଓ ସମସ୍ତ କର୍ମକର୍ତ୍ତା ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି ବୋଲି ରାଉରକେଲା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ବିରେନ୍ଦ୍ର ନାଥ ପଟ୍ଟନାୟକ କହିଛନ୍ତି। ରବିବାର ମଧାହ୍ନରେ ବ୍ରାହ୍ମଣୀ କ୍ଲବରେ ଆହୂତ ଖବରଦାତା ସମ୍ମିଳନୀରେ ସେ ଦଳର ସମ୍ପ୍ରତିକ ସ୍ଥିତି ଉପରେ ଆଲୋକପାତ କରିବା ସହ ନିର୍ବାଚନ ମୁଦ୍ଦା ଉପରେ ମତପ୍ରକାଶ କରି କହିଲେ, ଗରିବ, କୃଷକ, ଛାତ୍ର ଓ ମହିଳା ସମସ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଦଳ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ କରାଯାଇଛି। ଏଥିରେ ଗୃହଜ୍ୟୋତି, ଯୁବ ବିକାଶ, କୃଷକ ବନ୍ଧୁ, ଗୃହଲକ୍ଷ୍ମୀ, ଜନକଲ୍ୟାଣ ସୁବିଧାର ଅନେକ ଯୋଜନା କାର୍ଯ୍ୟକାରୀ ହେବ। ଉକ୍ତ ଲୋକ କଲ୍ୟାଣକାରୀ ଯୋଜନାରେ ଦେଶର ତୃଣମୂଳ ସ୍ତରରେ ବିକାଶ ହେବ। ସାଧାରଣ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏପରି ଗ୍ୟାରେଣ୍ଟି କାର୍ଡ କରାଯାଇଛି। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ସ୍ଥାନୀୟ ସମସ୍ୟା ସମାଧାନ ପାଇଁ ପ୍ରାଥମିକତା ଦିଆଯିବ। ରାଜ୍ୟରେ ଭାଜପା ଓ ବିଜେଡି ମେଣ୍ଟ ଆଲୋଚନା ଜୋରସୋର୍ ହେଉଥିଲା। ହେଲେ କଣ ପାଇଁ ଏହା ହୋଇପାରିଲା ନାହିଁ, ତାହା ସାଧାରଣ ଲୋକ ବା ରାଜ୍ୟବାସୀ ସହଜରେ ଆକଳନ କରୁଛନ୍ତି। ଏବେ ଉଭୟ ଦଳ ମଧ୍ୟରେ ଏକ ଅଘୋଷିତ ମେଣ୍ଟ ରହିଛି। ତେଣୁ କଂଗ୍ରେସ ସହ ଅନ୍ୟ ଦଳର ଲଢ଼େଇ ହେବ। ବିଚାରଧାରାର ଲଢ଼େଇ ହେବ। ଲୋକେ ନିଶ୍ଚିତ ଭାବେ ଉଚିତ ଜବାବ ଦେବେ ବୋଲି ପଟ୍ଟନାୟକ କହିଥିଲେ। ଖବରଦାତା ସମ୍ମିଳନୀରେ ପୂର୍ବତନ ଡିସିସି ସଭାପତି ରଶ୍ମୀ ପାଢ଼ୀ, ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକ, ବାସୁଦେବ ବାନାର୍ଜୀ, ମନୋଜ ପଟ୍ଟନାୟକ, ବିରାଜ ଶର୍ମା, ଆଦେଶ ସୁନା, ତରୁଣ କୁଶଳ, ଇଜାଜ୍ ଅଖତାର, ଦିବାକର ଦୀପ, ଶିବୁ ଦୀପ, ପ୍ରଶାନ୍ତ ନାୟକ, ସରୋଜ ଲେଙ୍କା, ବରିୟମ ସିଂହ ପ୍ରମୁଖ କର୍ମକର୍ତ୍ତା ମଞ୍ଚାସୀନ ଥିଲେ।

ଅନ୍ୟପକ୍ଷେ ଉକ୍ତ ଖବରଦାତା ସମ୍ମିଳନୀରେ ଡିସିସି ସଭାପତି ରବି ରାୟ, ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରଭାତ ମହାପାତ୍ରଙ୍କ ସମେତ ମହିଳା, ସେବା ଦଳ କର୍ମକର୍ତ୍ତାଙ୍କ ଦେଖା ମିଳି ନ ଥିଲା। ଏ ସମ୍ପର୍କରେ ରାଉରକେଲା ଡିସିସି ସଭାପତି ରାୟଙ୍କୁ ପଚରାଯିବାରୁ ସେ କହିଲେ, ରାଉରକେଲା କଂଗ୍ରେସ ପ୍ରାର୍ଥୀଙ୍କୁ ନେଇ ଦଳରେ ଅସନ୍ତୋଷ ରହିଛି। ଏ ନେଇ ପିସିସି ଓ ସୁପ୍ରିମୋଙ୍କୁ ପ୍ରସ୍ତାବ ପଠାଯାଇଛି। ଦଳ ପାଇଁ ବର୍ଷ ବର୍ଷ ଧରି ଆମ କର୍ମୀମାନେ କାର୍ଯ୍ୟ କରିଆସୁଛନ୍ତି। ଅନ୍ୟ ଦଳରୁ ଆସି ଟିକେଟ୍ ହାତେଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ବିରୋଧ କରି ପଠାଯାଇଥିବା ପ୍ରସ୍ତାବ ଉପରେ ପିସିସି ପକ୍ଷରୁ କୌଣସି ନିଷ୍ପତ୍ତି ଆସିନାହିଁ। ଫଳରେ ଆମେ କୌଣସି ପଦକ୍ଷେପ ନେଇନାହୁଁ। ତେବେ ଖବରଦାତା ସମ୍ମିଳନୀ ସମ୍ପର୍କରେ ଆମକୁ ଅବଗତ କରାଯାଇ ନ ଥିଲା ବୋଲି ରାୟ କହିଥିଲେ। ସେହିପରି ପ୍ରାକ୍ତନ ବିଧାୟକ ପ୍ରଭାତ ମହାପାତ୍ର ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଏଥିରେ ଯୋଗଦେଇ ପାରି ନ ଥିବା କହିଛନ୍ତି। ଅପରପକ୍ଷେ ସୋଶିଆଲ ମିଡିଆରେ ନାମ ନ ଲେଖି ବରିଷ୍ଠ କଂଗ୍ରେସ ନେତୃମଣ୍ଡଳୀ ତୁରନ୍ତ ପ୍ରାର୍ଥୀ ବଦଳାଯାଉ ବୋଲି ପୋଷ୍ଟ କରୁଥିବା ଦେଖିବାକୁ ମିଳିଛି।

## ପଣ୍ଡିତ ମହାସଭାର ଶୋକସଭା

ସମ୍ବଲପୁର, ୭।୪(ପ୍ରମୋଦ ବହିଦାର)

ସମ୍ବଲପୁର ପଣ୍ଡିତ ମହାସଭାର ବରିଷ୍ଠ ସଦସ୍ୟ ପଣ୍ଡିତ ଶମ୍ଭୁଚରଣ ମିଶ୍ରଙ୍କ ୮୭ ବର୍ଷ ବୟସରେ ଗତ ୪ ତାରିଖରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ପାଟଣେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରବିବାର ପଣ୍ଡିତ ମହାସଭା ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହାସଭାର ସଭାପତି ପଣ୍ଡିତ ରବି ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା। ସଭାରେ ବହୁ ବରିଷ୍ଠ ଓ ବିଶିଷ୍ଟ ପଣ୍ଡିତ ଯୋଗଦେଇ ତାଙ୍କ ସ୍ମୃତିଚାରଣ ପୂର୍ବକ ପଣ୍ଡିତ ସ୍ୱର୍ଗତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ ଶେଷ ପର୍ଯ୍ୟନ୍ତ ପଣ୍ଡିତ ମହାସଭାର ଜଣେ ସକ୍ରିୟ ସଦସ୍ୟ ଭାବେ ଏହାର ବିକାଶ ପାଇଁ କାର୍ଯ୍ୟ ଜାରି ରଖିଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଦୟାଳୁ ସ୍ୱଭାବ ବ୍ୟକ୍ତିତ୍ୱ ଭାବେ ସମଗ୍ର ଅଞ୍ଚଳରେ ବେଶ ଜଣାଶୁଣା ଥିଲେ। ଶୋକସଭାରେ ପଣ୍ଡିତ ବଂଶୀଧର ମିଶ୍ର, ଅମରନାଥ ମିଶ୍ର, ଦୀପକ ପାଣିଗ୍ରାହୀ, ରାହାସ ବିହାରୀ ପଣ୍ଡା, କାଳିଦାସ ପଣ୍ଡା, ରମେଶ ପୁରୋହିତ, ମନବୋଧ ପାଢ଼ୀ, ଅକ୍ଷୟ ପୁରୋହିତ ପଣ୍ଡିତ ସମୂହଙ୍କୁ ମିଶାଇ ମୋଟ୍ ୩୧ ଜଣ ପଣ୍ଡିତ ଯୋଗଦେଇ ଅମର ଆତ୍ମାର ସଦଗତି କାମନା ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ମହୁଲ ଫୁଲର ଅଭାବୀ ବିକ୍ରି

କୁଚିଣ୍ଡା, ୭।୪(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲାର ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ଉପଖଣ୍ଡରେ ମହୁଲ ଫୁଲର ଅଭାବୀ ବିକ୍ରି ହେଉଥିବା ଦେଖାଦେଇଛି। ଏଥିପାଇଁ ପରିଶ୍ରମ ମୁତାବକ ପ୍ରାପ୍ୟ ମିଳୁ ନ ଥିବା ଅଭିଯୋଗ କରନ୍ତି ମହୁଲ ଫୁଲ ସଂଗ୍ରହକାରୀ। ମହୁଲ ଫୁଲରୁ ଉତ୍ପାଦିତ ମହୁଲି ମଦ ସରକାରଙ୍କ ରାଜସ୍ୱ ବୃଦ୍ଧିର ପ୍ରମୁଖ ଅଂଶ ହୋଇଥିଲେ ହେଁ ସରକାର ମହୁଲ ଫୁଲର ଉଚିତ ମୂଲ୍ୟ ନିର୍ଦ୍ଧାରଣ କରୁ ନ ଥିବା କାରଣରୁ ବହୁ ଆଦିବାସୀ ଏଭଳି ଶୋଷଣର ଶିକାର ହେଉଥିବା କୁହାଯାଉଛି। ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟରେ ମହୁଲ ଫୁଲ ହେଉଛି ଆଦିବାସୀଙ୍କ ଜୀବନ ଜୀବିକାର ଏକ ପ୍ରମୁଖ ଅଂଶ। ଫାଲଗୁନ ଶେଷ ସପ୍ତାହରୁ ଚୈତ୍ର ମାସ ପର୍ଯ୍ୟନ୍ତ ଅର୍ଥାତ ପ୍ରାୟ ଦେଢ ମାସ ଧରି ଗ୍ରାମାଞ୍ଚଳର ଆଦିବାସୀ ପରିବାର ମହୁଲଫୁଲ ସଂଗ୍ରହ କରି ଏକ ଅର୍ଥ ରୋଜଗାରର ପନ୍ଥା ଅବଲମ୍ବନ କରିଥାନ୍ତି। ବଡ଼ିଭୋରରୁ ବାସି ତୋରାଣି ଧରି ମହୁଲ ଫୁଲ ସଂଗ୍ରହ ପାଇଁ ସପରିବାର ବାହାରି ପଡନ୍ତି ଜଙ୍ଗଲକୁ। ଟାଣଖରା ସତ୍ତ୍ୱେ ସେମାନେ ମହୁଲ ଫୁଲ ସଂଗ୍ରହ କରି ମଧାହ୍ନରେ ଘରକୁ ଫେରି ତାକୁ ପୁଣି ଖଳାରେ ଶୁଖାଇଥାନ୍ତି। କଠିନ ପରିଶ୍ରମ ତୁଳନାରେ ତାଙ୍କୁ ଉଚିତ ପ୍ରାପ୍ୟ ମିଳୁ ନ ଥିବା ସେମାନେ କହନ୍ତି। ମଦଭାଟି ଏଜେଣ୍ଟ ଅଥବା ବେପାରୀମାନେ ମହୁଲ ଫୁଲ କେଜି ପ୍ରତି ୨୦ଟଙ୍କାରେ କିଣୁଥିବା ସଂଗ୍ରହକାରୀମାନେ ଅଭିଯୋଗ କରିଛନ୍ତି। ଉପଖଣ୍ଡର ସାପ୍ତାହିକ ହାଟମାନଙ୍କରେ ବେପାରୀ ଓ ଦଲାଲମାନେ ପାଲ ପକାଇ ଅତି ଶସ୍ତାରେ ମହୁଲ ଫୁଲ କିଣୁଛନ୍ତି। ସରକାରୀସ୍ତରରେ ବିକ୍ରିବଟାର ସେଭଳି କୌଣସି ବଜାର ବ୍ୟବସ୍ଥା ନ ଥିବାରୁ ଆଦିବାସୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ସରକାର ମହୁଲ ଫୁଲକୁ ନନଟିମ୍ବର ଜଙ୍ଗଲ ଦ୍ରବ୍ୟ ଭାବେ ଗ୍ରହଣ କରିଛନ୍ତି। ୧୯୯୬ ପଞ୍ଚାୟତ



କୁଚିଣ୍ଡା ଅଞ୍ଚଳରେ ଲୋକେ ମହୁଲ ଫୁଲ ସଂଗ୍ରହ କରୁଛନ୍ତି।

### କମ୍ ମୂଲ୍ୟରେ କିଣି ମାଲାମାଲ୍ ହେଉଛନ୍ତି ବେପାରୀ, ମଧ୍ୟସ୍ଥ

ଅଧିନିୟମର ୭୭ତମ ଧାରା ସଂଶୋଧନ ଫଳରେ ମହୁଲ ଗଛକୁ ମାଇନର ଫରେଷ୍ଟ ପ୍ରଡକ୍ଟ ଭାବେ ଘୋଷଣା କରାଯାଇ ପଞ୍ଚାୟତ ଉପରେ ଏହାର କିଣାବିକା ଦାୟିତ୍ୱ ନ୍ୟସ୍ତ କରାଯାଇଛି। ହେଲେ ସରକାରଙ୍କ ଅବହେଳା ଯୋଗୁଁ ଅଦ୍ୟାବଧି ମହୁଲ ଫୁଲ କିଣାବିକା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। କୁଚିଣ୍ଡା ଉପଖଣ୍ଡର କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକର ସମସ୍ତ ପଞ୍ଚାୟତରେ ମହୁଲ ଗଛ ରହିଛି। ତେଣୁ ମହୁଲ ଫୁଲ ସଂଗ୍ରହ କରି ଆଦିବାସୀ ପରିବାରମାନେ ଏକ ବଡ ଧରଣର ଆର୍ଥିକ ପନ୍ଥା ଭାବେ ଗ୍ରହଣ କରୁଥିଲେ ହେଁ ଅଭାବୀ ବିକ୍ରି ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ତେଣୁ ସରକାର ଏଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କଲେ ଆଦିବାସୀଙ୍କ ଆର୍ଥିକ ମେରୁଦଣ୍ଡ ସବଳ ହୋଇ ପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।

# ନବକିଶୋର ଏସ୍‌ୟୁସିଆଇ ଲୋକ ସଭା ପ୍ରାର୍ଥୀ



ସଭାରେ ଏସ୍‌ୟୁସିଆଇର ଲୋକ ସଭା ପ୍ରାର୍ଥୀଙ୍କ ସହ ଅନ୍ୟମାନେ।

କୁଚିଣ୍ଡା, ୭।୪(ବିରଞ୍ଚି ଦର୍ଶା)

ସାଧାରଣ ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଜୋରସୋରରେ ଚାଲିଛି। ଏହି ନିର୍ବାଚନରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ଓଡିଶାରେ ୧୬ ଲୋକସଭା ଓ ୨୮ ବିଧାନସଭାରେ ପ୍ରତିଦ୍ୱନ୍ଦିତା କରିବ ବୋଲି କୁହାଯାଇଛି। ତନ୍ମଧ୍ୟରୁ ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ନବକିଶୋର ପ୍ରଧାନ ପ୍ରତିଦ୍ୱନ୍ଦିତା କରିବେ ବୋଲି ରବିବାର ହୋଇଥିବା ସଭାରେ ଘୋଷଣା କରାଯାଇଛି। ବାମରା ବ୍ଲକର କୁଟାରୀମାଲରେ ପୂର୍ବତନ ସରପଞ୍ଚ ତଥା ଚାଷୀ ନେତା ଲକ୍ଷ୍ମୀ ନାରାୟଣ ଛତ୍ରିଆଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଏସ୍‌ୟୁସିଆଇ( କମ୍ୟୁନିଷ୍ଟ) ସମ୍ବଲପୁର ଲୋକସଭା ପ୍ରାର୍ଥୀ ନବକିଶୋର ପ୍ରଧାନ, କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସିର ରାଜ୍ୟ ସମ୍ପାଦକ ଜୟସେନ ମେହେର, ଶ୍ରମିକ ନେତା ବିଷ୍ଣୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଦେଶରେ ଚାଲିଥିବା ଦୁର୍ନୀତି, ଭ୍ରଷ୍ଟାଚାର, ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, ଚାଷୀ ଓ ଶ୍ରମିକ ମାରଣ ନୀତି ଆଦି ବିରୋଧରେ ଲଗାତାର ଆନ୍ଦୋଳନ କରି ଆସୁଥିବା ଏସ୍‌ୟୁସିଆଇ ପ୍ରାର୍ଥୀଙ୍କୁ ବିଜୟ କରିବାକୁ ବକ୍ତାଗଣ ଆହ୍ୱାନ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଏଭଳି ନୀତିରୁ ମୁକ୍ତ କରିବାକୁ ହେଲେ ଜାତି–ଧର୍ମ ନିର୍ବିଶେଷରେ ଦେଶର ଏକତା ଓ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ଏସ୍‌ୟୁସିଆଇ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହରିହର ଟପ୍ପୋ, ମମତା ମହାନନ୍ଦ, ବିକ୍ରମ ଟପ୍ପୋ, ବିନୋଦ କାହାଳୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ମହିଳା ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ




ଏଡ୍‌ସ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସମ୍ବଲପୁର, ୭।୪(ବି.ଶଙ୍କର)

ସମ୍ବଲପୁରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବର ମିଳିତ ଆନୁକୂଲ୍ୟରେ ରବିବାର ଏଡସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଅତିଥି ସ୍ୱାଗତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର କାଉନସେଲର ତଥା ଆଇସିଟିସି ସୁପରଭାଇଜର ରୋଜାଲିନ ପଣ୍ଡା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏଡସ ରୋଗର କାରଣ, ଲକ୍ଷଣ, ଚିକିତ୍ସା, ନିରାକରଣ ନିମନ୍ତେ ସଚେତନତା ସୃଷ୍ଟି ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଆଲୋଚିକା ଜିଲା ମୁଖ୍ୟ ଚିକିତ୍ସାଳୟର ଡିଏସ୍‌ଆରସି କାଉନସେଲର ଶ୍ରାବଣୀ ପଟ୍ଟନାୟକ ଏସଟିଆଇ ଓ ଆରଟିଆଇ ରୋଗର ଭୟାବହତା, ଚିକିତ୍ସା ଓ ରୋଗର ଲକ୍ଷଣ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଉକ୍ତ ରୋଗଗୁଡିକ ବର୍ତ୍ତମାନ ସମୟରେ ଏକ ସାଧାରଣ ରୋଗରେ ପରିଣତ ହୋଇସାରିଛି। ତେଣୁ ଏହି ରୋଗର ନିରାକରଣ ପାଇଁ ଏହାକୁ ନେଇ ଉପଯୁକ୍ତ ଆଲୋଚନା ଓ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନୀ ତଥା ଯୁବ ରେଡକ୍ରସର ଜିଲା ସଂଯୋଜକ ପ୍ରଫେସର ପବିତ୍ର ମୋହନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯୁବ ରେଡକ୍ରସ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ଦୀପକ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ସହିତ ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ।

# ଯୁବପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ସମ୍ବଲପୁର, ୭।୪(ବି.ଶଙ୍କର)

ସମ୍ବଲପୁର ପବ୍ଲିକ ଲାଇବ୍ରେରି ପକ୍ଷରୁ – ୨୦୨୪ ବର୍ଷ ପାଇଁ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ଅନୁଷ୍ଠାନ ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ.ନାଗରାଜୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଲାଇବ୍ରେରିର ଏହା ଏକ ଅନନ୍ୟ ପ୍ରୟାସ। କେବଳ ଭାଗ୍ୟବାନ ଛାତ୍ରୀଛାତ୍ରଙ୍କୁ ଏପରି ସୁଯୋଗ ପ୍ରାପ୍ତ ହୁଏ। କାର୍ଯ୍ୟକ୍ରମର ସଫଳତା ପାଇଁ ତାଙ୍କ ଅନୁଷ୍ଠାନ ତରଫରୁ ସବୁ ପ୍ରକାର ସାହାଯ୍ୟ ଦିଆଯିବାର ପ୍ରତିଶ୍ରୁତି

### ପିଲାଙ୍କ ପାଇଁ ଲାଇବ୍ରେରିର ଅନନ୍ୟ ପ୍ରୟାସ

ଦେଇଥିଲେ। ପ୍ରଫେସର ଶଙ୍କର ପ୍ରସାଦ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା ଉଦ୍ଦେଶ୍ୟ ଓ ଆଗାମୀ ଦିନର ଶୃଙ୍ଖଳା ଉପରେ ବିଷଦ ଆଲୋଚନା କରିଥିଲେ। ଶିବିରରେ ଛାତ୍ରୀଛାତ୍ରମାନେ ନିୟମିତ ଭାବେ ପ୍ରତ୍ୟେକ ରବିବାର ଯୋଗଦେବାକୁ ଆହ୍ୱାନ ଦେଇଥିଲେ। ଏହି ପାଠ୍ୟକ୍ରମରେ ସଫଳତା ପାଇଥିବା ଛାତ୍ରୀଛାତ୍ର ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ, ପ୍ରଫେସର କାମଦେବ ସାହୁ, ପ୍ରଫେସର ନିରୂପମା ବଡ଼ପଣ୍ଡା, ଡାକ୍ତର ଜୟଦେବ ମେହେର, ଅରବିନ୍ଦ ମହାପାତ୍ର କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଚଳିତବର୍ଷ ପ୍ରଶିକ୍ଷଣ ଶିବିରରେ ପଞ୍ଜିକୃତ ମହାନଗର ଅଧିନସ୍ତ ୧୭ଟି ହାଇସ୍କୁଲରୁ ୭୨ ଛାତ୍ରୀଛାତ୍ର ଓ ସେମାନଙ୍କ ମାତାପିତା, ବିଷୟ ବିଶାରଦ ଗିରିଧାରୀ ହୋତା, ଉଦିତ ପଟଯୋଶୀ, ଶିବଶଙ୍କର ଷଡଙ୍ଗୀ, ପ୍ରଫେସର ରବି ମିଶ୍ର, ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ପ୍ରଦୀପ ପଣ୍ଡା ସମେତ ପ୍ରଧାନଶିକ୍ଷକ ସୁମିତା ପତ୍ରୀ, ଦୀପାଳି ଚୌଧୁରୀ ଓ ରାଖି ମହାପାତ୍ର ଯୋଗ ଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୋଳକ ବିହାରୀ ମିଶ୍ର, ସୁନନ୍ଦା ପ୍ରଧାନ, ବିଜୟ ସାହୁ, ଲାଇବ୍ରେରିର ଛାତ୍ରମାନେ ସହଯୋଗ କରିଥିଲେ। ଶେଷରେ ଧନ୍ୟବାଦ ଓ ଜାତୀୟ ସଙ୍ଗୀତ ସହ କାର୍ଯ୍ୟକ୍ରମ ଶେଷ ହେଇଥିଲା।



ସମ୍ବଲପୁର ପବ୍ଲିକ ଲାଇବ୍ରେରି ପକ୍ଷରୁ -୨୦୨୪ ବର୍ଷ ପାଇଁ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର।

# ଜୈବିକ ଉତ୍ପାଦ ହାଟ ଉଦ୍‌ଘାଟିତ




ଜୈବିକ ଉତ୍ପାଦ ହାଟ ଉଦ୍‌ଘାଟନ ଅବସରରେ ସରପଞ୍ଚ ଓ ଅନ୍ୟମାନେ।

ରେଢାଖୋଲ ୭।୪ (ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ମୋଚିବାହାଲ ପଞ୍ଚାୟତର ରବିବାର ବସୁଥିବା ସାପ୍ତାହିକ ବଜାର ପ୍ରାଙ୍ଗଣରେ ଏକ ଜୈବିକ ଉତ୍ପାଦ ହାଟ ଉଦ୍‌ଘାଟିତ ହୋଇଛି। ଫସଲରେ ରାସାୟନିକ ସାର ଓ ଔଷଧ ବ୍ୟବହାର କରିବା ଫଳରେ ଲୋକେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଥିଯୋଗୁ ଜୈବିକ ଉତ୍ପାଦ ସାର ପ୍ରୟୋଗ କରି ଉନ୍ନତ ଓ ଅମଳକ୍ଷମ ପନିପରିବା ଚାଷ ସହିତ ଶସ୍ୟ ଜାତୀୟ ଫସଲ ଉତ୍ପାଦନ କରାଯାଇପାରିବ। ଏହାଦ୍ୱାରା ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରିବା ସହ ଆମେ ସୁସ୍ଥ ଓ ନିରୋଗ ରହିବା। ଏହି ଲକ୍ଷ୍ୟ ନେଇ କୃଷିବିଭାଗ ପକ୍ଷରୁ ଏଫ୍‌ଇଏସ୍ ଓ ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ବିଭିନ୍ନ ମହିଳା ସଂଘମାନଙ୍କୁ ଜୈବିକ ଉପାୟରେ ପନିପରିବା ଚାଷ ସହ ଅନ୍ୟାନ୍ୟ ଫସଲ ପାଇଁ ତାଲିମ ପ୍ରଦାନ କରାଯାଇଛି। ତାଲିମ ନେଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଅମଳ କରାଯାଇଥିବା ପନିପରିବାକୁ ରବିବାର ଜୈବିକ ହାଟରେ ବିକ୍ରି କରାଯାଇଥିଲା। ଜୈବିକ ହାଟକୁ ମୋଚିବାହାଲ ସରପଞ୍ଚ ଗୀତାଞ୍ଜଳି ପ୍ରଧାନ ଉଦ୍‌ଘାଟନ କରିଥିଲେ। ଲମ୍ବଖେତା ଗ୍ରାମର ସାଇରାମ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ବିକ୍ରି କରିଥିଲେ। ହାଟରେ ଜୈବିକ ଉତ୍ପାଦ ମାଖନ, କଲରା, ପୋଟଳ, ଆଳୁ, ଶାଗ, ଲଙ୍କା, ପିଆଜ, ସାରୁ ଓ ଗୁଆଁର ଆଦି ପନିପରିବା ବିକ୍ରି କରାଯାଇଥିଲା। ଜୈବିକ ହାଟକୁ ମୋଚିବାହାଲ ପଞ୍ଚାୟତସ୍ତରୀୟ ସଂଘ ପରିଚାଳନା କରିଥିବାବେଳେ ଏଫ୍‌ଇଏସର ଅକ୍ଷୟ ଶତପଥି, ଏମ୍‌ବିକେ ରଞ୍ଜିତା ମହାକୁଡ, କୃଷକ ସାଥି ସନ୍ତୋଷ ସାହୁ ଓ କୃଷିମିତ୍ର ପୁଷ୍ପାଞ୍ଜଳି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ସାଧୁସନ୍ଥଙ୍କ ଆଶୀର୍ବାଦ ନେଲେ ବବି



ଆଶ୍ରମରେ ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ, ବିଧାୟକ ରୋହିତ ପୂଜାରୀ।

ରେଢାଖୋଲ, ୭।୪ (ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ କଦଳିଗଡ ପଞ୍ଚାୟତର ମଧୁପୁର ଗ୍ରାମରେ ଥିବା ସନ୍ଥକବି ଭୀମଭୋଇଙ୍କ ପ୍ରାପ୍ତିପିଠ ଓ ୬୪ ସିଦ୍ଧ ଆଶ୍ରମଠାରେ ରବିବାର ବାର୍ଷିକ ବାଲ୍ୟଲୀଳା ଉତ୍ସବ ଓ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଛି। ମଧୁପୁର ଗ୍ରାମର ମହିମାଧର୍ମୀ ଭକ୍ତଙ୍କ ଦ୍ୱାରା ଅୟୋଜିତ ଏହି କାର୍ଯ୍ୟକ୍ରମରେ ଯୋରନ୍ଦା ମଠର ସହକାରୀ ସଭାପତି ବାବା ଶେଷଦେବ ଦାସ, ବାବା

### ସନ୍ଥକବି ଭୀମଭୋଇଙ୍କ ପ୍ରାପ୍ତିପୀଠରେ ବାଲ୍ୟଲୀଳା ଉତ୍ସବ, ନାମଯଜ୍ଞ

ମହେନ୍ଦ୍ର ଦାସ, ସାଧୁ ଦେବେନ୍ଦ୍ର ଦାସ ଓ ତ୍ୟାଗୀ ଖୁସିରାମ ବାବା ଯୋଗଦେଇ ୬୪ ସିଦ୍ଧ ଆଶ୍ରମଠାରେ ଅଖଣ୍ଡବଟି ଧ୍ୱନୀ ଓ ୨୧ ଶାଖା ଝାଡବଟି ପ୍ରଜ୍ୱଳିତ କରିଥିଲେ। ଅନୁଷ୍ଠିତ ନାମଯଜ୍ଞରେ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ (ବବି ଦାସ), ବିଧାୟକ ରୋହିତ ପୂଜାରୀ ଯୋଗଦେଇ ମହିମା ସାଧୁସନ୍ଥମାନଙ୍କ ଆଶୀର୍ବାଦ ପ୍ରାପ୍ତ କରିବା ସହ ନାମଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ସନ୍ଥକବି ଭୀମଭୋଇ ପ୍ରାପ୍ତିପୀଠ ସ୍ମୃତି କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକ ନରହରୀ ପ୍ରଧାନ, ଅରକ୍ଷିତ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ଚୈତନ୍ୟ ପ୍ରଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିବା ବେଳେ ରେଢାଖୋଲ ଅଞ୍ଚଳର ବହୁ ସାଧୁସନ୍ଥ ଓ ଭକ୍ତ ଯୋଗଦେଇଥିଲେ।

# ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ପଥରଗଡ଼ା ଉତ୍ସବ

କୁଚିଣ୍ଡା, ୭।୪(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ହରିପଡ଼ାରେ ଶନିବାର ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ପାରମ୍ପରିକ ପଥରଗଡ଼ା ଉତ୍ସବ ପାଳିତ ହୋଇଯାଇଛି। ଏହାକୁ ସାମାଜିକ କର୍ମୀ ସୁଦର୍ଶନ ଛୋଟରାୟ ଓ ଲୋକମୁକ୍ତି ସଙ୍ଗଠନର ଉପଦେଷ୍ଟା ଅନନ୍ତ କୁମାର ଅତିଥି ଭାବେ ଯୋଗଦେଇ ପଥରଶିଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶତାଧିକ ମହିଳାପୁରୁଷ ସାମିଲ ହୋଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ହରିପଡ଼ା ଗ୍ରାମସଭା ସଭାପତି ତଥା ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଉଭୟ ଛୋଟରାୟ ଓ ଅନନ୍ତ ପେସା ଆଇନ, ଜଙ୍ଗଲ ଅଧିକାର ଆଇନ ଓ ଆଦିବାସୀଙ୍କର ସାମ୍ବିଧାନିକ ଅଧିକାର ସମ୍ପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ବାମରା ଏକ ପଞ୍ଚମ ଅନୁସୂଚୀତ ଅଞ୍ଚଳ ହୋଇଥିବାରୁ ଗ୍ରାମ ପଞ୍ଚାୟତ ଆଇନ ପରିପ୍ରେକ୍ଷୀରେ ପେସା ଆଇନ ମୁତାବକ ବାମରା(ଗୋବିନ୍ଦପୁର ପଞ୍ଚାୟତ)କୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଘୋଷଣା କରିବା ସମ୍ପୂର୍ଣ୍ଣ ବେଆଇନ ଅଟେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା।

ପ୍ରକାଶ ଥାଉକି, ଭାରତର ସମ୍ବିଧାନର ଧାରା ୨୪୪(୧) ଏବଂ ପଞ୍ଚମ ଅନୁସୂଚୀରେ ବର୍ଣ୍ଣିତ ଅନୁସୂଚିତ ଅଞ୍ଚଳରେ ସଶାସନ ଓ ନିୟନ୍ତ୍ରଣ ଅନୁଯାୟୀ ସମ୍ବିଧାନ

### ବାମରା ଏନ୍‌ଏସିକୁ ବିରୋଧ

ପାରମ୍ପରିକ ଗ୍ରାମସଭାକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିଛି। ଯଥା:– ପାରମ୍ପରିକ ରୀତିରିବାଜ ଅନୁଯାୟୀ ବିବାଦର ସମାଧାନ, ଜମି ହସ୍ତାନ୍ତର ଓ ବେଆଇନ ଦଖଲ ଉପରେ ନିୟନ୍ତ୍ରଣ, ଯେକୌଣସି ଜମି ଅଧିଗ୍ରହଣ ପୂର୍ବରୁ ଗ୍ରାମସଭାର ସହମତି, କୌଣସି ଆଦିବାସୀଙ୍କଠାରୁ ବେଆଇନ ଭାବରେ ହସ୍ତାନ୍ତରିତ ଜମିର ପୁନରୁଦ୍ଧାର ପାଇଁ ସମୂଚିତ କାର୍ଯ୍ୟାନୁଷ୍ଠାନ, ଲଘୁ ବନଜାତ ଦ୍ରବ୍ୟ ଉପରେ ମାଲିକାନା, ମାଦକ ଦ୍ରବ୍ୟ ସେବନ ତଥା ବିକ୍ରୀ ଉପରେ ନିୟନ୍ତ୍ରଣ, ଆଦିବାସୀ ଉପଯୋଜନା ସହିତ ଯେକୌଣସି ସ୍ଥାନୀୟ ଯୋଜନା ଉପରେ ଉଦ୍ଦିଷ୍ଟ ସମ୍ବଳର ନିୟନ୍ତ୍ରଣ, ଲଘୁ ଖଣିଜ ଦ୍ରବ୍ୟ ଉପରେ ଗ୍ରାମସଭାର ନିୟନ୍ତ୍ରଣ ପ୍ରଭୃତି କ୍ଷମତା ସମ୍ବିଧାନ ଦ୍ୱାରା ପ୍ରଦତ୍ତ ସମ୍ପର୍କରେ ଅତିଥିଗଣ ଅବଗତ କରିଥିଲେ। ପେସା ଆଇନର ଧାରା ୪(ଢ଼) ଅନୁଯାୟୀ ପଞ୍ଚାୟତଗୁଡ଼ିକ ସ୍ୱୟଂଶାସିତ ଭାବରେ କାର୍ଯ୍ୟ କରିବାକୁ ହେଲେ ଆବଶ୍ୟକ କ୍ଷମତା ଏବଂ ଅଧିକାର ଦେବା ତଥା ବାମରାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ସମ୍ପୂର୍ଣ ବେଆଇନ ଏବଂ ଏହାକୁ ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଗଡ଼ପୋଷ ସରପଞ୍ଚ ପୁଷ୍ପା ତିର୍କୀ, ସଗରା ସରପଞ୍ଚ ଗୋଲାପୀ ବାଘ, ସଙ୍ଗଠନର ମୁଖ୍ୟ ସଂଯୋଜକ ଉମାକାନ୍ତ ନାଏକ, ବ୍ଲକ ସଭାପତି ପାତ୍ର ବାଘ, ବନମାଳୀ କାଲୋ, ଗାବ୍ରିଏଲ ଲୁଗୁନ ପ୍ରମୁଖ ପେସା ଗ୍ରାମସଭା, ଜଙ୍ଗଲ ଅଧିକାର ଆଇନ ବଳରେ ଆଦିବାସୀ ଓ ପାରମ୍ପରିକ ବନବାସୀଙ୍କୁ ଦିଆଯାଇଥିବା କ୍ଷମତା ସମ୍ପର୍କରେ ଆଲୋଚନା କରିଥିଲେ। ହରିପଡ଼ା ଗ୍ରାମସଭା ସଦସ୍ୟା ତେଜୀରାଣୀ ଏକ୍କା ସଭା ପରିଚାଳନା କରିଥିବା ବେଳେ, ଲୋକମୁକ୍ତି ସଙ୍ଗଠନର ସଂଯୋଜକ ଜିନିତ ସାମାଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପାୱାଲ ହରୋ, ମନିଷା କାଣ୍ଡୁଲନା, ବବିତା ପିଙ୍ଗ, ସାଧୁ ପିଙ୍ଗ, ବିକାଶ ହେମ୍ବ୍ରମ, ସନ୍ତୋଷ ଗୁଡ଼ିଆ, କୈଳାସ ପିଙ୍ଗ, ବିରଞ୍ଚି ନିଖଣ୍ଡିଆ, ପିଣ୍ଟୁ ହାତୀ, ପ୍ରତାପ ସାହୁ, ମୀନକୁ ଲାକ୍ରା, ରସାନନ୍ଦ କିଷନ, ପଦ୍ମଲୋଚନ କିଷନ ପ୍ରମୁଖ ସହଯୋଗ କରିଥିଲେ।



ପଥରଶିଳା ଉଦ୍‌ଘାଟନ ଅବସରରେ ଉପସ୍ଥିତ ମହିଳାପୁରୁଷ।

# ବିକାଶମୂଳକ କାର୍ଯ୍ୟ ବିଜେଡିକୁ ବିଜୟୀ କରିବ

## ବିଜେଡି ଏମ୍‌ପି ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର,୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଲୋକ ସଭା ବିଜେଡି ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ ରବିବାର ଏଠାରେ ପହଞ୍ଚିବା ପରେ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସହର ସୁଦପଡାଠାରୁ ତାଙ୍କୁ ବିଜେଡି କର୍ମୀ ଓ ସମର୍ଥକମାନେ ରାଲିରେ ପାଟଣେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ସେଠାରେ ବଲାଙ୍ଗୀର ବିଧାନସଭା ବିଜେଡି ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ପୁରୁଣା ବିଜେଡି ନେତା ଦୁର୍ଗା ବେହେରା, ଭଗବାନ ବଗର୍ତ୍ତୀ, ଓଙ୍କାର ନାୟକ ତାଙ୍କୁ ସ୍ୱାଗତ କରିଥିଲେ। ପାଟଣେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ଖୋଲା ଜିପରେ ଲୋକ ସଭା ପ୍ରାର୍ଥୀ ସିଂଭୋଇ ଏବଂ ବିଧାନସଭା ପ୍ରାର୍ଥୀ ସିଂଦେଓ ସମଲେଶ୍ୱରୀ ମନ୍ଦିରକୁ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଶୈଳଶ୍ରୀ ପ୍ୟାଲେସକୁ ଯାଇଥିଲେ। ଶୈଳଶ୍ରୀ ପ୍ୟାଲେସଠାରେ କଲିକେଶ ନାରାୟଣ ସିଂଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜେଡିପକ୍ଷରୁ ସିଂଭୋଇଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଲକ୍ଷ୍ମଣ କୁମାର ମେହେରଙ୍କ ସଂଯୋଜନାକ୍ରମେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏମ୍‌ପି ପ୍ରାର୍ଥୀ ସିଂଭୋଇ ସମ୍ବର୍ଦ୍ଧନାରେ ବେଶ୍ ଉତ୍ସାହିତ ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ତାଙ୍କୁ ବିଜେଡିରୁ ଲୋକ ସଭା ପ୍ରାର୍ଥୀ ଭାବେ ବାଛିଥିବାରୁ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ଏଥି ସକାଶେ ସେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣକାରୀ କାର୍ଯ୍ୟ, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋକଙ୍କ ପାଇଁ ଯୋଜନାକୁ ଲୋକେ ଠିକ୍ ବୁଝିଛନ୍ତି। ନବୀନଙ୍କ ବିକାଶମୂଳକ କାର୍ଯ୍ୟ ଏଠାରେ ପ୍ରାର୍ଥୀଙ୍କୁ ବିଜୟୀ କରିବ ବୋଲି କହିଥିଲେ। ଶନିବାର ସୋନପୁର ଏବଂ ବୀରମହାରାଜପୁର ବିଧାନସଭା ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଆଜି ବଲାଙ୍ଗୀରରେ ଯେଭଳି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି ସେଥିରେ ସେ ବେଶ୍ କୃତଜ୍ଞ ବୋଲି କହିଥିଲେ। ଶୈଳଶ୍ରୀ ପ୍ୟାଲେସ ସହ ତାଙ୍କର ସମ୍ପର୍କ ବହୁ ପୁରୁଣା ବୋଲି କହିଥିଲେ। ଆଗାମୀ ଦିନରେ ଲୋୟର ସୁକ୍‌ତେଲ ବିସ୍ଥାପିତଙ୍କ ସମସ୍ୟା ସମାଧାନ, ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପର ବାକିଆ କାମ, ବାଇପାସ୍ ରାସ୍ତା ସମ୍ପୂର୍ଣ୍ଣ କରିବା ଦିଗରେ ସେ ଚେଷ୍ଟା କରିବେ। ତାଙ୍କ ବିଶ୍ୱାସ ଯେ ସେ ବିଜୟୀ ହେବେ ବୋଲି କହିଥିଲେ। ସଭାରେ କଲିକେଶ ନାରାୟଣ ସିଂଦେଓ ବକ୍ତବ୍ୟ ରଖି ସିଂଭୋଇଙ୍କୁ ଲୋକ ସଭା ପ୍ରାର୍ଥୀ ଭାବେ ଏବଂ ବିଧାନ ସଭା ପ୍ରାର୍ଥୀ ଭାବେ ତାଙ୍କୁ ଏଭଳି ଦୁଇଟି ଭୋଟ ଦେଇ ଉଭୟଙ୍କୁ ବିଜୟୀ କରିବାକୁ ଅନୁରୋଧ କରିଥିଲେ। ସଭାରେ କଲିକେଶ ଓ ସୁରେନ୍ଦ୍ର ପରସ୍ପରକୁ କକା-ପୁତୁରା ବୋଲି ସମ୍ବୋଧନ କରୁଥିଲେ। ଉଭୟଙ୍କ ମଧ୍ୟରେ କିଭଳି ଦୀର୍ଘଦିନରୁ ସମ୍ପର୍କ ରହିଛି ସେମାନେ ଦଳୀୟ କର୍ମୀ ଓ ସମର୍ଥକଙ୍କୁ କହିଥିଲେ। ପରେ ସିଂଭୋଇଙ୍କ ଉପସ୍ଥିତିରେ କଂଗ୍ରେସରୁ ବିଜେଡିରେ ଯୋଗଦେଇଥିବା ଅସୀମ ପଟ୍ଟନାୟକ, ଚନ୍ଦ୍ରମଣି ତ୍ରିପାଠୀ, ସୁଦାମ ସାହୁ ଓ ଗୌରୀ ସାହୁଙ୍କୁ କଲିକେଶ ନାରାୟଣ ଉପଢୌକନ ନେଇ ସ୍ୱାଗତ ଜଣାଇଥିଲେ। ସେଠାରୁ ସିଂଭୋଇ ସଇଁତଲା ଅଭିମୁଖେ ଯାଇଥିଲେ।



ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ ଓ ବିଧାନସଭା ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓ ଏକ ଖୋଲାଜିପରେ ଶୋଭାଯାତ୍ରାରେ ସମଲେଶ୍ୱରୀ ମନ୍ଦିରକୁ ଯାଉଛନ୍ତି।

# ମହାବିଷ୍ଣୁ ଯଜ୍ଞ ପାଇଁ କଳସଯାତ୍ରା

କୋକସରା,୭।୪(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ଅନ୍ତର୍ଗତ କନ୍ଦାଗଡ ଖେଳ ପଡିଆଠାରେ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ସଦଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ ମହାରାଜାଙ୍କ ପ୍ରତିଷ୍ଠିତ କାଳୀକୃଷ୍ଣ ସଂଘର ୪୧ତମ ବାର୍ଷିକ ଉତ୍ସବ ଆୟୋଜିତ ହେଉଛି। ବାର୍ଷିକୋତ୍ସବ ଅବସରରେ ନବକୁଣ୍ଡୀୟ ବିଶଶାନ୍ତି ମହାବିଷ୍ଣୁ ଯଜ୍ଞ, ମୁଣ୍ଡନ, କୁଣାବରୀ, ବ୍ରତ, ବିବାହ, ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ଏକ ଭବ୍ୟ କଳସଯାତ୍ରା ଯଜ୍ଞ ବେଦୀରୁ ବାହାରି ସ୍ଥାନୀୟ ମୁଟରା ନଦୀରେ ବିଧିବଦ୍ଧ ପୂଜାର୍ଚ୍ଚନା ପରେ ଜଳ ଉଠାଇ ଘଣ୍ଟ ଶଙ୍ଖ କାହାଳି, ଘୁମୁରା, ସଂକୀର୍ତ୍ତନ ଦଳର ହରିନାମ ବୋଲରେ ନଗର ପରିକ୍ରମା କରାଯାଇ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ୧ହଜାର ୧ଶହ ୧୧ କଳସ ସହ ସଂକୀର୍ତ୍ତନ, ଘୁମୁରା, ଘଣ୍ଟଦଳ ସାମିଲ ହୋଇଥିଲେ। କଳସଯାତ୍ରା କାର୍ଯ୍ୟକ୍ରମରେ ସଂଘ ପ୍ରମୁଖ ଜଗଦାନନ୍ଦଜୀଙ୍କୁ ସ୍ୱାଗତ କରାଯିବା ପରେ କଳସଯାତ୍ରା ଆରମ୍ଭ ହୋଇଥିଲା। କଳସଯାତ୍ରାକୁ ସଂଘର ବେଦବ୍ରହ୍ମା, ପ୍ରଜାପତି, ଆଚାର୍ଯ୍ୟ ପୂଜନ ପରିଚାଳନା କରିଥିଲେ। ମୁଖ୍ୟସଂଘ କାର୍ଯ୍ୟକର୍ତ୍ତା ସମେତ ବିଜେଡି ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ଓ ଭାଜପା ବିଧାୟକ ପ୍ରାର୍ଥୀ ସୁଧୀର ପାଟଯୋଷୀ ପ୍ରମୁଖ କଳସ ଯାତ୍ରା ଓ ମହାବିଷ୍ଣୁ ଯଜ୍ଞ ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆମପାଣି ପଞ୍ଚାୟତ ସମସ୍ତ ଗ୍ରାମ ଓ ପଡୋଶୀ ପଞ୍ଚାୟତ ଗ୍ରାମର ହଜାର ହଜାର ଜନ ସାଧାରଣ ସହଯୋଗ କରିଥିଲେ।



ଆୟୋଜିତ ଭବ୍ୟ କଳସ ଯାତ୍ରା।

# ‘ଛାତ୍ର, ଯୁବକଙ୍କ ଭବିଷ୍ୟତ ନିର୍ମାଣ ଆମର ଲକ୍ଷ୍ୟ’



ବଘଲାରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ବିଧାୟକ ନରସିଂହ ମିଶ୍ର ଓ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର।

## ବଘଲାରେ କଂଗ୍ରେସର ସାଧାରଣ ସଭା

ବଲାଙ୍ଗୀର,୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଚନ୍ଦନଭାଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଘଲା ଗାଁରେ ରବିବାର ସନ୍ଧ୍ୟାରେ କଂଗ୍ରେସ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଏବଂ ବଲାଙ୍ଗୀର ବିଧାନସଭା ପାଇଁ କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଯୋଗଦାନ କରି ଲୋକଙ୍କୁ ସମ୍ବୋଧିତ କରିଥିଲେ। ସମରେନ୍ଦ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ରାଜନୀତିର ଉଦ୍ଦେଶ୍ୟ ହେଉଛି ଲୋକଙ୍କ ସେବା କରିବା। ଗତ ୧୦ ବର୍ଷରେ ବିଧାୟକ ନରସିଂହ ମିଶ୍ର ଲୋକଙ୍କ ସେବାର ଅନନ୍ୟ ପ୍ରମାଣ ଦେଇଛନ୍ତି। ବର୍ଷର ପ୍ରତ୍ୟେକ ମାସ, ମାସର ପ୍ରତ୍ୟେକ ଦିନ ରାଜନୀତି ମାଧ୍ୟମରେ ସେ ଲୋକଙ୍କୁ ସେବା ଯୋଗାଇଛନ୍ତି। ବୃହତ୍ତର ଜନସ୍ୱାର୍ଥ ଓ ଗତ ୧୦ ବର୍ଷର ବିକାଶ ପ୍ରକ୍ରିୟାକୁ ଆଗକୁ ନିରନ୍ତର ଜାରି ରଖିବା ପାଇଁ ଆଗାମୀ ନିର୍ବାଚନରେ ତାଙ୍କୁ ସମର୍ଥନ କରନ୍ତୁ ବୋଲି ସେ ଲୋକଙ୍କୁ ନିବେଦନ କରିଥିଲେ। ସାଧାରଣ ସଭାରେ ସମରେନ୍ଦ୍ର କହିଥିଲେ ଯେ, ଯେଉଁମାନେ କେବଳ ନିର୍ବାଚନ ସମୟରେ ବଲାଙ୍ଗୀର ସହରରେ ଦେଖାଯାଆନ୍ତି, ସେହି ରାଜନେତାମାନଙ୍କ ପ୍ରତି ସାବଧାନ ରୁହନ୍ତୁ। ସାଧାରଣ ସଭାରେ ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଆମକୁ ଏକ ଲଢୁଆ ବିଧାୟକ ନିର୍ବାଚିତ କରିବାକୁ ହେବ। ଯିଏକି ସରକାରଙ୍କ ସମ୍ମୁଖରେ ବଲାଙ୍ଗୀରର ବିକାଶ ପାଇଁ ଚାପ ସୃଷ୍ଟି କରିପାରିବ, ଅକାଟ୍ୟ ଯୁକ୍ତି ଉପସ୍ଥାପନ କରିପାରିବ ଓ ବଲାଙ୍ଗୀରକୁ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଆଣି ପାରିବ ବୋଲି କହିଥିଲେ। ଏହି ନିର୍ବାଚନରେ ସମରେନ୍ଦ୍ରଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ବାସୁଦେବ ପୁରୋହିତଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ସଙ୍ଗୀତା ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପାଣିଗ୍ରାହୀ, କପିଳେଶ୍ୱରର ପାଣିଗ୍ରାହୀ, ଜଗବନ୍ଧୁ ପୁରୋହିତ, ସୁନାଧାର ପଧାନ, ରାମ ପ୍ରସାଦ ମିଶ୍ରଙ୍କ ସମେତ ବଘଲା ଓ ଆଖପାଖ ଗାଁର ସହସ୍ରାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ଅନ୍ୟ ଦଳରୁ ୩୦ରୁ ଊର୍ଦ୍ଧ୍ୱ ବିଜେଡିରେ ସାମିଲ

ଲାଞ୍ଜିଗଡ଼,୭।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବେନଗାଁଠାରେ ବିଜେଡିର ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବିଜେଡ଼ି ସଭାପତି ହିମାଦ୍ରୀ ପେଶନିଆଙ୍କ ନେତୃତ୍ୱରେ ଆୟୋଜିତ ମିଶ୍ରଣପର୍ବରେ ବେନଗାଁ ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀମାନେ ବିଜେଡିରେ ସାମିଲ ହୋଇଛନ୍ତି। ଏହି କର୍ମୀମାନଙ୍କୁ ବିଧିବଦ୍ଧ ଭାବେ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ନିତୀ ଆଦର୍ଶରେ ହୋଇଥିବା ବିକାଶକୁ ନେଇ ବିଜେଡିରେ ସାମିଲ ହେଉଛନ୍ତି। କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ପ୍ରତିନିଧି ପ୍ରଦୀପ ଘଡ଼େଇ, ଜିଲା ବିଜେଡ଼ି ସମ୍ପାଦକ ଜଗଦୀଶ ବେନିଆଁ, ଲାଞ୍ଜିଗଡ଼ ବିଜେଡ଼ି ଜୋନ-୧ ସଭାପତି ଚନ୍ଦ୍ର ଶେଖର ମହାପାତ୍ର, ଜୋନ-୨ ସଭାପତି ଲୋକନାଥ ମାଝି, ଲାଞ୍ଜିଗଡ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସଞ୍ଜିବ କୁମାର ନାୟକ, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବ୍ଲକ ବିଜେଡି ନାରୀନେତ୍ରୀ ସଂଯୁକ୍ତା ଘଡେଇ, ଛତ୍ରପୁର ସରପଞ୍ଚ ସୁଷମା ମାଝି, ବେନଗାଁ ସରପଞ୍ଚ ପୁରାଣ ମାଝି, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ତୁଳସୀ ନାଏକ, ବେନଗାଁ ପଞ୍ଚାୟତ ବିଜେଡି ସଭାପତି ଦେବେନ୍ଦ୍ର ସାହୁ, ଯୁବସଭାପତି ଅଗସ୍ତି ନାଏକ, ଉଗ୍ରେସନ ହରିଜନ, କଦଗ ମାଝି, କର୍ଣ୍ଣ ଦାନୀ ହରିଜନ, ପାଳସି ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ବେନଗାଁଠାରେ ବିଜେଡିର ମିଶ୍ରଣ ପର୍ବ।

# ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ମୃତ, ରାସ୍ତାରୋକୋ

ବଲାଙ୍ଗୀର,୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ଛତାମଖନା ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ମୃତକ ଜାମସର ଗାଁର ବିଶ୍ୱବିହାରୀ ବଗର୍ତ୍ତୀ (୪୫) ବୋଲି ଜଣାପଡିଛି। ସାଇକେଲ ଆରୋହୀଙ୍କ ଛତାମଖନା ଛକରୁ ନିଜ ଗାଁ ଜାମସରକୁ ଫେରିବା ବେଳେ ଏହି ଦୁର୍ଘଟଣା ଘଟିଛି। ମୃତ୍ୟୁ ପରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାସ୍ତାରୋକ ଯୋଗୁଁ ଯାନବାହନ ଯାତାୟାତ ପ୍ରଭାବିତ ହେବା ସହ ରାସ୍ତାର ଉଭୟ ପଟରେ ବହୁ ସଂଖ୍ୟକ ଗାଡିମୋଟର ଅଟକି ରହିଛି। ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଏବଂ ଜାତୀୟ ରାଜପଥରେ ଟ୍ରାଫିକ ସୁରକ୍ଷା ନେଇ କଡାକଡି ପଦକ୍ଷେପ ଗ୍ରହଣ କରିବାକୁ ଲୋକେ ଦାବି କରି ରାସ୍ତାରୋକ ଜାରି ରଖିଛନ୍ତି। ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଦୁର୍ଗା



@ ହମିତ୍



@ ନିବାସ



@ ନିକୁଞ୍ଜ



@ ତଥାଗତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲୋକକଳାର ବିକୃତ ରୂପକୁ ନେଇ ଉଦ୍‌ବେଗ

ବଲାଙ୍ଗୀର,୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା କଳାକାର ସମନ୍ୱୟ ସମିତି ପକ୍ଷରୁ ଲୋଇସିଂହା ବ୍ଲକ କୁସମେଲ ଗାଁ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ରବିବାର ଜିଲାସ୍ତରୀୟ ଲୋକ କଳାକାରମାନଙ୍କୁ ନେଇ ସମନ୍ୱୟ ସମିତିର ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ଗୁରୁଶ୍ରୀ ପରମାନନ୍ଦ ମାଝି ତାଙ୍କ ସଭାପତୀୟ ବକ୍ତବ୍ୟରେ କହିଥିଲେ ଯେ, ଆଜି ଅନେକ ଲୋକକଳା ଲୋପ ପାଇବାକୁ ବସିଲାଣି। ଅନେକ ଲୋକକଳା ବିଭିନ୍ନ କାରଣରୁ ନିଜତ୍ୱ ହରାଇ ଅପଭ୍ରଂଶ ଓ ବିକୃତ ରୂପନେଲାଣି। ଭକ୍ତି ମାର୍ଗ ସକୀର୍ତ୍ତନ୍ୟର ଯେଉଁ ଅବସ୍ଥା ହେଲାଣି, ଏହା ଗୁରୁ ପରମ୍ପରା ପ୍ରତି ଅପମାନ ସଦୃଶ। ଆମକୁ ସଚେତନ ଓ ଏକତାବଦ୍ଧ ନହେଲେ ଆଗାମୀ ଦିନରେ ବହୁମୂଲ୍ୟ ଦେବାକୁ ପଡିବ ବୋଲି ସେ ଚେତାଇ ଦେଇଥିଲେ। ସମନ୍ୱୟ ସମିତି ସମ୍ପାଦକ ସତ୍ୟ ବନଛୋର କହିଥିଲେ ଯେ, ମୁଖ୍ୟମନ୍ତ୍ରୀ କଳାକାର ସହାୟକ ଯୋଜନାରୁ ଅନେକ ପ୍ରକୃତ ହିତାଧିକାରୀ ବାଦ ପଡିଥିବାବେଳେ ଜାଲ ସାର୍ଟିଫିକେଟ ଦେଇ ଏବଂ ଦଲାଲଙ୍କୁ ଧରି ନକଲି କଳାକାରମାନେ କଳାକାର ଭତ୍ତା ହାତେଇବା ଅଭିଯୋଗ ହେଉଛି। ରାଜ୍ୟ ସରକାର ୫୦ ହଜାର କଳାକାରଙ୍କୁ ଏହି ଯୋଜନାରେ ସାମିଲ କରିଥିବା କହୁଥିବାବେଳେ ଏବେ ପୁଣି ୩୦ ହଜାର କଳାକାର ଭତ୍ତା ପାଇବାକୁ ଆବେଦନ କରୁଛନ୍ତି। କଳାକାରମାନେ ଆଜି ଠକାମୀର ଶିକାର ହେଉଛନ୍ତି। ମଣିଷ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକୋଇଶିଆରୁ ବିବାହା ଏଭଳିକି ମୃତ୍ୟୁ ପର୍ଯ୍ୟନ୍ତ କଳାକାର ତାର କଳା ପ୍ରଦର୍ଶନ କରିଥାଏ। ରାଜନେତାଙ୍କ ଆଗେ ଆଗେ ବାଦ୍ୟ ବଜାଇ ଥାଏ, କିନ୍ତୁ ତାର ପାରଶ୍ରମିକ ଓ ସମ୍ମାନ ନ ପାଇ ଶୋଷଣର ଶିକାର ହୋଇଥାଏ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା କଳାକାର ସଂସ୍କୃତି ସଂଘ ଉପସଭାପତି ସୁଦାମ ବିଶି ଯୋଗ ଦେଇ ସଚେତନ ବାର୍ତ୍ତା ଦେଇ ଦଲାଲମାନେ କିଭଳି କଳାକାରଙ୍କୁ ଠକି ଚାଲିଛନ୍ତି କହିବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ। ସଭାରେ କାଳିନ୍ଦୀ ମାଝି, ପ୍ରମୋଦ ନାଏକ, ରୁକ୍ମଣି ମେହେର, ଅର୍ଜୁନ ବିଶ୍ୱାଳ, କୁଳମଣି ନାଗ, ମହେନ୍ଦ୍ର ସିଂ ନିନା, କୁଶ ବରିହା ଓ୧୪ଟି ବ୍ଲକର ସଂଯୋଜକ ବକ୍ତବ୍ୟ ରଖିଥିଲେ। ଲୋଇସିଂହା ବ୍ଲକ ସଂଯୋଜକ ଲମ୍ବୋଦର ସାହୁ ସଭା ପରିଚାଳନା କରିଥିଲେ। ଏହି ସଭାରେ ବହୁ କଳାକାର ଯୋଗଦାନ କରିଥିଲେ।



ବଲାଙ୍ଗୀର ଜିଲା କଳାକାର ସମନ୍ୱୟ ସମିତି ପକ୍ଷରୁ କୁସମେଲଠାରେ ଆୟୋଜିତ ଜିଲାସ୍ତରୀୟ ସଭାରେ ଯୋଗଦେଇଥିବା କଳାକାର।

# ବିକାଶମୂଳକ କାର୍ଯ୍ୟ ବିଜେଡିକୁ ବିଜୟୀ କରିବ

## ବିଜେଡି ଏମ୍‌ପି ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର,୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଲୋକ ସଭା ବିଜେଡି ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ ରବିବାର ଏଠାରେ ପହଞ୍ଚିବା ପରେ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସହର ସୁଦପଡାଠାରୁ ତାଙ୍କୁ ବିଜେଡି କର୍ମୀ ଓ ସମର୍ଥକମାନେ ରାଲିରେ ପାଟଣେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ସେଠାରେ ବଲାଙ୍ଗୀର ବିଧାନସଭା ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ପୁରୁଣା ବିଜେଡି ନେତା ଦୁର୍ଗା ବେହେରା, ଭଗବାନ ବଗର୍ତ୍ତୀ, ଓଙ୍କାର ନାୟକ ତାଙ୍କୁ ସ୍ୱାଗତ କରିଥିଲେ। ପାଟଣେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ଖୋଲା ଜିପରେ ଲୋକ ସଭା ପ୍ରାର୍ଥୀ ସିଂଭୋଇ ଏବଂ ବିଧାନସଭା ପ୍ରାର୍ଥୀ ସିଂଦେଓ ସମଲେଶ୍ୱରୀ ମନ୍ଦିରକୁ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଶୈଳଶ୍ରୀ ପ୍ୟାଲେସକୁ ଯାଇଥିଲେ।

ଶୈଳଶ୍ରୀ ପ୍ୟାଲେସଠାରେ କଳିକେଶ ନାରାୟଣ ସିଂଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜେଡି ପକ୍ଷରୁ ସିଂଭୋଇଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଲକ୍ଷ୍ମଣ କୁମାର ମେହେରଙ୍କ ସଂଯୋଜନାକ୍ରମେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏମ୍‌ପି ପ୍ରାର୍ଥୀ ସିଂଭୋଇ ସମ୍ବର୍ଦ୍ଧନାରେ ବେଶ୍ ଉତ୍ସାହିତ ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ତାଙ୍କୁ ବିଜେଡିରୁ ଲୋକ ସଭା ପ୍ରାର୍ଥୀ ଭାବେ ବାଛିଥିବାରୁ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ଏଥି ସକାଶେ ସେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣକାରୀ କାର୍ଯ୍ୟ, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋକଙ୍କ ପାଇଁ ଯୋଜନାକୁ ଲୋକେ ଠିକ୍ ବୁଝିଛନ୍ତି। ନବୀନଙ୍କ ବିକାଶମୂଳକ କାର୍ଯ୍ୟ ଏଠାରେ ପ୍ରାର୍ଥୀଙ୍କୁ ବିଜୟୀ କରିବ ବୋଲି କହିଥିଲେ। ଶନିବାର ସୋନପୁର ଏବଂ ବୀରମହାରାଜପୁର ବିଧାନସଭା ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଆଜି ବଲାଙ୍ଗୀରରେ ଯେଭଳି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି ସେଥିରେ ସେ ବେଶ୍ କୃତଜ୍ଞ ବୋଲି କହିଥିଲେ। ଶୈଳଶ୍ରୀ ପ୍ୟାଲେସ ସହ ତାଙ୍କର ସମ୍ପର୍କ ବହୁ ପୁରୁଣା ବୋଲି କହିଥିଲେ। ଆଗାମୀ ଦିନରେ ଲୋୟର ସୁକ୍‌ତେଲ ବିସ୍ଥାପିତଙ୍କ ସମସ୍ୟା ସମାଧାନ, ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପର ବାକିଆ କାମ, ବାଇପାସ୍ ରାସ୍ତା ସମ୍ପୂର୍ଣ୍ଣ କରିବା ଦିଗରେ ସେ ଚେଷ୍ଟା କରିବେ। ତାଙ୍କ ବିଶ୍ୱାସ ଯେ ସେ ବିଜୟୀ ହେବେ ବୋଲି କହିଥିଲେ। ସଭାରେ କଳିକେଶ ନାରାୟଣ ସିଂଦେଓ ବକ୍ତବ୍ୟ ରଖି ସିଂଭୋଇଙ୍କୁ ଲୋକ ସଭା ପ୍ରାର୍ଥୀ ଭାବେ ଏବଂ ବିଧାନ ସଭା ପ୍ରାର୍ଥୀ ଭାବେ ତାଙ୍କୁ ଏଭଳି ଦୁଇଟି ଭୋଟ ଦେଇ ଉଭୟଙ୍କୁ ବିଜୟୀ କରିବାକୁ ଅନୁରୋଧ କରିଥିଲେ। ସଭାରେ କଳିକେଶ ଓ ସୁରେନ୍ଦ୍ର ପରସ୍ପରକୁ କକା-ପୁତୁରା ବୋଲି ସମ୍ବୋଧନ କରୁଥିଲେ। ଉଭୟଙ୍କ ମଧ୍ୟରେ କିଭଳି ଦୀର୍ଘଦିନରୁ ସମ୍ପର୍କ ରହିଛି ସେମାନେ ଦଳୀୟ କର୍ମୀ ଓ ସମର୍ଥକଙ୍କୁ କହିଥିଲେ। ପରେ ସିଂଭୋଇଙ୍କ ଉପସ୍ଥିତିରେ କଂଗ୍ରେସରୁ ବିଜେଡିରେ ଯୋଗଦେଇଥିବା ଅସୀମ ପଟ୍ଟନାୟକ, ଚନ୍ଦ୍ରମଣି ତ୍ରିପାଠୀ, ସୁଦାମ ସାହୁ ଓ ଗୌରୀ ସାହୁଙ୍କୁ କଳିକେଶ ନାରାୟଣ ଉପଢୌକନ ନେଇ ସ୍ୱାଗତ ଜଣାଇଥିଲେ। ସେଠାରୁ ସିଂଭୋଇ ସଇଁତଲା ଅଭିମୁଖେ ଯାଇଥିଲେ।


ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ ଓ ବିଧାନସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ଏକ ଖୋଲାଜିପରେ ଶୋଭାଯାତ୍ରାରେ ସମଲେଶ୍ୱରୀ ମନ୍ଦିରକୁ ଯାଉଛନ୍ତି।

# ମାହେଶ୍ୱରୀ ନର୍ସିଂ କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ସୁନ୍ଦରଗଡ,୭।୪
(ଜୟ ନାରାୟଣ ମେଣ୍ଡୁଲି)

ମାହେଶ୍ୱରୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ ଦ୍ୱାରା ପରିଚାଳିତ ନର୍ସିଂ କଲେଜ ସୁନ୍ଦରଗଡରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ରାଉରକେଲା ସିନିୟର ନର୍ସିଂ କଲେଜର ଛାତ୍ରୀଛାତ୍ରମାନେ କଲେଜ ଠାରୁ ଏକ ଶୋଭାଯାତ୍ରାରେ ବାହାରି ହସ୍ପିଟାଲ ଛକ ପର୍ଯ୍ୟନ୍ତ ଯାଇଥିଲେ। ବିଭିନ୍ନ ସ୍ଲୋଗାନ ଦେଇ ସହରବାସୀଙ୍କୁ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତାଦେଇଥିଲେ। ଏଥିରେ କଲେଜର ସମସ୍ତ ଆଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ପରେ କଲେଜ ପରିସରରେ ଏକ ସଭା ହୋଇଥିଲା। ଏଥିରେ ମାନବାଧିକାର ଜୀବନରେ ଉତ୍ତମ ସ୍ୱାସ୍ଥ୍ୟ ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। କଲେଜ ଅଧ୍ୟକ୍ଷା ଭାଲେଣ୍ଟିନା ସେନାପତି ସଭା ପରିଚାଳନା କରିଥିଲେ।



ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# 'ଛାତ୍ର, ଯୁବକଙ୍କ ଭବିଷ୍ୟତ ନିର୍ମାଣ ଆମର ଲକ୍ଷ୍ୟ'


ବଘଲାରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ବିଧାୟକ ନରସିଂହ ମିଶ୍ର ଓ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର।

## ବଘଲାରେ କଂଗ୍ରେସର ସାଧାରଣ ସଭା

ବଲାଙ୍ଗୀର,୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଚନ୍ଦନଭାଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଘଲା ଗାଁରେ ରବିବାର ସନ୍ଧ୍ୟାରେ କଂଗ୍ରେସ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଏବଂ ବଲାଙ୍ଗୀର ବିଧାନସଭା ପାଇଁ କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଯୋଗଦାନ କରି ଲୋକଙ୍କୁ ସମ୍ବୋଧିତ କରିଥିଲେ। ସମରେନ୍ଦ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ରାଜନୀତିର ଉଦ୍ଦେଶ୍ୟ ହେଉଛି ଲୋକଙ୍କ ସେବା କରିବା। ଗତ ୧୦ ବର୍ଷରେ ବିଧାୟକ ନରସିଂହ ମିଶ୍ର ଲୋକଙ୍କ ସେବାର ଅନନ୍ୟ ପ୍ରମାଣ ଦେଇଛନ୍ତି। ବର୍ଷର ପ୍ରତ୍ୟେକ ମାସ, ମାସର ପ୍ରତ୍ୟେକ ଦିନ ରାଜନୀତି ମାଧ୍ୟମରେ ସେ ଲୋକଙ୍କୁ ସେବା ଯୋଗାଇଛନ୍ତି। ବୃହତ୍ତର ଜନସ୍ୱାର୍ଥ ଓ ଗତ ୧୦ ବର୍ଷର ବିକାଶ ପ୍ରକ୍ରିୟାକୁ ଆଗକୁ ନିରନ୍ତର ଜାରି ରଖିବା ପାଇଁ ଆଗାମୀ ନିର୍ବାଚନରେ ତାଙ୍କୁ ସମର୍ଥନ କରନ୍ତୁ ବୋଲି ସେ ଲୋକଙ୍କୁ ନିବେଦନ କରିଥିଲେ। ସାଧାରଣ ସଭାରେ ସମରେନ୍ଦ୍ର କହିଥିଲେ ଯେ, ଯେଉଁମାନେ କେବଳ ନିର୍ବାଚନ ସମୟରେ ବଲାଙ୍ଗୀର ସହରରେ ଦେଖାଯାଆନ୍ତି, ସେହି ରାଜନେତାମାନଙ୍କ ପ୍ରତି ସାବଧାନ ରୁହନ୍ତୁ। ସାଧାରଣ ସଭାରେ ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଆମକୁ ଏକ ଲଢୁଆ ବିଧାୟକ ନିର୍ବାଚିତ କରିବାକୁ ହେବ। ଯିଏକି ସରକାରଙ୍କ ସମ୍ମୁଖରେ ବଲାଙ୍ଗୀରର ବିକାଶ ପାଇଁ ଚାପ ସୃଷ୍ଟି କରିପାରିବ, ଅକାଟ୍ୟ ଯୁକ୍ତି ଉପସ୍ଥାପନ କରିପାରିବ ଓ ବଲାଙ୍ଗୀରକୁ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଆଣି ପାରିବ ବୋଲି କହିଥିଲେ। ଏହି ନିର୍ବାଚନରେ ସମରେନ୍ଦ୍ରଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ବାସୁଦେବ ପୁରୋହିତଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ସଙ୍ଗୀତା ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପାଣିଗ୍ରାହୀ, କପିଳେଶ୍ୱରର ପାଣିଗ୍ରାହୀ, ଜଗବନ୍ଧୁ ପୁରୋହିତ, ସୁନାଧାର ପଧାନ, ରାମ ପ୍ରସାଦ ମିଶ୍ରଙ୍କ ସମେତ ବଘଲା ଓ ଆଖପାଖ ଗାଁର ସହସ୍ରାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ତ୍ରିନାଥ ମନ୍ଦିରରେ ପୂଜାକରି ପ୍ରଚାର ଆରମ୍ଭ କଲେ ସୁରେଶ ପୂଜାରୀ

ବ୍ରଜରାଜନଗର, ୭।୪(ବିଜୟ ବରାଡ଼)

ସ୍ଥାନୀୟ ଗାନ୍ଧୀଛକ ଠାରେ ଥିବା ତ୍ରିନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କରିଛନ୍ତି ଭାରତୀୟ ଜନତା ପାର୍ଟି (ଭାଜପା)ର ପ୍ରାର୍ଥୀ ସୁରେଶ ପୂଜାରୀ। ଦଳୀୟ କର୍ମୀମାନଙ୍କ ଗହଣରେ ଏକ ବାଇକ୍ ଶୋଭାଯାତ୍ରା କରି ଗୋଲ ଛକଦେଇ ବ୍ରଜରାଜନଗର ଆରାଧ୍ୟ ଦେବୀ ମା' ରାମଚଣ୍ଡୀଙ୍କ ମନ୍ଦିର ଯାଇଥିଲେ। ସେଠାରେ ଦଳୀୟ କର୍ମୀଙ୍କୁ ନିର୍ବାଚନରେ ସହାୟତା କରିବା ସହିତ ମୋଦିଙ୍କ ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ଶୋଭାଯାତ୍ରାରେ ତପନ ସ୍ୱାଇଁ, ବୁଲୁ ସେନାପତି, କବି ସ୍ୱାଇଁଙ୍କ ସହିତ ମଣ୍ଡଳ ସଭାପତି ରୁକ୍ମଣ ଧୁରୁଆ ସାମିଲ ଥିଲେ।

# ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଉଦ୍‌ଯାପିତ

ଝାରସୁଗୁଡ଼ା, ୭।୪ (ସଞ୍ଜୟ ମାଲି)

ସହରର ସରବାହାଲ ଗୌଡପଡାରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଗୌଡପଡାର ୧୨୧ ମହିଳା ଓ ପୁରୁଷ ସରାବାହାଲ ସରକାରୀ ପୋଖରୀରୁ ପାଣି ଆଣି କଳସ ସ୍ଥାପନ କରାଯାଇଥିଲା ଓ ଶୁଭ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶନିବାର ସକାଳ ଦଶଟାରେ ନାମସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂଜକ ଭାବେ ସରୋଜ କୁମାର ପାଣିଗ୍ରାହୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଗୌଡ଼ପଡାର ସଞ୍ଜୟ କୁମାର୍ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଉପମା ପ୍ରଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଶନିବାର ଝାରସୁଗୁଡ଼ା ଭାଜପା ନେତା ଟଙ୍କଧର ତ୍ରିପାଠୀ ଯୋଗଦେଇ ଭଗବାନ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ନେଇ ଗୌଡ଼ପଡ଼ାର ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ। ରବିବାର ପୂର୍ବାହ୍ନ ଏଗାରଟାରେ ନଗର ପରିକ୍ରମା ସହିତ ଦଧିଭାଣ୍ଡ ଭଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅଷ୍ଟପ୍ରହରୀରେ ସରବାହାଲ କୁମ୍ଭାରପଡ଼ା, ଗୌଡ଼ପଡା, କଣ୍ଟାଟିକ୍ରା, ସାଲେଟିକ୍ରା, ବେହେରାପାଲି, ମରାକୁଟା, ପଣ୍ଡରିପଥର, ସାପଡା, ରଘୁନାଥପାଲି ସମେତ ଆଖପାଖ ଅଞ୍ଚଳର ବାରରୁ ଅଧିକ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଶନିବାର ସନ୍ଧ୍ୟାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ରବିବାର ଦଧିଭାଣ୍ଡ କାର୍ଯ୍ୟକ୍ରମ ପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ।


ଅଷ୍ଟପ୍ରହର ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମରେ ସାମିଲ ଶ୍ରଦ୍ଧାଳୁ।

# ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ମୃତ, ରାସ୍ତାରୋକୋ

ବଲାଙ୍ଗୀର,୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ଛତାମଖନା ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ମୃତକ ଜାମସର ଗାଁର ବିଶ୍ୱବିହାରୀ ବଗର୍ତ୍ତୀ (୪୫) ବୋଲି ଜଣାପଡିଛି। ସାଇକେଲ ଆରୋହୀଙ୍କ ଛତାମଖନା ଛକରୁ ନିଜ ଗାଁ ଜାମସରକୁ ଫେରିବା ବେଳେ ଏହି ଦୁର୍ଘଟଣା ଘଟିଛି। ମୃତ୍ୟୁ ପରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାସ୍ତାରୋକ ଯୋଗୁଁ ଯାନବାହନ ଯାତାୟାତ ପ୍ରଭାବିତ ହେବା ସହ ରାସ୍ତାର ଉଭୟ ପଟରେ ବହୁ ସଂଖ୍ୟକ ଗାଡିମୋଟର ଅଟକି ରହିଛି। ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଏବଂ ଜାତୀୟ ରାଜପଥରେ ଟ୍ରାଫିକ ସୁରକ୍ଷା ନେଇ କଡାକଡି ପଦକ୍ଷେପ ଗ୍ରହଣ କରିବାକୁ ଲୋକେ ଦାବି କରି ରାସ୍ତାରୋକ ଜାରି ରଖିଛନ୍ତି। ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଦୁର୍ଗା


@ ହମିଦ୍


@ ନିବାସ


@ ନିକୁଞ୍ଜ


@ ତଥାଗତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲୋକକଳାର ବିକୃତ ରୂପକୁ ନେଇ ଉଦ୍‌ବେଗ

ବଲାଙ୍ଗୀର,୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା କଳାକାର ସମନ୍ୱୟ ସମିତି ପକ୍ଷରୁ ଲୋଇସିଂହା ବ୍ଲକ କୁସମେଲ ଗାଁ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ରବିବାର ଜିଲାସ୍ତରୀୟ ଲୋକ କଳାକାରମାନଙ୍କୁ ନେଇ ସମନ୍ୱୟ ସମିତିର ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ଗୁରୁଶ୍ରୀ ପରମାନନ୍ଦ ମାଝି ତାଙ୍କ ସଭାପତୀୟ ବକ୍ତବ୍ୟରେ କହିଥିଲେ ଯେ, ଆଜି ଅନେକ ଲୋକକଳା ଲୋପ ପାଇବାକୁ ବସିଲାଣି। ଅନେକ ଲୋକକଳା ବିଭିନ୍ନ କାରଣରୁ ନିଜତ୍ୱ ହରାଇ ଅପଭ୍ରଂଶ ଓ ବିକୃତ ରୂପନେଲାଣି। ଭକ୍ତି ମାର୍ଗ ସଙ୍କୀର୍ତ୍ତନ୍ୟର ଯେଉଁ ଅବସ୍ଥା ହେଲାଣି, ଏହା ଗୁରୁ ପରମ୍ପରା ପ୍ରତି ଅପମାନ ସଦୃଶ। ଆମକୁ ସଚେତନ ଓ ଏକତାବଦ୍ଧ ନହେଲେ ଆଗାମୀ ଦିନରେ ବହୁମୂଲ୍ୟ ଦେବାକୁ ପଡିବ ବୋଲି ସେ ଚେତାଇ ଦେଇଥିଲେ। ସମନ୍ୱୟ ସମିତି ସମ୍ପାଦକ ସତ୍ୟ ବନଛୋର କହିଥିଲେ ଯେ, ମୁଖ୍ୟମନ୍ତ୍ରୀ କଳାକାର ସହାୟକ ଯୋଜନାରୁ ଅନେକ ପ୍ରକୃତ ହିତାଧିକାରୀ ବାଦ ପଡିଥିବାବେଳେ ଜାଲ ସାର୍ଟିଫିକେଟ ଦେଇ ଏବଂ ଦଲାଲଙ୍କୁ ଧରି ନକଲି କଳାକାରମାନେ କଳାକାର ଭତ୍ତା ହାତେଇବା ଅଭିଯୋଗ ହେଉଛି। ରାଜ୍ୟ ସରକାର ୫୦ ହଜାର କଳାକାରଙ୍କୁ ଏହି ଯୋଜନାରେ ସାମିଲ କରିଥିବା କହୁଥିବାବେଳେ ଏବେ ପୁଣି ୩୦ ହଜାର କଳାକାର ଭତ୍ତା ପାଇବାକୁ ଆବେଦନ କରୁଛନ୍ତି। କଳାକାରମାନେ ଆଜି ଠକାମୀର ଶିକାର ହେଉଛନ୍ତି। ମଣିଷ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକୋଇଶିଆରୁ ବିବାହା ଏଭଳିକି ମୃତ୍ୟୁ ପର୍ଯ୍ୟନ୍ତ କଳାକାର ତାର କଳା ପ୍ରଦର୍ଶନ କରିଥାଏ। ରାଜନେତାଙ୍କ ଆଗେ ଆଗେ ବାଦ୍ୟ ବଜାଇ ଥାଏ, କିନ୍ତୁ ତାର ପାରଶ୍ରମିକ ଓ ସମ୍ମାନ ନ ପାଇ ଶୋଷଣର ଶିକାର ହୋଇଥାଏ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା କଳାକାର ସଂସ୍କୃତି ସଂଘ ଉପସଭାପତି ସୁଦାମ ବିଶି ଯୋଗ ଦେଇ ସଚେତନ ବାର୍ତ୍ତା ଦେଇ ଦଲାଲମାନେ କିଭଳି କଳାକାରଙ୍କୁ ଠକି ଚାଲିଛନ୍ତି କହିବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ। ସଭାରେ କାଳିନ୍ଦୀ ମାଝି, ପ୍ରମୋଦ ନାଏକ, ରୁକ୍ମଣ ମେହେର, ଅର୍ଜୁନ ବିଶ୍ୱାଳ, କୁଳମଣି ନାଗ, ମହେନ୍ଦ୍ର ସିଂ ନିନା, କୁଶ ବରିହା ଓ୧୪ଟି ବ୍ଲକର ସଂଯୋଜକ ବକ୍ତବ୍ୟ ରଖିଥିଲେ। ଲୋଇସିଂହା ବ୍ଲକ ସଂଯୋଜକ ଲମ୍ବୋଦର ସାହୁ ସଭା ପରିଚାଳନା କରିଥିଲେ। ଏହି ସଭାରେ ବହୁ କଳାକାର ଯୋଗଦାନ କରିଥିଲେ।


ବଲାଙ୍ଗୀର ଜିଲା କଳାକାର ସମନ୍ୱୟ ସମିତି ପକ୍ଷରୁ କୁସମେଲଠାରେ ଆୟୋଜିତ ଜିଲାସ୍ତରୀୟ ସଭାରେ ଯୋଗଦେଇଥିବା କଳାକାର।

# ଦେବଗଡ଼ ବିକାଶ ପାଇଁ ମୋଦି ଦେଇଛନ୍ତି ୨୨୦୦ କୋଟି: ଧର୍ମେନ୍ଦ୍ର



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦଳୀୟ କର୍ମକର୍ତ୍ତା ଓ ଅନ୍ୟମାନେ।

**ଦେବଗଡ, ୭।୪ (ଶଶାଙ୍କ ଶେଖର ଝାଙ୍କର)**

ମୋଦୀ ସରକାରଙ୍କ ୧୦ ବର୍ଷ ଶାସନରେ ଦେବଗଡ଼ ଜିଲାକୁ ଚାଉଳ, ଘର, ଶୌଚାଳୟ, ଉଜ୍ଜ୍ୱଳା ଗ୍ୟାସ, ମୁଦ୍ରା ଋଣ, ବାର୍ଦ୍ଧକ୍ୟ ଭତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା ଏବଂ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ୭୩ ହଜାର ୭୧୭ଟି ପରିବାରକୁ ପ୍ରାୟ ୨୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମିଳିଛି। ଗରିବ କଲ୍ୟାଣ ଯୋଜନାରେ ଦେବଗଡ ଜିଲାର ପରିବାର ପିଛା ପାଖାପାଖି ୩ ଲକ୍ଷ ଟଙ୍କା ମୋଦି ସରକାର ଦେଇଛନ୍ତି ବୋଲି ଦେବଗଡ ଜିଲା ନିକ୍ତିମାଳଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଦେବଗଡ ବିଧାନସଭା ଭାଜପା ପ୍ରାର୍ଥୀ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସହ ପୁରୁଣାଗଡ ସ୍ଥିତ ଭାଜପା କାର୍ଯ୍ୟାଳୟ ତିଳେଇବଣି ବ୍ଲକ ନିକ୍ତିମାଳ ସିଦ୍ଧେଶ୍ୱର ମନ୍ଦିରକୁ ଶତାଧିକ ଜନସାଧାରଣ ଓ ସମର୍ଥକଙ୍କ ସହ ବାଇକ ରାଲିରେ ଯାଇଥିଲେ। ପରେ ନିକ୍ତିମାଳ ସ୍ଥିତ ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଦର୍ଶନ କରି ଆର୍ଶିବାଦ କାମନା କରିଥିଲେ। ଏଥିସହ ସେଠାରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇ ପ୍ରଧାନ କହିଛନ୍ତି, ଭାଜପା ପ୍ରତି ଦେବଗଡ଼ର ମାତୃଶକ୍ତି ଓ ଯୁବଶକ୍ତିଙ୍କ ମଧ୍ୟରେ ବହୁତ ଉତ୍ସାହ ଅଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସମୟରୁ ଦେବଗଡରେ ପରିବର୍ତ୍ତନ ହୋଇଛି। ମୋଦି ସରକାରରେ ଜିଲାର ବିକାଶ ପାଇଁ ୨୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆସିଛି। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି,ଦିଲ୍ଲୀରୁ ପ୍ରଧାନମନ୍ତ୍ରୀ ମୋଦୀ ଟଙ୍କା ପଠାଉଛନ୍ତି, ହେଲେ ଦେବଗଡ଼ରେ ପହଞ୍ଚିଲା ବେଳକୁ ଏହା କମିଯାଉଛି। ମୋଦୀ ଯାହା ଦେଉଛନ୍ତି ତାହା ଏଠାରେ ପହଞ୍ଚିବା ପାଇଁ ଡବଲ ଇଞ୍ଜିନ ସରକାର ଦରକାର। ମୋଦି ସରକାର ଚାଷୀଙ୍କ ପାଇଁ ଧାନର କୁଇଣ୍ଟାଲ ପିଛା ୨୧୮୩ ଟଙ୍କା ପଠାଉଛନ୍ତି। କିନ୍ତୁ ରାଜ୍ୟ ସରକାର କଟନି ଛଟନି କରୁଥିବାରୁ ଚାଷୀ ଧାନର ଉପଯୁକ୍ତ ମୂଲ୍ୟ ପାଇପାରୁନାହାଁନ୍ତି। ମଣ୍ଡିରେ ହଇରାଣ ହେଉଛି। ଓଡ଼ିଶାରେ ମୋଦୀଙ୍କ ଡବଲ ଇଞ୍ଜିନ ସରକାର ହେଲେ ଦେବଗଡରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସବୁ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଦିଆଯିବ। କୁଇଣ୍ଟାଲ ପିଛା ଧାନର ଏମଏସପି ୩୧୦୦ ଟଙ୍କା ବୃଦ୍ଧି କରାଯିବ। ସ୍ୱଚ୍ଛ ପାନୀୟ ଜଳ ନେଇ ଥିବା ସମସ୍ୟା ଦୂର ହେବ। ସ୍କୁଲରେ ଶିକ୍ଷକ ପଦବୀ ପୂରଣ ହେବା ସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁଧାର ଅଣାଯିବ। ଏକ ବିକାଶଶୀଳ ଗରିବ ସପକ୍ଷବାଦୀ ସରକାର ଗଢିବାକୁ ହେଲେ ମୋଦୀଙ୍କ ହାତମୁଠାକୁ ଟାଣ କରିବା ଦରକାର ବୋଲି ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ବାଇକ୍ ଶୋଭାଯାତ୍ରା ବେଳେ ବିଭିନ୍ନ ସ୍ଥାନରେ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ତିଳେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ପ୍ରଧାନ, ଭାଜପା ନେତ୍ରୀ ମାଧବୀ ଦେବୀ, କାଉନସିଲର ଇତିଶ୍ରୀ ମିଶ୍ର ସମସ୍ତ ମଣ୍ଡଳ ପଦାଧିକାରୀଙ୍କ ସମେତ ଶତାଧିକ ଭାଜପା ନେତା ଓ କର୍ମୀ ଯୋଗଦେଇଥିଲେ। ମୋଦୀଙ୍କୁ

## ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନ ପ୍ରଚାର

ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ପାଇଁ ପ୍ରଧାନ ଜନସାଧାରଣଙ୍କ ଆଶୀର୍ବାଦ ଲୋଡିଥିଲେ। ସେ କହିଥିଲେ 'ମୋଦୀ ଗ୍ୟାରେଣ୍ଟି' ଗରିବରୁ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରିଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ବିକଶିତ ଓଡ଼ିଶା ଗଢିବା ପାଇଁ ଭାଜପା ସଂକଳ୍ପବଦ୍ଧ। ସମ୍ବଲପୁର ସଂସଦୀୟ କ୍ଷେତ୍ରର ଭାଜପା ପ୍ରାର୍ଥୀ ଘୋଷଣା ପରେ ପ୍ରଥମ ଥର ପାଇଁ ଦେବଗଡରେ ପହଞ୍ଚି କେନ୍ଦ୍ରମନ୍ତ୍ରୀ ପ୍ରଧାନ ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବାଇକ ଶୋଭାଯାତ୍ରାରେ ଦେବଗଡ ବିଧାନସଭା ଭାଜପା ପ୍ରାର୍ଥୀ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଭାଜପା ଜିଲା ସଭାପତି ଅରୁଣ ସାହୁ, ରୋହିତ ଗଙ୍ଗଦେବ, ସଚ୍ଚିକାନ୍ତ ଦାସ, ସୁଧୀର ବ୍ରହ୍ମା, ଉପନଗର ପାଳ ପ୍ରଜିତ ଭୋଜ, ତିଳେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୋଗେଶ ପ୍ରଧାନ, ଭାଜପା ନେତ୍ରୀ ମାଧବୀ ଦେବୀ, କାଉନସିଲର ଇତିଶ୍ରୀ ମିଶ୍ର ସମସ୍ତ ମଣ୍ଡଳ ପଦାଧିକାରୀଙ୍କ ସମେତ ଶତାଧିକ ଭାଜପା ନେତା ଓ କର୍ମୀ ଯୋଗଦେଇଥିଲେ।

# ଭିମ୍‌ସାର ନର୍ସିଂ କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ



ଭିମସାର ନର୍ସିଂ କଲେଜରେ ରବିବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ଉପସ୍ଥିତ ଅତିଥିଙ୍କ ଗହଣରେ ଛାତ୍ରୀମାନେ।

**ସମ୍ବଲପୁର, ୭।୪ (ପ୍ରମୋଦ ବହିଦାର)**

ବୁର୍ଲାସ୍ଥିତ ଭିମସାର ନର୍ସିଂ କଲେଜରେ ରବିବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ଜନସ୍ୱାସ୍ଥ୍ୟ ସଂଘ (ଆଇପିଏଚଏ)ର ଓଡ଼ିଶା ଶାଖା ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ କଲେଜ ପରିସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ କଲେଜର ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗ ଦେଇଥିଲେ। ଏଥିରେ ଭିମସାର ଅଧୀକ୍ଷକ ଡା. ଲାଲ ମୋହନ ନାୟକ ଯୋଗଦାନ କରି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନର ତାତ୍ପର୍ଯ୍ୟ ବ୍ୟାଖ୍ୟାନ କରିଥିଲେ। ନର୍ସିଂ କଲେଜର ଅଧ୍ୟକ୍ଷ କୁଲଦୀପ ମହାନ୍ତି ଏଥିରେ ଉପସ୍ଥିତ ଛାତ୍ରୀମାନଙ୍କୁ ପ୍ରାଚୀନ ଯୁଗରେ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଉକ୍ତି ବିଷୟରେ ଅବଗତ କରିଥିଲେ। ସେହିପରି ଆଇପିଏଚଏର ରାଜ୍ୟ ସାଧାରଣ ସମ୍ପାଦକ ଡ. ସଞ୍ଜିବ କୁମାର ମିଶ୍ର, ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଯୋଜନାରେ ସ୍ୱାସ୍ଥ୍ୟସେବା ଯୋଗାଉଥିବା ସ୍ୱାସ୍ଥ୍ୟସେବୀମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ସୁବ୍ରତ କୁମାର ପ୍ରଧାନ ବିଶ୍ୱ ସ୍ୱାସ୍ଥ୍ୟ ଦିବସ–୨୦୨୪ର ଥିମ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଶେଷରେ କଲେଜ୍‌ର ପୂର୍ବତନ ଅଧ୍ୟକ୍ଷା ଲିଳାରାଣୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡା. ସତ୍ୟ ଡା. ସ୍ୱାଗତିକା, ଡା. ଅଜୟ, ଡା. କୃପା ପ୍ରମୁଖ ପରିଚାଳନା କରିଥିଲେ।

# ନିଲଡୁଙ୍ଗୁରୀରେ ଅତ୍ୟାଧୁନିକ ମାର୍କେଟ ଟର୍ମିନାଲ କେବେ ହେବ ସ୍ପଷ୍ଟ କର: ସମଲେଇ ସେନା

**ସମ୍ବଲପୁର,୭।୪ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା କବରାପାଲି ପଞ୍ଚାୟତର ନୀଳଡୁଙ୍ଗୁରୀଠାରେ ଥିବା ସରକାରୀ କୃଷି ଫାର୍ମର ୬୦ ଏକର ଜାଗାରେ ପିପିପି ମୋଡରେ ଏକ ଅତ୍ୟାଧୁନିକ ମାର୍କେଟ ଟର୍ମିନାଲ ନିର୍ମାଣ ପାଇଁ ୨୦୧୪ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ସେହି ମାର୍କେଟ ଟର୍ମିନାଲ କେବେ ନିର୍ମାଣ ଆରମ୍ଭ ହେବ ତାହା ସରକାର ସ୍ପଷ୍ଟ କରନ୍ତୁ ବୋଲି ରବିବାର ସାମାଜିକ ସଂଗଠନ ସମଲେଇ ସେନା ପଶ୍ଚିମାଞ୍ଚଳ ପକ୍ଷରୁ ଦାବି କରାଯାଇଛି। ଏହି ମାର୍କେଟ ଟର୍ମିନାଲ ପାଇଁ ୨୦୧୪ ମସିହାରେ ମୋଟ ୭୩,୯୯ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ସେଥିମଧ୍ୟରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୯,୪୯ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରାଯିବାର ଯୋଜନା ରହିଥିଲା। ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ କୋଲକାତାର ଏକ ବେସରକାରୀ କମ୍ପାନୀ ଏଏମ୍ ଇଣ୍ଟରନ୍ୟାଶନାଲକୁ ଚୟନ କରାଯାଇଥିଲା। କମ୍ପାନୀ ଅବଶିଷ୍ଟ ରାଶି ଅଂଶଧନ ଓ ଋଣ ଆକାରରେ ଯୋଗାଡ କରି ଅତ୍ୟାଧୁନିକ ବଜାର ପ୍ରତିଷ୍ଠା କରାଯିବାର ଯୋଜନା ହୋଇଥିଲା। ଏହି ମାର୍କେଟ ଟର୍ମିନାଲ ନିର୍ମାଣ ହେଲେ ସ୍ଥାନୀୟ ଫୁଲ ଏବଂ ଫଳ ଚାଷୀଙ୍କ ସହ ପଶ୍ଚିମାଞ୍ଚଳର ୧୦ଟି ଜିଲାର ଚାଷୀ ଉପକୃତ ହୋଇପାରିବେ ବୋଲି କୁହାଯାଇଥିଲା। ତେବେ ୧୦ ବର୍ଷ ପରେ ବି ଏହି ବୃହତ ମାର୍କେଟ ଟର୍ମିନାଲ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ପଶ୍ଚିମାଞ୍ଚଳ କୃଷି ପ୍ରଧାନ ଅଞ୍ଚଳ ହୋଇ ଥିବାରୁ ମାର୍କେଟ ଟର୍ମିନାଲ ନିର୍ମାଣ ହେଲେ ଚାଷୀ ମାନେ ଅତ୍ୟାଧୁନିକ ବଜାର ପାଇବେ ବୋଲି ବିଶ୍ୱାସ କରୁଥିଲେ। ତେବେ ରାଜ୍ୟ ସରକାର ଏଥିପ୍ରତି ଆନ୍ତରିକତା ନଦେଖାଇ ଆଜି ପର୍ଯ୍ୟନ୍ତ ନିଜର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ପ୍ରକଳ୍ପ କାମ ଆରମ୍ଭ ନହେବା ଦୁର୍ଭାଗ୍ୟଜନକ ବୋଲି ସାମାଜିକ ସଂଗଠନ ସମଲେଇ ସେନା ପଶ୍ଚିମାଞ୍ଚଳ ଅଭିଯୋଗ କରିଛି। ତେବେ ଏହି ପ୍ରକଳ୍ପ ହେବ ନା ନାହିଁ ଯଦି ହେବ ତେବେ କେବେ ହେବ ସମଲେଇ ସେନା ପଶ୍ଚିମାଞ୍ଚଳ ପକ୍ଷରୁ ସଂଗଠନର ସଂଯୋଜକ ଆଦିତ୍ୟ ପଧାନ ରାଜ୍ୟ ସରକାରଙ୍କୁ ସ୍ପଷ୍ଟ କରିବାକୁ ଦାବି କରିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ଦୁର୍ଗା



@ ହମିତ୍



@ ନିବାସ



@ ନିକୁଞ୍ଜ



@ ତଥାଗତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଣ୍ଢେଲ ଆଞ୍ଚଳିକ ଚଷା ସମାଜର ବାର୍ଷିକ ସମ୍ମିଳନୀ

**ଦେବଗଡ଼,୭।୪ (ଶଶାଙ୍କ ଶେଖର ଝାଙ୍କର)**

ବାରକୋଟ ବ୍ଲକ କଣ୍ଢେଲ ପଞ୍ଚାୟତ ସଦର ମହକୁମାରେ କଣ୍ଢେଲ ଆଞ୍ଚଳିକ ଚଷା ସମାଜର ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଗୁଣନିଧି ନାୟକଙ୍କ ପରିଚାଳନାରେ ଆୟୋଜିତ ଏହି ସମ୍ମିଳନୀରେ ଚଷା ସମାଜର ସଭାପତି ଶଶୀ ଭୂଷଣ ପ୍ରଧାନ ଇଷ୍ଟଦେବୀ ମା' ରଣେଶ୍ୱର ରାମଚଣ୍ଡିଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରୀୟ ଚଷା ସମାଜର ସଭାପତି ଡମ୍ବରୁଧର ପ୍ରଧାନ, ସମ୍ମାନିତ ଅତିଥିଭାବେ କେନ୍ଦ୍ରୀୟ ଚଷା ସମାଜର ସମ୍ପାଦକ ଚୂଡାମଣି ପ୍ରଧାନ, କାଦୋପଡା ଆଞ୍ଚଳିକ ଚଷା ସମାଜର ସଭାପତି ରବି ନାରାୟଣ ପ୍ରଧାନ, କାଦୋପଡା ଚଷା ସମାଜର ଓମ୍ପାଦକ ଲଳିତ ମୋହନ ଜେନା, କାଉଁଶିବାହାଲ ଆଞ୍ଚଳିକ ଚଷା ସମାଜର ସଭାପତି ଅନିରୁଦ୍ଧ ନାୟକ ଯୋଗଦେଇ ସମାଜର ବିଭିନ୍ନ ସମସ୍ୟା ଓ ଏ ଗୁଡିକର ସମାଧାନ ସମେତ ସାମାଜିକ ଶୃଙ୍ଖଳା ଓ ବିକାଶ ଉପରେ ସବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ଯୁକ୍ତ ୨ ପରୀକ୍ଷାରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ୩ ଜଣ ଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁରୂପ ଭାବେ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାସଲ କରିଥିବା ସୁଶ୍ରୀ ପ୍ରିୟଙ୍କା ନାୟକ ଏବଂ ଓପିଏସ୍ସି ପରୀକ୍ଷାରେ ସଫଳତା ହାସଲ କରିଥିବା କରନ କୁମାର ପ୍ରଧାନଙ୍କୁ ମଧ୍ୟ ଚଷା ସମାଜ ପକ୍ଷରୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସମାଜର ବୟସ୍କ ସଦସ୍ୟ ଗଙ୍ଗାଧର ସାହୁ ଓ ଲାଲ ମୋହନ ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶେଷରେ ସୁଦର୍ଶନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

# ଜିଲା ବରିଷ୍ଠ ନାଗରିକ ଫୋରମର ବୈଠକ

**ଦେବଗଡ଼,୭।୪(ଶଶାଙ୍କ ଶେଖର ଝାଙ୍କର)**

ସ୍ଥାନୀୟ କ୍ଲବ ଗୃହଠାରେ ଦେବଗଡ ଜିଲା ବରିଷ୍ଠ ନାଗରିକ ଫୋରମର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ବରିଷ୍ଠ ନାଗରିକ ଫୋରମର ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଫୋରମର ବହୁ ସଦସ୍ୟ ଉପସ୍ଥିତ ରହି ଜିଲାରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଗୁଡିକର ସମାଧାନ ନିମନ୍ତେ ଗଠନ ମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ପୂର୍ବରୁ ଶବ୍ଦ ପ୍ରଦୂଷଣ, ଡିଜେ ସାଉଣ୍ଡର ତୀବ୍ରତା ରୋକିବା ନିମନ୍ତେ ଜିଲା ପୋଲିସ ଓ ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ ହେଁ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଦର୍ଶାଇ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଉପସ୍ଥାପନ କରିଥିଲେ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ଫୋରମର ଏକ ସଭା ପ୍ରକୋଷ୍ଠ ପ୍ରଦାନ କରାଯିବା ଦାବିରେ ଜିଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ ପାଇଁ ମଧ୍ୟ ଏହି ଅବସରରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ଫୋରମର ସମ୍ପାଦକ ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଫୋରମର ଦିବଙ୍ଗତ ସଭାପତି ସ୍ୱର୍ଗତ ପ୍ରଶନ୍ନ ଆଚାର୍ଯ୍ୟଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

# ମାରୱାଡ଼ି ଯୁବାମଞ୍ଚର ପ୍ରାନ୍ତୀୟ ଲଘୁ ଅଧିବେଶନ ଉତ୍କର୍ଷ

**ସମ୍ବଲପୁର,୭।୪(ବି.ଶଙ୍କର)**

ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବାମଞ୍ଚର ପ୍ରାନ୍ତିୟ ସ୍ତରୀୟ ଲଘୁ ଅଧିବେଶନ ଉତ୍କର୍ଷ ଶନିବାର ରାତିରେ ରିଭର ଇନ ପରିସରରେ ଉଦଘାଟିତ ହୋଇଯାଇଛି। ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବାମଞ୍ଚର ସଭାପତି ପରାଗ ଅଗ୍ରୱାଲଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। କେନ୍ଦ୍ର ଶିକ୍ଷା ଓ ଦକ୍ଷତା ଉଦ୍ୟମିତା ବିକାଶ ମନ୍ତ୍ରୀ ତଥା ସମ୍ବଲପୁର ଲୋକସଭା ପାର୍ଥି ଧର୍ମେନ୍ଦ୍ର ପ୍ରଧାନ ଓ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର, ବରଗଡ ଏମପି ସୁରେଶ ପୂଜାରୀ, ଭାଜପା ଜିଲା ସଭାପତି ଗିରିଶ ପଟେଲ, ମାରୱାଡ଼ି ଯୁବାମଞ୍ଚର ରାଷ୍ଟ୍ରୀୟ ଉପସଭାପତି ଦୀପକ ଛାବରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ରାଷ୍ଟ୍ରୀୟ ମହାମନ୍ତ୍ରୀ ସୁରେନ୍ଦର ପୋଦ୍ଦାର, ପ୍ରାନ୍ତୀୟ ମହାମନ୍ତ୍ରୀ ପ୍ରତୀକ ଅଗ୍ରୱାଲ ଯୋଗଦେଇ

**■ ଯୁବାମଞ୍ଚ ସମାଜରେ ସେବାର ନୂଆ ସଂସ୍କାର ଓ ପରମ୍ପରା ତିଆରି କରିଛି**

**■ ଯୁବଶକ୍ତି ହେଉଛି ରାଷ୍ଟ୍ରଶକ୍ତି**

ମାରୱାଡି ଯୁବାମଞ୍ଚର ବିଭିନ୍ନ କାର୍ଯ୍ୟବଳୀ ବିଷୟରେ ଆଲୋକପାତ କରିଥିଲେ। ଲଘୁ ଅଧିବେଶନ –୨୦୨୪ ଉତ୍କର୍ଷର ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଯୁବଶକ୍ତି ହେଉଛି ରାଷ୍ଟ୍ରଶକ୍ତି। ଦୀର୍ଘ ଶତାବ୍ଦୀ ଧରି ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବାମଞ୍ଚ ସମାଜରେ ସେବାର ନୂଆ ସଂସ୍କାର ଓ ପରମ୍ପରା ତିଆରି କରିଛି। ଶକ୍ତି ସେବା ପାଇଁ ଉପଯୋଗ ଏବଂ ଶକ୍ତି ସାହାଯ୍ୟ କରିବା ପାଇଁ ହେବା ଦରକାର। ଏହି ପରିପ୍ରେକ୍ଷୀରେ ପ୍ରଗତି, ଉନ୍ନତି ଓ ବିକାଶ ଦିଗରେ ଅଗ୍ରସର ହେବା ପାଇଁ ମାରୱାଡି ମଞ୍ଚ ପକ୍ଷରୁ ଆୟୋଜିତ ଉତ୍କର୍ଷ କାର୍ଯ୍ୟକ୍ରମ ସ୍ୱାଗତ ଯୋଗ୍ୟ ଅଟେ। ଅସହାୟ ଲୋକଙ୍କ ସେବା କରି ଏବଂ ଅନ୍ୟ ସାମାଜିକ କଲ୍ୟାଣରେ ସାମିଲ ହୋଇ ଧରାପୃଷ୍ଠରେ ସେବାର ନୂଆ ପରମ୍ପରା ତିଆରି ସୃଷ୍ଟି କରିବାରେ ସଙ୍ଗଠନର ଯୋଗଦାନ ଅତୁଳନୀୟ ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲକିଲ୍ଲାରୁ ୱେଲଥ କ୍ରିଏଟରଙ୍କୁ ସମ୍ମାନ ଦେଇଥିଲେ। ଆଜି ଆମ ଦେଶ ୨୦୪୭ ସୁଦ୍ଧା ବିକଶିତ ଭାରତ ହେବାର ଲକ୍ଷ୍ୟରେ ଅଗ୍ରସର ହେଉଛି। ସମ୍ପ୍ରତି ଭାରତ ପଞ୍ଚମ ବୃହତ୍ତମ ଅର୍ଥନୈତିକ ରାଷ୍ଟ୍ରରେ ପରିଣତ ହୋଇଛି। ଏହି ସମୟରେ ଓଡ଼ିଶାର ଯୋଗଦାନ କଣ ରହିବ ତଥା ସମ୍ବଲପୁର ଭଳି ଅନ୍ୟାନ୍ୟ ଜିଲାର ଯୋଗଦାନ କଣ ରହିବ ତାହା ଉପରେ ଚିନ୍ତା କରିବା ଦରକାର। ଆଜି ପରିବର୍ତ୍ତିତ ଟେକ୍ନୋଲୋଜି ସମୟରେ ଦୁନିଆକୁ ହାତମୁଠାକୁ ଆଣିବାକୁ ହେବ। ଓଡ଼ିଶା ଏବଂ ସମଗ୍ର ଭାରତବର୍ଷର ଭାଗ୍ୟ ଓ ଭବିଷ୍ୟତକୁ ବଦଳାଇବାରେ ଯୁବଶକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ପ୍ରାନ୍ତୀୟ କୋଷାଧ୍ୟକ୍ଷ ଦୀନୁ ଛାବରିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଇଂ ଅଶୋକ ଜଲାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବାମଞ୍ଚର ପ୍ରାନ୍ତୀୟସ୍ତରୀୟ ଲଘୁ ଅଧିବେଶନ ଉତ୍କର୍ଷ – ୨୦୨୪ରେ ମଞ୍ଚାସୀନ ଅତିଥିମାନେ।

# ସମ୍ବିତଙ୍କ ବିରୋଧରେ ପୁଣି ମେଳି

## ପାରାଦୀପ ବିଧାନସଭା ଆସନ

### ମୁଁ ସମସ୍ତଙ୍କ ପାଖରେ ଗ୍ରହଣୀୟ ହେବି ବୋଲି କିଛି ମାନେ ନାହିଁ: ବିଧାୟକ

ପାରାଦୀପ,୭।୪(ଶରତ ରାଉତ)

ପାରାଦୀପ ବିଧାନସଭା ଆସନ ପାଇଁ ବିଜେଡିର ପ୍ରାର୍ଥୀ ଘୋଷଣା ଯେତିକି ବିଳମ୍ବ ହେଉଛି , ବିଧାୟକ ସମ୍ବିତ ରାଉତରାୟଙ୍କୁ ବିରୋଧ ସେତିକି ବୃଦ୍ଧି ପାଉଛି। ସମ୍ବିତଙ୍କୁ ଆଉ ପ୍ରାର୍ଥୀ ନ କରିବା ପାଇଁ ୮ ଥର ବିରୋଧୀ ସଭା ହୋଇଥିଲା। ପୁଣି ରବିବାର ସନ୍ଧ୍ୟାରେ ପାରାଦୀପ ମଧୁବନ ଶ୍ରମିକ ଭବନରେ ବଡ଼ଧରଣର ବିରୋଧ ହୋଇଛି। ଦଳର ଛାମୁଆ କର୍ମୀମାନେ ବୈଠକ କରିବା ସହ ଖବରଦାତା ସମ୍ମିଳନୀ କରିଛନ୍ତି। ଏଥିରେ କୁଜଙ୍ଗ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ପୂର୍ବତନ ସରପଞ୍ଚ ସଂଗ୍ରାମ ମନ୍ତ୍ରୀ, ତପନ ସାମନ୍ତରାୟ, ସରପଞ୍ଚ ସରୋଜ ସେଠୀଙ୍କ ସମେତ ଆଗଧାଡ଼ିର କର୍ମୀ, ପାରାଦୀପ ପୌରାଞ୍ଚଳର ୭ ଜଣ କାଉନ୍‌ସିଲର ଓ ଅନେକ କର୍ମୀ ଖୋଲାଖୋଲି ସମ୍ବିତଙ୍କ ବିରୋଧରେ ବିଷୋଦଗାର୍ କରିଛନ୍ତି। ସ୍ୱର୍ଗତ ଦାମୋଦର ରାଉତ ୪୦ ବର୍ଷ ଧରି କ୍ଷମତା ଉପଭୋଗ କଲେଣି। ୨୦୧୯ରେ ଦାମୋଦର ବିଜେଡି ଛାଡି ଭାଜପା ପ୍ରାର୍ଥୀ ହୋଇଥିଲେ। ପୁଅ ସମ୍ବିତ ପାରାଦୀପ ବିଜେଡି ପ୍ରାର୍ଥୀ ହେଲେ। ଏବେ ବୋହୂ କିମ୍ବା ଝିଅ ପ୍ରାର୍ଥୀ ହେବାପାଇଁ ଆଗୁଆ ଘୋଷଣା କରି ସାରିଲେଣି। ଗତ ୩ ଦିନ ତଳେ କୁଜଙ୍ଗ ମୁକ୍ତେଶ୍ୱର ମନ୍ଦିର ପରିସରରେ କର୍ମୀ ଓ ଖବରଦାତାଙ୍କ ଆଗରେ ସମ୍ବିତ ଭାବନାତ୍ମକ ଅନୁକମ୍ପା ସୃଷ୍ଟି କରିଥିଲେ ଏବଂ ଆମକୁ ନିନ୍ଦୁକ କହିଥିଲେ ବୋଲି ସ୍ମୃତିରଞ୍ଜନ କ୍ଷୋଭର ସହ ପ୍ରକାଶ କରିଛନ୍ତି। ବିଧାୟକ କାହାର କ୍ଷତି କରିନାହାନ୍ତି ବୋଲି କହିବା ଘଟଣାରେ ପାରାଦୀପର ପୂର୍ବତନ କାଉନ୍‌ସିଲର ମନୋଜ କୁମାର ବେହେରା ଦଳୀୟ କ୍ଷତି ସମ୍ପର୍କରେ ବ୍ୟାଖ୍ୟା କରିଛନ୍ତି।

ରବିବାର ଯେଉଁମାନେ ଏପରି ବିରୋଧ କରିଥିଲେ, ସେମାନେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସମର୍ଥକ ବୋଲି ଜଣାପଡ଼ିଛି। ଏପରିକି କେତେଜଣ ବସନ୍ତଙ୍କୁ ପ୍ରାର୍ଥୀ କରାଯାଉ କିମ୍ବା ଅନ୍ୟ କାହାକୁ ମୁଖ୍ୟମନ୍ତ୍ରୀ ଟିକେଟ ଦିଅନ୍ତୁ ବୋଲି କହିଥିଲେ। ଏ ସମ୍ପର୍କରେ ବିଧାୟକ ରାଉତରାୟଙ୍କୁ ପଚାରିବାରେ କହିଛନ୍ତି, ଗଣତନ୍ତ୍ରରେ ସମସ୍ତଙ୍କର ବାକ୍ ସ୍ୱାଧୀନତା ଅଛି। ମୁଁ ସବୁ କର୍ମୀଙ୍କର ଗ୍ରହଣୀୟ ହେବି ବୋଲି କିଛି ମାନେ ନାହିଁ। ପ୍ରାର୍ଥୀ କିଏ ହେବ ତାହା ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ।



ପାରାଦୀପ ମଧୁବନ ଶ୍ରମିକ ଭବନଠାରେ ରବିବାର ବିଧାୟକ ସମ୍ବିତ ରାଉତରାୟଙ୍କ ବିରୋଧରେ ହୋଇଥିବା ଦଳୀୟ ନେତା ଓ କର୍ମୀଙ୍କ ମେଳି।

## ଅମିତଙ୍କୁ ଖଣ୍ଡପଡ଼ା ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଲା ବିଜେଡି


ଅମିତ ମଲ୍ଲିକ

**ଭୁବନେଶ୍ୱର,୭।୪(ସୁନିତ୍ ମିଶ୍ର):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ ଜିଲା ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ଅମିତ ମଲ୍ଲିକଙ୍କୁ ଦଳ ଖଣ୍ଡପଡ଼ା ଆସନର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଛି। ଏହି ନିର୍ବାଚନମଣ୍ଡଳୀ ପାଇଁ ଏପର୍ଯ୍ୟନ୍ତ ଦଳ ପ୍ରାର୍ଥୀ ଘୋଷଣା କରିନାହିଁ। ତେଣୁ ଦଳ ପକ୍ଷରୁ ଏହି ଆସନରେ ଭଲ ପ୍ରାର୍ଥୀ ଚୟନ ସମ୍ବନ୍ଧିତ ରିପୋର୍ଟ ସଂଗ୍ରହ ଏବଂ ଅନ୍ୟାନ୍ୟ ସାଙ୍ଗଠନିକ କାର୍ଯ୍ୟକ୍ରମ ଲାଗି ଦଳ ଅମିତଙ୍କୁ ଦାୟିତ୍ୱ ଦେଇଥିବା ଜଣାପଡ଼ିଛି।

## ୪ ଜଣଙ୍କୁ ବିଜେଡିର ରାଜ୍ୟ ସମ୍ପାଦକ ଦାୟିତ୍ୱ

**ଭୁବନେଶ୍ୱର,୭।୪(ସୁନିତ୍ ମିଶ୍ର):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୪ ଜଣଙ୍କୁ ଦଳରେ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ କରିଛନ୍ତି। ଏନେଇ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଶଶିଭୂଷଣ ମହାନ୍ତି, ମିଟୁ ଦାଶ, ରଞ୍ଜନ କୁମାର ପୋଲାଇ ଏବଂ ଲକ୍ଷ୍ମଣ କୁମାର ମେହେରଙ୍କୁ ଦଳ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ କରିଛି।

## କଂଗ୍ରେସ ନେତା ପ୍ରଫୁଲ୍ଲ ସୁନ୍ୟାନୀଙ୍କ ଇସ୍ତଫା

**ରାଉରକେଲା,୭।୪(ସଙ୍ଗୀତା ଜେନା)** କଂଗ୍ରେସ ନେତା ପ୍ରଫୁଲ୍ଲ ସୁନ୍ୟାନୀ ରବିବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ପିସିସି ସଭାପତିଙ୍କୁ ଇସ୍ତଫାପତ୍ର ପଠାଇଛନ୍ତି। ୨୦୦୯ରେ ରଘୁନାଥପାଲୀ ନିର୍ବାଚନମଣ୍ଡଳୀରୁ କଂଗ୍ରେସର ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିଥିବା ସୁନ୍ୟାନୀ ୩ ଦଶକରୁ ଦଳରେ ସକ୍ରିୟ ଥିଲେ। ଉକ୍ତ ଚିଠିରେ ସେ ବ୍ୟକ୍ତିଗତ କାରଣ ଯୋଗୁ ଦଳ ଛାଡିଥିବା କହିଛନ୍ତି। ତେବେ ସେ ସମ୍ଭବତଃ ଅନ୍ୟ ଦଳରେ ଯୋଗ ଦେବାକୁ ଏପରି କରିଥିବା ଚର୍ଚ୍ଚା ହେଉଛି।

## ୫ ଲୋକ ସଭା କ୍ଷେତ୍ରରେ ସଂଯୋଜକ ନିଯୁକ୍ତ କଲା ବିଜେଡି

ଭୁବନେଶ୍ୱର,୭।୪(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ୫ଟି ଲୋକ ସଭା ନିର୍ବାଚନମଣ୍ଡଳୀ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ ଜଣଙ୍କୁ ପ୍ରଦାନ କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର, ଭଦ୍ରକ, କେନ୍ଦ୍ରାପଡ଼ା, କଳାହାଣ୍ଡି ଏବଂ ପୁରୀ ଲୋକ ସଭା କ୍ଷେତ୍ର ଦାୟିତ୍ୱ ୫ ଜଣ ସଂଯୋଜକଙ୍କ ମଧ୍ୟରେ ବାଣ୍ଟିଛନ୍ତି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କୁ ବ୍ରହ୍ମପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଦାୟିତ୍ୱ ପ୍ରଦାନ କରିଛନ୍ତି। ସେହିପରି ଭଦ୍ରକ ଦାୟିତ୍ୱ ରାଜ୍ୟ ସଭା ଏମ୍‌ପି ଦେବାଶିଷ ସାମନ୍ତରାୟ, କେନ୍ଦ୍ରାପଡ଼ାରେ ପ୍ରତାପ ଜେନା, କଳାହାଣ୍ଡିରେ ସୁଜିତ କୁମାର ଏବଂ ପୁରୀ ଲୋକ ସଭା କ୍ଷେତ୍ର ଦାୟିତ୍ୱ ରାଜ୍ୟ ସଭା ଏମ୍‌ପି ଶୁଭାଶିଷ ଖୁଣ୍ଟିଆଙ୍କୁ ପ୍ରଦାନ କରାଯାଇଛି। ଏହି ନେତାମାନେ ଉକ୍ତ ଲୋକ ସଭା ନିର୍ବାଚନମଣ୍ଡଳୀ ଦାୟିତ୍ୱ ନେବେ। ଆଗକୁ ହେବାକୁ ଥିବା ନିର୍ବାଚନରେ ଦଳ କିପରି ଏହି ୫ ଆସନରେ ଭଲ ପ୍ରଦର୍ଶନ କରିବ ସେନେଇ ଏହି ନେତାମାନେ ସଂଯୋଜକ ଭାବେ ନିଯୁକ୍ତ ହୋଇଛନ୍ତି। ବିଜେଡି ସାଧାରଣ ସମ୍ପାଦକ ତଥା ରାଜ୍ୟ ସଭା ଏମ୍‌ପି ମାନସ ମଙ୍ଗରାଜଙ୍କ ଦସ୍ତଖତରେ ରବିବାର ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

# ବିଜେଡି ଘୋଷଣାକୁ ଭାଜପାର ଅପେକ୍ଷା

ରସୁଲପୁର,୭।୪(ରଞ୍ଜିତ ରାଉତ)

## ବରୀ ବିଧାନସଭା ଆସନ

ଯାଜପୁର ଜିଲାର ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୬ଟିରେ ଭାଜପା ପ୍ରାର୍ଥୀ ଘୋଷଣା କରିସାରିଛି। କେବଳ ବରୀ ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଘୋଷଣା ବାକି ରହିଛି। ଏଠି ଦଳ ଜିତିବା ସମ୍ଭାବନା ଥିବା ପ୍ରାର୍ଥିତ୍ୱକୁ ଅପେକ୍ଷା କରିଛି। ବିଜେଡି ଟିକେଟ ବଣ୍ଟନ ପରେ ଦଳରେ ଯେଉଁ ଅସନ୍ତୋଷ ଓ ଗୋଷ୍ଠୀ କନ୍ଦଳ ଉପୁଜିବ ସେଥିରୁ ଦଳ ଫାଇଦା ମାରିବାକୁ ଅପେକ୍ଷା କରି ପ୍ରାର୍ଥୀ ଘୋଷଣା କରିନାହିଁ ବୋଲି ଆଲୋଚନା ହେଉଛି। ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକଙ୍କ ଭାଜପାରେ ସାମିଲ ପରେ ବି ଟିକେଟ ବଣ୍ଟନକୁ ଝୁଲାଇ ରଖିବା ଘଟଣାକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି ରାଜନୈତିକ ସମୀକ୍ଷକ। ଅନ୍ୟପକ୍ଷରେ ଦଳରୁ ଟିକେଟ ନ ମିଳିଲେ ବିଜେଡି ବିଧାୟିକା ସୁନନ୍ଦା ଦାସ ଦଳ ପରିବର୍ତ୍ତନ କରିପାରନ୍ତି। ବିଧାୟିକା ଟିକେଟ ପ୍ରକ୍ରିୟାରୁ ବାଦ୍ ପଡ଼ିଲେ ସେ ଭାଜପାରେ ସାମିଲ ହୋଇ ଦଳରୁ ପ୍ରାର୍ଥୀ ହୋଇପାରନ୍ତି। ଏମିତି କି ଏନେଇ ବିଧାୟିକା ଓ ଭାଜପାର ରାଜ୍ୟ ନେତୃତ୍ୱଙ୍କ ମଧ୍ୟରେ ଭିତିରି ବୁଝାମଣା ହୋଇସାରିଛି ବୋଲି ସାଧାରଣରେ ଆଲୋଚାନ ହେଉଛି।

ଯାଜପୁର ଜିଲାର ୪ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଘୋଷଣା କରିଥିବାବେଳେ ବରୀ, କୋରେଇ ଓ ବଡ଼ଚଣାରେ ପ୍ରାର୍ଥୀ ଘୋଷଣା କରିନାହିଁ। ଏହି ୩ ନିର୍ବାଚନମଣ୍ଡଳୀରେ ଦଳ ପ୍ରାର୍ଥୀ ବଦଳାଇ ନୂଆ ଚେହେରାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ଚିନ୍ତା କରୁଛି। ତେବେ ଜିଲାର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଭାଜପା ପ୍ରମୁଖ ବିରୋଧୀ ଦଳର ଭୂମିକା ନିର୍ବାହ କରୁଛି। ବରୀରେ ଭାଜପା ୨୦୧୯ରେ ପ୍ରାୟ ୪ ହଜାର ଭୋଟରେ ପରାଜିତ ହୋଇଥିଲା। ତେଣୁ ଏଠାରେ ଏଥର ବିଜୟୀ ହେବା ଦଳର ଲକ୍ଷ୍ୟ ରହିଛି। ହେଲେ କଂଗ୍ରେସ ଛାଡ଼ି ଦଳର ମଙ୍ଗୁଆଳ ସାଜିଥିବା ଉମେଶ ଜେନା, ବିଜେଡି ନେତା ଦେବାଶିଷ ନାୟକ, ଯୁବନେତା ବିବେକାନନ୍ଦ ଜେନାଙ୍କ ଉପରେ ଦଳ ଭରସା କରି ପାରୁନାହିଁ। ତେଣୁ ଭାଜପା ଯୋଗ୍ୟ ପ୍ରାର୍ଥୀ ଖୋଜୁଛି, ଯାହାଙ୍କୁ ଟିକେଟ ଦେଲେ ବରୀରେ ଦଳ ସଫଳ ହୋଇପାରିବ। ଚର୍ଚ୍ଚା ଅନୁସାରେ ବିଜେଡି ବରୀରେ ନୂଆ ମୁହଁ ଉପରେ ଭରସା ଜୁଟାଇଲେ ସେଥିରୁ ଫାଇଦା ନେଇ ଭାଜପା ବିଧାୟିକା ସୁନନ୍ଦାଙ୍କୁ ପ୍ରାର୍ଥୀ କରାଇ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ ବୋଲି ଚିନ୍ତା କରୁଛି। ତେବେ ଆଗକୁ ବିଜେଡି ବରୀରେ ଟିକେଟ ବଣ୍ଟନରେ କି ପ୍ରକାର ନିଷ୍ପତ୍ତି ନେଉଛି, ଆଉ ଭାଜପାକୁ କେତେ ଫାଇଦା ମିଳୁଛି ତାହା ଦିନ କେଇଟାରେ ସ୍ପଷ୍ଟ ହୋଇଯିବ ବୋଲି କୁହାଯାଉଛି।



କଟକ ଜିଲା ବାଙ୍କୀ ବିଧାନସଭା ଆସନ ପାଇଁ ଭାଜପାର ଘୋଷିତ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ପରିବର୍ତ୍ତନ କରି ବାଙ୍କୀ ପୁଅ ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କୁ ଟିକେଟ ଦେବା ଦାବିରେ ଭାଜପା ରାଜ୍ୟ କାର୍ଯ୍ୟାଳୟ ଆଗରେ ଦଳୀୟ କର୍ମକର୍ତ୍ତାଙ୍କ ବିକ୍ଷୋଭ।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଗିରଫଦାରି ପ୍ରତିବାଦରେ ଭୁବନେଶ୍ୱର ପିଏମ୍‌ଜିଠାରେ ରବିବାର ଦଳୀୟ କର୍ମକର୍ତ୍ତାମାନେ ଉପବାସ କରିଛନ୍ତି।

# ଶଙ୍ଖ ଛାଡ଼ିଲେ ରାଜେନ୍ଦ୍ର

ଭଦ୍ରକ,୭।୪ (ସନାତନ ରାଉତ)


ରାଜେନ୍ଦ୍ର ପ୍ରସାଦ ଜେନା

ଭଦ୍ରକର ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା ରବିବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନିକଟକୁ ପଠାଇଦେଇଛନ୍ତି। ଭଦ୍ରକ ବ୍ଲକ କୋରକୋରା ପଞ୍ଚାୟତର ରାଜେନ୍ଦ୍ର ବିଜେଡିରେ ଜଣେ ଆଗଧାଡ଼ିର ସଦସ୍ୟ ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଥିଲେ। ଦଳରେ ତାଙ୍କୁ ଅଣଦେଖା କରାଯିବା ସହ ଜିଲାସ୍ତରୀୟ ନେତାମାନେ ମାନସିକ ନିର୍ଯାତନା ଦେଇଥିବା ସେ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି। ଦଳୀୟ କାର୍ଯ୍ୟକ୍ରମରେ ଅଣଦେଖା ସହ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ କମିଟି ଗଠନରେ ତାଙ୍କୁ ସ୍ଥାନ ଦିଆଯାଇ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ୨୦୧୯ ନିର୍ବାଚନରେ ଭଦ୍ରକ ଲୋକ ସଭା ଆସନ ପ୍ରାର୍ଥୀ ହେବା ପାଇଁ ସେ ଆବେଦନ କରିବା ସହ ଆଶାୟୀ ଥିଲେ। ଧାମନଗର ଉପନିର୍ବାଚନରେ ମଧ୍ୟ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ଥିଲେ। ଆସନ୍ତା ନିର୍ବାଚନରେ ଦଳ ତାଙ୍କୁ ଭଦ୍ରକ ଲୋକ ସଭା ଆସନ ଲାଗି ଟିକେଟ ଦେବ ବୋଲି ଆଶାବାଦୀ ଥିଲେ। କିନ୍ତୁ ଦଳୀୟ ଅଣଦେଖା ପାଇଁ ସେ ଇସ୍ତଫା ଦେଇଥିବା ବେଳେ ଆସନ୍ତା ୧୦ଦିନ ଭିତରେ କେଉଁ ଦଳରେ ଯୋଗଦେବେ ନିଷ୍ପତ୍ତି ଜଣାଇବେ ବୋଲି କହିଛନ୍ତି।

## ଭଦ୍ରକ ରାଜନୀତି

# ହାତ ଧରିବେ ଅସିତ୍

ଭଦ୍ରକ,୭।୪ (ସନାତନ ରାଉତ)

ଭଦ୍ରକ ରାଜନୀତିର ଚର୍ଚ୍ଚିତ ଯୁବ ଚେହେରା ଅସିତ ପଟ୍ଟନାୟକ(ବୁଲୁ) କଂଗ୍ରେସରେ ଯୋଗଦେବେ ବୋଲି କହିଛନ୍ତି। ତାରିଖ ସ୍ଥିର ହୋଇ ନ ଥିବା ବେଳେ ଆସନ୍ତା ୧୦ କିମ୍ବା ୧୧ ତାରିଖରେ ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦେବେ ବୋଲି ସେ ସୂଚନା ଦେଇଛନ୍ତି। ଭଦ୍ରକ ବିଧାନସଭା କ୍ଷେତ୍ର ପାଇଁ ସେ ଆଶାୟୀ ଥିବାବେଳେ ବିଜେଡିରୁ ତାଙ୍କୁ ଟିକେଟ ନ ମିଳିବାରୁ ଗତ ବୁଧବାର ରାତିରେ ଦଳରୁ ଇସ୍ତଫା ଦେଇଥିଲେ। ପରେ ୪ ତାରିଖ ରାତିରେ ଭଦ୍ରକ ନରିପୁରସ୍ଥିତ ବାସଭବନରେ ତାଙ୍କ ସମର୍ଥକମାନଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ଖବରଦାତା ସମ୍ମିଳନୀରେ କହିଥିଲେ। ତାଙ୍କ ସମର୍ଥକମାନଙ୍କ ସହ ଆଲୋଚନା ପରେ କଂଗ୍ରେସରେ ଯୋଗଦେବା ନେଇ ନିଷ୍ପତ୍ତି ହୋଇଥିବା କହିଛନ୍ତି।

ତେବେ ଭଦ୍ରକ ବିଧାନସଭା ଆସନ ପାଇଁ ପୂର୍ବରୁ ବିଜେଡି ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ ଏବଂ ଭାଜପା ନବାଗତ ଯୁବନେତା ସୀତାଂଶୁ ଶେଖର ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି। ଅପରପକ୍ଷେ ଅସିତ୍ କଂଗ୍ରେସରେ ସାମିଲ ହେବା ପରେ ଯଦି ଭଦ୍ରକ ବିଧାନସଭାରୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ନ୍ତି, ତେବେ ଏଠାରେ ଦ୍ୱିମୁଖୀ ନୁହେଁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଅସିତ୍‌ଙ୍କ ଇସ୍ତଫା ଓ କଂଗ୍ରେସରେ ମିଶିବା ଚର୍ଚ୍ଚା ଭଦ୍ରକର ରାଜନୀତିକୁ ରୋଚକ କରିଦେଇଛି। ପ୍ରମୁଖ ୩ ଦଳ ମଧ୍ୟରୁ ଦୁଇଟି ଦଳର ପ୍ରାର୍ଥୀ ଘୋଷଣା ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଘୋଷଣାକୁ ଭଦ୍ରକବାସୀ ଅପେକ୍ଷା କରିଛନ୍ତି। ଗତ ନିର୍ବାଚନରେ କଂଗ୍ରେସର ଗୋଷ୍ଠୀକନ୍ଦଳ ଯୋଗୁ ଭାଜପା ଓ ବିଜେଡି ମଧ୍ୟରେ ଦ୍ୱିମୁଖୀ ଲଢ଼େଇ ହୋଇଥିଲା। ଏକଦା କଂଗ୍ରେସର ଗଡ଼ ଥିବା ଭଦ୍ରକ ଆସନରେ ୨୦୧୯ ନିର୍ବାଚନରେ କଂଗ୍ରେସ ତୃତୀୟ ସ୍ଥାନକୁ ଖସି ଆସିଥିଲା। ଆଗାମୀ ନିର୍ବାଚନରେ ଅସିତ୍ ଯଦି କଂଗ୍ରେସରେ ପ୍ରାର୍ଥୀ ହୁଅନ୍ତି କଂଗ୍ରେସ ଭୋଟ ସହ ବିଜେଡିରେ ଥିବା ତାଙ୍କ ସମର୍ଥକମାନଙ୍କ ଭୋଟ ହାତେଇନେବେ ବୋଲି ଚର୍ଚ୍ଚା ହେଉଛି। ଅସିତ୍‌ଙ୍କ ବାପା ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ ଓଡ଼ିଶା ରାଜନୀତିରେ ଜଣେ ଜଣାଶୁଣା ଚେହେରା। ଏବେ ସେ ରାଜନୀତିରୁ ଦୂରେଇ ଯାଇଥିଲେ ମଧ୍ୟ ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରତି ପଞ୍ଚାୟତ ଏବଂ ୱାର୍ଡରେ ତାଙ୍କର ନିଜସ୍ୱ ଭୋଟ ରହିଛି। ତେଣୁ ଅସିତ୍‌ଙ୍କ ନେତୃତ୍ୱ ବିଜେଡି ପାଇଁ ଅଡୁଆ ସୃଷ୍ଟି କରିପାରେ। ଅପରପକ୍ଷେ ଅସିତ୍‌ଙ୍କ ସହଯୋଗରେ ଗତ ପୌର ନିର୍ବାଚନରେ ସ୍ୱାଧୀନ ଭାବେ ବିଜୟୀ ହୋଇଥିବା ସଂଖ୍ୟାଲଘୁ ନେତ୍ରୀ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ ଓ ତାଙ୍କ ପ୍ରତିନିଧି ଯୁବନେତା ଜାହିଦ ହବିବ ନିକଟରେ ଅସିତ୍‌ଙ୍କ ହାତ ଛାଡ଼ି ଦେଇଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲଙ୍କ ସହ ପୌରାଧ୍ୟକ୍ଷାଙ୍କ ଭେଟଘାଟ୍ ପରେ ସେ ବିଜେଡିକୁ ଫେରିବା ନେଇ ଚର୍ଚ୍ଚା ହେଉଛି।

# ଖୁବ୍‌ଶୀଘ୍ର ଭାଜପାରେ ମିଶିପାରନ୍ତି ଲଲାଟେନ୍ଦୁ

ଜଗତ୍‌ସିଂହପୁର, ୭।୪
(ପ୍ରମୋଦ କୁମାର ନାୟକ)


ଲଲାଟେନ୍ଦୁ ମହାପାତ୍ର

## ବାଲିକୁଦା-ଏରସମା ବିଧାନସଭା ଆସନ

ଏକଦା ଓଡ଼ିଶା ରାଜନୀତିରେ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ସ୍ୱର୍ଗତ ବାସୁଦେବ ମହାପାତ୍ରଙ୍କ ନାଁ ଥିଲା। ଜଗତ୍‌ସିଂହପୁର ଜିଲାରେ ସେ ବେଶ୍ ଲୋକପ୍ରିୟ ଥିଲେ। ସେ ୩ ଥର ଅର୍ଥାତ୍ ୧୯୭୧, ୧୯୭୪ ଓ ୧୯୮୦ ସାଧାରଣ ନିର୍ବାଚନରେ ତତ୍କାଳୀନ ବାଲିକୁଦା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟକ ହୋଇଥିଲେ। ତାଙ୍କ ପୁଅ ହିସାବରେ ଲଲାଟେନ୍ଦୁ ମହାପାତ୍ର (ଜିତୁ) ୧୯୯୫ରେ ରାଜନୀତିରେ ପାଦ ଥାପି ପ୍ରଥମ ଥର ପାଇଁ ବାଲିକୁଦା ଆସନରେ କଂଗ୍ରେସ ଟିକେଟରୁ ପ୍ରାର୍ଥୀ ହୋଇ ଜିତିଥିଲେ। କିନ୍ତୁ ୨୦୦୦ ସାଧାରଣ ନିର୍ବାଚନରେ ଦଳ ତାଙ୍କୁ ଅଣଦେଖା କରିଥିଲା। ଅର୍ଥାତ୍ ପ୍ରାର୍ଥୀ ନ କରି ତାଙ୍କ ସ୍ଥାନରେ ଜନତା ଦଳ ନେତା ଉମେଶ ସ୍ୱାଇଁଙ୍କୁ କଂଗ୍ରେସରେ ମିଶାଇ ପ୍ରାର୍ଥୀ କରିଥିଲା। ଏହାଦ୍ୱାରା ଜିତୁଙ୍କ ରାଜନୈତିକ କ୍ୟାରିୟରରେ ବାଧା ସୃଷ୍ଟି ହୋଇଥିଲା। ତଥାପି ସେ ଦଳ ନ ଛାଡ଼ି ନିରବଚ୍ଛିନ୍ନ ଭାବେ ସଙ୍ଗଠନ ପାଇଁ କାମ କରି ଚାଲିଥିଲେ। ୧୪ ବର୍ଷ ପରେ ଅର୍ଥାତ୍ ୨୦୧୪ରେ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କଲା ଏବଂ ବାଲିକୁଦା-ଏରସମା ବିଧାନସଭା ଆସନ ପାଇଁ ଦଳୀୟ ଟିକେଟ ଦେଲା। କିନ୍ତୁ ସେ ଜିତିପାରି ନ ଥିଲେ। ତା'ପର ନିର୍ବାଚନ ଅର୍ଥାତ୍ ୨୦୧୯ରେ ଏହି ଆସନରେ ଦଳ ପୁଣିଥରେ ତାଙ୍କୁ ପ୍ରାର୍ଥୀ କରିଥିଲେ ସୁଦ୍ଧା ଅନୁରୂପ ଭାବେ ଜିତୁ ପରାଜିତ ହୋଇଥିଲେ। କିନ୍ତୁ ୨୦୨୪ ସାଧାରଣ ନିର୍ବାଚନରେ ସେ କଂଗ୍ରେସରୁ ପ୍ରାର୍ଥୀ ହେବେ ନାହିଁ ବୋଲି ସ୍ୱତନ୍ତ୍ର ଭାବେ ଧରିତ୍ରୀକୁ କହିଥିଲେ। କଂଗ୍ରେସ ଛାଡ଼ିବା ନିଷ୍ପତ୍ତି ଉପରେ ସେ କହିଥିଲେ, ଏହି ଦଳରୁ ପ୍ରାର୍ଥୀ ହେବା ପାଇଁ ଅର୍ଥ ବାଧକ ସାଜିଛି। ତେଣୁ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏବେ ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜିତୁ ଆପାତତଃ ସୋମବାର କଂଗ୍ରେସ ଛାଡ଼ିପାରନ୍ତି। କେବଳ ଏତିକି ନୁହେଁ, ଖୁବଶୀଘ୍ର ଅର୍ଥାତ୍ ଦିନେ ଦୁଇଦିନ ଭିତରେ ଭାଜପାରେ ମିଶି ପ୍ରାର୍ଥୀ ହୋଇପାରନ୍ତି। ଏହାହେଲେ ବାଲିକୁଦା-ଏରସମା ବିଧାନସଭା ଆସନରେ ରାଜନୈତିକ ସମୀକରଣ ବଦଳିବା ସମ୍ଭାବନା ଅଛି। କାରଣ ଜିତୁଙ୍କ ଭୋଟ ବ୍ୟାଙ୍କ ଭାଜପାକୁ ସହାୟକ ହେବ ବୋଲି ଆଶା କରାଯାଉଛି। ୨୦୧୪ ନିର୍ବାଚନରେ ଜିତୁ ୩୯,୯୮୧ ଓ ୨୦୧୯ରେ ୪୯,୨୩୧ ଖଣ୍ଡ ଭୋଟ ପାଇଥିଲେ। ବଡ କଥା ହେଲା, କଂଗ୍ରେସର ଦୁର୍ବଳ ସମୟରେ ସେ ଏତେ ଭୋଟ ପାଇବା ଭାଜପା ନେତୃତ୍ୱଙ୍କୁ ଆକର୍ଷିତ କରିଥିବା ଚର୍ଚ୍ଚା ହେଉଛି। ୨୦୧୯ ନିର୍ବାଚନରେ ସେତେବେଳର ଭାଜପା ପ୍ରାର୍ଥୀ ସ୍ୱର୍ଗତ ଡ. ଦାମୋଦର ରାଉତଙ୍କୁ ମାତ୍ର ୩୭,୬୧୧ ଖଣ୍ଡ ଭୋଟ ମିଳିଥିବାବେଳେ ଜିତୁଙ୍କୁ ତାଙ୍କଠାରୁ ଯଥେଷ୍ଟ ଅଧିକ ଭୋଟ ମିଳିଥିଲା। ଏହିସବୁ ଦୃଷ୍ଟିରୁ ଜିତୁଙ୍କୁ ଭାଜପା ଦଳରେ ମିଶାଇବା ପାଇଁ ଚିନ୍ତା କରୁଥିବା କୁହାଯାଉଛି। ଅନ୍ୟପଟେ ଜିତୁ ଯେଉଁ ଅର୍ଥାଭାବକୁ ନେଇ ଚିନ୍ତା କରୁଛନ୍ତି ଭାଜପାରେ ମିଶିଲା ପରେ ତାହା ରହିବ ନାହିଁ ବୋଲି କୁହାଯାଉଛି।

# ଆକୃଷ୍ଟ କରୁଛି ଆକର୍ଷଣୀୟ ଅଫର

■୪୫ଦିନରେ ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ
■କାରବାର ଉତ୍ସାହଜନକ




ଭୁବନେଶ୍ୱର,୭।୪ (ଅଭୟ ଦାଶ)

ସନ୍ଧ୍ୟା ହେଲେ ସହରବାସୀ ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ 'ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ'ରେ ଭିଡ଼ ଜମାଉଛନ୍ତି। କାରଣ ଗୋଟିଏ ପଟରେ ସାରା ଦେଶର ଭଳିକି ଭଳି ହ୍ୟାଣ୍ଡଲୁମ୍ ପୋଷାକ ସାଙ୍ଗକୁ ହାଣ୍ଡିକ୍ରାଫ୍ଟ ସାମଗ୍ରୀ ସୁଲଭ ମୂଲ୍ୟରେ ପାଉଥିବାବେଳେ ଅପରପକ୍ଷରେ ଓଡ଼ିଶାର ବୟନିକା ଷ୍ଟଲ୍ ପକ୍ଷରୁ ଆକର୍ଷଣୀୟ ୧୦+୨୦%ର ସ୍ୱତନ୍ତ୍ର ରିହାତି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି।ଏପରିକି ମେଳା (ପ୍ରଦର୍ଶନୀ) ବୁଲା ସାଙ୍ଗକୁ ମନଲାଖି ପୋଷାକ କିଣିବା ପାଇଁ ଉଭୟ ଆୟୋଜକ ଓ ଷ୍ଟଲ୍‌ଗୁଡିକ ପକ୍ଷରୁ ଆକର୍ଷଣୀୟ ଅଫର ମଧ୍ୟ ପ୍ରଦାନ କରାଯାଉଛି। ସେହିଭଳି ୨୦୨୪ ଫେବୃଆରୀ ୨୩ରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ୪୫ ଦିନରେ ପାଦ ଥାପିଛି। ବିଶେଷ କରି ଗ୍ରାହକଙ୍କ ଚାହିଦା ଓ ବଜାର(ପ୍ରଦର୍ଶନୀ)ର ଆବଶ୍ୟକତାକୁ ଆଖି ଆଗରେ ରଖି ବ୍ୟବସାୟୀ ଓ ବୁଣାକାର ସମିତିଗୁଡ଼ିକ ପକ୍ଷରୁ ଭଳିକି ଭଳି ପୋଷାକ ଓ ବିଭିନ୍ନ ରାଜ୍ୟର ଲୋକପ୍ରିୟ ତଥା ପ୍ରସିଦ୍ଧ ବସ୍ତ୍ରଗୁଡ଼ିକର କାରବାର ବେଶ୍ ଉତ୍ସାହଜନକ ରହିଛି ବୋଲି ଆୟୋଜକ ଓ ବ୍ୟବସାୟୀମାନେ ମଧ୍ୟ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଅପରପକ୍ଷରେ ଭୁବନେଶ୍ୱରର ପାଣିପାଗ ଯୋଗୁ ସନ୍ଧ୍ୟା ସମୟରେ ପ୍ରଦର୍ଶନୀରେ ଭିଡ଼ ବଢୁଛି, ଫଳରେ କାରବାର ମଧ୍ୟ ଆଶାଠାରୁ ଅଧିକ ହେଉଥିବାରୁ ପ୍ରଦର୍ଶନୀର ଅବଧି ୨୦୨୪ ମେ ୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀର ଆୟୋଜକ କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆଠାରେ ଜାରି ରହିଥିବା ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ ପ୍ରତ୍ୟହ ଦିବା ୧୧ ଘଟିକାରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ ଜାରି ରହିଛି। ଉଲ୍ଲେଖଯୋଗ୍ୟ, ହରିୟାଣାର କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ଆୟୋଜିତ 'ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ୍ଟ ପ୍ରଦର୍ଶନୀ'ରେ ଓଡ଼ିଶାର ବୟନିକା ସମେତ ପଶ୍ଚିମବଙ୍ଗ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା, ବିହାର, ପୁଡୁଚେରୀ, ଆସାମ, କର୍ଣାଟକ, ରାଜସ୍ଥାନ, ଉତ୍ତରାଖଣ୍ଡ, ଗୁଜରାଟ, ତାମିଲନାଡୁ ଏବଂ ଜମ୍ମୁ ଆଣ୍ଡ କଶ୍ମୀର ଭଳି ରାଜ୍ୟର ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ ବ୍ୟବସାୟୀମାନେ ମୋଟ ୭୫ଟି ଷ୍ଟଲ ଜରିଆରେ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଓ ବିକ୍ରି କରୁଥିବା କାମଧେନୁ ଖଦି ଉଲ୍ ପାନିପଥର ସମ୍ପାଦକ ରାଜେନ୍ଦ୍ର ଚୌଧୁରୀ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି।

## ମେଗା ସପିଙ୍ଗ ବଜାର ଉଦ୍‌ଘାଟିତ

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରର ଶହୀଦ ନଗର ଦୁର୍ଗାପୂଜା ପଡ଼ିଆଠାରେ ମେଗା ସପିଙ୍ଗ ବଜାର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପୂଜା ସମିତି(କମିଟି)ର ସଭାପତି ହେମନ୍ତ କୁମାର ପରିଡ଼ା ଏବଂ ସମ୍ପାଦକ ସଚ୍ଚିଦାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂଜା ସମିତି ସଦସ୍ୟ ଓ ବ୍ୟବସାୟୀମାନେ ଉପସ୍ଥିତ ଥିଲେ। ବିଶେଷ କରି ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ(ବଜାର) ଚଳିତ ମାସ ଶେଷ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ଉକ୍ତ ମେଳା(ବଜାର)ରେ ୨୦ଟି ରାଜ୍ୟର କୁଶଳୀ କାରିଗରମାନେ ସେମାନଙ୍କ ହାତତିଆରି ତଥା ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସାମଗ୍ରୀର ବ୍ୟାପକ ସମ୍ଭାର ସାଙ୍ଗକୁ ଖାଉଟି ଦ୍ରବ୍ୟ ଓ ଘରକରଣା ଜିନିଷ ଇତ୍ୟାଦି ଉଭୟ ପ୍ରଦର୍ଶନୀ ଓ ବିକ୍ରୟ ପାଇଁ ଆଣିଛନ୍ତି। ଅପରପକ୍ଷରେ ସାହରଙ୍ଗପୁର ଫର୍ନିଚର,ପଞ୍ଜାବର ଫୁଲକାରୀ ଡ୍ରେସ, ରାଜସ୍ଥାନୀ ପୋଷାକ ସମ୍ଭାର, ପାନିପଥ ବେଡଶିଟ, ଓଡ଼ିଶାର ହସ୍ତତନ୍ତ ଓ ହାଣ୍ଡିକ୍ରାଫ୍ଟ ଉତ୍ପାଦଗୁଡିକ ମଧ୍ୟ ଉପଲବ୍ଧ। ସେହିପରି ଉକ୍ତ ମେଳାରେ ହସ୍ତତନ୍ତ, ଟେରାକୋଟା, ସୂକ୍ଷ୍ମ କାରୁକାର୍ଯ୍ୟ ଜୁଏଲେରି, କସମେଟିକ, ବିଭିନ୍ନ ରାଜ୍ୟର



ପୋଷାକ ଓ ହାଣ୍ଡିକ୍ରାଫ୍ଟ ସାମଗ୍ରୀ ଆଦି ସୁଲଭ ମୂଲ୍ୟରେ ଗ୍ରାହକମାନେ ପାଇପାରିବେ।

## ଏସ୍‌ବିଆଇର ସଚେତନତା ଅଭିଯାନ



ଭୁବନେଶ୍ୱର,୭।୪

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ଏସ୍‌ବିଆଇ)ର ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ଏକ ସଚେତନତା ଅଭିଯାନର ଆୟୋଜନ କରାଯାଇଥିଲା। ବିଶେଷକରି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଏସ୍‌ବିଆଇ ପକ୍ଷରୁ ଏହି ସଚେତନତା ଅଭିଯାନ ରବିବାର ବ୍ୟାଙ୍କର ସମସ୍ତ ଶାଖାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇର ଆଞ୍ଚଳିକ କାର୍ଯ୍ୟାଳୟ (ଓଡ଼ିଶା ପ୍ରଧାନ କାର୍ଯ୍ୟାଳୟ) ଭୁବନେଶ୍ୱରଠାରେ ଏକ ଯୁମ୍ବା ଓ ଯୋଗ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀଙ୍କ ତତ୍ତ୍ୱାବଧାନରେ ଉପରୋକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ପୃଥୀ ବ୍ୟାଙ୍କର ସମସ୍ତ କର୍ମଚାରୀଙ୍କୁ ନିଜ ନିଜର ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଏପରିକି ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ବିଭିନ୍ନ ପ୍ରକାର ବ୍ୟାୟାମ ଅଭ୍ୟାସ ମଧ୍ୟ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୫୦ଜଣ କର୍ମଚାରୀଙ୍କ ସମେତ ବହୁ ଉଚ୍ଚ ଅଧିକାରୀ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମଟିକୁ ଏସବିଆଇର ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂହ ପରିଚାଳନା କରିଥିଲେ।

## ୧.୫ ନିୟୁତ ଲୋକଙ୍କୁ ସୁଲଭ ସ୍ୱାସ୍ଥ୍ୟ ସେବା

ଭୁବନେଶ୍ୱର,୭।୪

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀତଥାହ୍ୟୁଣ୍ଡାଇମୋଟରଇଣ୍ଡିଆ ଲିମିଟେଡ୍(ଏଚ୍‌ଏମ୍‌ଆଇଏଲ୍)ର ସାମାଜିକ ପ୍ରତିଷ୍ଠାନ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେଶନ (ଏଚ୍‌ଏମ୍‌ଆଇଏଫ୍) ଦ୍ୱାରା ସାମାଜିକ କଲ୍ୟାଣ ଏବଂ ମାନବିକତା ମୂଲ୍ୟବୋଧର ପ୍ରତିଶ୍ରୁତିବଦ୍ଧ ଅନ୍ତର୍ଗତ 'ସ୍ୱର୍ଣସଞ୍ଜୀବନୀ' ପ୍ରୟାସ ଜାରିରହିଛି। ୨୦୨୧ରେ ଆରମ୍ଭ ହୋଇଥିବା ଏହି ପ୍ରୟାସ ଭାରତର ୭ଟି ରାଜ୍ୟର ଗ୍ରାମାଞ୍ଚଳରେ ୧.୫ ନିୟୁତରୁ ଅଧିକ ଲୋକଙ୍କୁ ସୁଲଭ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇପାରିଛି।

ସେହିଭଳି ଉକ୍ତ ସେବା ହରିୟାଣା, ରାଜସ୍ଥାନ, ଉତ୍ତରପ୍ରଦେଶ, ଗୁଜରାଟ ଓ ଓଡ଼ିଶା ସମେତ ଭାରତର ୭ଟି ରାଜ୍ୟରେ ୩୫ଟି ଟେଲି ମେଡିସିନ କ୍ଲିନିକ ଏବଂ ମୋବାଇଲ ମେଡିକାଲ ୟୁନିଟ୍ ସହିତ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ପାଇଁ ସହଜ, ସୁଲଭ ତଥା ନିର୍ଭରଯୋଗ୍ୟ ସୁବିଧା ପ୍ରଦାନ କରିଥାଏ।

ଏ ସମ୍ପର୍କରେ ଏଚ୍‌ଏମ୍‌ଆଇଏଲ୍‌ର ଏଭିପି ଆଣ୍ଡ ଭର୍ଟିକାଲ ହେଡ୍ (କର୍ପୋରେଟ ଆଫେୟାର୍ସ) ପୁନିତ ଆନନ୍ଦ କହିଥିଲେ, ସାମାଜିକ ଗୋଷ୍ଠୀଙ୍କର କଲ୍ୟାଣ ତଥା ସ୍ୱାସ୍ଥ୍ୟସେବା ସୁବିଧା ପାଇଁ ଆମର ପ୍ରତିବଦ୍ଧତା ସହିତ ଭାରତର ଗ୍ରାମାଞ୍ଚଳରେ ବଞ୍ଚିତ ଗୋଷ୍ଠୀଙ୍କ ପାଇଁ ସହଜ ତଥା ସୁବିଧାଜନକ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଆମେ ଲକ୍ଷ୍ୟ ରଖିଛୁ। ଏପରିକି ଏହି ସେବାଗୁଡିକ ବିସ୍ତାର କରି ଆମେ ମୌଳିକ ସ୍ୱାସ୍ଥ୍ୟସେବା ଅଭାବ ଭୋଗୁଥିବା ଲୋକଙ୍କ ଜୀବନରେ ଏକ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଛୁ। ସେହିପରି ଏଚ୍‌ଏମ୍‌ଆଇଏଫ୍ ଏହି ପ୍ରମାଣିତ ମଡେଲକୁ ୭ଟି ଅଧିକ ଅଞ୍ଚଳରେ ୧୫ଟି ଟେଲି ମେଡିସିନ ସେଣ୍ଟର ଏବଂ ୧୦ଟି ମୋବାଇଲ ମେଡିକାଲ ୟୁନିଟ ଜମ୍ମୁ-କଶ୍ମୀର, ପଞ୍ଜାବ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, କର୍ଣାଟକ ଏବଂ କେରଳଠାରେ ଆରମ୍ଭ କରିବାକୁ ଯୋଜନା କରିଛି। ଏପରିକି ୧୪ଟି ଅଞ୍ଚଳ, ୫୦ଟି ଟେଲି ମେଡିସିନ କେନ୍ଦ୍ର ଏବଂ ୧୦ଟି ମୋବାଇଲ ମେଡିକାଲ ୟୁନିଟ୍ ମାଧ୍ୟମରେ ଏଚ୍‌ଏମ୍‌ଆଇଏଫ୍ ଅଧିକ ଲୋକ ଏବଂ ଗୋଷ୍ଠୀଙ୍କୁ ଉପକୃତ କରାଇବା ସହିତ ସମସ୍ତଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବାକୁ ସୁନିଶ୍ଚିତ କରିବ।

## ରିୟୁଟୋ ଶିମିଜୁ ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡର ନିର୍ଦ୍ଦେଶକ




ରିୟୁଟୋ ଶିମିଜୁ

ଭୁବନେଶ୍ୱର,୭।୪

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍)ର ନିର୍ଦ୍ଦେଶକ (ବିକ୍ରୟ ଓ ବିପଣନ/ମାର୍କେଟିଂ ଆଣ୍ଡ ସେଲ୍‌ସ) ଭାବେ ରିୟୁଟୋ ଶିମିଜୁ ନିକଟରେ ଯୋଗ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, କମ୍ପାନୀର ପୂର୍ବତନ ନିର୍ଦ୍ଦେଶକ ୟୁଇଚି ମୁରାଟାଙ୍କ ସ୍ଥାନରେ ରିୟୁଟୋ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏପରିକି ମୁରାଟା ହୋଣ୍ଡା ମେକ୍ସିକୋର ସଭାପତି ଭାବେ ବଦଳି ହୋଇଯାଇଛନ୍ତି। ଅପରପକ୍ଷରେ ରିୟୁଟୋ ହୋଣ୍ଡା ସହ ୨୫ ବର୍ଷ ହେବ ଜଡିତ ହୋଇ ରହିଥିଲାବେଳେ ସେ ଜାପାନ, ସ୍ପେନ, ଚାଇନା ଏବଂ ଥାଇଲାଣ୍ଡ ଭଳି ପ୍ରମୁଖ ବଜାରରେ କାର୍ଯ୍ୟ କରିଛନ୍ତି। ସେହିପରି ୨୦୨୧ରୁ ୨୩ ପର୍ଯ୍ୟନ୍ତ କମ୍ପାନୀ (ଏଚ୍‌ସିଆଇଏଲ୍)ର ହୋଣ୍ଡା ଅଟୋମୋବାଇଲ ୟୁନିଟ (ଥାଇଲାଣ୍ଡ)ରେ ମଧ୍ୟ କାର୍ଯ୍ୟ କରିଛନ୍ତି।

## ସଫଳତାର ସହ ସୁରକ୍ଷା ମାସ ସମାପନ




ଭୁବନେଶ୍ୱର,୭।୪

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ସମସ୍ତ କାର୍ଯ୍ୟ ପରିସରରେ ଆୟୋଜିତ ଜାତୀୟ ସୁରକ୍ଷା ମାସ ଅଭିଯାନ-୨୦୨୪କୁ କମ୍ପାନୀ ସଫଳତାର ସହ ଶେଷ କରିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରଠାରେ ଆୟୋଜିତ ସମାପନୀ(ଉଦ୍‌ଯାପନୀ) ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଜାତୀୟ ସୁରକ୍ଷା ଦିବସ ଏବଂ ସୁରକ୍ଷା ମାସ ଅଭିଯାନ-୨୦୨୪ ଲାଇନମ୍ୟାନ ଦିବସ ଏବଂ ୫୩ତମ ଜାତୀୟ ନିରାପତ୍ତା ଦିବସ ୨୦୨୪ ମାର୍ଚ୍ଚ ୪ରେ ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ଟିପିସିଓଡିଏଲ୍‌ର ୫ଟି ସର୍କଲ ମଧ୍ୟରେ ଜାତୀୟ ସୁରକ୍ଷା ଦିବସ ସମ୍ପର୍କିତ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଯଥା ପତାକା ଉତ୍ତୋଳନ, ସୁରକ୍ଷା ପାଇଁ ଶପଥ ପାଠ, ସୁରକ୍ଷା ବିରତି, ବିଭାଗ-ଡିଭିଜନ୍ ମ୍ୟାନେଜର ଏବଂ ବିଶିଷ୍ଟ ପରାମର୍ଶଦାତା-ଅତିଥିଙ୍କ ଦ୍ୱାରା ଅଭିଭାଷଣ ଏବଂ ଲାଇନମ୍ୟାନଙ୍କ ଦ୍ୱାରା ଅଭିଜ୍ଞତା ବାଣ୍ଟିବା ଭଳି ଅଧିବେଶନ ଆଦିର ଆୟୋଜନ କରାଯାଇଥିଲା। ମାସ ସାରା ଟିପିସିଓଡିଏଲ ଦ୍ୱାରା ଦୁର୍ଘଟଣା ରୋକିବା ଏବଂ ଜୀବନ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହା ବ୍ୟତୀତ କମ୍ପାନୀ ଦୈନିକ ଅନଲାଇନ୍ ମାଧ୍ୟମରେ ଉଭୟ ଟିପିସିଓଡିଏଲ୍ ଏବଂ ବିଜ୍‌ନେସ ଆସୋସିଏଟ୍ (ବିଏ) କର୍ମଚାରୀ ଏବଂ ସେମାନଙ୍କ ପରିବାର ପାଇଁ ସୁରକ୍ଷା କୁଇଜ୍, ସୁରକ୍ଷା ପୋଷ୍ଟର, ସୁରକ୍ଷା ସ୍ଲୋଗାନ ଭଳି ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରିଥିଲା। ଟିପିସିଓଡିଏଲର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି, ଜାତୀୟ ସୁରକ୍ଷା ମାସ ଅଭିଯାନ-୨୦୨୪ର ସଫଳ ସମାପନ ଏବଂ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ଦିଗରେ ଆମ କର୍ମଚାରୀଙ୍କ ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ ହୋଇଥିଲାବେଳେ ସୁରକ୍ଷା ପଦକ୍ଷେପକୁ ଗ୍ରହଣ କରିବାରେ ସେମାନଙ୍କ ଉତ୍ସାହ ଏବଂ ସମର୍ପଣ ବେଶ୍ ପ୍ରଶଂସନୀୟ। ସମାପନୀ ସମାରୋହରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତା ଓ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଶେଷ କରି ସୁରକ୍ଷା ଓ ବୃତ୍ତିଗତ ସ୍ୱାସ୍ଥ୍ୟ ସଚେତନତାକୁ ପ୍ରୋତ୍ସାହିତ କରିବା ଦିଗରେ କରାଯାଇଥିବା ପ୍ରୟାସକୁ ସ୍ୱୀକୃତି ଓ ଉତ୍ସାହିତ କରାଯାଇଥିଲା।

**ରାଜ୍ୟ**




ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ୩୦ ଫୁଟ ତଳକୁ ଖସିଲା ପିକ୍‌ଅପ୍ ଭ୍ୟାନ୍

**୩ ଆର୍‌ଏମ୍‌ସି କର୍ମଚାରୀ ଗୁରୁତର**

ରୂପ୍‌ସା(ବାଞ୍ଛାନିଧି ଦେ)/ ଜଳେଶ୍ୱର(ରବିନାରାୟଣ ପାତ୍ର)/ ବାଲିଆପାଳ(ଅମୂଲ୍ୟ କୁମାର ଦାସ),୭।୪

ବାଲେଶ୍ୱର ଜିଲା ଅଧୀନ ୬୦ନଂ. ଜାତୀୟ ରାଜପଥର ଅମର୍ଦ୍ଦାରୋଡ୍ ଫାଣ୍ଡି ଅନ୍ତର୍ଗତ ରାଜଘାଟ ଆର୍‌ଏମ୍‌ସି ମୋବାଇଲ୍ ଚେକ୍ ପୋଷ୍ଟ ନିକଟରେ ରବିବାର ଏକ ଦୁର୍ଘଟଣାରେ ୩ ଆର୍‌ଏମ୍‌ସି କର୍ମଚାରୀ ଗୁରୁତର ହୋଇଛନ୍ତି।

ପ୍ରକାଶ ଯେ, ବାଲେଶ୍ୱର ପଟୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଏକ ଜେରକ୍ସ କାଗଜ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଚେକ୍ ପୋଷ୍ଟକୁ ଧକ୍କା ଦେଇ ଜାତୀୟ ରାଜପଥରୁ ୩୦ ଫୁଟ ତଳକୁ ଖସି ପଡ଼ିଥିଲା। ଫଳରେ ଉକ୍ତ ଚେକ୍ ପୋଷ୍ଟଠାରେ ଥିବା ୩ କର୍ମଚାରୀ ଗୋପାଳ ଚନ୍ଦ୍ର ସିଂ, ନିର୍ମଳ ଚନ୍ଦ୍ର ଘୋଷ ଓ ରତ୍ନାକର ମଣ୍ଡଳ ଗୁରୁତର ହୋଇଥିଲେ। ଖବର ପାଇ ବସ୍ତା ଥାନା ପୋଲିସ ଏବଂ ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ ଜଳେଶ୍ୱର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନକୁ ପୋଲିସ ଜବତ କରିଥିବା ବେଳେ ଚାଳକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।



ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍।

## ୮୫୭ ବୋତଲ ବିଦେଶୀ ମଦ ଜବତ, ୨ ଗିରଫ

ବଲାଙ୍ଗୀର, ୭।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଆର୍‌ଟିଓ ଅଫିସ ଛକ ନିକଟରେ ଏକ ଅଟୋରିକ୍ସାରୁ ଟାଉନ୍ ଥାନା ପୋଲିସ ଟିମ୍ ରବିବାର ୮୫୭ବୋତଲ ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ବଲାଙ୍ଗୀର ବିଜାଖମନଠାର ରହୁଥିବା ଝାରଖଣ୍ଡ ଅଞ୍ଚଳର ରାଜକିଶୋର କୁମାର ଗୁପ୍ତା(୪୦) ଓ ସାଗରପଡା ନିବାସୀ ଅଟୋ ଡ୍ରାଇଭର ଜିତେନ୍ଦ୍ର ପ୍ରଧାନ (୩୦)। ବିଜାଖମନ ପଟରୁ ଅଟୋରିକ୍ସା (ସଡି୦୩କ୍ୟୁ୭୯୪୫)ରେ ବିଦେଶୀ ମଦ ଚାଲାଣ ହେଉଥିବା ନେଇ ପୋଲିସକୁ ଖବର ମିଳିଥିଲା। ପୋଲିସ ପାଟ୍ରୋଲିଂ ଟିମ୍ ଆର୍‌ଟିଓ ଅଫିସ ଛକ ନିକଟରେ ଅଟୋରିକ୍ସାକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୮୫୭ ବୋତଲ (୪୨୭.୦୫ ଲିଟର) ବିଦେଶୀ ମଦ ଜବତ ହୋଇଛି। ଏଥିରେ କିଙ୍ଗ୍‌ଫିସର ଏବଂ ଅନ୍ୟାନ୍ୟ ବ୍ରାଣ୍ଡର ମଦ ରହିଛି। ଏନେଇ ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଜବତ ବିଦେଶୀ ମଦର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି।

## ଗଞ୍ଜେଇ ଚାଲାଣବେଳେ ଓଏସିଏଫ୍ କନଷ୍ଟେବଲ ଗିରଫ

ବୌଦ୍ଧ,୭।୪(ଅଜିତ କୁମାର ବାରିକ)

ଗଞ୍ଜେଇ କାରବାରକୁ ନେଇ ବୌଦ୍ଧ ଜିଲା ପୋଲିସ ସବୁବେଳେ ଚର୍ଚ୍ଚାରେ ରହିଆସିଛି । ରବିବାର ଗଞ୍ଜେଇ ଚାଲାଣ କରିବା ସମୟରେ ଜଣେ ଓଏସିଏଫ୍ କନଷ୍ଟେବଲ ବୌଦ୍ଧ ଅବକାରୀ ବିଭାଗ କର୍ମଚାରୀଙ୍କ ଦ୍ୱାରା ଧରାପଡି ଗିରଫ ହୋଇଛନ୍ତି। ଜିଲାରେ ପୂର୍ବରୁ ମଧ୍ୟ ଦୁଇ ପୋଲିସ କର୍ମଚାରୀ ଗଞ୍ଜେଇ କାରବାରରେ ଜଡିତ ଥାଇ ଗିରଫ ହୋଇଛନ୍ତି।

ମିଳିଥିବା ସୂଚନା ମୁତାବକ, ପୋଲିସ, ଅବକାରୀ ଓ ଆଞ୍ଚଳିକ ପରିବହନ କର୍ମଚାରୀଙ୍କ ମିଳିତ ସହଯୋଗରେ ନିର୍ବାଚନ ପାଇଁ ଗାଡ଼ି ମୋଟର ତନଖି ଚାଲିଥିବା ବେଳେ ଏକ କାରରେ ଗଞ୍ଜେଇ ଆସୁଥିବା ଖବର ପାଇ ଅବକାରୀ ବିଭାଗ କର୍ମଚାରୀମାନେ ଦେବଗଡ ରାସ୍ତାର ପଣ୍ଡାଇଠାରେ ଜଗି ରହିଥିଲେ। ଏହି ସମୟରେ ଓଏସିଏଫ୍ କନଷ୍ଟେବଲ ଡିଙ୍ଗର ମାଝି (୩୮) ଏକ କାର୍ (ନଂ.ଓଆର ୦୨ ବି ୱାଇ ୨୦୩୩) ଯୋଗେ ୫୮ କିଲୋ ଗଞ୍ଜେଇ ନେଇ ବ୍ରାହ୍ମଣିପାଲି ପଟରୁ ଦେବଗଡ ରାସ୍ତା ଦେଇ ଲାଣ୍ଡିବନ୍ଧ ଛକ ପଟକୁ ଆସୁଥିବା ବେଳେ ଅବକାରୀ କର୍ମଚାରୀଙ୍କ ହାତରେ ଧରାପଡିଥିଲେ।

ଅବକାରୀ ବିଭାଗ ଗଞ୍ଜେଇ ସହ କାରକୁ ଜବତ କରିଥିବା ବେଳେ ଅଭିଯୁକ୍ତ କନଷ୍ଟେବଲ ଡିଙ୍ଗରଙ୍କୁ ଗିରଫ କରିଥିଲେ। ଅବକାରୀ ବିଭାଗ ପକ୍ଷରୁ ନଂ.୧/୨୪ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ କନଷ୍ଟେବଲଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ସାଗରିକା ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶଥାଉ କି, ପୂର୍ବରୁ ବଘିଆପଡା ଫାଣ୍ଡିର ଜଣେ ଏଏସ୍‌ଆଇ ସରକାରୀ କ୍ୱାର୍ଟର୍ସରେ ଗଞ୍ଜେଇ ରଖିବା ଅଭିଯୋଗରେ ଗିରଫ ହୋଇଥିଲେ । ସେହିପରି ଜଣେ ଓଡିଏଫ୍ କନଷ୍ଟେବଲ ଗଞ୍ଜେଇ କାରବାର ନେଇ ବେପାରୀଙ୍କଠାରୁ ୬ ଲକ୍ଷ ଧରି ଆସୁଥିବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ ।

## ନିୟମଗିରିରେ ମାଓବାଦୀ ବିରୋଧୀ ପୋଷ୍ଟର

**ମାଓବାଦୀଙ୍କୁ ସହଯୋଗ ନ କରିବାକୁ ଉଲ୍ଲେଖ**

ରାୟଗଡ଼ା,୭।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ନିୟମଗିରି ପାହାଡ଼ର ବିଭିନ୍ନ ସ୍ଥାନରେ ମାଓବାଦୀଙ୍କ ବିରୋଧରେ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି । ଉନ୍ନତ ଓ ସମୃଦ୍ଧ ଓଡ଼ିଶା ସଭ୍ୟଙ୍କ ତରଫରୁ ଏହି ମାଓବାଦୀ ବିରୋଧୀ ପୋଷ୍ଟର ଲଗାଯାଇଥିବା ଉଲ୍ଲେଖ ରହିଛି। ମାଓବାଦୀମାନେ ଅଞ୍ଚଳର ବିକାଶରେ ବାଧା ସୃଷ୍ଟି କରୁଛନ୍ତି। ତେଣୁ ସ୍ଥାନୀୟ ଲୋକେ ସେମାନଙ୍କୁ ସାହାଯ୍ୟ ନ କରିବାକୁ ପୋଷ୍ଟରରେ ଲେଖାଯାଇଛି। ଖବରପାଇ କଲ୍ୟାଣସିଂପୁର ପୋଲିସ ଏହି ସବୁ ପୋଷ୍ଟର ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

ଦୀର୍ଘ ଦିନ ପରେ ଓଡ଼ିଶାବାସୀ ମାଓବାଦୀଙ୍କ ପ୍ରକୃତ କାର୍ଯ୍ୟଶୈଳୀ ଜାଣିପାରି ବର୍ତ୍ତମାନ ଆଉ ସେମାନଙ୍କୁ ଗ୍ରହଣ କରୁନାହାନ୍ତି। ଏଭଳିକି ଅନେକ ପଥଭ୍ରଷ୍ଟ ଯୁବତୀ ଯୁବକ ମାଓବାଦୀଙ୍କ ସହିତ କାର୍ଯ୍ୟ କରିବା ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେଲେଣି। ତେବେ ନିଖିଲ ଓ ଇନ୍ଦୁ ଭଳି ଓଡ଼ିଆ କ୍ୟାଡ଼ର ଏବେ ମଧ୍ୟ ମାଓବାଦୀ ସଙ୍ଗଠନରେ ସକ୍ରିୟ ରହିବା ସହ ଠିକାଦାର ଓ ବ୍ୟବସାୟୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଚାନ୍ଦା ଆଦାୟ କରୁଛନ୍ତି। ସେମାନେ ନିଜ ମାଟି ବିରୋଧରେ ଯାଇ ବାହାରୁ ଆସୁଥିବା ଛତିଶଗଡ଼ କ୍ୟାଡ଼ର ମାଓବାଦୀଙ୍କୁ ସାହାଯ୍ୟ କରୁଛନ୍ତି। ନିଖିଲ ଓ ଇନ୍ଦୁଙ୍କୁ ଧରାଇବା ପାଇଁ ସରକାର ୨୦ ଲକ୍ଷ ଟଙ୍କା ଘୋଷଣା କରିଛନ୍ତି। ତେଣୁ ଏହି ରାଜ୍ୟଦ୍ରୋହୀ ନଜରକୁ ଆସିଲେ ଧରାଇବାରେ ସାହାଯ୍ୟ କରନ୍ତୁ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଙ୍କଡ଼ ହାତରେ ଶାଳଗ୍ରାମ
ନଚାଇ ନଚାଇ ନେଲା ପ୍ରାଣ।**

ଅଯୋଗ୍ୟ ବ୍ୟକ୍ତି କୌଣସି କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇ ପାରି ନ ଥାନ୍ତି। ଗୁରୁଦାୟିତ୍ୱ ବହନ କରିବାରେ ଅକ୍ଷମତା ପ୍ରକାଶ କରିଥାନ୍ତି। ଅପାତ୍ରରେ ଦାନ ଦେଲା ଭଳି ଅଯୋଗ୍ୟ ତଥା ଅପାରଗ ବ୍ୟକ୍ତିଙ୍କ ହାତରେ କ୍ଷମତା ଦିଆଗଲେ ହୀନସ୍ତା ଭୋଗିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମାଇଲା ରାବଣ ହରିଲା ସୀତା
ଏଥିପାଇଁ କିଆଁ କାଣ୍ଡ ସାତୁଟା ?**

ସୀତା ମାତାଙ୍କୁ ଲଙ୍କାର ରାବଣ ଛଦ୍ମବେଶରେ ଆସି ହରଣ କରି ନେଇଯାଇଥିବା ପୁରାଣ ପୃଷ୍ଠାରୁ ଜଣାଯାଏ, ଯାହାକି ରାମାୟଣର ସାତଟି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି। ପରୋକ୍ଷରେ କୌଣସି କଥା ବା ଘଟଣାକୁ ଅଧିକ ଲମ୍ବେଇ କିମ୍ବା ବିସ୍ତୃତ ଭାବେ ବର୍ଣ୍ଣନା କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଶିବାଙ୍ଗୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମୁମ୍ବାଇ ଇଣ୍ଡିଆନ୍ସକୁ ବିଜୟ ସ୍ୱାଦ

**ମୁମ୍ବାଇ, ୭।୪**

କ୍ରମାଗତ ୩ ମ୍ୟାଚରେ ପରାଜୟ ପରେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ବିଜୟ ସ୍ୱାଦ ଚାଖିଛି ମୁମ୍ବାଇ ଇଣ୍ଡିଆନ୍ସ। ରବିବାର ଅନୁଷ୍ଠିତ ଡବଲ ହେଡରର ପ୍ରଥମ ମ୍ୟାଚରେ ଏହି ଦଳ ୨୯ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ମୁମ୍ବାଇ ୨୦ ଓଭରରେ ୫ ଉଇକେଟ ହରାଇ ୨୩୪ ରନ କରିଥିବାବେଳେ ଦିଲ୍ଲୀ ୨୦ ଓଭରରେ ୮ ଉଇକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା। ପଏଣ୍ଟ ଖାତା ଖୋଲିବା ସହ ମୁମ୍ବାଇ ଦଳ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇଛି। ୧୦ ବଲ୍‌ରୁ ୩୯ ରନ କରିବା ସହ ଗୋଟିଏ ଉଇକେଟ ନେଇଥିବା ମୁମ୍ବାଇର ରୋମାରିଓ ଶେଫର୍ଡ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।


ପ୍ଲେୟର ଅଫ୍ ଦି ମ୍ୟାଚ ରୋମାରିଓ ଶେଫର୍ଡ।

## ରେକର୍ଡ/ମାଇଲଖୁଣ୍ଟ

ଏହି ମ୍ୟାଚରେ କେତେକ ରେକର୍ଡ ସୃଷ୍ଟି ହୋଇଥିବାବେଳେ କେତେଜଣ ଖେଳାଳି ବ୍ୟକ୍ତିଗତ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ଆଇପିଏଲ୍‌ରେ ୨୦୦ରୁ ଉର୍ଦ୍ଧ୍ୱ ରନକୁ ଡିଫେଣ୍ଡ କରିବାରେ ମୁମ୍ବାଇର ଶତ ପ୍ରତିଶତ ରେକର୍ଡ ଅତୁଟ ରହିଛି। ଏହି ଦଳ ୧୪ ଥରଯାକ ୨୦୦ରୁ ଉର୍ଦ୍ଧ୍ୱ ରନ କରିଥିବା ମ୍ୟାଚକୁ ସଫଳତାର ସହ ଡିଫେଣ୍ଡ କରିଛି। ଆଇପିଏଲ୍‌ରେ ରୋହିତ ଶର୍ମା ୧୦୦ କ୍ୟାଚ ପୂରଣ କରିଛନ୍ତି। ଏହି ତାଲିକାରେ ବିରାଟ କୋହଲି ୧୧୦ କ୍ୟାଚ ନେଇ ଶୀର୍ଷରେ ରହିଥିବାବେଳେ ରୋହିତଙ୍କ କ୍ୟାଚ ସଂଖ୍ୟା ୧୦୦ ସ୍ପର୍ଶ କରିଛି। ଏହାକୁ ମିଶାଇ ୱାଙ୍ଖେଡେରେ ମୁମ୍ବାଇ ବିଜୟରେ ଅର୍ଦ୍ଧଶତକ ପୂରଣ କରିଛି। ସୁପର ଓଭର ବିଜୟକୁ ମିଶାଇ କୌଣସି ଏକ ଭେନ୍ୟୁରେ ଗୋଟିଏ ଦଳ ୫୦ ମ୍ୟାଚ ଜିତିବା ଏହା ପ୍ରଥମ ଦୃଷ୍ଟାନ୍ତ। ଇଡେନ ଗାର୍ଡେନ୍ସରେ କୋଲକାତା ନାଇଟ ରାଇଡର୍ସ ୪୮ଟି ମ୍ୟାଚ ଜିତି ଦ୍ୱିତୀୟ ସ୍ଥାନରେ ରହିଛି। କୌଣସି ଜଣେ ହେଲେ ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ ମଧ୍ୟ ଟି୨୦ କ୍ରିକେଟରେ ଏକ ଦଳ ୨୩୪ ରନ ସଂଗ୍ରହ କରିବା ଏହା ପ୍ରଥମ। ୨୦୧୮ରେ କାଣ୍ଟରବରିଠାରେ କେଣ୍ଟ ବିପକ୍ଷରେ ସମରସେଟ୍ ୨୨୬/୫ ରନକରି ରେକର୍ଡର ଅଧିକାରୀ ଥିଲା। ଯଶପ୍ରୀତ୍ ବୁମ୍‌ରା ଆଇପିଏଲ୍‌ରେ ୧୫୦ ଉଇକେଟ ପୂରଣ କରିଛନ୍ତି। ମୁମ୍ବାଇର ପୂର୍ବତନ ଖେଳାଳି ଲସିଥ ମାଲିଙ୍ଗା ୧୭୦ଟି ଉଇକେଟ ନେଇ ତାଲିକାର ଶୀର୍ଷରେ ରହିଛନ୍ତି।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ଚେନ୍ନାଇ ବନାମ କୋଲକାତା**

ସ୍ଥାନ: ଚେନ୍ନାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଡେଭିଡ-ଶେଫର୍ଡଙ୍କ ଭାଗୀଦାରି ପ୍ରଭେଦ ଆଣିଲା

ମୁମ୍ବାଇ ଓପନିଂ ଯୋଡ଼ିରେ ୮୦ ରନ ଯୋଗକରି ଯଦିଓ ଭଲ ଆରମ୍ଭ କରିଥିଲା ତେବେ ମିଡିଲ ଅର୍ଡରରେ ରନହାର ଧିମେଇ ଯାଇଥିଲା। ମାତ୍ର ଟିମ୍ ଡେଭିଡ ଓ ରୋମାରିଓ ଶେଫର୍ଡଙ୍କ ୬ଷ୍ଠ ଉଇକେଟରେ ମାତ୍ର ୧୩ ବଲ୍‌ରୁ ବିସ୍ଫୋରକ ୫୩ ରନର ଭାଗୀଦାରି ମ୍ୟାଚରେ ପ୍ରଭେଦ ଆଣିଥିଲା। ଡେଭିଡ ୨୧ ବଲ୍‌ରୁ ୪୫ ଓ ଶେଫର୍ଡ ୧୦ ବଲ୍‌ରୁ ୩୯ ରନକରି ଅପରାଜିତ ରହିଥିଲେ। ପୂର୍ବରୁ ରୋହିତ ଶର୍ମା ୨୭ ବଲ୍‌ରୁ ୪୯, ଇଶାନ କିଶନ ୨୩ ବଲ୍‌ରୁ ୪୨ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୩୩ ବଲ୍‌ରୁ ୩୯ ରନ କରିଥିଲେ। ଆହତ ସମସ୍ୟାରୁ ମୁକୁଳି ସୂର୍ଯ୍ୟକୁମାର ଯାଦବ ଏଠାରେ ପ୍ରଥମ ମ୍ୟାଚ ଖେଳିଥିଲେ ହେଁ ଖାତା ଖୋଲି ନ ପାରି ଗୋଲ୍ଡେନ ଡକ୍ (୦)ରେ ଆଉଟ ହୋଇଥିଲେ। ତେବେ ତାଙ୍କ ଉପସ୍ଥିତି ମୁମ୍ବାଇ ପାଇଁ ଶୁଭ ସାବ୍ୟସ୍ତ ହୋଇଥିଲା। ଦିଲ୍ଲୀ ପକ୍ଷରୁ ଅକ୍ଷର ପଟେଲ ଓ ମହଙ୍ଗା ସାବ୍ୟସ୍ତ ହୋଇଥିବା ଏନ୍‌ରିଚ୍ ନର୍ଜେ ୨ଟି ଲେଖାଏ ଏବଂ ଖଲିଲ ଅହମଦ ଗୋଟିଏ ଉଇକେଟ ନେଇଥିଲେ।

ବଡ଼ ସ୍କୋରର ପିଛାକରି ଦିଲ୍ଲୀ କ୍ୟାପିଟାଲ୍ସ ଟପ୍ ଅର୍ଡର ଖେଳାଳିଙ୍କ ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ଯଦିଓ ଚ୍ୟାଲେଞ୍ଜ ଦେଇଥିଲା ତେବେ ମିଡିଲ ଓ ଲୋୟର ଅର୍ଡର ବିଫଳତା ପାଇଁ ବିଜୟଠାରୁ ବହୁ ଦୂରରେ ରହି ଯାଇଥିଲା। ଓପନର ପୃଥ୍ୱୀ ଶ' ୬୬ ରନ କରିଥିବାବେଳେ ଡେଭିଡ ୱାର୍ନର (୧୦) ପୁଣି ଫେଲ୍ ମାରିଥିଲେ। ଅଭିଷେକ ପୋରେଲ ୪୧ ରନକରି ପ୍ୟାଭିଲିୟନ ଫେରିଥିବାବେଳେ ଟ୍ରିଷ୍ଟାନ ଷ୍ଟବ୍ସ ୨୫ ବଲ୍‌ରୁ ୭୧ (୩ ଚୌକା, ୭ ଛକା) ରନକରି ଅପରାଜିତ ରହିଥିଲେ। ଅଧିନାୟକ ରିଷଭ ପନ୍ତ (୧), ଇମ୍ପାକ୍ଟ ଖେଳାଳି କୁମାର କୁଶାଗ୍ର (୦)ଙ୍କ ସମେତ ଅନ୍ୟ କୌଣସି ଶେଷଭାଗ ଖେଳାଳି ଉପଯୋଗୀ ଅବଦାନ ଦେଇ ନ ପାରିବାରୁ ଷ୍ଟବ୍ସଙ୍କ ସାହସିକ ଇନିଂସ ବେକାର ଯାଇଥିଲା। ମୁମ୍ବାଇ ପକ୍ଷରୁ ଗେରାଲ୍ଡ କୋଜି ସର୍ବାଧିକ ୪ଟି, ଯଶପ୍ରୀତ୍ ବୁମ୍‌ରା ୨ଟି ଓ ରୋମାରିଓ ଶେଫର୍ଡ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୨୩୪/୫ (ରୋହିତ ଶର୍ମା-୪୯, ଟିମ୍ ଡେଭିଡ-୪୫*, ଇଶାନ କିଶନ-୪୨, ରୋମାରିଓ ଶେଫର୍ଡ-୩୯*, ହାର୍ଦ୍ଦିକ ପାଣ୍ଡ୍ୟା-୩୯, ଅକ୍ଷର ପଟେଲ-୨/୩୫, ଏନରିଚ୍ ନର୍ଜେ-୨/୬୫, ଖଲିଲ ଅହମଦ-୧/୩୯)। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨୦୫/୮ (ଟ୍ରିଷ୍ଟାନ ଷ୍ଟବ୍ସ-୭୧*, ପୃଥ୍ୱୀ ଶ'-୬୬, ଅଭିଷେକ ପୋରେଲ-୪୧, ଗେରାଲ୍ଡ କୋଜି-୪/୩୪, ଯଶପ୍ରୀତ୍ ବୁମ୍‌ରା-୨/୨୨, ରୋମାରିଓ ଶେଫର୍ଡ-୧/୫୪)।

# ଲକ୍ଷ୍ନୌର ହ୍ୟାଟ୍ରିକ୍ ବିଜୟ

**ଲକ୍ଷ୍ନୌ, ୭।୪**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ରବିବାର ମାର୍କସ୍ ଷ୍ଟୋଇନିସଙ୍କ ଅର୍ଦ୍ଧଶତକ ଓ ଯଶ୍ ଠାକୁରଙ୍କ ୫ ଉଇକେଟ ସଫଳତା ବଳରେ ଗୁଜରାଟ ଟାଇଟନ୍ସକୁ ୩୩ ରନ୍‌ରେ ହରାଇ ହ୍ୟାଟ୍ରିକ୍ ବିଜୟ ହାସଲ କରିଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ଲୋ ସ୍କୋରିଂ ମ୍ୟାଚ୍‌ରେ ଲକ୍ଷ୍ନୌ ୫ ଉଇକେଟରେ ୧୬୩ ରନ୍ ସ୍କୋର କରିଥିଲା। ଜବାବରେ ଗୁଜରାଟ ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ ରନ୍ କରିଥିଲା।

ଟସ୍ ଜିତି ଲକ୍ଷ୍ନୌ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। କ୍ୱିଣ୍ଟନ୍ ଡିକକ୍ (୬) ଓ ଲୋକେଶ ରାହୁଲ(୩୩) ପ୍ରଥମ ଉଇକେଟରେ ୬ ରନ୍ ଯୋଡିଥିଲେ। ଉମେଶ ଯାଦବ ୨ ଉଇକେଟ ନେଇ ପ୍ରାରମ୍ଭିକ ବିପର୍ଯ୍ୟୟ ଘଟାଇଥିଲେ। ଲୋକେଶ ରାହୁଲ ଓ ମାର୍କସ୍ ଷ୍ଟୋଇନିସ(୫୮) ତୃତୀୟ ଉଇକେଟରେ ୭୩ ରନ୍ ଯୋଡିଥିଲେ। ଲକ୍ଷ୍ନୌର ପିଚ୍ ସାମାନ୍ୟ ଧୀମା ରହିଥିବା ବେଳେ ରନ୍ ଗତି ବଢାଇବା ପ୍ରୟାସରେ ୧୩ ନମ୍ବର ଓଭରରେ ଦର୍ଶନ ନାଲକଣ୍ଡେଙ୍କ ବଲରେ ଆଉଟ ହୋଇଥିଲେ ରାହୁଲ। ୩୧ ବଲ୍ ଖେଳି ସେ ୩ ଚୌକା ମାରିଥିଲେ। ଏହାର ୨ ଓଭର ପରେ ନାଲକଣ୍ଡେଙ୍କ ଦ୍ୱିତୀୟ ଶିକାର ହୋଇଥିଲେ ଷ୍ଟୋଇନିସ୍। ସେ ୪୩ ବଲ୍ ଖେଳି ୪ ଚୌକା ଓ ୨ ଛକା ମାରିଥିଲେ। ଶେଷ ଭାଗରେ ନିକୋଲାସ ପୁରନ ଅପରାଜିତ ୩୨ ଓ ଆୟୁଷ ବଦୋନୀ ୨୦ ରନ୍ କରିବା କାରଣରୁ ୧୬୦ ରନ୍ ପାର କରିଥିଲା ଲକ୍ଷ୍ନୌ। ଗୁଜରାଟ ପକ୍ଷରୁ ଉମେଶ ଯାଦବ ଓ ଦର୍ଶନ ନାଲକଣ୍ଡେ ଦୁଇଟି ଲେଖାଏ ଓ ରଶିଦ୍ ଖାନ୍ ଗୋଟିଏ ଉଇକେଟ ନେଇଥିଲେ। ନୁର ଅହମଦ ମିତବ୍ୟୟୀ ବୋଲିଂ କରିଥିଲେ ମଧ୍ୟ ଉଇକେଟ ପାଇ ନ ଥିଲେ।

୧୬୪ ରନ୍ ଲକ୍ଷ୍ୟର ପିଛା କରୁଥିବା ଗୁଜରାଟ ପକ୍ଷରୁ ସାଇ ସୁଦର୍ଶନ(୩୧) ଓ ଶୁବମନ ଗିଲ୍(୧୯) ପ୍ରଥମ ଉଇକେଟରେ ୫୪ ରନ୍ ଯୋଡିଥିଲେ। ତେବେ ଦଳୀୟ ସ୍କୋର ୬୧ ରନ୍ ମଧ୍ୟରେ ୪ ବ୍ୟାଟରଙ୍କୁ ହରାଇ ସଙ୍କଟରେ ପଡିଥିଲା ଗୁଜରାଟ। ମଧ୍ୟକ୍ରମରେ ବିଜୟ ଶଙ୍କର ୧୭, ଦର୍ଶନ ନାଲକଣ୍ଡେ ୧୨ ଓ ରାହୁଲ ଟେୱାଟିଆ ୩୦ ରନ୍ କରିଥିଲେ। ଟପ୍ ସ୍କୋରର ସୁଦର୍ଶନ ୨୩ ବଲ୍ ଖେଳି ୪ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ ଟେୱାଟିଆ ୨୫ ବଲ୍ ଖେଳି ୨ଟି ଲେଖାଏ ଛକା ଓ ଚୌକା ମାରଥିଲେ। ମୟଙ୍କ ଯାଦବ ଗୋଟିଏ ଓଭର ବୋଲିଂ କରି ଆହତ ହୋଇ ପଡିଆ ଛାଡିଥିଲେ। ଯଶ ଠାକୁର ୫, କୃଣାଲ ପାଣ୍ଡ୍ୟା ୩, ରବି ବିଷ୍ଣୋଇ ଓ ନବୀନ ଉଲ ହକ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୬୩/୫ (ମାର୍କସ୍ ଷ୍ଟୋଇନିସ୍-୫୮, ଲୋକେଶ ରାହୁଲ-୩୩, ନିକୋଲାସ୍ ପୁରନ୍-୩୨*, ଉମେଶ ଯାଦବ-୨/୨୧, ଦର୍ଶନ ନାଲକଣ୍ଡେ-୨/୨୧, ରଶିଦ ଖାନ୍-୧/୨୮)। ଗୁଜରାଟ ଟାଇଟନ୍ସ ୧୮.୫ ଓଭରରେ ୧୩୦/୧୦ (ସାଇ ସୁଦର୍ଶନ-୩୧, ରାହୁଲ ଟେୱାଟିଆ-୩୦, ଯଶ ଠାକୁର-୫/୩୦, କୃଣାଲ ପାଣ୍ଡ୍ୟା-୩/୧୧, ରବି ବିଷ୍ଣୋଇ-୧/୮)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୪ | ୪ | ୦ | ୮ | +୧.୧୨୦ |
| କୋଲକାତା ନାଇଟ ରାଇଡର୍ସ | ୩ | ୩ | ୦ | ୬ | +୨.୫୧୮ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୩ | ୧ | ୬ | +୦.୭୭୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୪ | ୨ | ୨ | ୪ | +୦.୫୧୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୨ | ୨ | ୪ | +୦.୪୦୯ |
| ପଞ୍ଜାବ କିଙ୍ଗ୍ସ | ୪ | ୨ | ୨ | ୪ | -୦.୨୨୦ |
| ଗୁଜରାଟ ଟାଇଟନ୍ସ | ୫ | ୨ | ୩ | ୪ | -୦.୭୯୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୨ | -୦.୭୦୪ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୫ | ୧ | ୪ | ୨ | -୦.୮୪୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୧ | ୪ | ୨ | -୧.୩୭୦ |

# ବୁ' ହେଲେନି ପାଣ୍ଡ୍ୟା

### ୧୮ ହଜାର ଛାତ୍ରୀ ଛାତ୍ରଙ୍କୁ ମ୍ୟାଚ୍ ଦେଖିବାର ସୁଯୋଗ

**ମୁମ୍ବାଇ,୭।୪(ପି.ଟି.)**

ମୁମ୍ବାଇ ଇଣ୍ଡିଆନ୍ସ ଏହାର ପ୍ରଥମ ବିଜୟ ହାସଲ କରଥିବା ବେଳେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ବୁ' (ଦର୍ଶକଙ୍କ ଆକ୍ରୋଶର ଶିକାର ହେବା) ହୋଇ ନାହାନ୍ତି। ରବିବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ପାଇଁ ବିଭିନ୍ନ ଏନ୍‌ଜିଓର ୧୮ ହଜାର ଛାତ୍ରୀ ଛାତ୍ରଙ୍କୁ ମ୍ୟାଚ୍ ଦେଖିବାର ସୁଯୋଗ ମିଳିଥିଲା। ରିଲାଏନ୍ସ ଫାଉଣ୍ଡେସନ୍‌ର ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ ଫର ଅଲ୍ ଦିବସ ପାଳନ କରାଯାଉଥିବାରୁ ଛାତ୍ରୀ ଛାତ୍ର ମାନଙ୍କୁ ମ୍ୟାଚ୍ ପାଇଁ ଆମନ୍ତ୍ରଣ କରାଯାଇଥିଲା। ଫଳରେ ପ୍ରଥମ ଥର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦର୍ଶକଙ୍କ ଆକ୍ରୋଶର ଶିକାର ହେବାକୁ ପଡି ନଥିଲା। ପୂର୍ବରୁ ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମ, ହାଇଦ୍ରାବାଦର ରାଜୀବ ଗାନ୍ଧୀ କ୍ରିକେଟ ଷ୍ଟାଡିୟମ ଓ ୱାଙ୍ଖେଡେରେ ପାଣ୍ଡ୍ୟାଙ୍କୁ ଦର୍ଶକ ବୁ କରିଥିଲେ। ଗୁଜରାଟ ଟାଇଟନ୍ସର ଅଧିନାୟକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗ ଦେବା ସହ ତାଙ୍କୁ ଅଧିନାୟକ ଭାବରେ ନିଯୁକ୍ତ କରାଯାଇଥିଲା। ଏହାକୁ ବିରୋଧ କରି ଫ୍ୟାନଙ୍କ ପକ୍ଷରୁ ନିୟମିତ ବୁ' କରାଯାଉଥିଲା।


ମୁମ୍ବାଇ-ଦିଲ୍ଲୀ ଆଇପିଏଲ୍ ମ୍ୟାଚ ଅବସରରେ ୱାଙ୍ଖେଡେ ଷ୍ଟାଡିୟମରେ ଉଲ୍ଲସିତ ଛାତ୍ରୀଛାତ୍ର।

# ମୁମ୍ବାଇ-ଓଡ଼ିଶା ମ୍ୟାଚ ଆଜି

### ଇଣ୍ଡିଆନ ସୁପର ଲିଗ୍

**ଭୁବନେଶ୍ୱର, ୭।୪ (ତପନ ସ୍ୱାଇଁ)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଶେଷ ପର୍ଯ୍ୟାୟ ଉପନୀତ। ୫ଟି ଦ, ପ୍ଲେ-ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଥିବାବେଳେ ଆଉ ଗୋଟିଏ ସ୍ଥାନ ପାଇଁ ଦଳ ଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ରତର ହୋଇଛି। ପ୍ଲେ-ଅଫ୍ ପାଇଁ ଯୋଗ୍ୟତା ପାଇ ସାରିଥିବା ଦୁଇ ଦଳ ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ସୋମବାର ମୁମ୍ବାଇ ଫୁଟବଲ ଆରେନାରେ ଅନୁଷ୍ଠିତ ହେବ। କାରଣ ଏହି ମ୍ୟାଚ ଲିଗ୍ ଶିଲ୍ଡ ବିଜେତାଙ୍କ ଭାଗ୍ୟ ଅନେକ ପରିମାଣରେ ନିର୍ଣ୍ଣୟ କରିବ। ମୁମ୍ବାଇ ଦଳ ୨୦ ମ୍ୟାଚରୁ ୧୩ ବିଜୟ ସହ ୪୪ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ଓଡ଼ିଶା ଏଫ୍‌ସି ସମାନ ସଂଖ୍ୟକ ମ୍ୟାଚ ଖେଳି ୧୧ ବିଜୟ ସହ ୩୯ ପଏଣ୍ଟ ପାଇଛି। ତେଣୁ ମୁମ୍ବାଇକୁ ଯଦି ଓଡ଼ିଶା ଦଳ ହରାଇ ପାରିବ ତେବେ ତା'ର ଲିଗ୍ ଶିଲ୍ଡ ହାସଲ ଆଶା ଉଜ୍ଜୀବିତ ରହିବ। ଏହି ଦୌଡ଼ରେ ଥିବା ଅନ୍ୟ ୨ ଦଳ ହେଲେ ମୋହନ ବାଗାନ ସୁପର ଜାଏଣ୍ଟ୍ସ (୨୦ ମ୍ୟାଚରୁ ୪୨ ପଏଣ୍ଟ) ଓ ଏଫ୍‌ସି ଗୋଆ (୨୦ ମ୍ୟାଚରୁ ୩୯)।

ଗତ ୫ ମ୍ୟାଚର ରେକର୍ଡ ଦେଖିବାକୁ ଗଲେ ଓଡ଼ିଶା ଏଫ୍‌ସି ୨ଟି ଲେଖାଏ ବିଜୟ ଓ ପରାଜୟ ସ୍ୱାଦ ଚାଖିବା ସହ ଗୋଟିଏ ଡ୍ର ରଖିଛି। ଅନ୍ୟପକ୍ଷରେ ମୁମ୍ବାଇ ସିଟି ଏଫ୍‌ସି ୪ଟି ଜିତିଛି ଓ ଗୋଟିଏ ଡ୍ର ରଖିଛି। ଓଡ଼ିଶା ଏଫ୍‌ସି ଏହାର ପୂର୍ବ ମ୍ୟାଚରେ ପଞ୍ଜାବ ସିଟି ଏଫ୍‌ସିକୁ ହରାଇଥିବାବେଳେ ମୁମ୍ବାଇ ସିଟି ଏଫ୍‌ସି ୩-୦ ଗୋଲରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରିଥିଲା। ଦୁଇ ଦଳ ମଧ୍ୟରେ ଗତ ୪ ମ୍ୟାଚର ରେକର୍ଡ ଦେଖିବାକୁ ଗଲେ ଓଡ଼ିଶା ବିପକ୍ଷରେ ମୁମ୍ବାଇ ପଲା ଭାରି ରହିଛି। କାରଣ ଏଥିରୁ ମୁମ୍ବାଇ ୩ଟିରେ ବିଜୟୀ ହୋଇଥିବାବେଳେ ଗୋଟିଏ ମ୍ୟାଚ ଡ୍ର ରହିଥିଲା। ଓଭରଅଲ୍ ରେକର୍ଡ ମଧ୍ୟ ମୁମ୍ବାଇ ସପକ୍ଷରେ ରହିଛି। ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୧୯ଟି ମ୍ୟାଚ ହୋଇଥିବାବେଳେ ମୁମ୍ବାଇ ୧୦ଟି ଓ ଓଡ଼ିଶା ୫ଟିରେ ବିଜୟୀ ହୋଇଛି। ଅବଶିଷ୍ଟ ୪ ମ୍ୟାଚ ଡ୍ର ରହିଛି। ଚଳିତ ସିଜନରେ ଦୁଇ ଦଳ ମଧ୍ୟରେ ଏହା ପୂର୍ବରୁ ହୋଇଥିବା ମୁକାବିଲା ୨-୨ ଗୋଲରେ ଡ୍ର ରହିଥିଲା।

"ଆମ ଆଭିମୁଖ୍ୟ ସ୍ପଷ୍ଟ। ପୂର୍ବ ମ୍ୟାଚ ଗୁଡ଼ିକରେ ଆମେ ଯେପରି ମାନସିକ ସ୍ତରରେ ଦୃଢ଼ତା ଦେଖାଇ ଆସିଛି ଆଗାମୀ ମ୍ୟାଚରେ ମଧ୍ୟ ତାହା ଅପରିବର୍ତ୍ତିତ ରହିବ। ଆମେ ଏଥିପାଇଁ କଠିନ ପରିଶ୍ରମ କରିଛୁ" ବୋଲି ମୁମ୍ବାଇ ସିଟି ଏଫ୍‌ସି କୋଚ୍ ପିଟର କ୍ରାଟ୍କି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା କହିଛନ୍ତି ଯେ, "ଆମେ ଯଦି ପରବର୍ତ୍ତୀ ୨ଟି ମ୍ୟାଚ ଜିତିବୁ ତେବେ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିପାରିବୁ ବୋଲି ମୋର ଅନୁଭବ ହେଉଛି। ଆମକୁ ଏଥିପାଇଁ ଲଢ଼େଇ କରିବାକୁ ହେବ। ଆମେ ଏଥିପାଇଁ ପ୍ରସ୍ତୁତ ଏବଂ ଆଗାମୀ ମ୍ୟାଚ ଉପରେ ଫୋକସ କରୁଛୁ"।


# Classified Everyday
0674-2580101, 2549949



REAL ESTATE
SALE

ଫୁଲନଖରାଠାରେ New Sum Hospital ଠାରୁ ଅଳ୍ପ ଦୂରତାରେ Petal International Schoolକୁ ଲାଗି ଘରବାରି ପ୍ଲଟ୍ financeରେ ମିଳୁଅଛି। sqft.-950/-. Contact- 8658992600. D-039

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ବାସୋପଯୋଗୀ SC ପ୍ଲଟ୍ ବିକ୍ରିହେବ। 9437152956, 9337513276. D-011

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928

Kesura immediate construction for housing facilities Electricity, developed road, boundarywall, 1st land possession then registration. Contact- 9090432721. D-045

ଭୁବନେଶ୍ୱର ହଂସପାଳ, (ବାଲିଅନ୍ତା) ରେ ଘରବାଡ଼ି East Facing single plot possession ଥାଇ ବିକ୍ରି କରିବି। ମୂଲ୍ୟ-23,60,000/-. Contact- 6370469894. D-75942

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

ଉତ୍ତରା ନିକଟ ଗୁଡ଼ିଆପୋଖରୀ ସାଇ ମନ୍ଦିର ସମ୍ମୁଖ NH ଠାରୁ 500mtr. ଦୂରତାରେ 2200sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। Rs.-1560/-. 9439049194, 7978551614. D-67131

GENERAL
SALE

Glass Show Case 6.5' x 4', Ph- 7735339577 with Draw & 4wheels. D-042




Relax, refresh your body, mind by expert therapist. Contact- 9938843929. D-76112

Newly open Jyoti Spa positively health benefits (Expert Therapist). 8458067955. D-76111

Kerala body massage best therapist Bhubaneswar. 9348457050. D-016

Newly open health benefits SPA special offer @ 999 Bapujinagar. 8018429809. D-76113

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75726

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



ଯୋଗୀସର୍ଡା, ବଲାଙ୍ଗୀର
ଶିବାଙ୍ଗୀ ମଞ୍ଜରି ତ୍ରିପାଠୀର ଦ୍ୱିତୀୟ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଯୋଗେଶ୍ୱର ଓ ମା ରାମଚଣ୍ଡିଙ୍କ ଆଶୀର୍ବାଦ କାମନା କରୁଛୁ।
ଶୁଭେଚ୍ଛୁ: ବୁଢ଼ା, ବାପା, ବୁଢ଼ୀମାଁ, ବଡ଼ଦାଦା, ବଡ଼ମାମା, ସାନଦାଦା, ସାନମାମା, ନାନୀ, ବାପା, ମାଆ, ଝିଅ, କାକା, ଝିଅ, ପିଉସା, ମାମୁ, ମାଇଁ
ଧ-୦୪୪

CLASSIFIED DISPLAY
MORE SPACE • SAME PRICE

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନିୟମିତ ଦହି ଖାଉଥିଲେ..



ଦହିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ଏକ ସର୍ଭେରୁ ଜଣାପଡ଼ିଛି ଯେ, ପ୍ରାୟ ୭୦ ପ୍ରତିଶତ ଶକ୍ତି ଆମେ ଦହିରୁ ହିଁ ପାଇଥାଉ। ଏଥିରେ ଥିବା ଉପକାରୀ ତତ୍ତ୍ୱ ମଧ୍ୟରେ କ୍ୟାଲସିୟମ ଅନ୍ୟତମ। ଏହାକୁ ଖାଇଲେ ଅସ୍ଥି ମଜଭୁତ ରହିଥାଏ। ଏହା ମଧ୍ୟ ଦାନ୍ତକୁ ଦୃଢ଼ ରଖେ। ଦହି ଚର୍ମ ଏବଂ କେଶକୁ ବଢ଼ିବାରେ ମଧ୍ୟ ସାହାଯ୍ୟ କରେ। ଏଥିରେ ଥିବା ଲାକ୍ଟିକ୍ ଏସିଡ୍ ଯୋଗୁ କ୍ଷତ ହୋଇଥିବା ସ୍ଥାନରେ ନୂଆ ଚର୍ମ ମଧ୍ୟ ଆପେ ସୃଷ୍ଟି ହୋଇଯାଏ। ପ୍ରତିଦିନ ଖାଦ୍ୟରେ ଆମେ ଦହିକୁ ସାମିଲ କଲେ ତାହା ଖାଦ୍ୟକୁ ଠିକ୍ ଭାବେ ହଜମ କରିବାରେ ସାହାଯ୍ୟ କରିଥାଏ। ଶରୀରରେ କୋଲେଷ୍ଟରଲ୍ ଏପରିକି ଓଜନକୁ ସନ୍ତୁଳିତ ରଖିଥାଏ। ଉଚ୍ଚ ରକ୍ତଚାପ ରୋଗୀ ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ବେଳେବେଳେ ଆମ ଶରୀରରେ ହରମୋନ୍ ଅସନ୍ତୁଳିତ ଅବସ୍ଥାରେ ରହେ। ଦହି ଖାଇବା ଦ୍ୱାରା ଏହା କେତେକାଂଶରେ ସନ୍ତୁଳିତ ରହିଥାଏ। ଦହି ହାର୍ଟ ପାଇଁ ମଧ୍ୟ ଉପକାରୀ। ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖେ ଦହି।

## ଉପକାରୀ କଲରା



କଲରାର ସ୍ୱାଦ ପିତା, ହେଲେ ଏହା ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏଥିରେ ଅନେକ ପ୍ରକାର ଔଷଧୀୟ ଗୁଣ ଭରି ରହିଛି। ଭିଟାମିନ୍ 'ସି'ର ଏହା ହେଉଛି ଅନ୍ୟତମ ଉତ୍ସ। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏଥିରେ ଭିଟାମିନ୍-ଏ ଥିବାରୁ ଏହା ଶରୀରରେ ଚର୍ମ ଗଠନ କରିଥାଏ। ପ୍ରତିଦିନ କଲରା ଖାଇବା ଆଖି ପାଇଁ ମଧ୍ୟ ମହୌଷଧି ସଦୃଶ କାମ କରେ। ଜଣେ ଡାଇବେଟିସ୍ ରୋଗୀ ଏହାକୁ ପ୍ରତିଦିନ ଖାଦ୍ୟ ତାଲିକାରେ ସାମିଲ କରିବା ନିହାତି ଆବଶ୍ୟକ। କାରଣ ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ କମିଥାଏ। କଲରାରୁ ପ୍ରସ୍ତୁତ ଜୁସ୍ ମଧ୍ୟ ବେଶ୍ ଉପକାରୀ। କଲରାରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ରହିଛି, ଯାହା ଶରୀରର ଓଜନକୁ ସନ୍ତୁଳିତ ରଖେ। ଏହା ସହ ଯକୃତ୍‌ରୁ ବାଇଲ୍ ଏସିଡ୍ କ୍ଷରଣ କରିଥାଏ। ମେଟାବୋଲିଜମ୍‌ରେ ସାହାଯ୍ୟ କରେ। କଲରା କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ ଓ ଖାଦ୍ୟ ହଜମରେ ବି ସାହାଯ୍ୟ କରେ।

## ଅବସାଦ ପାଇଁ ପ୍ରଦୂଷିତ ପରିବେଶ ଦାୟୀ



ବ୍ୟସ୍ତବହୁଳ ଜୀବନରେ ଜଣେ ଅବସାଦଗ୍ରସ୍ତ ହେବା କିଛି ନୂଆ କଥା ନୁହେଁ। ତେବେ ଏହାଠାରୁ ନିଜକୁ ଦୂରେଇ ରଖିବା ନିହାତି ଦରକାର। କାରଣ ଅବସାଦ ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। ଅବସାଦ ପାଇଁ ଆଉ ଏକ ନୂଆ କଥା ଦାୟୀ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। ତାହା ହେଲା ପ୍ରଦୂଷିତ ପରିବେଶ। ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ଏଭଳି ପରିବେଶରେ ରୁହନ୍ତି ତେବେ ସେ ଅବସାଦଗ୍ରସ୍ତ ହେବାର ଆଶଙ୍କା ରହିଛି। 'ଅବସାଦ ଏବଂ ପ୍ରଦୂଷିତ ପରିବେଶ' ଶୀର୍ଷକ ଏକ ସର୍ଭେରୁ ସିଓଲ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକଥା ଜାଣିପାରିଛନ୍ତି। ପ୍ରାୟ ଅଧିକାଂଶ ସମୟ ପ୍ରଦୂଷିତ ପରିବେଶରେ ରହୁଥିବା କିଛି ବ୍ୟକ୍ତିଙ୍କ ଉପରେ ସେମାନେ ସର୍ଭେ କରିଥିଲେ। ପ୍ରଦୂଷିତ ପରିବେଶ ମନରେ ଅବସାଦ ସୃଷ୍ଟି କରିବାରେ କେତେକାଂଶରେ ଦାୟୀ ବୋଲି ବିଶେଷଜ୍ଞମାନେ ଏଥିରୁ ଜାଣିପାରିଛନ୍ତି। ପରିବେଶ ପ୍ରଦୂଷିତ ରହିଲେ ତାହା ଏହା ଭିତରେ ରହୁଥିବା ଲୋକଙ୍କ ଚିନ୍ତାଧାରାକୁ ପ୍ରଭାବିତ କରିଥାଏ। ଫଳରେ ସେମାନେ ଅବସାଦଗ୍ରସ୍ତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# କଳା ଟମାଟୋ ଓ ସୁସ୍ଥ ଶରୀର



ଡା. ବସନ୍ତ କୁମାର ଷଡ଼ଙ୍ଗୀ

"କଳା ଟମାଟୋରେ ଲ୍ୟାକୋପିନ ନାମକ ତତ୍ତ୍ୱ ପ୍ରଚୁର ପରିମାଣରେ ରହିଛି। ଏହାବ୍ୟତୀତ ଏଥିରେ ଭିଟାମିନ-ଏ, ଭିଟାମିନ-ସି, ପୋଟାସିୟମ, ଫଲିକ ଏସିଡ୍ ବ୍ୟତୀତ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଛି। ଭାରତୀୟ ପରମ୍ପରା ଏବଂ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ମତରେ ଟମାଟୋ ଏକ ସୁସ୍ୱାଦୁ ପରିବା। ଏହା ଆମ ଶରୀରରେ ବାତ, ପିତ, କଫକୁ ସନ୍ତୁଳିତ ରଖିଥାଏ। ଏହା ଅଗ୍ନିବର୍ଦ୍ଧକ, ଯାହାକି ଶରୀରରେ ପାଚନ କ୍ରିୟାକୁ ସୁଦୃଢ଼ କରି ଖାଦ୍ୟ ହଜମରେ ସହାୟକ ହୋଇଥାଏ।"



ନିଜକୁ ସୁସ୍ଥ ରଖିବା ଅନ୍ତରାଳରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶେଷଭାବରେ ସବୁଜ ପନିପରିବାରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶ୍ୱର ସମସ୍ତ ଦେଶର ଋତୁ ପରିବର୍ତ୍ତନ ଓ ଅନୁକୂଳ ଜଳବାୟୁ ଅନୁଯାୟୀ ବିଭିନ୍ନ ରକମର ପନିପରିବା ଚାଷ କରାଯାଇଥାଏ। ଏମିତି କିଛି ପରିବା ରହିଛି ଯାହାକି ବର୍ଷର ସବୁ ମାସ ଚାଷ କରାଯାଇଥାଏ। ସେଭଳି ପରିବା ମଧ୍ୟରୁ ଟମାଟୋ ଅନ୍ୟତମ। ଏହା ଏପରି ଏକ ପରିବା ଯାହାକି ପ୍ରାୟତଃ ସବୁ ଦେଶର, କୋଣଅନୁକୋଣେ ଏହାକୁ ଚାଷ କରାଯାଇଥାଏ। ଏହି ଟମାଟୋ ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ। କଳା ଟମାଟୋ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ ବୋଲି ଗବେଷଣାରୁ ଜଣାପଡ଼ିଛି। ନାଲି ରଙ୍ଗର ଟମାଟୋକୁ ଖାଦ୍ୟରେ ସାମିଲ କରିବା ସ୍ୱାସ୍ଥ୍ୟ ପାଇଁ କେତେ ହିତକର ତାହା ପ୍ରାୟ ଅନେକେ ଜାଣନ୍ତି। ଠିକ୍ ସେହିପରି କଳା ଟମାଟୋରେ ଭରିରହିଛି ପ୍ରଚୁର ପରିମାଣର ଜୀବନୀୟ ଶକ୍ତି। ଏହାକୁ ଆମେ ଖାଦ୍ୟ ରୂପେ ଗ୍ରହଣ କଲେ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅନେକାଂଶରେ ସହାୟକ ହୋଇଥାଏ।

ଆମ ଦେଶର ଓଡ଼ିଶା, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଗୁଜରାଟ, ପଶ୍ଚିମବଙ୍ଗ, ବିହାର, ମହାରାଷ୍ଟ୍ର, ଛତିଶଗଡ଼, ହରିୟାଣା, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ହିମାଚଳ ପ୍ରଦେଶ ଆଦି ରାଜ୍ୟରେ ପ୍ରଚୁର ମାତ୍ରାରେ ଟମାଟୋ ଉତ୍ପାଦିତ ହୋଇଥାଏ। ରଙ୍ଗ ଟମାଟୋ, କୁଜି ଟମାଟୋ (ଅତି ଛୋଟ ଛୋଟ), ସବୁଜ ଟମାଟୋ, କଳା ଟମାଟୋ ଆଦି ବିଭିନ୍ନ ରକମର ଟମାଟୋ ଆମ ଦେଶରେ ଚାଷ କରାଯାଇଥାଏ। ଏହା ଏକ ସ୍ୱାଦିଷ୍ଟ ତଥା ରୁଚିକର ପରିବା। ଏହାକୁ ଆମ ଦୈନନ୍ଦିନ ଖାଦ୍ୟରେ ଅନ୍ୟତମ ମୁଖ୍ୟ ପରିବା ଭାବେ ଗ୍ରହଣ କରାଯାଇଥାଏ। ଏଥିମଧ୍ୟରୁ କଳା ଟମାଟୋ ଦେଖିବାକୁ ମନଲୋଭା ଏବଂ ଭାରି ସ୍ୱାଦିଷ୍ଟ। ଏଥିରେ ପ୍ରଚୁର ପରିମାଣର ଭିଟାମିନ ଭରି ରହିଛି।

କଳା ଟମାଟୋ ରୁଷିଆ ଓ ୟୁକ୍ରେନରୁ ଆମ ଦେଶକୁ ଆମଦାନୀ କରାଯାଇଥାଏ। କଳା ଟମାଟୋରେ ଲ୍ୟାକୋପିନ ନାମକ ତତ୍ତ୍ୱ ପ୍ରଚୁର ପରିମାଣରେ ରହିଛି। ଏହାବ୍ୟତୀତ ଏଥିରେ ଭିଟାମିନ-ଏ, ଭିଟାମିନ-ସି, ପୋଟାସିୟମ, ଫଲିକ ଏସିଡ୍ ବ୍ୟତୀତ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଛି। ଭାରତୀୟ ପରମ୍ପରା ଏବଂ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ମତରେ ଟମାଟୋ ଏକ ସୁସ୍ୱାଦୁ ପରିବା। ଏହା ଆମ ଶରୀରରେ ବାତ, ପିତ, କଫକୁ ସନ୍ତୁଳିତ ରଖିଥାଏ। ଏହା ଅଗ୍ନିବର୍ଦ୍ଧକ, ଯାହାକି ଶରୀରରେ ପାଚନ କ୍ରିୟାକୁ ସୁଦୃଢ଼ କରି ଖାଦ୍ୟ ହଜମରେ ସହାୟକ ହୋଇଥାଏ। ଏଥିରେ ଭିଟାମିନ-ଏ ଅଧିକ ରହିଥିବାରୁ ଏହା ଆମ ଶରୀରର କୋଷ ତିଆରିରେ ସହାୟକ ହୋଇଥାଏ। ଏହାକୁ ଖାଇବା ଦ୍ୱାରା ମାଂସପେଶୀ ଦୃଢ଼ ରହିଥାଏ। ତା' ସହ ଶରୀରରେ ଉତ୍ତମ କୋଷ ସଞ୍ଚାଳନ, ଶରୀର ବୃଦ୍ଧି, ଦୃଷ୍ଟି ଶକ୍ତି ବୃଦ୍ଧିରେ ସାହାଯ୍ୟ କରିଥାଏ। ଟମାଟୋରେ ତନ୍ତୁଜାତୀୟ ପଦାର୍ଥ ରହିଥିବାରୁ ଏହା ଆମ ଶରୀରରେ କୋଲେଷ୍ଟରଲ ମାତ୍ରାକୁ କମାଇବାରେ ସାହାଯ୍ୟ କରେ। ଏହାବ୍ୟତୀତ ରକ୍ତଚାପ ବା ବ୍ଲଡ୍‌ପ୍ରେସରକୁ ସ୍ୱାଭାବିକ ରଖିବା ସହ ରକ୍ତ ଶର୍କରା (ସୁଗାର) ପରିମାଣକୁ ସନ୍ତୁଳିତ ରଖିଥାଏ। ଟମାଟୋରେ ପର୍ଯ୍ୟାପ୍ତ ପରିମାଣରେ 'କ୍ରୋମିୟମ' ନାମକ ଏକ ତତ୍ତ୍ୱ ରହିଛି, ଯାହାକି ଶରୀରରେ ରକ୍ତ ଶର୍କରା ପରିମାଣକୁ ସନ୍ତୁଳିତ ରଖିଥାଏ। ଏଥିରେ ମଧ୍ୟ ପୋଟାସିୟମ, ନିଆସିନ, ଭିଟାମିନ-ବି-୬ ରହିଛି, ଯାହାକି ହୃଦ୍‌ଜନିତ ସମସ୍ୟାକୁ କେତେକାଂଶରେ ଦୂରେଇ ରଖିଥାଏ। ଏକ ଗବେଷଣାରୁ ଜଣାଯାଇଛି ଯେ, ଟମାଟୋରେ 'ଲାଇକୋପିନ୍' ନାମକ ଏକ ପଦାର୍ଥ ରହିଛି, ଯାହାକି ପୁରୁଷମାନଙ୍କ ବୀର୍ଯ୍ୟ ବୃଦ୍ଧି ଘଟାଇଥାଏ। ଟମାଟୋରେ ଭିଟାମିନ-କେ ଓ କ୍ୟାଲସିୟମ ରହିଥିବାରୁ ଏହା ଆମ ଶରୀରର ଅସ୍ଥିକୁ ମଜଭୁତ କରିବା ସହ ବାହ୍ୟ ଚର୍ମକୁ ସତେଜ, ସୁନ୍ଦର ଓ ସୁଦୃଢ଼ ରଖିଥାଏ। ଆମେରିକାର 'କର୍କଟ ଗବେଷଣା ସୋସାଇଟି' ଗବେଷଣା କରି ଜାଣିପାରିଛନ୍ତି ଯେ, ଟମାଟୋରେ ରହିଥିବା ଲାଇକୋପିନ କେରୋଟେନିଡ୍, ଆଣ୍ଟି-ଅକ୍ସିଡାଣ୍ଟ ଆଦି ପଦାର୍ଥ ରହିଥିବାରୁ ଏହାକୁ ଖାଦ୍ୟରେ ଖାଇଲେ ତାହା କ୍ୟାନ୍‌ସରକୁ ପ୍ରତିରୋଧ କରିବାରେ ସାହାଯ୍ୟ କରିଥାଏ। ପୁନଶ୍ଚ ଉକ୍ତ ଗବେଷଣାରୁ ଜଣାପଡ଼ିଛି ଯେ, ମୁଖ୍ୟତଃ ମନୁଷ୍ୟ ଶରୀରର ଅନ୍ତନଳୀ, ଫୁସ୍‌ଫୁସ୍, ପ୍ରୋଷ୍ଟେଟ ଆଦିରେ ସୃଷ୍ଟି ହେଉଥିବା କର୍କଟ ରୋଗକୁ ଏହା କେତେକାଂଶରେ ପ୍ରତିରୋଧ କରିଥାଏ। କେବଳ ସେତିକି ନୁହେଁ, ଆମ ଶରୀରରେ ସୃଷ୍ଟି ହେଉଥିବା କିଡ୍‌ନୀ ଷ୍ଟୋନ ଆଶଙ୍କାକୁ ମଧ୍ୟ କେତେକାଂଶରେ ଦୂର କରିଥାଏ।

ଟମାଟୋ ରସକୁ ମୁଖମଣ୍ଡଳ ଓ ଚର୍ମରେ ଲେପ ଦେଇ କିଛି ସମୟ ପରେ ଗାଧୋଇଲେ, ଚର୍ମ ଏବଂ ତ୍ୱଚାଜନିତ ସମସ୍ୟାରୁ ଉପଶମ ମିଳିଥାଏ। ଏହା ମଧ୍ୟ ଚର୍ମ ଶୁଷ୍କତା ଦୂର କରିବା ସହ ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟକ ହୋଇଥାଏ। ଟମାଟୋ ରସରେ କିଛି ସୈନ୍ଧବ ଲବଣ ଓ ପାଣି ମିଶାଇ ପାନୀୟ ଭାବେ ସେବନ କଲେ ଏହା ସ୍ୱାସ୍ଥ୍ୟପ୍ରଦ ଅଟେ। ଏହାକୁ ସୁପ୍, ସାଲାଡ଼ ଆକାରରେ ଖାଇପାରନ୍ତି। ଏହାକୁ ତରକାରି ପ୍ରସ୍ତୁତିରେ ବ୍ୟବହାର କରାଯାଇଥାଏ। ଏଭଳି ତରକାରିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଥାଏ।

ଆମ ଦେଶ ତଥା ଆମ ରାଜ୍ୟରେ ଟମାଟୋ ଉତ୍ପାଦନ ବହୁଳ ଭାବେ କରାଯାଉଛି। ତା' ସହ ଆମେ ସୁଲଭ ମୂଲ୍ୟରେ ଟମାଟୋ ପାଇଥାଉ। ତେଣୁ ଆମେ ଦୈନନ୍ଦିନ ଖାଦ୍ୟରେ ଟମାଟୋକୁ ସାମିଲ କରିବା ଉଚିତ। ଏହାଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଆମେ ସୁସ୍ଥ ଓ ଦୀର୍ଘାୟୁ ଜୀବନ ବିତାଇ ପାରିବା।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## କାର୍ଯ୍ୟଦକ୍ଷତା ବଢ଼ାଇବାର ନୂଆ ଉପାୟ



ଜଣେ ବ୍ୟକ୍ତି ନିଜ ସାମର୍ଥ୍ୟ ଅନୁସାରେ ହିଁ କାମ କରିବା ଦରକାର। ନହେଲେ ତାହାକୁ ତୁଲାଇବାକୁ ଆପଣ ଟେନସନ୍‌ର ବଶବର୍ତ୍ତୀ ହେବାର ଆଶଙ୍କା ରହିଛି। ତେବେ କାର୍ଯ୍ୟଦକ୍ଷତା ବଢ଼ାଇବା ଲାଗି ଏକ ସରଳ ତଥା ସହଜ ଉପାୟ ରହିଛି। ତାହା ହେଲା ଯୋଗ। ଆପଣ ଯଦି ପ୍ରତିଦିନ ଯୋଗ କରନ୍ତି ତେବେ ତାହାର ସୁପ୍ରଭାବ ଆପଣଙ୍କର କାର୍ଯ୍ୟଦକ୍ଷତା ଉପରେ ପଡ଼ିଥାଏ ବୋଲି ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କାର୍ଯ୍ୟଦକ୍ଷତାକୁ ନେଇ ଟେନ୍‌ସନରେ ରହୁଥିବା କେତେକ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ତା' ସହ ନିୟମିତ ସମୟ ଅନ୍ତରାଳରେ କାର୍ଯ୍ୟଦକ୍ଷତା ଉପରେ ପଡୁଥିବା ଏହାର ପ୍ରଭାବକୁ ତର୍ଜମା କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ନିୟମିତ ଯୋଗ କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତଙ୍କର କାର୍ଯ୍ୟଦକ୍ଷତା ପୂର୍ବାପେକ୍ଷା ବୃଦ୍ଧି ପାଇଥିଲା। ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ନିଜର ମନ ପସନ୍ଦର ବହି ପଢ଼ନ୍ତି ତେବେ ତାହାର ଭଲ ପ୍ରଭାବ କାର୍ଯ୍ୟଦକ୍ଷତା ଉପରେ ପଡ଼ିଥାଏ ବୋଲି ସେମାନେ ଏଥିରେ ଉଲ୍ଲେଖ କରିଛନ୍ତି।

## ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ରହୁଥିଲେ..



କଥାରେ ଅଛି-ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି। ତେଣୁ ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ରହୁଥିଲେ ତାହାର ପ୍ରତିକାର କରନ୍ତୁ। ପ୍ରତିଦିନ ସକାଳୁ କିଛି ସମୟ ଯୋଗ, ପ୍ରାଣାୟାମ କରନ୍ତୁ। ଏହା ମାନସିକ ଶାନ୍ତି ପ୍ରଦାନ କରିଥାଏ। ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ରହୁଥିବା କେତେକ ବ୍ୟକ୍ତିଙ୍କୁ ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ ସର୍ଭେ ପରିସରଭୁକ୍ତ କରିଥିଲେ। ଏଥିରୁ କିପରି ସେମାନେ ସହଜରେ ମୁକ୍ତି ପାଇବେ ସେଥିପାଇଁ ସେମାନଙ୍କୁ ନିମୟିତ କିଛି ସମୟ ଯୋଗ, ପ୍ରାଣାୟାମ କରିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ଅନ୍ତରାଳରେ ସେମାନେ ଚିନ୍ତାରୁ କେତେ ପରିମାଣରେ ମୁକ୍ତି ପାଉଛନ୍ତି ତାହାକୁ ବିଶେଷଜ୍ଞମାନେ ନିରୀକ୍ଷଣ କରିଥିଲେ। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତି ନିୟମିତ ଯୋଗ, ପ୍ରାଣାୟାମ କରିବା ଦ୍ୱାରା ଚିନ୍ତାଠାରୁ ନିଜକୁ ଅନେକାଂଶରେ ଦୂରେଇ ରଖିବାରେ ସକ୍ଷମ ହୋଇଥିଲେ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ମାନସିକତାକୁ ସକାରାତ୍ମକ ରଖେ ଦୈନନ୍ଦିନ ଜୀବନଶୈଳୀ



ମାନସିକତାକୁ ସକାରାତ୍ମକ ରଖିବାରେ ଦୈନନ୍ଦିନ ଜୀବନଶୈଳୀ ଅନେକାଂଶରେ ସହାୟକ ହୋଇଥାଏ ବୋଲି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ମତ ଦେଇଛନ୍ତି। 'ସକାରାତ୍ମକ ମାନସିକତା ଓ ଦୈନନ୍ଦିନ ଜୀବନଶୈଳୀ' ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ରହୁଥିବା ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏହି ସମୟରେ ସେମାନେ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ନିୟମିତ ସମୟ ଅନ୍ତରାଳରେ ସେମାନଙ୍କର ମାନସିକତାକୁ ମଧ୍ୟ ଲକ୍ଷ୍ୟ କରିଥିଲେ। ଯେଉଁମାନେ ନିମୟିତ ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରୁଥିଲେ ସେମାନଙ୍କର ମାନସିକତା ପୂର୍ବାପେକ୍ଷା ଅନେକାଂଶରେ ସକାରାତ୍ମକ ରହୁଥିବାର ଏହି ସର୍ଭେରୁ ଜଣାପଡ଼ିଥିଲା।

## ସ୍ୱାସ୍ଥ୍ୟ ସୂଚନା

➤ରାତ୍ର ଭୋଜନରେ କଦାପି ଗରିଷ୍ଠଜାତୀୟ ଖାଦ୍ୟ ସାମିଲ କରନ୍ତୁ ନାହିଁ। କାରଣ ଏଭଳି ଖାଦ୍ୟ ରାତିରେ ସହଜରେ ହଜମ ହୋଇ ନ ଥାଏ। ତେଣୁ ସବୁବେଳେ ସୁପାଚ୍ୟ ତଥା ହାଲୁକା ଖାଦ୍ୟ ଖାଆନ୍ତୁ।

➤ବିଶେଷଭାବରେ ବୟସ ବଢ଼ିଲେ ଦୃଷ୍ଟି ଶକ୍ତିଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ବୟସ ୪୦ ଟପିଲେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ନିକଟରେ ଆଖି ଚେକ୍‌ଅପ୍ କରାଇ ନିଅନ୍ତୁ।



➤ଆଜିକାଲି ମେଦବହୁଳତା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ତେଣୁ ଏହାକୁ ନିୟନ୍ତ୍ରଣରେ ରଖିବା ଲାଗି ନିଜର ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ।

➤କୌଣସି କାମ କରୁଥିବା ସମୟରେ ନିଜକୁ ଯେତେ ସମ୍ଭବ ଚାପଠାରୁ ଦୂରେଇ ରଖନ୍ତୁ।

➤କୌଣସି ଦୀର୍ଘକାଳୀନ ରୋଗକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ। କାରଣ ଏହା ରୋଗରୁ ଉପଶମ ଲାଭ କରିବାରେ ବାଧା ସୃଷ୍ଟି କରିଥାଏ। ଚିକିତ୍ସାରେ କୌଣସି ସନ୍ଦେହ ଉପୁଜିଲେ ଯେଉଁ ଡାକ୍ତରଙ୍କ ଅଧୀନରେ ଚିକିତ୍ସିତ ହେଉଛନ୍ତି ତାଙ୍କ ସହ ପରାମର୍ଶ କରନ୍ତୁ।

## ସ୍ମରଣଶକ୍ତିକୁ ପ୍ରଭାବିତ କରେ ମେଦବହୁଳତା



ଆଜିକାଲି ମେଦବହୁଳତା ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ଅସନ୍ତୁଳିତ ଜୀବନଶୈଳୀ, ଗରିଷ୍ଠ ଖାଦ୍ୟପେୟ ଏଥିପାଇଁ ମୁଖ୍ୟତଃ ଦାୟୀ। ତେବେ ମେଦବହୁଳତା ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। ନିକଟରେ ଏହି ତାଲିକାରେ ଆଉ ଏକ କଥାକୁ ଯୋଡ଼ାଯାଇଛି। ଦକ୍ଷିଣ କୋରିଆର ବିଶେଷଜ୍ଞମାନେ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି ଯେ, ମେଦବହୁଳତାର ପ୍ରଭାବ ସ୍ମରଣ ଶକ୍ତି ଉପରେ ମଧ୍ୟ ପଡ଼ିଥାଏ। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ଦୀର୍ଘଦିନ ଧରି ମେଦବହୁଳତା ସମସ୍ୟା ସହ ଜଡ଼ିତ କିଛି ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରି ସେମାନଙ୍କର ସ୍ମରଣଶକ୍ତିକୁ ତନ୍ନ ତନ୍ନ କରି ନିରୀକ୍ଷଣ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ଏମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ଏହାଦ୍ୱାରା ପ୍ରଭାବିତ ହେଉଥିବାର ବିଶେଷଜ୍ଞମାନେ ଜାଣିପାରିଥିଲେ। ତେଣୁ ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ସନ୍ତୁଳିତ ଖାଦ୍ୟର ଉପକାରିତା

ଆମେ ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିଜର ଖାଦ୍ୟପେୟ ପ୍ରତି ସତର୍କ ରହିବା ନିହାତି ଦରକାର। କାରଣ ଏହା ଆମକୁ ଅନେକାଂଶରେ ସୁସ୍ଥ ରଖିଥାଏ। ତେବେ ଏହାଦ୍ୱାରା ଆମ ଶରୀରରେ କ୍ୟାଲୋରି ପରିମାଣ ମଧ୍ୟ ସନ୍ତୁଳିତ ରହିଥାଏ। କାରଣ ଆମ ଶରୀରରେ କ୍ୟାଲୋରି ଅସନ୍ତୁଳିତ ରହିଲେ ତାହା କେତେକ ରୋଗର କାରଣ ସାଜିଥାଏ। ତେଣୁ କ୍ୟାଲୋରି ସ୍ତରକୁ ସନ୍ତୁଳିତ ରଖିବା ପାଇଁ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼େ। ଏହାବ୍ୟତୀତ ଏଥିଲାଗି ଆଉ ଏକ ସରଳ ଉପାୟ ମଧ୍ୟ ରହିଛି। ତାହା ହେଉଛି ରକ୍ତଦାନ। ଆଜିକାଲି ଅନେକ ବ୍ୟକ୍ତି ରକ୍ତଦାନ ସହ ଜଡ଼ିତ। ଏହି ଧାରାକୁ ନିର୍ଦ୍ଦିଷ୍ଟ ଅନ୍ତରାଳରେ ଜାରି ରଖିଲେ ତାହା କେତେକାଂଶରେ କ୍ୟାଲୋରିକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ। ଆଉ ଏକ କଥା ହେଲା ମେଦବହୁଳତା। ଓଜନ କିପରି ନିୟନ୍ତ୍ରଣରେ ରହିବ ସେ ନେଇ ସତର୍କ ରୁହନ୍ତୁ। ଏହାଦ୍ୱାରା କ୍ୟାଲୋରି ମଧ୍ୟ ସନ୍ତୁଳିତ ରହିଥାଏ। ଜଙ୍କ୍ ଫୁଡ୍ ଯେତେ କମ୍ ଖାଇବେ ତାହା ସେତେ ଭଲ। ଏହାବ୍ୟତୀତ ପ୍ରତିଦିନ ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। ପ୍ରତିଦିନ ସକାଳେ ବ୍ୟାୟାମ କରିବାକୁ ଭୁଲନ୍ତୁ ନାହିଁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଏପ୍ରିଲ ୮/୨୦୨୪ Bhubaneswar, Monday, April 8/ 2024

# ଭର୍ଷ୍ଟାପେନ୍ ଜିତିଲେ ଜାପାନିଜ ଗ୍ରାଁ ପ୍ରି

**ସୁଜୁକା (ଜାପାନ), ୭।୪**

ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଜାପାନିଜ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ତାଙ୍କ ଟିମ୍‌ମେଟ ସର୍ଗିଓ ପେରେଜ ୧୨.୫ ସେକେଣ୍ଡ ପଛରେ ଦ୍ୱିତୀୟ ହୋଇଛନ୍ତି। ଫେରାରିର ଦୁଇ ଡ୍ରାଇଭର କାର୍ଲୋସ ସେଞ୍ଜ ଜୁନିୟର ୨୦ ସେକେଣ୍ଡ ବ୍ୟବଧାନରେ ତୃତୀୟ ହୋଇଥିବାବେଳେ ତାଙ୍କ ଟିମ୍‌ମେଟ୍ ଚାର୍ଲ୍ସ ଲେକ୍‌ରେକ୍ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଚଳିତ ସିଜନର ଏହା ଚତୁର୍ଥ ରେସ୍ ଥିଲା। ଭର୍ଷ୍ଟାପେନ୍ ତନ୍ମଧ୍ୟରୁ ତିନୋଟିରେ ବିଜୟ ହାସଲ କରିପାରିଛନ୍ତି। ରବିବାର ଅନୁଷ୍ଠିତ ଏହି ରେସ୍‌ର ପ୍ରଥମ ଲାପ୍‌ରେ ରେଡ୍ ଫ୍ଲାଗ୍ ହୋଇଥିଲା। ଟର୍ନ-୨ ଓ ଟର୍ନ-୩ ମଧ୍ୟରେ ଆର୍‌ବିର ଡାନିଏଲ୍ ରିକାର୍ଡେ ୱିଲିୟମ୍ସର ଆଲେକ୍ସ ଆଲବନ୍‌ଙ୍କୁ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ବେଳେ ସଂଘର୍ଷ ଘଟିଥିଲା। ଉଭୟ କିନ୍ତୁ ଏଥିରେ ଆହତ ହୋଇ ନ ଥିଲେ। କିନ୍ତୁ ବ୍ୟାରିୟର ମରାମତି ପାଇଁ ରେସ୍‌କୁ ୨୦ ମିନିଟ ସ୍ଥଗିତ ରଖିବାକୁ ପଡ଼ିଥିଲା। ପୋଲ ପୋଜିଶନ ଅଧିକାର କରିଥିବା ଭର୍ଷ୍ଟାପେନ୍ ରେସ୍ ଆରମ୍ଭରେ ଅଗ୍ରଣୀ ରହିଥିଲେ। ପରେ ସେ ଦ୍ୱିତୀୟକୁ ଖସି ଆସିଥିଲେ। ତେବେ ସେ ତୁରନ୍ତ ରେସ୍‌କୁ ନିଜ ନିୟନ୍ତ୍ରଣକୁ ନେଇ ଆସିଥିଲେ। ଗତ ୨୬ଟି ରେସ୍‌ରେ ଏହା ଥିଲା ତାଙ୍କର ୨୨ତମ ଏବଂ କ୍ୟାରିୟରର ୫୭ତମ ବିଜୟ। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଗତ ରେସ୍‌ରୁ ସେ ଓହରିଯାଇଥିଲେ ମଧ୍ୟ ୧୩ ପଏଣ୍ଟ ବ୍ୟବଧାନରେ ସେ ଚାମ୍ପିୟନଶିପ୍‌ରେ ଅଗ୍ରଣୀ ଲାଭ କରିଛନ୍ତି। ଏହି ବିଜୟ ସହ ରେଡ୍‌ବୁଲ୍ ଚଳିତ ବର୍ଷର ଫର୍ମୁଲା ୱାନ ରେସରେ ଏହାର ଆଧିପତ୍ୟ ବଜାୟ ରଖିପାରିଛି। ୫ମରୁ ୧୦ମ ସ୍ଥାନ ଅଧିକାର କରିଥିବା ଅନ୍ୟ ଡ୍ରାଇଭରମାନେ ଯଥାକ୍ରମେ ହେଲେ ଲାଣ୍ଡୋ ନୋରିସ (ମ୍ୟାକଲରେନ), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ), ଜର୍ଜ ରସେଲ (ମର୍ସିଡିଜ), ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ), ଲୁଇସ୍ ହାମିଲଟନ (ମର୍ସିଡିଜ) ଓ ୟୁକି ସୁନୋଦା।



ଜାପାନିଜ ଗ୍ରାଁ ପ୍ରି ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ୍।

## ଗୁଜରାଠୀଙ୍କୁ ହରାଇଲେ ପ୍ରଜ୍ଞାନନ୍ଦ

**ଟରଣ୍ଟୋ, ୭।୪ (ପି.ଟି.):** ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ୍ ଚେସ୍ ଟୁର୍ନାମେଣ୍ଟର ତୃତୀୟ ରାଉଣ୍ଡରେ ନିଜ ଦେଶର ଭିଦିତ ଗୁଜରାଠୀଙ୍କୁ ହରାଇ ଦେଇଛନ୍ତି। ଆର୍. ବୈଶାଳୀ ଇଭେଣ୍ଟରେ ତାଙ୍କର ପ୍ରଥମ ବିଜୟ ହାସଲ କରିଛନ୍ତି। ସେ ବୁଲଗେରିଆର ନୁର୍ଗିଉଲ୍ ସାଲିମୋଭାଙ୍କୁ ହରାଇ ଦେଇଛନ୍ତି। ମହିଳା ବିଭାଗରେ ଏହାଥିଲା ଏକମାତ୍ର ନିର୍ଣ୍ଣାୟକ ଗେମ୍। ପୁରୁଷ ବିଭାଗରେ ଡି. ଗୁକେଶ ରୁଷିଆର ଇଆନ ନେପମନିଆଚିଙ୍କ ସହ ତାଙ୍କ ଗେମ୍ ଡ୍ର' ରଖିଛନ୍ତି। ଅନ୍ୟପକ୍ଷରେ ଫ୍ରେଞ୍ଚମ୍ୟାନ ଫିରୋଜା ଅଲିରେଜା ଟପ୍ ସିଡ୍ ଆମେରିକାର ଫାବିଆନୋ କାରୁଆନାଙ୍କ ସହ ତାଙ୍କ ଗେମ୍‌କୁ ମଧ୍ୟ ଅମୀମାଂସିତ ରଖିଛନ୍ତି। ଅନ୍ୟ ଆମେରିକୀୟ ଖେଳାଳି ହିକାରୁ ନାକାମୁରା କଳାଦାନରେ ଆଜରବୈଜାନର ନିଜାତ ଆବାସୋଭଙ୍କ ବିପକ୍ଷ ଗେମ୍‌କୁ ସହଜ ଡ୍ର ରଖିଛନ୍ତି। ମହିଳା ବିଭାଗରେ କୋନେରୁ ହମ୍ପି ଧଳା ଦାନ ସହ ଝୋଙ୍ଗୟି ଟାନ୍‌ଙ୍କ ସହ ସହଜ ଡ୍ର ରଖିଛନ୍ତି। ଚାଇନାର ତିନ୍‌ଜି ଲି ରୁଷିଆର ଆଲେକ୍‌ସାଣ୍ଡ୍ରା ଗୋରୟାଚକିନାଙ୍କ ସହ ତାଙ୍କ ଗେମ୍ ଅମୀମାଂସିତ ରଖିଛନ୍ତି। ଅନ୍ୟ ରୁଷୀୟ ଖେଳାଳି କାଟରିନା ଲାଗ୍‌ନୋ ୟୁକ୍ରେନ୍‌ର ଆନ୍ନା ମୁଜିଚୁକ୍‌ଙ୍କ ସହିତ ପଏଣ୍ଟ ବଣ୍ଟାଆରା କରିଛନ୍ତି। ୮ଜଣ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ରାଉଣ୍ଡ-ରବିନ ଟୁର୍ନାମେଣ୍ଟର ଆଉ ୧୧ ରାଉଣ୍ଡ ଖେଳ ବାକିଥିବା ବେଳେ ପୁରୁଷ ବିଭାଗରେ କାରୁଆନା ଗୁକେଶ ଓ ନେପମନିଆଚି ପ୍ରତ୍ୟେକ ୨ ପଏଣ୍ଟ ସହ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ସେମାନଙ୍କ ପଛକୁ ପ୍ରତ୍ୟେକ ୧.୫ ପଏଣ୍ଟ ସହ ଗୁଜରାଠୀ ଓ ପ୍ରଜ୍ଞାନନ୍ଦ ରହିଛନ୍ତି। ଏହି ଦୁଇ ଖେଳାଳିଙ୍କଠାରୁ ଅଧା ପଏଣ୍ଟ ପଛରେ ନାକାମୁରା ଆଲିରେଜା ଓ ଆବାସୋଭ ରହିଛନ୍ତି। ମହିଳା ଇଭେଣ୍ଟରେ ଝୋଙ୍ଗୟି ଟାନ୍ ୨ପଏଣ୍ଟ ସହ ଏକକ ଅଗ୍ରଣୀ ଲାଭ କରିଥିବା ବେଳେ ହମ୍ପି, ବୈଶାଳୀ, ଲାଗ୍‌ନୋଙ୍କ ସହ ଗୋରୟାଚକିନା ପ୍ରତ୍ୟେକ ୧.୫ ପଏଣ୍ଟ ସହ ରହିଛନ୍ତି।

# ଭାରତର କ୍ରମାଗତ ପରାଜୟ



ଭାରତ-ଅଷ୍ଟ୍ରେଲିଆ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ହକି ଟେଷ୍ଟ ସିରିଜ୍**

**ପର୍ଥ, ୭।୪ (ପି.ଟି.)**

ଅଷ୍ଟ୍ରେଲିଆ ସହିତ ୫ ମ୍ୟାଚ୍ ବିଶିଷ୍ଟ ହକି ଟେଷ୍ଟ ସିରିଜ୍ ଖେଳୁଥିବା ଭାରତ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ପରାଜିତ ହୋଇଛି। ପ୍ରଥମ ମ୍ୟାଚ ୧-୫ରେ ହାରିଥିବା ବେଳେ ରବିବାର ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ଭ୍ରମଣକାରୀ ଦଳ ୨-୪ରେ ପରାଜିତ ହୋଇଛି। ଭାରତ ଏକଦା ୨-୧ରେ ଆଗୁଆ ରହିଥିଲେ ହେଁ ଏହାକୁ ବଜାୟ ରଖିବାରେ ସଫଳ ହୋଇ ନ ଥିଲା। ଘରୋଇ ଦଳ ପକ୍ଷରୁ ଜେରେମି ହେୱାର୍ଡ(୬ ଓ ୩୪), ଜାକବ ଆଣ୍ଡରସନ୍(୪୨) ଓ ନାଥନ ଏଫ୍ରାଉମସ(୪୫) ମିନିଟରେ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ଯୁଗରାଜ ସିଂ(୯) ଓ ଅଧିନାୟକ ହରମନ୍‌ପ୍ରୀତ୍ ସିଂ(୩୦) ତମ ମିନିଟରେ ଭାରତ ପାଇଁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ମ୍ୟାଚ୍‌ର ଷଷ୍ଠ ମିନିଟରେ ଜେରେମି ହେୱାର୍ଡ ପେନାଲ୍ଟି କର୍ନରରୁ ଗୋଲ୍ ଦେଇ ଅଷ୍ଟ୍ରେଲିଆକୁ ୧-୦ରେ ଆଗୁଆ କରିଥିଲେ। ନବମ ମିନିଟରେ ଭାରତକୁ ୩ ପେନାଲ୍ଟି କର୍ନର ମିଳିଥିବା ବେଳେ ତୃତୀୟ ପ୍ରୟାସରେ ଯୁଗରାଜ ସିଂଙ୍କ ଶଟ୍‌ରେ ଭାରତ ସ୍କୋର କରିଥିଲା। ୧୨ ତମ ମିନିଟରେ ସ୍କୋର କରିବାର ସୁଯୋଗ ଆସିଥିଲେ ମଧ୍ୟ ଅଭିଷେକ ଏହାକୁ ମିସ୍ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ଚମତ୍କାର ଡିଫେଣ୍ଡ କରିବା ସହ ଘରୋଇ ଦଳକୁ ସ୍କୋର କରିବାର ସୁଯୋଗ ଦେଇ ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଶେଷ ହେବାକୁ ୪୧ ସେକେଣ୍ଡ ବାକି ରହିଥିବା ବେଳେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ହରମନପ୍ରୀତ୍। ପ୍ରଥମ ହାଫ୍ ସୁଦ୍ଧା ଭାରତ ୨-୧ରେ ଆଗୁଆ ରହିଥିଲା। ତେବେ ତୃତୀୟ କ୍ୱାର୍ଟରରେ ଦୁଇଟି ଗୋଲ ଦେଇ ଅଷ୍ଟ୍ରେଲିଆ ମ୍ୟାଚକୁ ନିଜ ପକ୍ଷକୁ ଆଣିଥିଲା। ଜାକବ ଆଣ୍ଡରସନ୍ ୪୨ ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇଥିବା ବେଳେ ଏହାର ୩ ମିନିଟ ମଧ୍ୟରେ ମିଳିଥିବା ପେନାଲ୍ଟି କର୍ନରରୁ ସ୍କୋର କରିଥିଲେ ନାଥନ ଏଫ୍ରାଉମସ। ଅନ୍ତିମ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିବା ବେଳେ ଭାରତ ୨-୪ରେ ପରାଜିତ ହୋଇଥିଲା। ସିରିଜ୍‌ର ତୃତୀୟ ମ୍ୟାଚ୍ ଏପ୍ରିଲ୍ ୧୦ ତାରିଖରେ ଖେଳାଯିବ।

# ଭୁବନେଶ୍ୱର ଦଳଗତ ଚାମ୍ପିୟନ

**ରାଜ୍ୟ କ୍ୟାଡେଟ ଓ ଜୁନିୟର କରାଟେ**

**ଭୁବନେଶ୍ୱର, ୭।୪**
**(ବିଜୟ ରଣା)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ୩୫ତମ ରାଜ୍ୟ କ୍ୟାଡେଟ୍ ଓ ଜୁନିୟର କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ୧୫୦ପ୍ରତିଯୋଗୀ ଭାଗ ନେଇଥିଲେ। ଭୁବନେଶ୍ୱର ସର୍ବାଧିକ ପଦକ ସହ ଦଳଗତ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସନତ୍ ନାୟକ, ପ୍ରଦୀପ କୁମାର ସରକାର, ସଞ୍ଜୟ ଦାସ ଓ କାଳି ପ୍ରସାଦ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ଓଡ଼ିଶା ରାଜ୍ୟ କରାଟେ ସଂଘର କର୍ମକର୍ତ୍ତାଗଣ ପରିଚାଳନା କରିଥିଲେ ବୋଲି ସମ୍ପାଦକ ଗୌରୀ ମହାନ୍ତି ଓ ସଭାପତି ହରି ପ୍ରସାଦ ପଟ୍ଟନାୟକ ସୂଚନା ଦେଇଛନ୍ତି।





ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ରାଜ୍ୟ କ୍ୟାଡେଟ ଓ ଜୁନିୟର କରାଟେ ପ୍ରତିଯୋଗିତାର କୃତୀ କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହଗରେ।

**ଇଣ୍ଡିଆନ୍ ସୁପର୍ ଲିଗ୍**

## ପ୍ଲେ ଅଫ୍ ଆଶା ବଜାୟ ରଖିଲା ଇଷ୍ଟବେଙ୍ଗଲ

**କୋଲକାତା,୭।୪:** ଇଣ୍ଡିଆନ୍ ସୁପର୍ ଲିଗ୍(ଆଇଏସଏଲ୍)ରେ ବେଙ୍ଗାଲୁରୁ ଏଫ୍‌ସିକୁ ୨-୧ରେ ହରାଇ ପ୍ଲେ ଅଫ୍ ଆଶା ଉଜ୍ଜୀବିତ ରଖିଛି ଇଷ୍ଟବେଙ୍ଗଲ ଏଫ୍‌ସି। ଇଷ୍ଟବେଙ୍ଗଲ ପକ୍ଷରୁ ସଲ କ୍ରେସ୍ପୋ(୧୯) ଓ କ୍ଲେଟନ୍ ସିଲ୍‌ଭା (୭୩) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବେଙ୍ଗାଲୁରୁ ପକ୍ଷରୁ ସୁନୀଲ ଛେତ୍ରୀ ୬୦ ମିନଟରେ ଗୋଲ ପରିଶୋଧ କରିଥିଲେ। ଏହି ବିଜୟ ସହ ୨୧ ମ୍ୟାଚ୍‌ରୁ ୨୪ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହି ପ୍ଲେ ଅଫ୍ ଆଶା ଉଜ୍ଜୀବିତ ରଖିଛି ଦଳ। ଅନ୍ୟ ପକ୍ଷରେ ୨୨ ପଏଣ୍ଟ ସହ ୯ ନମ୍ବର ସ୍ଥାନରେ ରହିଛି ବେଙ୍ଗାଲୁରୁ। ବର୍ତ୍ତମାନ ପ୍ଲେ ଅଫ୍‌ର ଗୋଟିଏ ସ୍ଥାନ ପାଇଁ ଇଷ୍ଟବେଙ୍ଗଲ, ଚେନ୍ନାଇନ୍, ନର୍ଥଇଷ୍ଟ ୟୁନାଇଟେଡ୍ ଓ ବେଙ୍ଗାଲୁରୁ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ। ସଲ୍ଟ ଲେକ୍ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ପ୍ରଥମରୁ ଇଷ୍ଟ ବେଙ୍ଗଲ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୧୯ ତମ ମିନିଟରେ ପେନାଲ୍ଟି ମିଳିଥିବା ବେଳେ ଏହାକୁ ଗୋଲରେ ପରିଣତ କରଥିଲେ ସଲ କ୍ରେସ୍ପୋ। ପ୍ରଥମାର୍ଦ୍ଧରେ ୦-୧ରେ ପଛୁଆ ରହିବା ପରେ ବେଙ୍ଗାଲୁରୁ ଆକ୍ରମଣାତ୍ମକ ଆରମ୍ଭ କରିଥିଲା ବେଙ୍ଗାଲୁରୁ ଏଫ୍‌ସି। ୬୦ ତମ ମିନିଟରେ ସୁନୀଲ ଛେତ୍ରୀଙ୍କ ଏକ ଶଟ୍‌କୁ ବେଙ୍ଗାଲୁରୁର ଜଣେ ଖେଳାଳି ହ୍ୟାଣ୍ଡ ବଲ କରିଥିଲେ । ଏଥିରୁ ମିଳିଥିବା ପେନାଲ୍ଟିକୁ ଗୋଲରେ ପରିଣତ କରି ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ ସୁନୀଲ ଛେତ୍ରୀ। ମ୍ୟାଚ୍ ଡ୍ର ଆଡକୁ ଯାଉଥିବା ବେଳେ କ୍ଲେଟନ୍ ସିଲ୍‌ଭାଙ୍କ ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ନିଶୁ କୁମାରଙ୍କ କ୍ରସ୍‌କୁ ହେଡର ଜରିଆରେ ସ୍କୋର କରିଥିଲେ ସିଲ୍‌ଭା।

## ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ମୁଖ୍ୟ ଡ୍ର'ରେ ନାଗାଲ

**ମଣ୍ଟେ କାର୍ଲୋ, ୭।୪ (ପି.ଟି.):** ସୁମିତ ନାଗାଲ ୪୨ ବର୍ଷ ବ୍ୟବଧାନରେ ପ୍ରଥମ ଭାରତୀୟ ଭାବେ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ମୁଖ୍ୟ ଡ୍ର'ରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ କ୍ୱାଲିଫାୟରରେ ୯୫ ର୍‍ୟାଙ୍କିଙ୍ଗପ୍ରାପ୍ତ ନାଗାଲ ବିଶ୍ୱର ୫୫ତମ ନମ୍ବର ଖେଳାଳି ଆର୍ଜେଣ୍ଟିନାର ଫାକୁଣ୍ଡୋ ଡିଆଜ ଆକୋଷ୍ଟାଙ୍କୁ ୭-୫, ୨-୬, ୬-୨ରେ ହରାଇ ଦେଇଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ଦୁଇ ଘଣ୍ଟା ୨୫ ମିନିଟ ଧରି ଚାଲିଥିଲା। ଏହି କ୍ଲେ କୋର୍ଟ ଟୁର୍ନାମେଣ୍ଟର ମୁଖ୍ୟ ଡ୍ର ପ୍ରଥମ ରାଉଣ୍ଡରେ ନାଗାଲ ଇଟାଲୀର ମାଟେଓ ଆର୍ନାଲ୍‌ଡିଙ୍କ ସହ ମୁକାବିଲା କରିବେ। ୨୬ ବର୍ଷୀୟ ନାଗାଲ କିମ୍ବଦନ୍ତୀ ରମେଶ କ୍ରିଷ୍ଣନଙ୍କ ପଦାଙ୍କ ଅନୁସରଣ କରିଛନ୍ତି।

# ସ୍କୁଲ୍ସ ଓପନ ଚେସ୍: ମନସିଜ ଚାମ୍ପିୟନ



ପୁରସ୍କାର ସହ ସ୍କୁଲ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୭।୪ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର କେସୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ଆୟୋଜିତ ୩ୟ କେ.ଡି. ପିଲାଇ ସ୍ମାରକୀ ସ୍କୁଲ୍ସ ଓପନ ଚେସ୍‌ରେ ମନସିଜ ସାମଲ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୫ ପଏଣ୍ଟ ପାଇଛନ୍ତି। ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ ସାହାନା ଲେଙ୍କା, ଅଞ୍ଜଳି ମିଶ୍ର, ଓମ୍ ସ୍ୱରୂପ ପାଢ଼ୀ, ରୁଦ୍ର ପ୍ରତାପ ମିଶ୍ର (ସମସ୍ତେ ୪ ପଏଣ୍ଟ), ଆୟାବନ୍ତ ମହାନ୍ତି, ଶ୍ରୀମାନ ଦାଶ, ଆର୍ଯ୍ୟଂଶ ମିଶ୍ର, ସାଇ ରଞ୍ଜନ ମିଶ୍ର ଓ ଅନୁଭବ ଦାଶ (ସମସ୍ତେ ୩.୫ ପଏଣ୍ଟ) ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୮, ୧୦, ୧୨, ୧୪ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏସଡିଏମ ସଫ୍ଟୱେର ସଲ୍ୟୁଶନ୍ସ (ଭୁବନେଶ୍ୱର)ର ପରିଚାଳନା ନିର୍ଦ୍ଦେଶକ ଦୀପରେଖା ଦେ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# 'ଆଇନର ଗଳାବାଟ ଦେଇ ଖସିଥିଲେ ଶ୍ରୀସନ୍ଥ'

**ନୂଆଦିଲ୍ଲୀ, ୭।୪ (ପି.ଟି.)**

ମ୍ୟାଚ୍ ଫିକ୍ସିଂରେ ସମ୍ପୃକ୍ତ ଥିଲେ ମଧ୍ୟ ଆଇନର ଗଳାବାଟ ଦେଇ ଭାରତୀୟ ପେସ୍ ବୋଲର ଏସ୍ ଶ୍ରୀସନ୍ଥ ଖସି ଯାଇଥିଲେ ବୋଲି କହିଛନ୍ତି ପୂର୍ବତନ ବିସିସିଆଇ ଦୁର୍ନୀତି ନିବାରଣ ବିଭାଗ(ଏସିୟୁ) ମୁଖ୍ୟ ନୀରଜ କୁମାର। ୨୦୧୩ରେ ଆଇପିଏଲ୍ ସ୍ପଟ୍ ଫିକ୍ସିଂ ମାମଲାରେ ଶ୍ରୀସନ୍ଥଙ୍କ ସମେତ ଅଙ୍କିତ ଚଭନ ଓ ଅଜିତ ଚାଣ୍ଡିଲା ଗିରଫ ହୋଇଥିଲେ। ସେ ସମୟରେ ଦିଲ୍ଲୀର ପୋଲିସ କମିଶନର ଥିଲେ ନୀରଜ। ୩୭ ବର୍ଷ ଧରି ଆଇପିଏସ ଭାବରେ କାର୍ଯ୍ୟ କରିଥିବା ନୀରଜ କୁମାର କିନ୍ତୁ ଏହାକୁ ନେଇ ଅସନ୍ତୋଷ ଜାହିର କରିଛନ୍ତି। ଆରମ୍ଭରୁ ଏହି ୩ ଖେଳାଳିଙ୍କୁ ଆଜୀବନ ବାସନ୍ଦ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ୨୦୧୯ରେ ସୁପ୍ରିମକୋର୍ଟ ଦଣ୍ଡାଦେଶକୁ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ବିସିସିଆଇ ମଧ୍ୟ ଏହାକୁ ୭ ବର୍ଷକୁ ହ୍ରାସ କରିଥିଲା। ସେପ୍ଟେମ୍ବର ୨୦୨୦ରେ ଏହି ବାସନ୍ଦାଦେଶ ହଟି ଯାଇଥିଲା। ଦୁର୍ଭାଗ୍ୟଜନକ ଭାବରେ ଭାରତରେ କ୍ରିକେଟ ଦୁର୍ନୀତିକୁ ନେଇ କୌଣସି ଆଇନ ନାହିଁ। ତେଣୁ ସ୍ପଟ୍ ଫିକ୍ସିଂ କରି ଏହି କ୍ରିକେଟରମାନେ ଖସି ଯାଇଥିଲେ। ଏହି ଘଟଣା ପରେ ଭାରତରେ ସ୍ପୋର୍ଟିଂ ଫ୍ରଡ୍ ବିଲ ୨୦୧୩ ଆସିଥିଲା। ୨୦୧୮ରେ ଏହା ଲୋକ ସଭାରେ ପାରିତ ହୋଇଥିଲା। ଏଥିରେ ଥିବା ବ୍ୟବସ୍ଥା ଅନୁଯାୟୀ ଦୋଷୀ ସାବ୍ୟସ୍ତ ଖେଳାଳିଙ୍କୁ ୫ ବର୍ଷ କାରାଦଣ୍ଡ ଓ ୧୦ ଲକ୍ଷ ଫାଇନର ବ୍ୟବସ୍ଥା ରହିଛି।

ସେହିପରି ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ ବେଶ୍ ପ୍ରଶଂସା କରିଛନ୍ତି ନୀରଜ କୁମାର। କୋହଲିଙ୍କ ୱାର୍କ ଏଥିକ୍ସର ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ ବୋଲି କହିଛନ୍ତି ବିସିସିଆଇ ଦୁର୍ନୀତି ନିବାରଣ ବିଭାଗର ପୂର୍ବତନ ମୁଖ୍ୟ ନୀରଜ କୁମାର। ୨୦୧୫-୧୮ ମଧ୍ୟରେ ନୀରଜ ଏସିୟୁରେ କାର୍ଯ୍ୟ କରିଥିଲେ। ଏହି ସମୟରେ କ୍ରିକେଟରଙ୍କ ସହ ନିୟମିତ ବାର୍ତ୍ତାଳାପ ହୋଇଥାଏ। ଭାରତୀୟ ଦଳର ସମସ୍ତ ଖେଳାଳିଙ୍କ ତୁଳନାରେ ଖେଳ ପ୍ରତି ପ୍ରତିବଦ୍ଧତାରେ ବିରାଟ ଏକ ନମ୍ବର ସ୍ଥାନରେ ରହିବେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର କୁମାର ଓ ଅଜିଙ୍କ୍ୟ ରାହାନେଙ୍କୁ ନେଇ ବିଶେଷ ଆଲୋଚନା ହେଉ ନ ଥିଲେ ମଧ୍ୟ ଉଭୟ ବେଶ ଭଦ୍ର ଓ ପରିଶ୍ରମୀ ବୋଲି କହିଛନ୍ତି ନୀରଜ। ୩୭ ବର୍ଷ ଧରି ଆଇପିଏସ୍ ଭାବେ କାର୍ଯ୍ୟ କରିଥିବା ନୀରଜ ୨୦୦୦ ମସିହାରେ ହୋଇଥିବା ହାନ୍ସିକ୍ରୋନିଏ ମ୍ୟାଚ୍ ଫିକ୍ସିଂ ମାମଲାର ତଦନ୍ତ ମଧ୍ୟ କରିଥିଲେ।





ନୀରଜ କୁମାର









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ